ବର୍ଷ-୪୯ : ସଂଖ୍ୟା-୧୦ ଅକ୍ଟୋବର, ୨୦୧୮ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍ଟୋବର, ୨୦୧୮


| | | | | |
|---|---|---|---|---|
| ସତ୍ୟହି କେବଲମ୍ | ... | ... | ... | ୩ |
| ପ୍ରାର୍ଥନା | ... | ଶ୍ରୀମା | ... | ୪ |
| ଏକ ଜନ୍ମଦିନ ବାର୍ତ୍ତା | ... | ଶ୍ରୀମା | ... | ୭ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୮ |
| ଜ୍ଞାନାର୍ଜନ ଓ ସାଧନା | ... | ଶ୍ରୀମା | ... | ୯ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୭୦) କାରାଗାର ଭିତରେ ଓ ବାହାରେ | ... | ମନୋଜ ଦାସ | ... | ୧୦ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ତୃତୀୟ ଅଧ୍ୟାୟ) ମାନବ ଶିଷ୍ୟ | ... | ଶେଖ ଅବଦୁଲ କାଶମ | ... | ୧୫ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୬୮) | ... | ... | ... | ୨୧ |
| କେତେ ସମ୍ପତ୍ତି ଲୋଡ଼ା ? | ... | ମୂଳ ରଚନା : ଲିଓ ଟଲ୍‌ଷ୍ଟୟ | ... | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୨୩) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୮ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୫୨) | ... | ସାହାନା ଦେବୀ | ... | ୩୧ |
| ଅମୃତ ବର୍ଷା (୧) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୩୨ |
| ମାଆ ପାଦେ ଏତିକି ମୋ ଅଳି (କବିତା) | ... | ଜ୍ୟୋତ୍ସ୍ନାରାଣୀ ଦାଶ | ... | ୩୪ |
| ଆଧ୍ୟାତ୍ମିକତାର ପରିଭାଷା | ... | କୁମାର ଚନ୍ଦ୍ର ମିଶ୍ର | ... | ୩୫ |
| ସତ୍ୟର ସନ୍ଧାନେ (କବିତା) | ... | ଗଣେଶ ପ୍ରସାଦ କରଶର୍ମ୍ମା | ... | ୩୭ |
| ଶ୍ରୀକୃଷ୍ଣ କାହାଣୀ (୧୩) ମଥୁରାରୁ ନିମନ୍ତ୍ରଣ | ... | ମନୋଜ ଦାସ | ... | ୩୮ |
| ହାରାଧନ (୭) | ... | ... | ... | ୪୧ |
| ଆମ ଶରୀର (୧୦) | ... | ଭୋଳେଶ୍ୱର ଭୂୟାଁ | ... | ୪୪ |
| ତୋତ୍ତୋ-ଚାନ୍ (୪) | ... | ତେତ୍‌ସୁକୋ କୁରୋୟାନାଗି | ... | ୪୭ |
| ଶିକ୍ଷାର ପରିବେଶରୁ ଭୟ ନିର୍ମୂଳ ହେଉ | ... | ବିଶ୍ୱମ୍ଭର ସାମନ୍ତ | ... | ୫୨ |
| ତରଙ୍ଗମୟ ଜଗତ୍ | ... | ଆର୍ତ୍ତତ୍ରାଣ ମିଶ୍ର | ... | ୫୪ |
| ସେ ଓ ଆମେ (କବିତା) | ... | ଧର୍ମକୁମାର ଶତପଥୀ | ... | ୫୫ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୬ |
| ଆତ୍ମ-ମର୍ଯ୍ୟାଦା ବନାମ ଆତ୍ମ-କୈନ୍ଦ୍ରିକତା | ... | ମନୋଜ ଦାସ | ... | ୫୮ |


❖




# ସତ୍ୟହି କେବଳମ୍

— ଶ୍ରୀମା



''ଆଶାହିଁ ଦୁଃଖର କାରଣ'' — ଏହା ଏକ ସର୍ବକାଳୀନ ଏବଂ ସାର୍ବଜନୀନ ଅଭିଜ୍ଞତା । କିନ୍ତୁ ଏ ଚେତାବନୀରେ ଆଶାର ଅର୍ଥ ଆମର ନାନାବିଧ କାମନା-ବାସନା ବା ଉଚ୍ଚାଭିଳାଷର ପୂର୍ତ୍ତି ନିମନ୍ତେ ଆଶା ।

ଆଶା ପୂର୍ଣ୍ଣ ହେଲେ ଆମକୁ ତୃପ୍ତି ମିଳିବ, ଆମେ ଦେଖୁଁ ଏହି ସ୍ୱପ୍ନ । ବହୁ ଆଶା ଅବଶ୍ୟ ଅପୂର୍ଣ୍ଣ ରହେ, କିନ୍ତୁ ଯଦି ତାହା କେବେ ପୂର୍ଣ୍ଣ ହୁଏ, ସେଥିରୁ ଯେଉଁ ପରିତୃପ୍ତି ବା ସୁଖ ମିଳିବ ବୋଲି ଆମେ ଧରି ନେଇ ଥାଉଁ, ମିଳେ ତା'ର କିୟଦଂଶ ମାତ୍ର ଏବଂ ସେତକ ମଧ୍ୟ ଅଚିରେ ଉଭେଇ ଯାଏ । ପ୍ରାୟଶଃ ସେଭଳି ଆଶାପୂର୍ତ୍ତିର ପ୍ରତିକ୍ରିୟା ରୂପେ ଆସେ ଅପ୍ରତ୍ୟାଶିତ ହତାଶା ।

କିନ୍ତୁ, ହେ ଦିବ୍ୟଜନନି, ଆମ ଭିତରେ ଜାଗରିତ ଯେଉଁ ଆଶା, ତାହା ଗୁଣଗତଭାବେ ଭିନ୍ନ ଆଶା; ତାହା ତୁମରି ସଂକଳ୍ପ ପରିପୂର୍ଣ୍ଣ ହେବାର ଆଶା; ଆଜିର ଅନ୍ଧକାର, ଉଦ୍‌ଭ୍ରାନ୍ତ ସମାଜରେ ଆଲୋକ ଏବଂ ସଦ୍‌ବୁଦ୍ଧି ସଞ୍ଚାରିତ ହେବାର ଆଶା ।

ହେ ଦିବ୍ୟଜନନି ! ତୁମ କରୁଣାପ୍ଲୁତ 'ନବପ୍ରକାଶ'ର ୪୮ ବର୍ଷ ପୂର୍ତ୍ତି ଅବସରରେ ଆମର ପ୍ରାର୍ଥନା, ଯଥାଶୀଘ୍ର ପୂର୍ଣ୍ଣ ହେଉ ତୁମ ଦିବ୍ୟ-ସଂକଳ୍ପ । ❑

# ପ୍ରାର୍ଥନା

ହେ ମଧୁମୟି ମା, ତୁମେ ମୋତେ ଶିକ୍ଷା ଦିଅ ସର୍ବତୋଭାବେ ଏବଂ ସର୍ବଦା ତୁମରି ସତ୍ତା ହେବାକୁ, ଯାହା ପ୍ରତିଭାତ ହେବାକୁ ସଂକଳ୍ପିତ, ତାହା ଅଧିକରୁ ଅଧିକ ପୂର୍ଣ୍ଣସଂହତ ଭାବେ ଅଭିବ୍ୟକ୍ତ କରିବା ଦିଗରେ ସାମଗ୍ରିକ ଭାବରେ ଉତ୍ସର୍ଗୀକୃତ ହେବାକୁ ।...

ସବୁହିଁ ପ୍ରଶାନ୍ତ, ଅବିକ୍ଷୁବ୍ଧ; ଆଉ ସଂଘର୍ଷ ନାହିଁ, ନାହିଁ ମନୋବେଦନା; ନିଜ ବ୍ୟାପକତାରେ ଅଭୀପ୍ସା ନିଜେହିଁ ହୋଇଉଠେ ସାର୍ବଭୌମଭାବେ ଶାନ୍ତିପୂର୍ଣ୍ଣ, କିନ୍ତୁ ତାହା ଆପଣା ତୀବ୍ରତାରୁ କିଛିହିଁ ହରାଏ ନାହିଁ; ଏବଂ ଚେତନାରେ ଏକ ବିଚିତ୍ର ବୈପରୀତ୍ୟ ମାଧ୍ୟମରେ ଏକ ପଦକର ସମ୍ମୁଖ ଓ ପଶ୍ଚାତ୍ ପାଖ ଭଳି, ସତ୍ତା ଏକହିଁ ସମୟରେ ପ୍ରତ୍ୟକ୍ଷ କରେ ଅନନ୍ତ ବାସ୍ତବତାର ଅଖଣ୍ଡ ପ୍ରଶାନ୍ତି, ଯହିଁ ସବୁହିଁ ଚିରତରେ ପରିବର୍ତ୍ତନ-ସମ୍ଭାବନାଶୂନ୍ୟ, ତଥା ଏକ ବାଧାହୀନ ପ୍ରଗତିଧାରାରେ ଯାହା କିଛି ହୋଇ ଚାଲିଛି ସେସବୁର ଉଦ୍ଦୀପ୍ତ ଓ କ୍ଷିପ୍ର ଶୋଭାଯାତ୍ରା... ଏବଂ ତୁମ ପାଇଁ, ହେ ପ୍ରଭୁ, ଉଭୟ ସମାନ ସତ୍ୟ ।

ଅକ୍ଟୋବର ୬, ୧୯୧୪ — ଶ୍ରୀମା



# ଏକ ଜନ୍ମଦିନ ବାର୍ତ୍ତା

Let this day of your birth be for you an occasion to give yourself a little more, a little better to the Divine. Let your consecration be more total, your devotion more ardent, your aspiration more intense.

Open yourself to the New Light and walk with a joyful step on the path.

Resolve on this day that it may be thus and the day will not have passed in vain.

Blessings.

(*CWM. Vol. 15, Page - 199*) – The Mother

ତୁମର ଏହି ଜନ୍ମଦିନଟି ତୁମ ଲାଗି ନିଜକୁ ଭଗବାନଙ୍କ ଚରଣରେ ଆହୁରି ଅଧିକ ଓ ଆହୁରି ଭଲଭାବେ ସମର୍ପଣ କରିବାର ଏକ ସୁଯୋଗରେ ପରିଣତ ହେଉ । ତୁମର ଉତ୍ସର୍ଗ ହୋଇଉଠୁ ଆହୁରି ପରିପୂର୍ଣ୍ଣ, ତୁମର ଭକ୍ତି ହୋଇଉଠୁ ଆହୁରି ଜ୍ୱଳନ୍ତ ଓ ଅଭୀପ୍ସା ହୋଇଉଠୁ ଆହୁରି ତୀବ୍ର ।

ନୂତନ ଆଲୋକ ପ୍ରତି ନିଜକୁ ଉନ୍ମୀଳିତ କର ଓ ଆନନ୍ଦଭରା ପଦକ୍ଷେପ ନେଇ ପଥରେ ଅଗ୍ରସର ହୁଅ ।

ଦିନଟି ଏହିଭଳି ହେଉ ବୋଲି ସଂକଳ୍ପବଦ୍ଧ ହୁଅ, ତେବେ ଦିନଟି ଆଉ ବ୍ୟର୍ଥରେ ବିତିଯିବ ନାହିଁ ।

ଆଶୀର୍ବାଦ । — ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

(୭୭)

## ଶ୍ରୀଅରବିନ୍ଦ

Thought sat, a priestess of Perversity,
On her black tripod of the triune Snake
Reading by opposite signs the eternal script,
A sorceress reversing life's God-frame.

ବିଶାଳ ବିକୃତିର ପୂଜାରିଣୀ ରୂପେ ଚିନ୍ତା ତାହାର ତ୍ରିମୂର୍ତ୍ତି ଭୁଜଙ୍ଗର ଘନକୃଷ୍ଣ ତ୍ରିପଦୀ ଆସନରେ ବସି ରହିଥିଲା, ଓଲଟ ଚିହ୍ନରାଜିକୁ ଆଶ୍ରୟ କରି ସେ ପାଠ କରୁଥିଲା ଶାଶ୍ୱତ ଶାସ୍ତ୍ର, ଏକ ମାୟାବିନୀ, ଜୀବନର ଐଶ୍ୱରୀୟ ଗଠନକୁ ସେ ବିପରୀତ-ଧର୍ମୀ କରି ତୋଳି ଧରିଥିଲା ।

In darkling aisles with evil eyes for lamps
And fatal voices chanting from the apse,
In strange infernal dim basilicas
Intoning the magic of the unholy Word,
The ominous profound Initiate
Performed the ritual of her Mysteries.

ଉଭୟ ପାର୍ଶ୍ୱରୁ ଆବୃତ ସଂକୀର୍ଣ୍ଣ ଅନ୍ଧାରି ପଥରେ ପ୍ରଦୀପ ପରି ଜଳି ଉଠୁଥିଲେ ଅଶୁଭ ଚକ୍ଷୁସକଳ, ଏବଂ ଅର୍ଦ୍ଧବୃତ୍ତାକାର ପୀଠ ଉପରୁ ମାରାତ୍ମକ କଣ୍ଠସ୍ୱରମାନ ମନ୍ତ୍ରୋଚ୍ଚାରଣ କରୁଥିଲେ, ଅଦ୍ଭୁତ ନାରକୀୟ ନିଷ୍ପ୍ରଭ ଗର୍ଭଗୃହ ଭିତରେ ମନ୍ଦ୍ର-ଗମ୍ଭୀର ସ୍ୱରରେ ଅପବିତ୍ର ମହାବାକ୍ୟର ଯାଦୁଧ୍ୱନି ତୋଳି ଅମଙ୍ଗଳମୟୀ ପ୍ରଚଣ୍ଡ ଦୀକ୍ଷାଧାରିଣୀ ସେଇ କୁହୁକିନୀ ଆପଣାର ନିଗୂଢ଼ ବିଦ୍ୟାର ପୂଜାନୁଷ୍ଠାନ ପାଳନ କରୁଥିଲା ।

There suffering was Nature's daily food
Alluring to the anguished heart and flesh,
And torture was the formula of delight,
Pain mimicked the celestial ecstasy.

ଦୁଃଖଭୋଗ ସେଠାରେ ଥିଲା ପ୍ରକୃତିର ଦୈନନ୍ଦିନ ଆହାର, ବେଦନାର୍ତ୍ତ ହୃଦୟ ଓ ରକ୍ତମାଂସର ଦେହ ପାଇଁ ତାହା ଥିଲା ଲୋଭନୀୟ, ଉତ୍ପୀଡ଼ନ ସାଜିଥିଲା ଆନନ୍ଦର ସୂତ୍ର, ଯନ୍ତ୍ରଣା ତହିଁ କରୁଥିଲା ସ୍ୱର୍ଗୀୟ ଉଲ୍ଲାସର ବିଦ୍ରୂପାତ୍ମକ ଅନୁକରଣ ।

There Good, a faithless gardener of God,
Watered with virtue the world's upas-tree
And, careful of the outward word and act,
Engrafted his hypocrite blooms on native ill.

ମଙ୍ଗଳ ସେଠାରେ ଭଗବାନଙ୍କର ବିଶ୍ୱାସହୀନ ଉଦ୍ୟାନ ରକ୍ଷକ ରୂପେ ବିଶ୍ୱର ବିଷବୃକ୍ଷ ମୂଳରେ ପୁଣ୍ୟର ଜଳସେଚନ କରୁଥିଲା, ଏବଂ ବାହ୍ୟ କଥା ଓ କର୍ମ ପ୍ରତି ସଜାଗ ଦୃଷ୍ଟି ରଖି ସହଜାତ ପାପ ଉପରେ କଲମି କରି ଫୁଟାଇ ଥିଲା ତା' ଛଳନାର କୁସୁମ ମଞ୍ଜରୀ ।

All high things served their nether opposite:
The forms of Gods sustained a demon cult;
Heaven's face became a mask
and snare of Hell.

ସକଳ ଊର୍ଦ୍ଧ୍ୱତନ ବସ୍ତୁ ଆପଣାର ନିମ୍ନତର ବିପରୀତର ସେବାରେ ବ୍ୟାପୃତ ରହିଥିଲେ : ଦେବତାମାନଙ୍କର ରୂପାବଳୀ ଧରି ରଖିଥିଲେ ଏକ ଦାନବ ଉପାସନା-ମାର୍ଗ; ସ୍ୱର୍ଗର ମୁଖମଣ୍ଡଳ ପରିଣତ ହୋଇଥିଲା ନରକର ଏକ ମୁଖା ତଥା ମାୟାପାଶରେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଜ୍ଞାନାର୍ଜନ ଓ ସାଧନା

## ଶ୍ରୀମା

ଯଦି ତୁମେ ଜୀବନର ଗଭୀର ନୀତିଗୁଡ଼ିକୁ ବୁଝିବାକୁ ଚାହ, ଯଦି ତୁମେ ଈଶ୍ୱରଙ୍କର ତୁମ ପ୍ରତି ବାର୍ତ୍ତା ଗ୍ରହଣ କରିବାକୁ ପ୍ରସ୍ତୁତ ଥାଅ, ଏ ସୃଷ୍ଟିର ରହସ୍ୟ ଭେଦ କରିବାରେ ଯଦି ତୁମେ ମଗ୍ନ ହେବାକୁ ଚାହ, ତେବେ ସେଥିପାଇଁ ଆବଶ୍ୟକ ହେବ ତୁମର ଏକ ବିକଶିତ ମନ, ଏବଂ ଏହି ବିକଶିତ ମନଟିଏ ପାଇବା ପାଇଁ ଗ୍ରନ୍ଥ ଅଧ୍ୟୟନ ଆବଶ୍ୟକ । କିନ୍ତୁ ମନର ଏହି ବିକାଶ ଆସିଗଲା ପରେ ଜଣେ ଆଉ ଗ୍ରନ୍ଥ ଅଧ୍ୟୟନର ଆବଶ୍ୟକତା ଅନୁଭବ ନ କରିପାରେ । କାରଣ, ଏକ ବିକଶିତ ଉତ୍କୃଷ୍ଟ ମନ ଜୀବନର ଖୁବ୍ ଛୋଟ ଛୋଟ ଘଟନା ଓ ପରିସ୍ଥିତିରୁ ବି ବହୁକଥା ଶିକ୍ଷା କରିପାରେ । ସେହି ଅଭିଜ୍ଞତା ତୁମକୁ ଶିଖାଇ ଦେବ ତୁମେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବା ଅବସ୍ଥାରେ କିପରି କ'ଣ ଚିନ୍ତା କରିବ ଓ କିପରି କ'ଣ କାର୍ଯ୍ୟ କରିବ । ଏପରିକି – ମୁଁ ଭାବୁଛି ଏହା ମୁଁ ନିର୍ଦ୍ଦିଷ୍ଟଭାବେ କହିଛି – ଗୋଟିଏ ଅଜ୍ଞାନ ଛୋଟ ପିଲାର ସାମାନ୍ୟ କିଛି କ୍ରିୟା-ପ୍ରତିକ୍ରିୟା ତୁମକୁ ଏକ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଶିକ୍ଷାଦେବ, ଯାହା ତୁମେ ଆଗରୁ ଜାଣି ନଥିଲ । ତୁମର ମନୋଭାବ ଭିନ୍ନ ହୋଇଯିବ । ତୁମର ମନୋଭାବ ଏପରି ହେବ, ଯେମିତିକି ତୁମେ ସବୁବେଳେ କିଛି ଗୋଟାଏ ସତ୍ୟ ଆବିଷ୍କାର କରିବା ପାଇଁ ଅପେକ୍ଷା କରିଛ । ଏହି ମନୋଭାବ ରଖିଲେ ପ୍ରତିଟି ବ୍ୟାପାର ବା ପରିସ୍ଥିତି ତୁମକୁ ଅଗ୍ରଗତି କରିବାରେ ସାହାଯ୍ୟ କରିବ । ତୁମେ ମଧ୍ୟ ତୁମର ଏକ ପ୍ରମାଦପୂର୍ଣ୍ଣ ଗତିବୃତ୍ତିକୁ ସଜାଡ଼ି ନେଇପାରିବ । ଆଗକୁ ମଧ୍ୟ ପାଦେ ଗତି କରିଯିବ । ଏପରି ହେବ ଯେ ଏକ ଚୁମ୍ବକ ପ୍ରସ୍ତର ପରି ତୁମ ଚାରିପଟେ ଥିବା ସର୍ବବିଧ ପରିସ୍ଥିତିରେ ରହିଥିବା ସୁଯୋଗକୁ ଆକର୍ଷଣ କରି ତୁମକୁ ଆଗକୁ ଆଗକୁ ଟାଣି ନେବାରେ ସାହାଯ୍ୟ କରିବ । ସାମାନ୍ୟ କଥାଟିଏ ବି ତୁମକୁ ଅଗ୍ରଗତି କରିବା ପାଇଁ ଶିକ୍ଷା ଦେବ । ଯେହେତୁ ଅଗ୍ରଗତି ପାଇଁ ତୁମର ଚେତନା ଓ ସଂକଳ୍ପ ରହିଛି, ତେଣୁ ତୁମ ପାଇଁ ଜୀବନର ସବୁକିଛି ସୁଯୋଗରେହିଁ ପରିଣତ ହୋଇଯିବ ଏବଂ ତୁମେ ତୁମର ଏହି ଚେତନା ଓ ସଂକଳ୍ପକୁ ସବୁଥିରେ ଅଗ୍ରଗତି କରିବାରେ ଲଗାଇ ଦେଇପାରିବ ।

(The Great Adventure *A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୭୦)

## କାରାଗାର ଭିତରେ ଓ ବାହାରେ

ମନୋଜ ଦାସ

''ପ୍ରଥମେ ମୁଁ ଶ୍ରୀଅରବିନ୍ଦଙ୍କ ଭିତରେ ବୈଦିକ ଅଗ୍ନିର ଯୁଗ୍ମ ବିଭବ ଚିହ୍ନିବାକୁ ଚାହିଥିଲି – ବ୍ରହ୍ମଙ୍କ ପ୍ରଜ୍ୱଳ ଶୌର୍ଯ୍ୟ ଏବଂ ବ୍ରହ୍ମ ଚେତନାର ଐଶୀ ଜ୍ଞାନ-ଦୀପ୍ତ ପ୍ରଶାନ୍ତ ଶୌର୍ଯ୍ୟ । ଯେତେବେଳେ ସେ ବଙ୍ଗଦେଶର ଉଦ୍‌ବେଳ ରାଜନୀତିରେ କର୍ମରତ ହେଲେ ସେତେବେଳେ ତାଙ୍କ ବ୍ୟକ୍ତିତ୍ୱରେ ପ୍ରତିଭାତ ହେଉଥାଏ ରୁଦ୍ରଙ୍କର ଜ୍ୱଳମାନ, ଆଗ୍ନେୟ ଦିଗ । କିନ୍ତୁ ଜାତୀୟ ମହାବିଦ୍ୟାଳୟରେ ଯେଉଁମାନେ ତାଙ୍କ ସାନ୍ନିଧ ଲାଭ କଲେ, ସେମାନେ ଦେଖିଲେ ତାଙ୍କ ପ୍ରଶାନ୍ତ ରୂପ, ଏକ କୋମଳ ଆଭାରେ ଦୀପ୍ତିମାନ୍ । ଏ ଦୁଇ ବିଭବ ଶ୍ରୀଅରବିନ୍ଦଙ୍କ ଭିତରେ ସମନ୍ୱିତ ହୋଇଥିଲେ – ଯେମିତି ଶିବଙ୍କ ତୃତୀୟ ନୟନରେ ।''

– ସ୍ୱାମୀ ପ୍ରତ୍ୟାଗତାନନ୍ଦ[୧]

କାରାଗାର ଓ ବିଚାରାଳୟ, ଏହିଥିରେ ସୀମିତ ଥାଏ ବନ୍ଦୀମାନଙ୍କ ପୃଥିବୀ । କିନ୍ତୁ ବାହାରେ ଚାଞ୍ଚଲ୍ୟ ସୃଜନ କରୁଥାଏ ସେମାନଙ୍କ ବିଚାର ସମ୍ବାଦ, ବିଦେଶୀ ଶାସନରୁ ତରିବା ନିମନ୍ତେ ଦଳେ ଯୁବକଙ୍କର ମରିବା ନିମନ୍ତେ ପ୍ରସ୍ତୁତି, ଦମନ-ବିଳାସୀ ମାଜିଷ୍ଟ୍ରେଟ କିଂସ୍‌ଫୋର୍ଡ଼ର ନିଧନ ଯୋଜନା, ସେମାନଙ୍କ ସହ ସମ୍ପର୍କ ଥିବା ସନ୍ଦେହରେ ଜଣେ ବୃଦ୍ଧ ବିଦ୍ୱାନଙ୍କ ସମେତ କେତେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଗିରଫଦାରି ଇତ୍ୟାଦି ଘଟଣା । ସର୍ବୋପରି ଶ୍ରୀଅରବିନ୍ଦଙ୍କ ପ୍ରତି ସରକାର କିଭଳି ଆଚରଣ କରୁଛନ୍ତି, ସେ ସମ୍ପର୍କରେ ଅନେକେ ଥିଲେ ଉଦ୍‌ବିଗ୍ନ ।

ବାରୀନ୍ଦ୍ର କୁମାରଙ୍କ ସ୍ୱୀକାରୋକ୍ତି ଭିତ୍ତିରେ ହୁଗୁଳି, ଯଶୋର, ଖୁଲନା, ଶ୍ରୀରାମପୁର, ମାଲଦା, ସିଲହଟ୍ ଇତ୍ୟାଦି ନାନା ସ୍ଥାନରେ ଖାନତଲାସି ଚାଲିଥାଏ । ଜନସାଧାରଣଙ୍କ ପ୍ରତିକ୍ରିୟା ମୁଖ୍ୟତଃ ବଙ୍ଗଳା ଓ ଅନ୍ୟାନ୍ୟ ଭାରତୀୟ ଭାଷାର ସମ୍ବାଦପତ୍ର ଓ ପତ୍ରିକାସମୂହରେ ପ୍ରକାଶ ପାଉଥିଲା । ସେସବୁ ଆଜି ଅଲଭ୍ୟ, ଯଦିଓ ସି.ଆଇ.ଡି. କାଗଜପତ୍ରରୁ ବିଚାରାଧୀନମାନଙ୍କ ପ୍ରତି ଜନସାଧାରଣଙ୍କ ବିପୁଳ ଶ୍ରଦ୍ଧାର ପର୍ଯ୍ୟାପ୍ତ ଆଭାସ ମିଳେ ।

ଇଂରାଜି ଦୈନିକ 'ବେଙ୍ଗଲି'ରୁ କିଛି ଉଦ୍ଧୃତ କରାଯାଉ । ଏ ପରିପ୍ରେକ୍ଷୀରେ ''ଆଂଗ୍ଲୋ-ଇଣ୍ଡିଆନ୍'' ବୋଇଲେ ସେତେବେଳେ ଭାରତରେ ଇଂରେଜ ନିୟନ୍ତ୍ରିତ ଓ ଇଂରେଜ-ସ୍ୱାର୍ଥରକ୍ଷକ ଭାରତୀୟ ସମ୍ବାଦପତ୍ରମାନଙ୍କୁ ବୁଝାଉଥିଲା ।

''(କିଂସ୍‌ଫୋର୍ଡ଼ ଉପରକୁ) ବୋମା ନିକ୍ଷେପ ଘଟଣା ଉପରେ ଦୁଇ ଧାରାର ମନ୍ତବ୍ୟମାନ ଦେଖିବାକୁ ମିଳୁଛି । 'ପାଇଓନିଅର' ଏବଂ 'ଇଂଲିଶ୍‌ମ୍ୟାନ୍' ତ 'ଆଂଗ୍ଲୋ-ଇଣ୍ଡିଆନ୍' ପକ୍ଷର ଓକିଲ । 'ଷ୍ଟେଟ୍‌ସ୍‌ମ୍ୟାନ' ପୂର୍ବରୁ ନିରପେକ୍ଷ ଥିଲା; କିନ୍ତୁ ବର୍ତ୍ତମାନ ସବୁଠାରୁ ଉଗ୍ର ଆଂଗ୍ଲୋ-ଇଣ୍ଡିଆନ୍‌ବାଦୀ ।

''ଏମାନଙ୍କ ବିପରୀତ ପକ୍ଷରେ ଅଛନ୍ତି ଭାରତର ଶିକ୍ଷିତ ସଂପ୍ରଦାୟ ପରିଚାଳିତ ସମ୍ବାଦପତ୍ରମାନେ । ଆଂଗ୍ଲୋ-ଇଣ୍ଡିଆନ୍ ସମ୍ବାଦପତ୍ରମାନେ ବନ୍ଦୀମାନେ ଖାଲି ଦଣ୍ଡିତ ହେବାରେ ସନ୍ତୁଷ୍ଟ ହେବେ ନାହିଁ । ସେମାନେ ପ୍ରଚଳିତ ଆଇନକାନୁନ ବଦଳିବା ଚାହାନ୍ତି – ଯାହା ଫଳରେ ଶାସନ ଆହୁରି କଡ଼ା ହେବ । ଭାରତୀୟ ସମ୍ବାଦ-ପତ୍ରମାନଙ୍କ ମତରେ କିନ୍ତୁ ପ୍ରଚଳିତ କାନୁନ ଯଥେଷ୍ଟ କଡ଼ା ।''[୨]

'ଏସିଆନ୍' ନାମକ ଆଂଗ୍ଲୋ-ଇଣ୍ଡିଆନ୍ ଖବର କାଗଜର ମତ ଆଜି ପିଲାଳିଆ ମନେ ହୋଇପାରେ, କିନ୍ତୁ ଭାରତରେ ଥିବା ଇଂରେଜମାନଙ୍କର ହାରାହାରି ସ୍ୱର ଏଥିରେ ପ୍ରତିଧ୍ୱନିତ :

''ବଙ୍ଗଦେଶ କଠୋର ଭାବରେ ଶାସିତ ହେବା ଆବଶ୍ୟକ । ଶାସକ ତାକୁ ପଦଦଳିତ କରି ରଖିବା ଚାହି – ଏବଂ ସେ ପାଦ ଯେପରି ଶିଥିଳ ନହୁଏ । ଆମର ଧାରଣା କିଂସ୍‌ଫୋର୍ଡଙ୍କୁ ଉତ୍ତମ ରୂପେ ଗୁଳି ଚଳାଇ ଆସେ ।''

ଏହା ପରେ ସେ ସମ୍ବାଦପତ୍ର କିଂସ୍‌ଫୋର୍ଡ଼ ସାହେବଙ୍କୁ ନିଜ କୋଟ ପକେଟରେ ଦୁଇ ଦୁଇଟି ପ୍ରଥମ ଶ୍ରେଣୀର ପିସ୍ତଲ ରଖିବାକୁ ଉପଦେଶ ଦେଇଛି ଏବଂ କୌଣସି ଅଜଣା ଦେଶୀ ଲୋକ ତାଙ୍କ ବଙ୍ଗଳା ଆଡ଼େ ପଶି ଆସିବା ମାତ୍ରେ ତାକୁ ଅକାତରେ ଗୁଳି କରିବାର ପରାମର୍ଶ ଦେଇଛି । ପରିସ୍ଥିତି ଏହାହିଁ

ଦାବି କରେ ଏବଂ ସାହେବ ସେମିତି କରିବାରେ ସଫଳ ହେବା ଦିଗରେ ସୌଭାଗ୍ୟ ଅର୍ଜନ କରିବା ନିମନ୍ତେ ପତ୍ରିକାଟି ଶୁଭ କାମନା ଜଣାଇଛି ।[୩]

'ଇଂଲିଶମ୍ୟାନ୍'ରେ ଜଣେ ସାହେବ ଲେଖିଲେ ଯେ ଏଭଳି ଆନ୍ଦୋଳନକାରୀମାନଙ୍କୁ ବିଚ୍ ରାସ୍ତାରେ ମେହେନ୍ତରମାନେ ପିଟି ପିଟି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲେ ସେମାନଙ୍କ ପ୍ରତି ଜନସାଧାରଣଙ୍କର ଯେଉଁ ସମ୍ମାନବୋଧ ରହିଛି ତାହା ଲୁପ୍ତ ହେବ । ତା' ଛଡ଼ା ସେମାନଙ୍କ ପରିଚାଳିତ ମୁଦ୍ରଣାଳୟମାନ ବାଜ୍ୟାପ୍ତ ହେବା ଜରୁରୀ ।[୪]

ଏମାନଙ୍କ ସ୍ୱରକୁ ଅନୁକରଣ କରୁଥାଏ 'ମାଡ୍ରାସ ଟାଇମ୍ସ୍' ନାମକ ଖବର କାଗଜ । ତା' ମତରେ କିଂସ୍‌ଫୋର୍ଡ଼କୁ ମାରିବାକୁ ଯାଇ ବିପ୍ଳବୀମାନେ ଯେଉଁ କାଣ୍ଡ କଲେ, ତା'ର ବିଶଦ ବିବରଣୀ ୟୁରୋପବ୍ୟାପୀ ପ୍ରସାରିତ ହୋଇ ୟୁରୋପୀୟମାନଙ୍କ ମନରେ ବିପୁଳ ଘୃଣାଭାବ ସଞ୍ଚାରିତ ହେବା ଆବଶ୍ୟକ । ଫଳରେ 'ଲିଂଚ୍ ଲ' (Lynch Law) ବା ଏ ଧରଣର ବିପ୍ଳବୀମାନଙ୍କୁ ବିନା ବିଚାରରେ ମାରି ପକାଇବାର କାନୁନ ପ୍ରବର୍ତ୍ତନ କରିବାକୁ ବାଧ୍ୟ ହେବେ ସରକାର ।

'ମାଡ୍ରାସ ଟାଇମ୍ସ୍' ଇଂରେଜମାନଙ୍କୁ ସ୍ମରଣ କରାଇ ଦେଲା ଯେ ସେମାନେ ବ୍ୟାଘ୍ର ଭଳି ପରାକ୍ରମଶାଳୀ । କେଉଁ ଦୁଃଖରେ ଭାରତୀୟମାନଙ୍କୁ ଖାତର କରିବେ ?

'ବେଙ୍ଗଲି' ଏଭଳି ହିଂସ୍ର ଲେଖାସବୁ ଉପରେ ମନ୍ତବ୍ୟ ଦେଇ ଲେଖିଲା, ଯଦି କୌଣସି ଭାରତୀୟ-ପରିଚାଳିତ କାଗଜ ଇଂରେଜମାନଙ୍କୁ ହେୟ ଦୃଷ୍ଟିରେ ଦେଖି ଏମିତି ଲେଖା ଲେଖିଥା'ନ୍ତା, ତେବେ ସମ୍ପାଦକ, ପ୍ରକାଶକ, ମୁଦ୍ରାକର କାରାରୁଦ୍ଧ ହେବାରେ ବିଳମ୍ବ ହୁଅନ୍ତା ନାହିଁ । ଭାରତୀୟ କାଗଜରେ ଏଭଳି ଲେଖାର ପ୍ରତିବାଦ କରିବାକୁ ସରକାର ବୁଦ୍ଧିଜୀବୀମାନଙ୍କୁ ଆହ୍ୱାନ ଦିଅନ୍ତି । କିନ୍ତୁ ଇଂରେଜ ପରିଚାଳିତ କାଗଜରେ ଯାହା ମନ ତାହା ଭାରତ-ବିଦ୍ୱେଷୀ ଲେଖା ପ୍ରକାଶିତ ହେଲେ ମଧ୍ୟ ସେ ପାଇଁ ଇଂରେଜ ବୁଦ୍ଧିଜୀବୀମାନଙ୍କର କୌଣସି ଦାୟିତ୍ୱ ନଥାଏ ।[୫]

ସେତେବେଳର ବିଖ୍ୟାତ ସମ୍ଭ୍ରାନ୍ତ ପତ୍ରିକା 'ମଡ଼ର୍ଣ୍ଣ ରିଭ୍ୟୁ' ଲେଖିଲା, ପାଶ୍ଚାତ୍ୟ ଦେଶମାନଙ୍କରେ ରାଜନୈତିକ ହତ୍ୟାକୁ 'ହତ୍ୟା' ବୋଲି କୁହାଯାଏ ନାହିଁ । ସେଭଳି କର୍ମ କରିଥିବା ବ୍ୟକ୍ତିଙ୍କୁ ସହିଦ ଆଖ୍ୟା ଦିଆଯାଏ । କିନ୍ତୁ ଭାରତୀୟମାନଙ୍କ ପାଇଁ ମାନଦଣ୍ଡ ଭିନ୍ନ ! ପତ୍ରିକାଟି ମାଥ୍ୟୁ ଆର୍ଣ୍ଣୋଲ୍‌ଡ୍‌ଙ୍କ କବିତାରୁ ଏକ ଅଂଶ ଉଦ୍ଧୃତ କରିଥାଏ ଯେଉଁଥିରେ ସେ ସାଧାରଣ ସ୍ୱାର୍ଥ-ଭିତ୍ତିକ ହତ୍ୟା ଓ ନିଃସ୍ୱାର୍ଥପର ଆଦର୍ଶଚାଳିତ ହତ୍ୟା ଭିତରେ ପାର୍ଥକ୍ୟ ଦର୍ଶାଇଛନ୍ତି ।

'ମଡ଼ର୍ଣ୍ଣ ରିଭ୍ୟୁ' ଆହୁରି ମଧ୍ୟ ଦର୍ଶାଇ ଦେଲା ଯେ ଆଜି ଯେଉଁ 'ପାଇଓନିଅର' କାଗଜ ଭାରତୀୟ ବିପ୍ଳବୀମାନଙ୍କ ବିରୋଧରେ ବିଷୋଦ୍‌ଗାର କରୁଛି, ସେହି କାଗଜ ୧୯୦୬ ମସିହା ଅଗଷ୍ଟ ୨୯ ତାରିଖ ଦିନ ରୁଷିଆର କେତେକ ବିପ୍ଳବୀ ସେ ଦେଶର ପ୍ରଧାନମନ୍ତ୍ରୀଙ୍କ ବାସଭବନ ଉପରେ ଆକ୍ରମଣ କରି ଜାର୍-ଶାସନର କେତେଜଣ ବଡ଼ କର୍ମଚାରୀଙ୍କୁ ହତ୍ୟା କରିଥିବା ସମ୍ବାଦ ଉପରେ ମନ୍ତବ୍ୟ ଦେଇ ଲେଖିଥିଲା, ପ୍ରବଳ ଅତ୍ୟାଚାରୀ ସହିଂସ୍ର ଶାସକ ବିରୋଧରେ ନିରସ୍ତ୍ର ଓ ନିଷ୍ପେଷିତ ଲୋକଙ୍କର ଏଭଳି ପଦକ୍ଷେପ ନେବା ବ୍ୟତିରେକେ ଅନ୍ୟ କ'ଣ ପଥ ରହିଛି ?[୬]

ଆଲିପୁର କାରା-ପରିସର ଭିତରେ ଶ୍ରୀଅରବିନ୍ଦଙ୍କୁ ଗୋଟାଏ ନିଃସଙ୍ଗ କକ୍ଷରେ ଚାବି ପକାଇ ରଖା ଯାଇଥାଏ । ଅନ୍ୟମାନେ ବଡ଼ ବଡ଼ କକ୍ଷରେ ତିନି, ତିନିଜଣ କିଂବା ଆହୁରି ଅଧିକ ସଂଖ୍ୟାରେ ରହିଥା'ନ୍ତି । ସେମାନେ ଅନ୍ତତଃ ପରସ୍ପର ଦୁଃଖସୁଖ ହୋଇ କାଳାତିପାତ କରୁଥିଲେ, କିନ୍ତୁ ଗଭର୍ଣ୍ଣର ଆଣ୍ଡୃ ଫ୍ରେଜାର୍‌ଙ୍କ ଭାଷାରେ ଅସଲି ସର୍ଦାର (Ring Leader) ଶ୍ରୀଅରବିନ୍ଦଙ୍କୁ ସେ ସୁଯୋଗରୁ ବଞ୍ଚିତ ରଖା ଯାଇଥାଏ । ତେବେ ସମସ୍ତ ବନ୍ଦୀ ଏକତ୍ର ରହିଲେ ସେମାନଙ୍କ ଉପରେ ସତର୍କ ଆଖି ରଖିବା ସହଜ ହେବ ଏବଂ ସେମାନେ ମଧ୍ୟ ଖୁବ୍ ସଂଯତ, ଭଦ୍ର ଆଚରଣ କରୁଥିବା ଏବଂ ସେମାନେ ବିଦ୍ରୋହ କରିବାର ଆଶଙ୍କା ନଥିବା ଦୃଷ୍ଟିରୁ ୧୩ ତାରିଖ ଜୁନ୍ ୧୯୦୮ରେ ସମସ୍ତଙ୍କୁ ଗୋଟାଏ ପ୍ରଶସ୍ତ ମେଲା ଘରକୁ ଅଣାଗଲା । ଅବଶ୍ୟ ଏପରି କରିବାର ଅନ୍ୟ ଏକ କାରଣ ମଧ୍ୟ ଥିଲା ।

ଏହି ପଟଭୂମିରେ ଜଣେ ବନ୍ଦୀ ସୁଲେଖକ ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କ ସ୍ମୃତିଚାରଣର କିୟଦଂଶ (ସଂକ୍ଷେପିତ) ଉପରେ ଦୃଷ୍ଟିପାତ କରାଯାଉ :

''ହଠାତ୍ ଦିନେ ହେଲା ଆମ ଭାଗ୍ୟୋଦୟ । ଆମକୁ ତେଣିକି ଏକତ୍ର ରଖା ହେବ । ଆନନ୍ଦାତିଶଯ୍ୟ ମଧ୍ୟରେ ଆମମାନଙ୍କୁ ନେଇ ତିନିଗୋଟି ପରସ୍ପର ସଂଯୁକ୍ତ କୋଠରିରେ ଭର୍ତ୍ତି କରାଗଲା । ବଡ଼ କୋଠରିର ଦୁଇ ପାଖ ଛୋଟ କୋଠରି ଦୁଇଟିରେ ଅରବିନ୍ଦବାବୁ ଏବଂ ଦେବବ୍ରତ ରହିଲେ । କ୍ରମେ ଆହୁରି କେତେଜଣ ଧରା ହୋଇ ଆସିଲେ । ସଂଖ୍ୟାରେ ଆମେ ଚାଳିଶ, ପଚାଶ ହୋଇଗଲୁ । ତେଣୁ ଆମକୁ ଅଧିକ ପ୍ରଶସ୍ତ ଏକ କକ୍ଷକୁ ନିଆଗଲା ।

''ଆମ ଆନନ୍ଦର ସୀମା ରହିଲା ନାହିଁ । ପୁଣି, ଆମକୁ ଦିଆ ଯାଉଥିବା ଅଖାଦ୍ୟ ସମ୍ପର୍କରେ ଆମର ବାରଂବାର ଅଭିଯୋଗ ଦୃଷ୍ଟିରୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ କର୍ତ୍ତୃପକ୍ଷ ତେଣିକି ବାହାରୁ ଖାଦ୍ୟ ଆସିବା ଉପରୁ କଟକଣା ଉଠାଇ ଦେଲେ । ସୁଶୀଲ ସେନ୍‌ର ପିତା ପ୍ରଚୁର ପରିମାଣ ଫଳମୂଳ ଏବଂ ମିଠେଇ ପଠାଇବାକୁ ଲାଗିଲେ । ବିପୁଳ ପରିମାଣ ସୁଖାଦ୍ୟ ପଠାଇଲେ ଅନୁଶୀଳନ ସମିତି ।...

''ସନ୍ଧ୍ୟାରେ ଆସର ଜମୁଥାଏ । ହେମଚନ୍ଦ୍ର, ଉଲ୍ଲାସକର ଓ ଦେବବ୍ରତଙ୍କ କଣ୍ଠ ମଧୁର । ଦେବବ୍ରତଙ୍କ ସ୍ୱରଚିତ ଏକ ବିପ୍ଳବ-ସଙ୍ଗୀତ ଆଜି ମଧ ମୋ ସ୍ମୃତିରେ ସଜୀବ ରହିଛି ।

''ତେବେ ଶଚୀନ୍ ସେନ୍‌କୁ ସମ୍ଭାଳେ କିଏ ! ସେ ରାତି ବାରଟା ଗୋଟାଏ ଯାଏ ଗୀତ, ଚିତ୍କାର, ଲମ୍ଫଝମ୍ପ ଯୋଗୁଁ ଆମକୁହିଁ ଅତିଷ୍ଠ କରୁଥାଏ, କାରାଗାର କର୍ତ୍ତୃପକ୍ଷଙ୍କ ଅବସ୍ଥା କଥା କ'ଣ ବା କୁହାଯିବ !

''ଜେଲର୍ ବାବୁ ଜଣକ ଅତ୍ୟନ୍ତ ବିବେକୀ ଲୋକ । ଗୁଡ଼ାଏ ଭଦ୍ରଲୋକଙ୍କ ପୁତ୍ରଙ୍କୁ କାରାଗାରରେ ପୂରାଇ ସେ ନିଜେ ବିବ୍ରତ ଅନୁଭବ କରୁଥିଲେ ।... ଭଦ୍ରଲୋକ ଜଣକ ପ୍ରୌଢ଼ ବୟସରେ ଚତୁର୍ଥ ବା ପଞ୍ଚମ ଥର ପାଇଁ ପାଣିଗ୍ରହଣ କରିଥିଲେ । ଦିନେ ସକାଳେ ଆସି ସେ ମିନତିଭରା କଣ୍ଠରେ କହିଲେ, ରାତିଯାକ ଗୃହିଣୀ ଏବଂ ମଶାଙ୍କ ଉପଦ୍ରବ ସହିତ ତରୁଣମାନଙ୍କର ଗୀତର ଉପଦ୍ରବର ସମ୍ମିଶ୍ରଣରେ ସେ ଯେ ଆହୁରି ବର୍ଷଟିଏ ବଞ୍ଚି ତପ୍ରେ ପେନ୍‌ସନ ଉପଭୋଗ କରିବେ, ସେ ଆଶା ନାହିଁ । ମୁଁ ଅବଶ୍ୟ ଆମ ପିଲାଙ୍କୁ ବହୁ ସଦୁପଦେଶ ଦେଇ ଶିଷ୍ଟ ହେବାକୁ ବୁଝାଇଲି, ତେବେ ମୋ କଥା ମାନିବା ଭଳି ମଣିଷ ହୋଇଥିଲେ ସେମାନେ କ'ଣ ଭାରତ-ଉଦ୍ଧାର ପାଇଁ ବାହାରି ପଡ଼ିଥା'ନ୍ତେ ?

''ଅରବିନ୍ଦ ବାବୁ, ଦେବବ୍ରତ ଏବଂ ବାରୀନ୍ଦ୍ର ବ୍ୟତୀତ ଅନ୍ୟ ସଭିଏଁ ଏହି ହଟ୍ଟଗୋଳରେ ଅଂଶୀଦାର ଥିଲେ ।... ଅରବିନ୍ଦ ବାବୁଙ୍କ ପାଇଁ ଗୋଟାଏ କୋଣ ନିର୍ଦ୍ଦିଷ୍ଟ ଥିଲା । ପ୍ରାତଃକାଳ ଯାକ ସେ ସେହିଠାରେ ସାଧନାରେ ବୁଡି ରହୁଥିଲେ । ଏଡ଼େ ଚିତ୍କାରରେ ତାଙ୍କର କୌଣସି ପ୍ରତିକ୍ରିୟା ପ୍ରକାଶ କରୁ ନଥିଲେ । ଉପରଓଳି ଦୁଇ, ତିନି ଘଣ୍ଟା ପଦଚାରଣା କରିବା ପରେ ଉପନିଷଦ୍ ବା ସେମିତି କୌଣସି ଗ୍ରନ୍ଥ ଅଧ୍ୟୟନ କରୁଥା'ନ୍ତି ।

''କାନାଇଲାଲ ଭଳି ଚାରି, ପାଞ୍ଚଜଣ ତରୁଣ ସନ୍ଧ୍ୟାବେଳଠୁଁ ଶୋଇଯାଇ ରାତି ୧୦ଟା ୧୧ଟା ବେଳକୁ ଉଠି ସବୁ ନିଦ୍ରିତ ସାଥୀମାନଙ୍କ ଶେଯ ତଲାସ କରନ୍ତି – କାଳେ କାହା ପାଖରେ ସନ୍ଦେଶ ବା ବିସ୍କୁଟ ଲୁଚି ରହିଥିବ । କିଛି ନପାଇଲେ ଖଣ୍ଡିଏ ଖଣ୍ଡିଏ ଦଉଡ଼ି ଯୋଗେ କାହା ହାତ ସହ ଆଉ କାହାର ଲୁଗାପ୍ରାନ୍ତ ବାନ୍ଧି ଦେଇଥିବେ । ଥରେ ରାତି ଗୋଟାଏ ବେଳେ ନିଦ ଭାଙ୍ଗିଯିବାରୁ ଦେଖିଲି, କାନାଇ କାହାରି ବିଛଣାତଳୁ କିଛି ବିସ୍କୁଟ ଆବିଷ୍କାର କରି ମହାନନ୍ଦେ ଗୀତ ବୋଲୁଛି । ଅରବିନ୍ଦ ବାବୁଙ୍କ ନିଦ ଭାଙ୍ଗିଲା । କାନାଇ ତତ୍‌କ୍ଷଣାତ୍ କେଇଖଣ୍ଡ ବିସ୍କୁଟ ତାଙ୍କ ହାତରେ ଗୁଞ୍ଜିଦେଲା । ଅରବିନ୍ଦ ବାବୁ ସେତକ ଗ୍ରହଣ କରି ପୁଣି ଚଦର ଭିତରେ ମୁହଁ ଲୁଚାଇଲେ ।...

''ପ୍ରତି ରବିବାର ଆମ ଫୂର୍ତ୍ତି ହେଉଥିଲା ମାତ୍ରାଧିକ । ଆତ୍ମୀୟ-ସ୍ୱଜନ ତଥା ଅନ୍ୟମାନେ ଦେଖା କରିବାକୁ ଆସୁଥିଲେ । ପ୍ରଚୁର ହାସ୍ୟରସ ମଝିରେ କରୁଣ ରସର ମଧ ଉଦ୍ରେକ ହେଉଥାଏ । ଶଚୀନ୍‌ର ପିତା ଦିନେ କାରାଗାରରେ ମିଳୁଥିବା ଖାଦ୍ୟ ସମ୍ପର୍କରେ ପ୍ରଶ୍ନ କରନ୍ତେ ପୁତ୍ର କହିଲା – 'ଲପ୍‌ସି' । ପରେ ପରେ ପୁଣି ପିତାଙ୍କୁ ସେ ବୁଝାଇଲା – ସେଇଟା ଖୁବ୍ ପୁଷ୍ଟିକର ଖାଦ୍ୟ ଯେ !

''ପିତାଙ୍କ ଚକ୍ଷୁ ସଜଳ ହେଲା । ସେ ଜେଲର୍‌ଙ୍କ ଆଡ଼େ ଅନାଇ କହିଲେ, 'ଘରେ ପୁଅ ମୋର ପଲାଉ ତାଟିଆ ଫୋପାଡ଼ି ଦେଉଥାଏ । ବର୍ତ୍ତମାନ କରୁଛି 'ଲପ୍‌ସି'ର ପ୍ରଶଂସା !'... ଦିନେ ମୋ ପରିବାର ଲୋକେ ମୋର ଦେଢ଼ ବର୍ଷର ପୁଅକୁ ନେଇ ଆସିଥା'ନ୍ତି । ଜୀବନରେ କେବେ ଆଉ ଦେଖା ନହେବ, ସେଥିପାଇଁ ବଡ଼ ଇଚ୍ଛା ହେଲା ତାକୁ ଥରେ କୋଳକୁ ନେବି । କିନ୍ତୁ ମଝିରେ ଲୁହା ରେଲିଂ !

''ବିଚାର ପାଇଁ ଅଦାଲତ ଆସିବା ବାଟ ଲୋକାରଣ୍ୟ ହେଉଥାଏ । ଅଦାଲତରେ ଓକିଲ, ବାରିଷ୍ଟରମାନଙ୍କ ଗହଳି । ଆମକୁ ସବୁ ତାମସା ଭଳି ମନେ ହେଉଥାଏ । କେତେ ପ୍ରକାର ସାକ୍ଷୀ ଅଣା ହେଉଥା'ନ୍ତି ଓ ସେମାନଙ୍କ ସତ୍ୟମିଥ୍ୟାର ଖିଚୁଡ଼ି ପରିବେଷଣରେ ଆମେ ହସି ହସି ବେଦମ୍ ହେଉଥାଉଁ । ସେମାନଙ୍କ ସାକ୍ଷ୍ୟ ସହ ଯେ ଆମର ଜୀବନମରଣ ଜଡ଼ିତ, ସେକଥା ସ୍ମରଣ ନଥାଏ ।

''ସନ୍ଧ୍ୟାରେ କାରାଗାର ଭିତରେ ଆମ ସଭାରେ ମାଜିଷ୍ଟ୍ରେଟ ବାର୍ଲି କିପରି ଫିରିଙ୍ଗି ବଙ୍ଗଳାରେ ସାକ୍ଷୀମାନଙ୍କୁ ଜେରା କରୁଥାଏ, ନର୍ଟନ୍‌ର ପୋଷାକର ରୂପ, କୋର୍ଟ ଇନ୍‌ସ୍‌ପେକଟରର ନିଶକଡ଼କୁ ମୂଷା ନା ଅସରପା ଚୋବାଇ

ଦେଇଛି, ସେସବୁ ଉପରେ ଉଲ୍ଲାସକର ତା' ଗବେଷଣାର ସିଦ୍ଧାନ୍ତ ପରିବେଷଣ କରୁଥାଏ ।

''ଏ ହାସ୍ୟ ମୁଖର ସମୟ ପରେ ଯେ ଭୀଷଣ ସମୟଟିଏ ଆସୁଛି, ସେକଥା ବା ସେତେବେଳେ କାହା କଳ୍ପନାକୁ ଆସିଥା'ନ୍ତା !''(୭)

ସମସ୍ତଙ୍କୁ ଏକତ୍ର ରଖିବାର ସିଦ୍ଧାନ୍ତ ଭିତରେ କର୍ତ୍ତୃପକ୍ଷଙ୍କର ଏକ ଅଭିସନ୍ଧି ଥିଲା । ଚନ୍ଦନନଗରର ଜଣେ ଜମିଦାରଙ୍କ ପୁତ୍ର ନରେନ୍ ଗୋସାଇଁ ବିପ୍ଳବୀମାନଙ୍କ ସମର୍ଥକ ଥିଲା ବୋଲି ବାରୀନ୍ଦ୍ରଙ୍କ ସ୍ୱୀକାରୋକ୍ତିରୁ ଜାଣି ପୁଲିସ ତାକୁ ଗିରଫ କରି ଆଣିଥିଲା । ଯୁବକଟି ସାମୟିକ ଉତ୍ତେଜନା ଓ ଆବେଗ ବଶତଃ ହୁଏତ ବିପ୍ଳବବାଦକୁ ଗ୍ରହଣ କରିଥିଲା, କିନ୍ତୁ ଅନତିବିଳମ୍ବେ ପୁଲିସ ତା' ମତିଗତି ବଦଳାଇ ତାକୁ ସେମାନଙ୍କ ଗୁପ୍ତଚର ବନାଇବାରେ ସମର୍ଥ ହୋଇଥିଲା । ସଭିଙ୍କ ସାଥିରେ ରହି ସେ ଯେତେଦୂର ସମ୍ଭବ ବିପ୍ଳବୀମାନଙ୍କଠାରୁ ଗୋପନ ତଥ୍ୟମାନ ସଂଗ୍ରହ କରିବ, ଏହାହିଁ ଥିଲା କର୍ତ୍ତୃପକ୍ଷଙ୍କ ଯୋଜନା । ନରେନ୍ ଗୋସାଇଁ ରାଜସାକ୍ଷୀ ଭାବରେ କ୍ଷମା ପାଇବ । ଆଉ କେତେଜଣଙ୍କୁ ଯଦି ସେ ସମାନ ପ୍ରଲୋଭନ ଦେଖାଇ ରାଜସାକ୍ଷୀ ବନାଇ ପାରନ୍ତା ଏବଂ ତାହାରି ଭଳି ସେମାନେ ଶ୍ରୀଅରବିନ୍ଦଙ୍କୁ ଯାବତୀୟ ବିପ୍ଳବଧର୍ମୀ କାର୍ଯ୍ୟକଳାପର ନାୟକ ଭାବରେ ଚିତ୍ରିତ କରନ୍ତେ, ତେବେ ସରକାର ଆପ୍ୟାୟିତ ହୁଅନ୍ତେ ।

ଶ୍ରୀଅରବିନ୍ଦ ଯେତେବେଳେ ନିଃସଙ୍ଗ କକ୍ଷରେ ରହୁଥିଲେ ସେତେବେଳେ ଅଳ୍ପ ସମୟ ପାଇଁ ଥରେ ଥରେ ବାହାରକୁ ଆସି ଅନ୍ୟ ବନ୍ଦୀମାନଙ୍କୁ ଦେଖିବାର ଅବସର ପାଉଥିଲେ । ଗୋସାଇଁ ସମ୍ପର୍କରେ ତାଙ୍କ ଧାରଣା 'କାରାକାହାଣୀ'ରେ ସେ ବିବୃତ କରିଛନ୍ତି । ଯୁବକଟି ଆସି ତାଙ୍କରି ପାଖରେ ଠିଆ ହେଉଥାଏ ଏବଂ ତା' ବାପା ଖୁବ୍ ପ୍ରଭାବଶାଳୀ ଲୋକ ଏବଂ ତାକୁ ସ୍ୱଚ୍ଛନ୍ଦରେ ଖଲାସ କରିନେବେ, ଏମିତି ବାହାଦୁରି ବାହାର କରୁଥାଏ । ଶ୍ରୀଅରବିନ୍ଦ ବୁଝି ପାରିଥିଲେ ଯେ ସେ ଅତ୍ୟନ୍ତ ଦୁର୍ବଳମନା ଯୁବକ ଏବଂ ସେ ସହଜରେ ଧୂର୍ତ୍ତ ପୁଲିସର ହାତବାରିସି ବନିଯିବ ।

ଗୋଏନ୍ଦା ବିଭାଗର ହାକିମ ଏବଂ ଗୋସାଇଁର ବାପା ଆସି ତାକୁ ବାରଂବାର ଗୋପନରେ ଦେଖା କରୁଥା'ନ୍ତି । ବନ୍ଦୀମାନେ ରହସ୍ୟ ବୁଝିପାରିଲେ । ଗୋସାଇଁ ଯେତେବେଳେ ନିରୀହ କୌତୂହଳୀ ଭଳି ଅଭିନୟ କରି ବିଭିନ୍ନ ରାଜ୍ୟରେ ବିପ୍ଳବପନ୍ଥୀମାନଙ୍କ ସମ୍ପର୍କରେ ପ୍ରଶ୍ନ କରେ, ସେମାନେ କପୋଳକଳ୍ପିତ ନାମମାନ କହନ୍ତି । ଗୋସାଇଁ ସେସବୁ ପୁଲିସକୁ ଜଣାଇଦିଏ ଏବଂ ଦକ୍ଷିଣ ଭାରତ, ମହାରାଷ୍ଟ୍ର, ଗୁଜୁରାଟ ଇତ୍ୟାଦିରେ ପୁଲିସ ସେ ଅଜ୍ଞାତ ବ୍ୟକ୍ତିମାନଙ୍କୁ ଖୋଜିବାକୁ ଲାଗିଯାଏ ଏବଂ କେବେ କେବେ ସେସବୁ ନାମ ସହିତ ସାମଞ୍ଜସ୍ୟ ଥିବା ଲୋକଙ୍କୁ ଠାବ କରି ଦେଖେ କିଏ ଅକ୍ଷମ ବୃଦ୍ଧ ତ କିଏ ବିପ୍ଳବର ସାମାନ୍ୟତମ ଧାରଣା ବିରହିତ ନିରିମାଖି ମଣିଷ ।

ଜୁନ୍ ୨୩ ତାରିଖ ଦିନ ନରେନ୍ ଗୋସାଇଁ ରାଜସାକ୍ଷୀ ରୂପେ ଘୋଷିତ ହେଲା ।

ଦୃଶ୍ୟପଟ ବଦଳାଇ ଆମେମାନେ ଶ୍ରୀଅରବିନ୍ଦଙ୍କ ବିଶ୍ୱସ୍ତ ବନ୍ଧୁ ତିଳକଙ୍କ ଦୁର୍ଯୋଗ ଉପରେ ଦୃଷ୍ଟିପାତ କରିବା କିଛି ସମୟ ପାଇଁ ।

ବିଚାର ନାମରେ ପ୍ରଚଣ୍ଡ ପ୍ରହସନ ଅଭିନୀତ ହେଲା ପରଦିନ ମୁମ୍ବାଇ ଉଚ୍ଚ ନ୍ୟାୟାଳୟରେ । ଲୋକମାନ୍ୟ ବାଳଗଙ୍ଗାଧର ତିଳକ ତାଙ୍କ 'କେଶରୀ' କାଗଜରେ ''ଦେଶର ଦୁର୍ଭାଗ୍ୟ'' ଏବଂ ''ଏସବୁ ପ୍ରତିକାର ଅସ୍ଥାୟୀ'' ବୋଲି ଦୁଇଟି ନିବନ୍ଧରେ ଶ୍ରୀଅରବିନ୍ଦ ଏବଂ ଅନ୍ୟମାନଙ୍କ ଗିରଫଦାରିର ସମାଲୋଚନା କରିଥିଲେ । ତାଙ୍କୁ ରାଜଦ୍ରୋହ ଅପରାଧରେ ଗିରଫ କରାଗଲା । ସରକାରୀ ଘୋଷଣା ଅନୁସାରେ ନଅଜଣ ତଥାକଥିତ ''ଉଚ୍ଚ ବର୍ଗ''ର ବ୍ୟକ୍ତି ସମନ୍ୱିତ ଜୁରିରେ ସାତଜଣ ଥିଲେ ୟୁରୋପୀୟ ଏବଂ ଦୁଇଜଣ ପାର୍ସି !

ଜୁଲାଇ ୧୩ ତାରିଖରେ ବିଚାର ଆରମ୍ଭ ହେଲା । ସମାପ୍ତ ହୋଇଗଲା ଆଠ ଦିନରେ । ବିଡ଼ମ୍ବନା ହେଲା, ଡାଭର୍ ନାମଧାରୀ ଯେଉଁ ମହାଶୟଟି ୧୯୦୮ରେ ବିଚାରକ ଆସନରେ ବସିଥିଲେ, ସେହି ଡାଭର୍ ପୂର୍ବରୁ ୧୮୯୭ରେ ତିଳକଙ୍କ ଓକିଲ ରୂପେ ତାଙ୍କୁ ରାଜଦ୍ରୋହ ଅଭିଯୋଗରୁ ଖଲାସ କରି ଆଣିଥିଲେ । ଏଥର ମଧ୍ୟ ଅଭିଯୋଗ ସମାନ । କିନ୍ତୁ ସରକାରୀ ପକ୍ଷର ଯେଉଁସବୁ ଯୁକ୍ତି ଖଣ୍ଡନ କରି ଏଗାର ବର୍ଷ ପୂର୍ବର ଓକିଲ ଡାଭର୍ ତିଳକଙ୍କୁ ମୁକ୍ତ କରାଇଥିଲେ, ଆଜିର ବିଚାରକ ଡାଭର୍ ସେହି ସମାନ ଯୁକ୍ତି ଗ୍ରହଣ କରି ତିଳକଙ୍କୁ ଦଣ୍ଡିତ କଲେ ।

ବିଚାରର ଶେଷ ଦିନ ତିଳକ ଜୁରି ଉଦ୍ଦେଶ୍ୟରେ ତାଙ୍କ ବକ୍ତବ୍ୟ ପ୍ରଦାନ ସମାପ୍ତ କଲେ ମଧ୍ୟାହ୍ନ ୧୨.୩୦ ମିନିଟରେ । ତା'ପରେ ସରକାରୀ ଓକିଲ ବ୍ରାନ୍ସନ୍ ସାହେବ ଚାରିଘଣ୍ଟା ଧରି ବିଦ୍ରୂପାତ୍ମକ ଶୈଳୀରେ ତାଙ୍କ ଅଭିଯୋଗର ଯାଥାର୍ଥ୍ୟ ଉପରେ ବକ୍ତୃତା ଦେଲେ । ସେଦିନର କାର୍ଯ୍ୟକ୍ରମ ସେତିକିରେ ସମାପ୍ତ ହେବା କଥା । କିନ୍ତୁ ଦେଖାଗଲା, ବିଚାରକ ଏବଂ

ସରକାରୀ ପକ୍ଷ ଓକିଲ ତଥା କର୍ମଚାରୀମାନଙ୍କ ଭିତରେ କ'ଣ ଗୋପନ ଆଲୋଚନା ଚାଲିଛି । ଅପ୍ରତ୍ୟାଶିତ ଭାବେ ବିଚାରକ ଘୋଷଣା କଲେ, ଯେତେ ରାତି ହେଉ ନା କାହିଁକି, ଆଜି ସେ ମାମଲା ସମାପ୍ତ ହେବ, ଅର୍ଥାତ୍ ସେ ତାଙ୍କ ରାୟ ଶୁଣାଇ ଦେବେ ।

ତିଳକ ଆଶ୍ଚର୍ଯ୍ୟ ହେଲେ । ତାଙ୍କୁ ତ ଥରେ ହେଲେ ବି ତାଙ୍କ ଓକିଲଙ୍କ ସହ ପରାମର୍ଶ କରିବାର ସୁଯୋଗ ମିଳିବ ନାହିଁ ! ପ୍ରିୟଜନଙ୍କ ସହ ସାକ୍ଷାତ୍‌ର ଅବକାଶରୁ ତାଙ୍କୁ ବଞ୍ଚିତ କରାଯାଉଛି !

କହିବା ବାହୁଲ୍ୟ, ଏହା ଥିଲା ଏକ ହୀନ ଚକ୍ରାନ୍ତ । ଦିବାଲୋକରେ ତିଳକଙ୍କ ପ୍ରତି ଦଣ୍ଡାଦେଶ ପ୍ରଚାର ହୋଇଗଲେ ମହାନଗରୀରେ ଦେଖାଦେବ ପ୍ରବଳ ଉତ୍ତେଜନା । ସନ୍ଧ୍ୟାବେଳକୁ ଆକାଶ ମେଘାଛନ୍ନ ଥାଏ । ଜୁରି ରାତି ୮.୩୦ ମିନିଟରେ ମନ୍ତ୍ରଣା ପାଇଁ ଉଠିଗଲେ । ୯.୨୦ରେ ସେମାନଙ୍କ ମୁଖପାତ୍ର ଘୋଷଣା କଲେ ଯେ ନଅ ଜଣଙ୍କ ଭିତରୁ ସାତଜଣ ତିଳକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।

ବିଚାରକ ତତ୍ପରେ ଶୁଣାଇଲେ ରାୟ । ତୁହାକୁ ତୁହା ବର୍ଷା ଓ ଘଡ଼ଘଡ଼ି ସତ୍ତ୍ୱେ ଅନ୍ଧକାରାଛନ୍ନ ପରିବେଶରେ ମଧ୍ୟ ସେଯାଏ ବହୁ ଲୋକ ଉତ୍କଣ୍ଠିତ ଭାବରେ ଅପେକ୍ଷା କରିଥା'ନ୍ତି । କିନ୍ତୁ କ୍ରମେ ବର୍ଷା ପ୍ରବଳ ହେଲା । ସେହି କାଳରାତ୍ରିରେ ତିଳକଙ୍କ ଉପରେ ଚଡ଼କ ପଡ଼ିବ ବୋଲି କେହି କଳ୍ପନା କରି ନଥିଲେ । କିନ୍ତୁ ବିଚାରକ ଶୁଣାଇଲେ ରାୟ : ଛଅବର୍ଷ ନିମନ୍ତେ ଦେଶାନ୍ତର ଏବଂ ଏକ ହଜାର ମୁଦ୍ରା ଜୋରିମାନା ।

ତିଳକଙ୍କର କୌଣସି ମୋହ ନଥିଲେ ମଧ୍ୟ ସେ ତଟସ୍ଥ ହୋଇଗଲେ । ସରକାରୀ ପକ୍ଷର ଯୁକ୍ତିସବୁକୁ ଦିନେ ଅସାର ବୋଲି ପ୍ରମାଣ କରିଥିବା ଭଦ୍ରଲୋକ ସ୍ୱୟଂ ଆଜି କିପରି ସେହିସବୁ ଯୁକ୍ତିର ଆଶ୍ରୟ ନେଇ ତାଙ୍କୁ ଅତ୍ୟନ୍ତ ଲଘୁ ଅଭିଯୋଗ ଉପରେ ଗୁରୁଦଣ୍ଡ ଦେଇ ପାରୁଛନ୍ତି ? ଶିକ୍ଷିତ ମାନବ-ଚରିତ୍ରର ଏଭଳି ଅଧଃପତନ ସମ୍ଭବ ?

ତାଙ୍କର କିଛି ବକ୍ତବ୍ୟ ଅଛି କି ବୋଲି ନିୟମାନୁଗତ ରୀତିରେ ପ୍ରଶ୍ନ କରାହୁଅନ୍ତେ ଗମ୍ଭୀର, ସ୍ପଷ୍ଟ କଣ୍ଠରେ ତିଳକ କହିଲେ :

''ମୋର ଏତିକି ମାତ୍ର କହିବାର ଅଛି : ଜୁରିଙ୍କ ନିଷ୍ପତ୍ତି ସତ୍ତ୍ୱେ ମୁଁ ମୋ ନିଜକୁ ନିର୍ଦୋଷ ବୋଲି ଘୋଷଣା କରୁଛି । ମାନବର ନିୟତିକୁ ନିୟନ୍ତ୍ରଣ କରନ୍ତି ମହତ୍ତର ଶକ୍ତିସମୂହ । ବିଧାତାର ସିଦ୍ଧାନ୍ତ ହୋଇପାରେ ଏମନ୍ତ – ମୁଁ ଯେଉଁ ଆଦର୍ଶର ପ୍ରତିନିଧି, ମୁଁ ମୁକ୍ତ ନରହି ଦୁଃଖ ଭୋଗ କଲେହିଁ ସେ ଆଦର୍ଶ ବଳବତ୍ତର ହେବ ।''

ବିଚାରକ ଉଠିପଡ଼ିଲେ ଏବଂ ଅନ୍ୟମାନେ ମଧ୍ୟ । କ୍ଷିପ୍ର ଗତିରେ ତିଳକଙ୍କୁ ଅପସରାଇ ନିଆଗଲା ।

ତହିଁ ପରଦିନ ପୂର୍ବାହ୍ନରେହିଁ ମହାନଗରୀ ଯେମିତି ଏକ ବିକ୍ଷୁବ୍ଧ ସମୁଦ୍ରରେ ପରିଣତ ହେଲା । ତିଳକଙ୍କ ପ୍ରତି ସହାନୁଭୂତି ଓ ତାଙ୍କୁ ଦେଶାନ୍ତର କରିବା ବିରୋଧରେ ସହସ୍ର କଣ୍ଠରୁ ନିର୍ଗତ ହେଲା ପ୍ରତିବାଦ ।

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା


୧. ସ୍ୱାମୀ ପ୍ରତ୍ୟାଗତାତ୍ମାନନ୍ଦ ଭାରତୀୟ ଦର୍ଶନ ସଙ୍ଗେ ସଙ୍ଗେ ତନ୍ତ୍ର ଶାସ୍ତ୍ର ଉପରେ ଜଣେ ସୁପଣ୍ଡିତ । ସାର୍ ଜନ୍ ଉଡ୍‌ରଫ୍‌ଙ୍କ ପ୍ରଣୀତ ତାନ୍ତ୍ରିକ ଗବେଷଣା ଗ୍ରନ୍ଥାବଳିରେ ସ୍ୱାମିଜି ତାଙ୍କ ସହାୟକ ଥିଲେ । ତାଙ୍କ ମୂଳ ନାମ ପ୍ରମଥନାଥ ମୁଖୋପାଧ୍ୟାୟ । ଶ୍ରୀଅରବିନ୍ଦଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଜାତୀୟ ମହାବିଦ୍ୟାଳୟରେ ସେ ଥିଲେ ଜଣେ ଅଧ୍ୟାପକ । ଋଷଭଚାନ୍ଦଙ୍କ Sri Aurobindo; His Life Unique (ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ) ଦ୍ରଷ୍ଟବ୍ୟ ।

୨. **The Bengalee**, Kolkata, 10 May, 1908; ୩. **The Asian**, quoted in **The Gujarati**, 31 May, 1908;

୪. **The Englishman**, quoted in **The Gujarati** of 31 May, 1908; ୫. **The Bengalee**, 13 May, 1908;

୬. **The Modern Review**, Kolkata, June 1908. (ଏହି ପର୍ଯ୍ୟାୟର ବହୁ ବିବରଣୀ ଭାରତ ସରକାର ପ୍ରକାଶିତ Trial of Tilak ଗ୍ରନ୍ଥରେ ପରିବେଷିତ ।)

୭. ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟ : ''ନିର୍ବାସିତେର୍ ଆତ୍ମକଥା (ବଂଗଳା), ନ୍ୟାସ୍‌ନାଲ୍ ପବ୍ଲିଶର୍ସ, କଲିକତା ଏବଂ ଲେଖକଙ୍କର Memories of a Revolutionary.

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ତୃତୀୟ ଅଧ୍ୟାୟ)

## ମାନବ ଶିଷ୍ୟ

### ଶେଖ ଅବଦୁଲ କାଶମ

ପାଣ୍ଡୁପୁତ୍ର ଅର୍ଜୁନ ମାନବସମାଜର ପ୍ରତିନିଧି ଭାବରେ ଦିବ୍ୟଗୁରୁ ଶ୍ରୀକୃଷ୍ଣଙ୍କର ସାନ୍ନିଧ ଲାଭ କରିଛନ୍ତି । ସେ ନିଶ୍ଚୟ ନିଜକୁ କୃତାର୍ଥ ମନେ କରିଥିବେ, କାରଣ ସମଗ୍ର ମହାଭାରତ ଯୁଦ୍ଧର ପରିଚାଳନା କରୁଥିବା ଓ ତା'ର ମୁଖ୍ୟ ସୂତ୍ରଧର ସାଜିଥିବା ସ୍ୱୟଂ ଶ୍ରୀକୃଷ୍ଣ ତାଙ୍କ ରଥରେ ସାରଥି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ମହାଯୁଦ୍ଧରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଦୁର୍ଯ୍ୟୋଧନ, ଦୁଃଶାସନ, ଶଲ୍ୟ, ଯୁଧିଷ୍ଠିର, ଭୀମ, ସାତ୍ୟକି, ବିରାଟ, ଦ୍ରୁପଦ, ଧୃଷ୍ଟଦ୍ୟୁମ୍ନ, କୁନ୍ତିଭୋଜ, ଅଭିମନ୍ୟୁ, କୃପାଚାର୍ଯ୍ୟ, ଅଶ୍ୱତ୍‌ଥାମା, ଭୂରିଶ୍ରବା ପ୍ରଭୃତି ଶୂରବୀର ଓ ରଥୀ ମହାରଥୀଗଣ ଅସ୍ତ୍ରଚାଳନା କରିବା ପାଇଁ କୁରୁକ୍ଷେତ୍ରରେ ସମୁଦ୍ୟତ ଅଛନ୍ତି (ପ୍ରବୃତ୍ତେ ଶସ୍ତ୍ରସମ୍ପାତେ) । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଗାଣ୍ଡୀବଧାରୀ ଅର୍ଜୁନଙ୍କ ମନରେ ଇଚ୍ଛା ଜାଗିଛି ଶତ୍ରୁପକ୍ଷର କେଉଁ ଯୁଦ୍ଧାଭିଳାଷୀମାନଙ୍କ ସହିତ ଏହି ଯୁଦ୍ଧରୂପକ ଉଦ୍‌ଯୋଗରେ ତାଙ୍କୁ ପ୍ରବୃତ୍ତ ହେବାକୁ ପଡ଼ିବ – ତାହା ସେ ପ୍ରତ୍ୟକ୍ଷଭାବେ ନିରୀକ୍ଷଣ କରିବେ (କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍‌ରଣ-ସମୁଦ୍ୟମେ) । ତାଙ୍କ ଅନୁରୋଧକ୍ରମେ ଶ୍ରୀକୃଷ୍ଣ ତାଙ୍କର ଶ୍ରେଷ୍ଠ ରଥ (ରଥୋତ୍ତମଂ)କୁ ଦୁଇ ପକ୍ଷର ସେନାଙ୍କ ମଧ୍ୟ ଭାଗରେ ସ୍ଥାପନ କରିବା ପରେ ଅର୍ଜୁନ ଯେଉଁ ଦୃଶ୍ୟ ଦେଖିଲେ ସେଥିରେ ତାଙ୍କର ବୁଦ୍ଧି ହଜିଗଲା ।

ସେ ସମ୍ମୁଖରେ ଦେଖୁଛନ୍ତି ପିତୃସମାନ ବ୍ୟକ୍ତିମାନଙ୍କୁ, ପିତାମହମାନଙ୍କୁ, ଆଚାର୍ଯ୍ୟଗଣଙ୍କୁ, ମାତୁଳମାନଙ୍କୁ, ଭ୍ରାତୃଗଣଙ୍କୁ, ପୁତ୍ର-ପୌତ୍ରଗଣଙ୍କୁ, ବନ୍ଧୁଗଣଙ୍କୁ, ଶ୍ୱଶୁରଗଣଙ୍କୁ ଓ ସୁହୃଦ୍‌ଗଣଙ୍କୁ । ଅର୍ଥାତ୍ ତାଙ୍କୁ ସେଇ ଅତି ଆପଣାର ଲୋକମାନଙ୍କ (ସ୍ୱଜନଂ) ସହିତ ଯୁଦ୍ଧ କରିବାକୁ ହେବ । ସେ ଯୁଦ୍ଧ ସ୍ଥଳକୁ ଆସିବା ପୂର୍ବରୁ ଏକଥା ଯେ ଜାଣି ନଥିଲେ, ତାହା ନୁହେଁ । ସେତେବେଳେ ହୁଏତ ସେ ଏହା ଗଭୀର ଭାବରେ ହୃଦୟଙ୍ଗମ କରି ନଥିଲେ । କିନ୍ତୁ ବର୍ତ୍ତମାନ ପ୍ରତ୍ୟକ୍ଷରୂପେ ସେଇ ସ୍ୱଜନମାନଙ୍କୁ ଦେଖିବା ପରେ ସେ କୃପାବିଷ୍ଟ ଓ ଅତ୍ୟନ୍ତ କାତର ହୋଇ ପଡ଼ିଛନ୍ତି (କୃପୟା ପରୟାଽବିଷ୍ଟଃ) । ତାଙ୍କର ଅଙ୍ଗଗୁଡ଼ିକ ଶିଥିଳ ହୋଇଯାଇଛି, ପାଟି ଶୁଷ୍କ ହୋଇଯାଇଛି, ଶରୀରରେ କମ୍ପନ ଜାତ ହୋଇଛି । ତାଙ୍କ ହସ୍ତରୁ ଗାଣ୍ଡୀବ ଧନୁ ଖସି ପଡ଼ିଛି, ସେ ଠିଆ ହେବାକୁ ମଧ୍ୟ ସମର୍ଥ ହୋଇ ନାହାନ୍ତି ।

ସ୍ୱଜନମାନଙ୍କୁ ହତ୍ୟା କରି ରାଜ୍ୟ ଭୋଗ କରିବାକୁ ସେ ଚାହି ନାହାନ୍ତି । ଏପରିକି ତ୍ରିଲୋକର ରାଜ୍ୟ ମିଳିଗଲେ ବି ସେ ସେମାନଙ୍କୁ ମାରିବାକୁ ପ୍ରସ୍ତୁତ ନୁହନ୍ତି ।

''ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ'' । (୧/୩୫)

''ତ୍ରିଲୋକର ରାଜ୍ୟ ମିଳିଗଲେ ବି ମୁଁ ଏମାନଙ୍କୁ ମାରିବାକୁ ଚାହୁ ନାହିଁ, ସାମାନ୍ୟ ପୃଥିବୀ ପାଇଁ କ'ଣ ମୁଁ ଏମାନଙ୍କୁ ମାରିବି ?'' ନିଜର ଆତ୍ମୀୟସ୍ୱଜନଙ୍କୁ ମାରିଲେ ମହାପାପ (ମହତ୍ ପାପଂ) ହେବ ଏବଂ ପରିଣାମତଃ ବହୁକାଳ ପର୍ଯ୍ୟନ୍ତ ନର୍କବାସ (ନରକେଽନିୟତଂ ବାସଃ)ହିଁ ହେବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି । ଏପରି ଭାବରେ ନିଜର ଅବସାଦ ବ୍ୟକ୍ତ କରି ମହାବୀର ଅର୍ଜୁନ ଅକ୍ଷୟ ତୂଣୀର ସହିତ ଗାଣ୍ଡୀବ ଧନୁକୁ ବିସର୍ଜନ କରିଛନ୍ତି ।

ଅର୍ଜୁନଙ୍କର ଏପରି ଦଶା କାହିଁକି ହେଲା ? ଏହାର ପ୍ରଥମ କାରଣ ହେଉଛି ଅର୍ଜୁନ ଥିଲେ ବ୍ୟାବହାରିକ ମନସମ୍ପନ୍ନ ଓ କର୍ମକୁଶଳ ବ୍ୟକ୍ତି (the practical or the pragmatic man) । ସେ ନିଜର ଇନ୍ଦ୍ରିୟାନୁଭବ, ସଂବେଦନ ଓ ଆବେଗଗୁଡ଼ିକୁ ଆଧାର କରି କର୍ମର ନିର୍ବାଚନ ଓ ସମ୍ପାଦନ କରୁଥିଲେ । ତାଙ୍କର ସ୍ୱଜନମାନେ ଅନ୍ୟାୟ ପଥରେ ଥିଲେ ମଧ୍ୟ ସେମାନଙ୍କୁ ହତ୍ୟା କରିବା ଲାଗି ଆବଶ୍ୟକୀୟ ଇଚ୍ଛାଶକ୍ତି ଓ ଦୃଢ଼ତା ତାଙ୍କ ଭିତରେ ସୃଷ୍ଟି ହୋଇ ନଥିଲା । ଯଦିଓ ସାମାଜିକ ଧର୍ମ ଦୃଷ୍ଟିରୁ ସେ ଥିଲେ ଜଣେ କ୍ଷତ୍ରିୟ ଯାହାର କର୍ତ୍ତବ୍ୟ ହେଉଛି ଅନ୍ୟାୟର ଦମନ ଓ ନ୍ୟାୟର ସୁରକ୍ଷା, ତଥାପି ଆପଣାର ଲୋକମାନଙ୍କୁ ଦେଖି ତାଙ୍କ ହୃଦୟ ଦୁର୍ବଳ ହୋଇ ପଡ଼ିଥିଲା ।

ଏକ ବିରାଟ ଗୃହଯୁଦ୍ଧ ଓ ବିଶ୍ୱସଂଗ୍ରାମ ଯେଉଁଥିରେ କେବଳ ଗୋଟିଏ ଜାତି ବା ରାଜ୍ୟର ନୁହେଁ ଗୋଟିଏ ପରିବାରର ଲୋକେ ପରସ୍ପର ବିପକ୍ଷରେ ଯୁଦ୍ଧ କରିବାକୁ ଉଦ୍ୟତ ହୋଇଛନ୍ତି ସେଥିରେ ତାଙ୍କୁ ମୁଖ୍ୟ ନାୟକର ଭୂମିକାରେ ରହି ଏକାନ୍ତ ଆପଣାର ଲୋକମାନଙ୍କୁ ହତ୍ୟା କରିବାକୁ ହେବ, ଏହା ତାଙ୍କର ପ୍ରାଣସତ୍ତା ଓ ଆବେଗମୟ ସତ୍ତା ପକ୍ଷରେ ଗ୍ରହଣୀୟ ନଥିଲା । ଜୀବନର ପ୍ରାଣିକ ଲକ୍ଷ୍ୟ ହେଲା ସୁଖ ଓ ଉପଭୋଗ – ଏହି ଲକ୍ଷ୍ୟକୁ ସେ ପ୍ରତ୍ୟାଖ୍ୟାନ କଲେ । ଜଣେ କ୍ଷତ୍ରିୟ ସାଧାରଣତଃ ଚାହେ ଯୁଦ୍ଧରେ ବିଜୟ, ରାଜ୍ୟ ଲାଭ ଓ ଶାସନ କ୍ଷମତାର ଉପଭୋଗ । ମାତ୍ର ଅର୍ଜୁନଙ୍କୁ ସେସବୁ ଆଦୌ ଶ୍ରେୟ ମନେ ହେଲା ନାହିଁ । ସେ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ନିଜର ମନ କଥା ପ୍ରକାଶ କଲେ – ''ନ କାଙ୍‌କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।'' – ''ହେ କୃଷ୍ଣ ! ମୁଁ ବିଜୟ ଚାହୁ ନାହିଁ, ରାଜ୍ୟ ଚାହୁ ନାହିଁ ଓ ସୁଖ ମଧ ଚାହୁ ନାହିଁ ।'' ସେ ପ୍ରଶ୍ନ କଲେ – ''ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ।'' (ହେ ମାଧବ ! ନିଜର କୁଟୁମ୍ବ ଲୋକଙ୍କୁ ମାରି ଆମେ କିପରି ସୁଖୀ ହେବୁ ?)

ଯେଉଁମାନଙ୍କ ପାଇଁ ରାଜ୍ୟ ଭୋଗ ଓ ସୁଖ ସେ ଚାହାନ୍ତି, ଯୁଦ୍ଧରେ ଯଦି ସେମାନଙ୍କର ପ୍ରାଣନାଶ ହେବ ତେବେ ରାଜ୍ୟରେ, ଭୋଗରେ ବା ବଞ୍ଚିବାରେ କି ଲାଭ ବୋଲି ଅର୍ଜୁନ ପ୍ରଶ୍ନ କରିଛନ୍ତି । ଯଦିଓ ଅନ୍ୟାୟୀମାନଙ୍କୁ ଯୁଦ୍ଧରେ ବିନାଶ କରି ନ୍ୟାୟର ପ୍ରତିଷ୍ଠା କରିବେ ବୋଲି ସଂକଳ୍ପ ନେଇ ସେ ଯୁଦ୍ଧଭୂମିକୁ ଆସିଥିଲେ, ସେଠାରେ ତାଙ୍କ ମନର ଦୃଷ୍ଟି ତାଙ୍କ ପ୍ରାଣାବେଗ ଦ୍ୱାରା ବଶୀଭୂତ ହେଲା ଏବଂ ତାଙ୍କର ମନୋଭାବରେ ନାଟକୀୟ ପରିବର୍ତ୍ତନ ଦେଖାଦେଲା ।

କିଛି ସମୟ ପରେ ତାଙ୍କ ମନକୁ ନୈତିକବୋଧ ଅଧିକାର କଲା । ସେ ଯୁକ୍ତି କଲେ – ପରସ୍ପରର ହତ୍ୟା କରିବାରେ କେଉଁ ଧର୍ମ ବା ନ୍ୟାୟ ପ୍ରତିଷ୍ଠିତ ହେବ ? ବରଂ ଏହା ଏକ ମହାପାପ । ଯେଉଁମାନେ ସ୍ୱାର୍ଥ ଓ ଲୋଭରେ ଅନ୍ଧ ହୋଇ ଯୁଦ୍ଧ ଭିଆଇଛନ୍ତି ସେମାନେ ପାପ କରିଛନ୍ତି ସତ, ମାତ୍ର ସେମାନେ ଅଜ୍ଞାନତା ଯୋଗୁଁ ତାହା କରିଛନ୍ତି । ଅନ୍ୟ ପକ୍ଷରେ ଅର୍ଜୁନଙ୍କ ପକ୍ଷର ଲୋକେ ଜାଣିଶୁଣି ହତ୍ୟା କରିବାକୁ ଯାଉଥିବାରୁ ତାହା ଅଧିକ ଜଘନ୍ୟ ଅପରାଧ ଓ ଗୁରୁତର ପାପ ରୂପେ ଗଣ୍ୟ ହେବ । ଏହି ଗୃହଯୁଦ୍ଧ ଦ୍ୱାରା ପରିବାର ଧ୍ୱଂସ ହେବ, ନୈତିକତା ନଷ୍ଟ ହେବ, ପରମ୍ପରାଗୁଡ଼ିକ ଭାଙ୍ଗିଯିବ, ଜାତି ଓ କୁଳର କ୍ଷୟ ଘଟିବ । ନୈତିକ ଅବକ୍ଷୟ ଯୋଗୁଁ ସମଗ୍ର ଜାତି ବିଲୁପ୍ତ ହୋଇଯିବାର ଆଶଙ୍କା ମଧ ରହିଛି । ସୁତରାଂ ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କ ହାତରେ ମୃତ୍ୟୁ ବରଂ ଶ୍ରେୟସ୍କର ବୋଲି କହି ଅର୍ଜୁନ ଅସ୍ତ୍ର ତ୍ୟାଗ କରିଛନ୍ତି ।

ଶ୍ରୀଅରବିନ୍ଦ କହନ୍ତି ଯେ ଗୀତା କର୍ମରୁ ଆରମ୍ଭ ହୋଇଛି ଏବଂ ଅର୍ଜୁନ ହେଉଛନ୍ତି ଜଣେ କର୍ମୀ ଓ ଯୋଦ୍ଧା, ସିଏ ଜ୍ଞାନୀ ନୁହନ୍ତି କି ଦ୍ରଷ୍ଟା ବା ଭାବୁକ ନୁହନ୍ତି । ଅର୍ଜୁନଙ୍କ ମନରେ ଯେଉଁ ପ୍ରକାର ଚିନ୍ତା, ଭାବ ଓ ଦୃଷ୍ଟିକୋଣ ଉଦୟ ହୋଇଛି ତାହା ଏକ ଦାର୍ଶନିକ ବା ଆଧ୍ୟାତ୍ମିକ ବ୍ୟକ୍ତିର ନୁହେଁ । ସେଗୁଡ଼ିକ ହେଉଛି ବ୍ୟାବହାରିକ ବା କର୍ମକୁଶଳ ବ୍ୟକ୍ତିର ଭାବ, ନୀତିପରାୟଣ, ଆବେଗ-ଅନୁଭୂତି ପ୍ରବଣ ଓ ବୁଦ୍ଧିମାନ୍ ମନୁଷ୍ୟର ଭାବ । ଅର୍ଜୁନ ଗଭୀର ଓ ମୌଳିକ ଚିନ୍ତାରେ ଅଭ୍ୟସ୍ତ ନଥିଲେ । କେତୋଟି ଧରାବନ୍ଧା ଆଦର୍ଶକୁ ଅନୁସରଣ କରି ସେ ଜୀବନ ବଞ୍ଚୁଥିଲେ । ମାତ୍ର ଯେତେବେଳେ ସେ ଏକ ଅଭୂତପୂର୍ବ ସଂକଟର ସମ୍ମୁଖୀନ ହୋଇଛନ୍ତି ସେତେବେଳେ ତାଙ୍କ ବିଚାର, ବିବେକର ସମସ୍ତ ମାନଦଣ୍ଡ ବ୍ୟର୍ଥ ହୋଇଯାଇଛି । ସେ ଆତ୍ମବିଶ୍ୱାସ ହରାଇ ବସିଛନ୍ତି ।

ଆମ ପ୍ରତ୍ୟେକଙ୍କ ଜୀବନରେ ଏପରି ସଙ୍କଟମୟ ପରିସ୍ଥିତି ଦେଖା ଦେଇପାରେ । ଆମେ ମଧ ଅର୍ଜୁନଙ୍କ ଭଳି ନିଜର କର୍ତ୍ତବ୍ୟ ନିରୂପଣ କରି ନପାରି ବିଷଣ୍ଣ ହୋଇପାରୁ । ଏହି ଦୃଷ୍ଟିରୁ ଗୀତା-ଜ୍ଞାନର ମହତ୍ତ୍ୱ ସାର୍ବଜନୀନ । ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଗୀତାରେ ବିଷୟସବୁ ଅତ୍ୟନ୍ତ ସରଳ ଓ ପ୍ରାଞ୍ଜଳ ଭାବରେ କୁହାଯାଇଛି । ବେଦ ଓ କେତେକ ପୁରାଣରେ ଯେମିତି ପ୍ରତୀକାତ୍ମକ ଭାଷା ବ୍ୟବହାର କରାଯାଇଛି, ଗୀତାରେ ସେମିତି କରାଯାଇ ନାହିଁ । ଗୀତା ଏବଂ ସମଗ୍ର ମହାଭାରତ କାବ୍ୟଟି ଆନ୍ତର ଜୀବନର ଏକ ପ୍ରତୀକ ରୂପେ ରଚିତ ହୋଇଛି ବୋଲି କେତେକେ ମତ ଦେଇଥା'ନ୍ତି । ମାତ୍ର ଶ୍ରୀଅରବିନ୍ଦ ଏହି ମତକୁ ଖଣ୍ଡନ କରି କହିଛନ୍ତି ଯେ ଗୀତା ବାହ୍ୟ ମାନବ-ଜୀବନ ଓ କର୍ମ ସହ ନିବିଡ଼ ଭାବରେ ସମ୍ବନ୍ଧିତ ଏବଂ ଏହା ସହଜ ଓ ସ୍ପଷ୍ଟଭାବରେ ଜୀବନର ନୈତିକ ଓ ଆଧ୍ୟାତ୍ମିକ ସମସ୍ୟାଗୁଡ଼ିକର ସମାଧାନ ପ୍ରଦାନ କରିଛି । ଗୀତା-ଶିକ୍ଷା ଓ ଏହାର ପରିବେଶ ପ୍ରତୀକାତ୍ମକ ନହେଲେ ମଧ ଏହାକୁ ବିଶିଷ୍ଟ ଧରଣର (typical) ବୋଲି କୁହାଯିବ । କାରଣ ଅର୍ଜୁନ ଏକ ମହାନ୍ ବିଶ୍ୱସଂଗ୍ରାମରେ ସମଗ୍ର ଜାତି ଓ ସେମାନଙ୍କର ଏକ ପ୍ରତିନିଧି ରୂପେ ଅଂଶଗ୍ରହଣ କରିଛନ୍ତି ଏବଂ ତାଙ୍କର ସମସ୍ୟାଟି ହେଲା ମନୁଷ୍ୟ ଜୀବନର ସମସ୍ୟା ।

ଅର୍ଜୁନ ସାତ୍ତ୍ୱିକଭାବାପନ୍ନ ବ୍ୟକ୍ତି ଥିଲେ । ନିମ୍ନତର ପ୍ରକୃତିକୁ ସଂଯତ କରି ଏକ ଶୁଦ୍ଧପୂତ ଜୀବନ ବଞ୍ଚିବାରେ ସେ ଥିଲେ ଅଭ୍ୟସ୍ତ । ସମାଜରେ ଯେଉଁସବୁ ନୀତି, ନିୟମ, ଆଚାର ଓ ମର୍ଯ୍ୟାଦା ଆଦର ଲାଭ କରିଥିଲା ତା' ପ୍ରତି ତାଙ୍କର ଥିଲା ଦୃଢ଼ ଆନୁଗତ୍ୟ । ଅନ୍ୟ ଲୋକଙ୍କ ପରି ତାଙ୍କର ମଧ୍ୟ ଅହଂ ରହିଥିଲା, ମାତ୍ର ତାହା ଥିଲା ଶୁଦ୍ଧ, ସାତ୍ତ୍ୱିକ ଅହଂ । ସେ ନିଜର ସ୍ୱାର୍ଥ ସାଧନରେ ବ୍ୟସ୍ତ ନରହି ସର୍ବସାଧାରଣଙ୍କର କଲ୍ୟାଣ ପ୍ରତି ଦୃଷ୍ଟି ଦେଉଥିଲେ । ଯେଉଁ ଶ୍ରେଷ୍ଠତମ ବିଧାନ ଦ୍ୱାରା ଜୀବନକୁ ପରିଚାଳିତ କରାଯାଏ ତାହାକୁ ଧର୍ମ ବୋଲି ଜାଣି ତା' ପ୍ରତି ପ୍ରତିବଦ୍ଧ ଥିଲେ । ସେ ଜାତିରେ କ୍ଷତ୍ରିୟ ହୋଇଥିବାରୁ କ୍ଷାତ୍ର ଧର୍ମର ଅନୁଶାସନ ଦ୍ୱାରା ନିଜର ଜୀବନକୁ ଗଢ଼ିଥିଲେ । ସେ ଥିଲେ ଉଚ୍ଚମନା, ସ୍ୱାଧୀନଚେତା, ବୀରଯୋଦ୍ଧା, ଆର୍ଯ୍ୟମାନଙ୍କର ନେତା ଓ ସମାଜର ରକ୍ଷକ । କିନ୍ତୁ ତାଙ୍କୁ ଏକ ଅଭାବନୀୟ ଓ ଅନାକାଙ୍କ୍ଷିତ ପରିସ୍ଥିତି ଭିତରକୁ ଆସିବାକୁ ହୋଇଛି ଯେଉଁଠି ତାଙ୍କ ଆଖିରେ ଦୃଷ୍ଟ ହୋଇଛି ଏକ ମହାବିନାଶର ଚିତ୍ର । ସମଗ୍ର ସଭ୍ୟ ଆର୍ଯ୍ୟଜାତି ଧ୍ୱଂସପ୍ରାପ୍ତ ହୋଇଯିବାର ଆଶଙ୍କା ତାଙ୍କୁ ବିବ୍ରତ ଓ ବିଷଣ୍ଣ କରିଛି ।

ଅର୍ଜୁନ ଆଜି ପର୍ଯ୍ୟନ୍ତ ନିଜ କର୍ମ ଓ ସାମାଜିକ ସ୍ଥିତିକୁ ନେଇ ଏକ ପ୍ରକାର ସନ୍ତୁଷ୍ଟ ହୋଇ ରହିଥିଲେ । କିନ୍ତୁ କୁରୁକ୍ଷେତ୍ର ଯୁଦ୍ଧର ଆହ୍ୱାନ ତାଙ୍କୁ ମାନସିକ, ଇନ୍ଦ୍ରିୟଗତ, ଆବେଗିକ ଓ ନୈତିକ ସ୍ତରରେ ଭୀଷଣ ଆଘାତ ଦେଇଛି । ସାମାଜିକ ଓ ରାଜନୈତିକ ପରିସ୍ଥିତି ତାଙ୍କ ପକ୍ଷରେ ଦୁଃସହ ଓ ଅରାଜକତାମୟ ହୋଇ ପଡ଼ିଛି । ନିର୍ଦ୍ୱନ୍ଦ୍ୱରେ ଓ ଆସ୍ଥାର ସହିତ ଛିଡ଼ା ହେବା ପାଇଁ କୌଣସି ମାନସିକ ବା ନୈତିକ ଆଧାର ସେ ପାଉ ନାହାନ୍ତି । ଯେଉଁ ପ୍ରକାର ଧର୍ମକୁ ନେଇ ସେ ଗୌରବର ସହିତ ବଞ୍ଚି ଆସିଥିଲେ ତାହାର ଅସ୍ତିତ୍ୱ ଆଉ ନାହିଁ । ତାଙ୍କର ମନ, ପ୍ରାଣ, ଶରୀର ସେଇ ସଂକଟମୟ ପରିସ୍ଥିତିରେ ବିଦ୍ରୋହ କରି ଉଠୁଛି, ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛି ।

ଇନ୍ଦ୍ରିୟାନୁଭୂତି କ୍ଷେତ୍ରରେ ଅର୍ଜୁନ ଅନୁଭବ କରୁଛନ୍ତି ଭୟ, ଦୟା ଓ ବିତୃଷ୍ଣା । ପ୍ରାଣର ଭୂମିରେ ସେ ଦେଖୁଛନ୍ତି କିପରି କର୍ମ ଓ ଲକ୍ଷ୍ୟକୁ ନେଇ ରହିଥିବା ପରିଚିତ ଆଦର୍ଶ ଉପରୁ ତାଙ୍କର ଆସ୍ଥା ଓ ଆକର୍ଷଣ ତୁଟି ଯାଇଛି । ଆବେଗ ସ୍ତରରେ ସେ ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ସାଧାରଣ ସୁଖ-ସନ୍ତୋଷ ନିମନ୍ତେ ଇଚ୍ଛାକୁ ନେଇ ଆପାତତଃ ଯେଉଁ ନିରାପଦ ଓ ସୁଖକର ଜୀବନଟିଏ ବଞ୍ଚୁଥିଲେ ତାହା ଉପରେ ଭୀଷଣ ଆଘାତ ଆସିଛି । ନିର୍ମମ କର୍ତ୍ତବ୍ୟବୋଧ ତାଙ୍କୁ ଏସବୁଥିରୁ ବଞ୍ଚିତ କରିବାକୁ ଯାଉଛି । ନୈତିକ ସ୍ତରରେ ସେ ପାପ ଓ ନରକର ବୋଧ ଦ୍ୱାରା ଦଗ୍ଧୀଭୂତ ହେଉଛନ୍ତି । ଭୀଷଣ ରକ୍ତପାତ ଦ୍ୱାରା ସୁଖଭୋଗର ପନ୍ଥାକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି । ବ୍ୟାବହାରିକ ଦୃଷ୍ଟିରୁ କର୍ମର ଯେଉଁ ମାନଦଣ୍ଡଗୁଡ଼ିକ ଫଳପ୍ରଦ ବୋଲି ସେ ଭାବୁଥିଲେ ସେଗୁଡ଼ିକ ବ୍ୟର୍ଥ ପ୍ରମାଣିତ ହୋଇଛି । ପରିଣାମତଃ ତାଙ୍କ ଅନ୍ତରରେ ଏକ ସର୍ବତୋମୁଖୀ ଦୈନ୍ୟ (inner bankruptcy) ଦେଖା ଦେଇଛି । ସେ ଧର୍ମର ନିର୍ଦ୍ଦେଶ ଓ କର୍ମର ଯଥାର୍ଥ ବିଧାନ ଖୋଜି ନପାଇ ବିକଳ ଭାବରେ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇଛନ୍ତି । ସେ ଜୀବନ ଓ ଜଗତର ରହସ୍ୟ ଜିଜ୍ଞାସା କରୁ ନାହାନ୍ତି, ବ୍ୟାବହାରିକ ଜୀବନରେ ନିଃସଂଶୟରେ ବଞ୍ଚିବା ପାଇଁ ଧର୍ମଟିଏ ଚାହୁଛନ୍ତି । ଅର୍ଜୁନଙ୍କ ଏହି ଆକୂତି ନିମ୍ନ ଶ୍ଲୋକରେ ପ୍ରକାଶିତ ହୋଇଛି –

''କାର୍ପଣ୍ୟଦୋଷୋପହତସ୍ୱଭାବଃ
ପୃଚ୍ଛାମି ତ୍ୱାଂ ଧର୍ମସଂମୂଢ଼ଚେତାଃ ।
ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ
ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ।।''
(୨/୭)

ଅର୍ଥାତ୍, ''ଭୀରୁତାରୂପକ ଦୋଷ (ଆତ୍ମଶକ୍ତିରେ ଦୈନ୍ୟ) ଦ୍ୱାରା ମୋ ସ୍ୱଭାବ ତିରସ୍କୃତ ହୋଇଥିବାରୁ ଏବଂ ଧର୍ମ ବିଷୟରେ ଅନ୍ତଃକରଣ ମୋହିତ ହୋଇଥିବାରୁ ମୁଁ ଆପଣଙ୍କୁ ପଚାରୁଛି ଯେ ଯାହା ନିଶ୍ଚିତ କଲ୍ୟାଣକାରକ ତାହା ମୋତେ କୁହନ୍ତୁ । ମୁଁ ଆପଣଙ୍କର ଶିଷ୍ୟ । ଆପଣଙ୍କଠାରେ ଶରଣ ଯାଇଥିବାରୁ ମୋତେ ଶିକ୍ଷା ଦିଅନ୍ତୁ ।''

ଅର୍ଜୁନ ଋଜୁତା ବା ସରଳତା ପାଇଁ ପ୍ରସିଦ୍ଧ ଥିଲେ । ତାଙ୍କର ବିନମ୍ରତା ଓ ସମର୍ପଣଭାବ ସହିତ ଯଥାର୍ଥ ଜିଜ୍ଞାସା ଥିବାରୁ ଶ୍ରୀକୃଷ୍ଣ ତାଙ୍କୁ ଶିଷ୍ୟ ରୂପେ ବରଣ କରି ଗୀତା-ଜ୍ଞାନ ପ୍ରଦାନ କରିଥିଲେ । ଶିକ୍ଷାଦାନ ପୂର୍ବରୁ ସେ ପ୍ରଥମେ ଶିଷ୍ୟଙ୍କର ହୃଦୟର ଦୁର୍ବଳତାକୁ ଦୂର କରିବାକୁ ଚେଷ୍ଟା କରିଥିଲେ । ସେ କହିଥିଲେ – ''କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ'' (ହେ ପରନ୍ତପ ! ତୁଚ୍ଛ ହୃଦୟ-ଦୁର୍ବଳତା ତ୍ୟାଗ କରି ଯୁଦ୍ଧ ପାଇଁ ଠିଆ ହୁଅ ।)

ଅର୍ଜୁନଙ୍କ ବିମୂଢ଼ ଓ ବିଷଣ୍ଣ ମନୋଦଶା ଦେଖି ଶ୍ରୀକୃଷ୍ଣ ବିଚଳିତ ହୋଇ ନଥିଲେ । ସେ ସ୍ମିତହାସ୍ୟ ସହ ତାଙ୍କୁ ବସ୍ତୁ ସ୍ଥିତିର ତାତ୍ପର୍ଯ୍ୟ ଓ ଆହ୍ୱାନ ବୁଝାଇବାକୁ ଚେଷ୍ଟା କରିଥିଲେ ।

ଅର୍ଜୁନ ଯଦିଓ ଜୀବନ ଓ ଜଗତର ରହସ୍ୟ ବୁଝିବାକୁ ଇଚ୍ଛା କରି ନଥିଲେ, ତଥାପି ତାହା ତାଙ୍କ ପାଇଁ ଆବଶ୍ୟକ ଥିଲା । କାରଣ ସେହି ଜ୍ଞାନ ଉଚ୍ଚତର ଜୀବନ ଆଡ଼କୁ ନେଇଯିବାରେ ସାହାଯ୍ୟ କରିବ । ସୁତରାଂ ଶ୍ରୀକୃଷ୍ଣ ଜୀବନ ଓ ଜଗତର ଗୂଢ଼ତତ୍ତ୍ୱସବୁ ଗୋଟିଏ ପରେ ଗୋଟିଏ ବ୍ୟାଖ୍ୟା କରିବାକୁ ଲାଗିଲେ ।

ସେ ଅବିନାଶୀ ଆତ୍ମା ବିଷୟରେ ବୁଝାଇ କହିଲେ ଯେ ଆତ୍ମାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ଏହା ଶାଶ୍ୱତ ଓ ଅନାଦି (ପୁରାଣଃ) । ମନୁଷ୍ୟ ଯେମିତି ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ନୂଆ ନୂଆ ବସ୍ତ୍ର ପରିଧାନ କରେ ସେମିତି ଆତ୍ମା ଜୀର୍ଣ୍ଣ ଶରୀରଗୁଡ଼ିକୁ ପରିତ୍ୟାଗ କରି ନୂଆ ନୂଆ ଶରୀର ଧାରଣ କରେ । ଶରୀରକୁ ମାରିଦେଲେ ମଧ୍ୟ ଆତ୍ମା ମରେ ନାହିଁ । ତେଣୁ କୌଣସି ପ୍ରାଣୀଙ୍କ ପାଇଁ ଶୋକ କରିବା ଅନୁଚିତ (ନ ତ୍ୱଂ ଶୋଚିତୁମର୍ହସି) । ଶ୍ରୀକୃଷ୍ଣ ସ୍ପଷ୍ଟ କରିଦେଲେ ଯେ କର୍ମର ବାହ୍ୟ ନିୟମ ଗୁରୁତ୍ୱପୂର୍ଣ୍ଣ ନୁହେଁ । ବ୍ୟକ୍ତି କେଉଁ ପ୍ରକାର ଆନ୍ତର ସ୍ଥିତିରେ ରହିଛି ତାହାହିଁ ଗୁରୁତ୍ୱପୂର୍ଣ୍ଣ । ମନୁଷ୍ୟ ସୁଖଦୁଃଖ, ଶୀତ-ଉଷ୍ଣ, ମାନ-ଅପମାନ, ଜୟ-ପରାଜୟ ଭଳି ଦ୍ୱନ୍ଦ୍ୱରୁ ଊର୍ଦ୍ଧ୍ୱକୁ ଉଠିଯାଇ ସମତା ଭାବ ରଖି ଅଧିଷ୍ଠିତ ହେବା ଉଚିତ । ସେ କର୍ମଫଳ ପ୍ରତି ଆସକ୍ତି ରଖିବା ଉଚିତ ନୁହେଁ । ତାକୁ ପାପପୁଣ୍ୟର ମାନସିକ ଧାରଣାଗୁଡ଼ିକରୁ ଉପରକୁ ଉଠିବାକୁ ହେବ । ଯୋଗଯୁକ୍ତ ହୋଇ କର୍ମ କରିବାକୁ ହେବ (ଯୋଗସ୍ଥଃ କୁରୁ କର୍ମାଣି) । ଅର୍ଥାତ୍ ଭଗବାନଙ୍କଠାରେହିଁ ମନକୁ ନିବିଷ୍ଟ କରି ଜୀବନ ବଞ୍ଚିବାକୁ ହେବ । ଅର୍ଜୁନ ଏହି ଉତ୍ତରରେ ସନ୍ତୁଷ୍ଟ ହେଲେ ନାହିଁ । ସେ ଜାଣିବାକୁ ଚାହିଲେ ଆତ୍ମାର ସ୍ଥିତି (soul-state)କୁ ଚାଲି ଆସିଲେ ତାହା ମନୁଷ୍ୟର ବାହ୍ୟ କର୍ମକୁ କିପରି ପ୍ରଭାବିତ କରିବ, ତା'ର କଥାବାର୍ତ୍ତା, ଗତିବିଧି ଓ ଅବସ୍ଥାରେ କେଉଁ ପରିବର୍ତ୍ତନ ଆସିବ । ଏହାର ଉତ୍ତରରେ ଶ୍ରୀକୃଷ୍ଣ କହିଲେ ଯେ ଏକମାତ୍ର କଥା ଯାହା ଆବଶ୍ୟକ ତାହା ହେଉଛି ନିଷ୍କାମ ସମତା ଅବସ୍ଥାରେ ବୁଦ୍ଧିକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିବା । ଏହାକୁ ବ୍ରାହ୍ମୀସ୍ଥିତି (firm standing in the Brahman) ବୋଲି କୁହାଯାଏ । ଏହି ସ୍ଥିତିକୁ ପ୍ରାପ୍ତ ହେଲେ ଜଣେ କେବେ ବି ମୋହିତ ହୁଏ ନାହିଁ ବରଂ ଅନ୍ତକାଳରେ ଏହା ଦ୍ୱାରା 'ବ୍ରହ୍ମନିର୍ବାଣ' ଲାଭ କରେ ।

ଏଥର ଅର୍ଜୁନଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲା । ସେ ଅଭିଯୋଗଭରା କଣ୍ଠରେ ପ୍ରଶ୍ନ କଲେ, ''ଯଦି ବୁଦ୍ଧି କର୍ମଠାରୁ ଶ୍ରେଷ୍ଠ ବୋଲି ଆପଣଙ୍କ ମତ, ତାହାହେଲେ ଆପଣ ମୋତେ ଏଇ ଘୋର କର୍ମରେ କାହିଁକି ନିୟୋଜିତ କରୁଛନ୍ତି ? ଆପଣ ବ୍ୟାମିଶ୍ର କଥା (mingled word) ବା ଗୋଳମାଳିଆ କଥା କହି ମୋର ବୁଦ୍ଧିକୁ ବିମୂଢ଼ କରି ଦେଉଛନ୍ତି । ମୋତେ ନିଶ୍ଚିତ କରି ଗୋଟିଏ କଥାହିଁ କୁହନ୍ତୁ ଯଦ୍ଦ୍ୱାରା ମୁଁ କଲ୍ୟାଣ ପ୍ରାପ୍ତ ହେବି ।'' ଶ୍ରୀକୃଷ୍ଣ ଏ ବିଷୟରେ ବୁଝାଇ କହିଲେ ଯେ ବ୍ରାହ୍ମୀସ୍ଥିତିକୁ ଲାଭ କରିବା ପରେ କର୍ମରେ ପରିବର୍ତ୍ତନ ଆବଶ୍ୟକ ହୁଏ ନାହିଁ । ମନୁଷ୍ୟକୁ ନିଜର ସ୍ୱଭାବ ଅନୁସାରେହିଁ କର୍ମ କରିବାକୁ ହୁଏ । ଉତ୍ତମରୂପେ ଆଚରିତ ପରଧର୍ମ ଅପେକ୍ଷା ସ୍ୱଳ୍ପଗୁଣଯୁକ୍ତ ସ୍ୱଧର୍ମ ଶ୍ରେଷ୍ଠ । ସ୍ୱଧର୍ମରେ ନିଧନ କଲ୍ୟାଣକାରକ, କିନ୍ତୁ ପରଧର୍ମ ଭୟାବହ (ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ) ।

ଅର୍ଜୁନଙ୍କ ମନରେ ପୁଣି ପ୍ରଶ୍ନ ଉଠିଛି, ଯଦି ସ୍ୱଭାବ ଅନୁସାରେହିଁ କର୍ମ ହେଉଛି ତେବେ କର୍ମରେ ଯେଉଁ ପାପବୋଧ ଜାତ ହେଉଛି ତା'ର ସମାଧାନ କ'ଣ ? ମନୁଷ୍ୟ ଅନିଚ୍ଛା ସତ୍ତ୍ୱେ ବଳପୂର୍ବକ ନିୟୋଜିତ ହେଲାପରି କାହା ଦ୍ୱାରା ପ୍ରେରିତ ହୋଇ ପାପାଚରଣ କରେ ? ଏହାର ଉତ୍ତରରେ ଶ୍ରୀକୃଷ୍ଣ କହିଲେ ଯେ ରଜୋଗୁଣରୁ ଉଦ୍ଭବ କାମନାହିଁ ପାପର କାରଣ । କାମନା ବିବେକକୁ ଆବୃତ କରି ଦିଏ । ତେଣୁ ସର୍ବପ୍ରଥମେ ଇନ୍ଦ୍ରିୟଗଣଙ୍କୁ ବଶୀଭୂତ କରି ମହାପାପୀ କାମ ବା କାମନାକୁ ବଳପୂର୍ବକ ବିନାଶ କରିବାକୁ ହେବ । ଯଦି ମନ ଓ ବୁଦ୍ଧି କାମନାକୁ ବଶୀଭୂତ କରିବାରେ ଅସମର୍ଥ ହୁଅନ୍ତି ତେବେ ବୁଦ୍ଧିର ଊର୍ଦ୍ଧ୍ୱରେ ଥିବା ପୁରୁଷଚେତନା ସହିତ ସମ୍ମିଳିତ ହୋଇ ତାହାରି ସାହାଯ୍ୟରେ କାମନାକୁ ଜୟ କରିବାକୁ ହେବ ।

କର୍ମ ଓ କର୍ମର ତ୍ୟାଗ (କର୍ମସନ୍ନ୍ୟାସ) – ଏ ଦୁଇଟି ମଧ୍ୟରେ ସମନ୍ୱୟ ଖୋଜି ନପାଇ ଅର୍ଜୁନ ବିମୂଢ଼ ହୋଇଛନ୍ତି । ସେ ଏ ବିଷୟରେ ମଧ୍ୟ ଏକ ନିଶ୍ଚୟାତ୍ମକ ସମାଧାନ ଚାହିଛନ୍ତି । ଶ୍ରୀକୃଷ୍ଣ ସ୍ପଷ୍ଟଭାବରେ ପ୍ରକାଶ କରିଛନ୍ତି ଯେ ସନ୍ନ୍ୟାସ ଓ କର୍ମଯୋଗ ଉଭୟ କଲ୍ୟାଣକାରକ, କିନ୍ତୁ ଏ ଦୁଇଟି ମଧ୍ୟରୁ କର୍ମଯୋଗ ଶ୍ରେଷ୍ଠ । ଯେଉଁ ବ୍ୟକ୍ତିର ଇନ୍ଦ୍ରିୟଗଣ ବଶୀଭୂତ, ଯାହାର ଅନ୍ତଃକରଣ ନିର୍ମଳ, ଯାହାର ଶରୀର ନିଜ ଦ୍ୱାରା ବଶୀଭୂତ, ସକଳ ପ୍ରାଣୀଙ୍କର ଆତ୍ମାହିଁ ଯାହାର ଆତ୍ମା; ସେପରି କର୍ମଯୋଗୀ କର୍ମ କରି ମଧ୍ୟ ତହିଁରେ ଲିପ୍ତ ହୁଏ ନାହିଁ । ଯିଏ ସମସ୍ତ କର୍ମ ପରମାତ୍ମାଙ୍କଠାରେ ସମର୍ପଣ କରି ଓ ଆସକ୍ତି ତ୍ୟାଗ କରି କର୍ମ କରେ ସେ ପଦ୍ମପତ୍ର ଉପରେ ଥିବା ଜଳ ସହ ଆସକ୍ତ ନ ହେଲା ପରି ପାପରେ ଲିପ୍ତ ହୁଏ ନାହିଁ (ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା) ।

ଅର୍ଜୁନଙ୍କର ଥିଲା କର୍ମପରାୟଣ ସ୍ୱଭାବ (pragmatic nature) । ସେ ମନର ସଂକଳ୍ପ, ପସନ୍ଦ ଓ କାମନାବାସନାର ପ୍ରେରଣାରେ କର୍ମ କରିବାରେ ଅଭ୍ୟସ୍ତ ଥିଲେ । ତେଣୁ ଯୋଗର କଠିନତା ଉପଲବ୍ଧି କରି ସେ ଶ୍ରୀକୃଷ୍ଣଙ୍କୁ ପଚାରିଲେ ଯଦି ଜଣେ ଯୋଗ-ସାଧନା ଶ୍ରଦ୍ଧାର ସହିତ ଆରମ୍ଭ କରି ପ୍ରଯତ୍ନର ଶିଥିଳତା ଯୋଗୁଁ ବିଚଳିତମନା ହୋଇଯାଏ ଏବଂ ଯୋଗସିଦ୍ଧି ପ୍ରାପ୍ତ କରି ନ ପାରେ ତେବେ ସେ କେଉଁ ଗତି ଲାଭ କରେ । ସେ କ'ଣ ଏକ ଦିଗରେ ସାଧାରଣ ମାନବ-ଜୀବନର ସୁଖସମ୍ଭୋଗ ଯାହାକୁ ପଛରେ ଛାଡ଼ି ଆସିଛି ତାହାକୁ ହରାଇବ ଏବଂ ଅନ୍ୟ ଦିଗରେ ଯେଉଁ ବ୍ରାହ୍ମୀସ୍ଥିତି ତା'ର କାମ୍ୟ ତାହାକୁ ମଧ୍ୟ ହରାଇବ ? ଏହିପରି ଉଭୟ ଦିଗରୁ ବିଭ୍ରଷ୍ଟ ହୋଇ ଛିନ୍ନବିଚ୍ଛିନ୍ନ ବାଦଲ ଖଣ୍ଡ ପରି ସେ କ'ଣ ଲୋପ ପାଇଯିବ ? ଶ୍ରୀକୃଷ୍ଣ ଏହାର ଉତ୍ତରରେ ଅର୍ଜୁନଙ୍କୁ ଆଶ୍ୱାସନା ଦେଇ କହୁଛନ୍ତି – ''ହେ ପ୍ରିୟ ! କଲ୍ୟାଣକାରୀ କର୍ମ କରୁଥିବା କୌଣସି ମନୁଷ୍ୟ ଦୁର୍ଗତି ପ୍ରାପ୍ତ ହୁଏ ନାହିଁ (ନ ହି କଲ୍ୟାଣକୃତ୍ କଶ୍ଚିଦ୍ଦୁର୍ଗତିଂ ତାତ ଗଚ୍ଛତି) ।''

ଏହିପରି ଭାବରେ ମାନବ ଶିଷ୍ୟ ଅର୍ଜୁନଙ୍କର ଅନେକ ସଂଶୟ ଓ ଦ୍ୱନ୍ଦ୍ୱର ସମାଧାନ ଦିବ୍ୟଗୁରୁ ଶ୍ରୀକୃଷ୍ଣ କରିଛନ୍ତି । ଅର୍ଜୁନଙ୍କ ଜିଜ୍ଞାସାରେ ରହିଥିଲା ଆନ୍ତରିକତା ଓ ଶୁଦ୍ଧ ଭାବାବେଗ । ସେ ବାରଂବାର ଏକ ସ୍ପଷ୍ଟ ନିଷ୍ପତ୍ତିମୂଳକ ଜ୍ଞାନ ଚାହିଁଛନ୍ତି । ଶ୍ରୀକୃଷ୍ଣଙ୍କ ଉତ୍ତରଗୁଡ଼ିକ ମଧ୍ୟ ଥିଲା ଖୁବ୍ ସ୍ପଷ୍ଟ ଓ ଅତ୍ୟନ୍ତ ପ୍ରଭାବଶାଳୀ । ଏସବୁ ଶୁଣି ଅର୍ଜୁନଙ୍କ ବିଶ୍ୱାସ ଓ ଭକ୍ତି ଦୃଢ଼ୀଭୂତ ହୋଇଛି । ସେ ଶ୍ରୀକୃଷ୍ଣଙ୍କର ପ୍ରତ୍ୟେକଟି କଥାକୁ ଧ୍ୟାନ ଦେଇ ଶୁଣିଛନ୍ତି ଏବଂ ସତ୍ୟ ରୂପେ ଗ୍ରହଣ କରିଛନ୍ତି (ସର୍ବମେତଦୃତଂ ମନ୍ୟେ) ।

ସେ ଶ୍ରୀକୃଷ୍ଣଙ୍କୁ ପରମ ବ୍ରହ୍ମରୂପେ ସ୍ୱୀକାର କରି କହିଛନ୍ତି –

''ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।
ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ॥''
(୧୦/୧୨)

ଅର୍ଥାତ୍ ''ଆପଣ ହେଉଛନ୍ତି ପରମ ବ୍ରହ୍ମ, ପରମ ଧାମ ଓ ପରମ ପବିତ୍ର । ଆପଣ ଶାଶ୍ୱତ, ଦିବ୍ୟପୁରୁଷ, ଆଦି ଦେବ, ଅଜ ଓ ସର୍ବବ୍ୟାପକ ।''

ଅର୍ଜୁନ ଭଗବାନ୍ ଶ୍ରୀକୃଷ୍ଣଙ୍କ ଯୋଗସାମର୍ଥ୍ୟ ଓ ବିଭୂତିଗୁଡ଼ିକୁ ବିସ୍ତୃତଭାବେ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ଶ୍ରୀକୃଷ୍ଣ ତାଙ୍କର ସେଇ ଇଚ୍ଛା ପୂର୍ଣ୍ଣ କରିଛନ୍ତି । କିନ୍ତୁ ଏକଥା ସେ ସ୍ପଷ୍ଟ କରି ଦେଇଛନ୍ତି ଯେ ତାଙ୍କର ଦିବ୍ୟ-ବିଭୂତିମାନଙ୍କର ଅନ୍ତ ନାହିଁ (ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ) । ଏହାପରେ ଅର୍ଜୁନ ଶ୍ରୀକୃଷ୍ଣଙ୍କର ଐଶ୍ୱରିକ ରୂପ (ଐଶ୍ୱରଂ ରୂପଂ) ବା ଅବିନାଶୀ (ଅବ୍ୟୟଂ) ସ୍ୱରୂପକୁ ଦେଖିବାକୁ ପ୍ରଗାଢ଼ ଇଚ୍ଛା ପ୍ରକାଶ କରିଛନ୍ତି । ଶ୍ରୀକୃଷ୍ଣ ଅପାର କୃପା କରି ପ୍ରିୟ ଶିଷ୍ୟଙ୍କୁ ନିଜର ଦିବ୍ୟ ବିଶ୍ୱରୂପ ମଧ୍ୟ ଦେଖାଇ ଦେଇଛନ୍ତି ।

ଅର୍ଜୁନ କେତେକ ଆଧ୍ୟାତ୍ମିକ ତତ୍ତ୍ୱର ସରଳ ଅର୍ଥ ବୁଝିବା ଲାଗି ଚାହିଁଛନ୍ତି । କର୍ମସନ୍ନ୍ୟାସ ଓ ସୂକ୍ଷ୍ମତ୍ୟାଗ (subtler renunciation) ମଧ୍ୟରେ ରହିଥିବା ପ୍ରଭେଦ ବିଷୟରେ ସେ ପଚାରିଛନ୍ତି । ଏତଦ୍‌ବ୍ୟତୀତ ପୁରୁଷ ଓ ପ୍ରକୃତି ମଧ୍ୟରେ ତଥା କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟରେ ରହିଥିବା ପ୍ରଭେଦ ମଧ୍ୟ ଜାଣିବା ଲାଗି ତାଙ୍କର ଇଚ୍ଛା ହୋଇଛି । ଭାଗବତ ସଂକଳ୍ପ ଦ୍ୱାରା ପ୍ରେରିତ ହୋଇ ନିଷ୍କାମ କର୍ମ ସାଧନ କଲାବେଳେ ଏସବୁ ଜାଣିବା ନିହାତି ଆବଶ୍ୟକ । ପ୍ରକୃତିର ଗୁଣତ୍ରୟ (ସତ୍ତ୍ୱ, ରଜ, ତମ)ର ବାସ୍ତବ କ୍ରିୟା ଓ ପରିଣାମ ବିଷୟରେ ସେ ପ୍ରଶ୍ନ କରିଛନ୍ତି – କାରଣ ତ୍ରିଗୁଣାତୀତ ହେବା ପାଇଁ ତାଙ୍କୁ ଉପଦେଶ ଦିଆଯାଇଛି । ତିନିପ୍ରକାର ଶ୍ରଦ୍ଧା (ସାତ୍ତ୍ୱିକୀ, ରାଜସୀ ଓ ତାମସୀ) ବିଷୟରେ ମଧ୍ୟ ସେ ଜାଣିବାକୁ ଚାହିଁଛନ୍ତି ।

ଦିବ୍ୟଗୁରୁ ଉଦାର ହୃଦୟରେ ଅପୂର୍ବ ଧୈର୍ଯ୍ୟର ସହ ଶିଷ୍ୟଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେଇଛନ୍ତି । ଶିଷ୍ୟଙ୍କ ପ୍ରତି ଦିବ୍ୟଗୁରୁଙ୍କ ଶ୍ରଦ୍ଧା ଏପରି ଗଭୀର ଯେ ସେ ତାଙ୍କୁ ଖୋଲାଖୋଲି ଭାବେ ''ମୋର ଅତ୍ୟନ୍ତ ପ୍ରିୟ ମିତ୍ର'' (ଇଷ୍ଟୋଽସି ମେ ଦୃଢ଼ମିତି) ବୋଲି ସମ୍ବୋଧନ କରିଛନ୍ତି । ସେଥିପାଇଁ ସେ ତାଙ୍କୁ ସବୁଠୁ ଅତ୍ୟନ୍ତ ଗୋପନୀୟ ସର୍ବୋତ୍କୃଷ୍ଟ ବଚନ (ସର୍ବଗୁହ୍ୟତମଂ ପରମଂ ବଚଃ) ଶୁଣାଇଛନ୍ତି । ତାହା ହେଲା –

''ମନ୍ମନା ଭବ ମଦ୍‌ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ॥''
(୧୮/୬୫)

ଅର୍ଥାତ୍, ''ମୋର ଭକ୍ତ ହୁଅ । ମୋ'ଠାରେ ମନୋନିବେଶ କର, ମୋର ପୂଜକ ହୁଅ ଏବଂ ମୋତେ ନମସ୍କାର କର । ଏପରି କଲେ ମୋତେହିଁ ପ୍ରାପ୍ତ ହେବ । ଏହା ମୁଁ ତୁମ ସମ୍ମୁଖରେ ସତ୍ୟ ପ୍ରତିଜ୍ଞା କରୁଛି, କାରଣ ତୁମେ ମୋର ଅତିପ୍ରିୟ ।''

''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥''
(୧୮/୬୬)

ଅର୍ଥାତ୍, ''ସବୁ ଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ । ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ଚିନ୍ତା କର ନାହିଁ ।''

ଭଗବାନ୍ ଚାହାନ୍ତି, ଅର୍ଜୁନ ସମସ୍ତ ଧର୍ମ ଛାଡ଼ିଦେଇ କେବଳ ଗୋଟିଏ ମାତ୍ର ବ୍ୟାପକ ଓ ବୃହତ୍ ଧର୍ମକୁ ଗ୍ରହଣ କରନ୍ତୁ, ତା' ହେଉଛି ସଚେତନ ଭାବରେ ଭଗବାନଙ୍କ ଭିତରେ ବାସ କରିବା ଓ ସେହି ଚେତନାରେ ରହି ସମସ୍ତ କର୍ମ କରିବା ।

ଅର୍ଜୁନଙ୍କର ସମସ୍ତ ମୋହ ବିନଷ୍ଟ ହୋଇଛି । ସେ ସନ୍ତୁଷ୍ଟ ଚିତ୍ତରେ ଓ ବିନମ୍ରଭାବରେ ଶ୍ରୀକୃଷ୍ଣଙ୍କ ଆଗରେ ପ୍ରକାଶ କରିଛନ୍ତି –

''ନଷ୍ଟୋ ମୋହଃ ସ୍ମୃତିର୍ଲବ୍‌ଧା ତ୍ୱତ୍‌ପ୍ରସାଦାନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ॥''
(୧୮/୭୩)

ଅର୍ଥାତ୍, ''ହେ ଅଚ୍ୟୁତ ! ଆପଣଙ୍କ କୃପାରୁ ମୋର ମୋହ ନଷ୍ଟ ହୋଇଗଲା ଏବଂ ମୁଁ ସ୍ମୃତି ପ୍ରାପ୍ତ ହେଲି । ମୁଁ ସନ୍ଦେହରହିତ ହୋଇ ସ୍ଥିତ ହୋଇଛି । ଏବେ ମୁଁ ଆପଣଙ୍କର ଆଜ୍ଞା ପାଳନ କରିବି ।''

ମହାନ୍ ଗୁରୁଙ୍କର ମହାନ୍ ଶିଷ୍ୟ । ଧୃତରାଷ୍ଟ୍ରଙ୍କର ମନ୍ତ୍ରୀ ସଂଜୟ ଯଥାର୍ଥରେ କହିଛନ୍ତି –

''ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଧରଃ ।
ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ॥''
(୧୮/୭୮)

ଅର୍ଥାତ୍, ''ଯେଉଁଠି ଯୋଗେଶ୍ୱର ଭଗବାନ୍ ଶ୍ରୀକୃଷ୍ଣ ଅଛନ୍ତି ଏବଂ ଯେଉଁଠି ଗାଣ୍ଡୀବଧାରୀ ଅର୍ଜୁନ ଅଛନ୍ତି ସେହିଠାରେହିଁ ଶ୍ରୀ, ବିଜୟ, ବିଭୂତି ଓ ଅଚଳ ନୀତି ରହିଥାଏ – ଏହା ମୋର ମତ ।''

ଶ୍ରୀଅରବିନ୍ଦଙ୍କ ମତରେ ଅର୍ଜୁନ ନିଜର ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଯେଉଁ ମାନସିକ, ନୈତିକ ଓ ଭାବଗତ ମୂଲ୍ୟବୋଧ ସହ ପରିଚିତ ଥିଲେ ତାହା ହଠାତ୍ ଅର୍ଥହୀନ ହୋଇ ପଡ଼ିବାରୁ (collapsed in a sudden bankruptcy) ତାଙ୍କୁ ଏକ ଉଚ୍ଚତର ଚେତନାକୁ ଉଠାଇନେବା ପାଇଁ ଶ୍ରୀକୃଷ୍ଣ ଚେଷ୍ଟା କରିଛନ୍ତି । କର୍ମ ପ୍ରତି ଅଜ୍ଞାନମୟ ଆସକ୍ତିରୁ ଏପରି ଏକ ଅବସ୍ଥାକୁ ଉଠାଇ ନେବାକୁ ଚାହିଛନ୍ତି ଯାହା କର୍ମର ଊର୍ଦ୍ଧ୍ୱରେ ଥିବ ଅଥଚ ଯାହା ସମସ୍ତ କର୍ମକୁ ଜନ୍ମ ଦେଉଥିବ ଓ ନିୟମିତ କରୁଥିବ । ଅହଂର ସୀମାବନ୍ଧନ ଭିତରୁ ଆତ୍ମାର ବିଶାଳତା ଆଡ଼କୁ ନେଇଯିବା ପାଇଁ ସେ ଚାହିଛନ୍ତି । ତାଙ୍କର ପ୍ରିୟ ଶିଷ୍ୟ ମନ, ପ୍ରାଣ ଓ ଦେହଗତ ଜୀବନ ଭିତରୁ ଉଚ୍ଚତର ପ୍ରକୃତି ମଧ୍ୟକୁ ଉଠିଯାଇ ଏକ ବ୍ରାହ୍ମୀସ୍ଥିତିରେ ପ୍ରତିଷ୍ଠିତ ହୁଅନ୍ତୁ, ଏହା ଦିବ୍ୟଗୁରୁଙ୍କ ଆନ୍ତରିକ ଇଚ୍ଛା । ଜୀବନ ଓ କର୍ମ ନିମନ୍ତେ ଏପରି ଏକ ଉଚ୍ଚତର ବିଧାନ ଅର୍ଜୁନଙ୍କୁ ଦିଆଯାଇଛି ଯାହା ସକଳ ବିରୋଧ, ସଂଘର୍ଷ, ବିମୂଢ଼ତା ଓ ଅନିଶ୍ଚିତତାର ଅନ୍ତ ଘଟାଇବ । ଆଧ୍ୟାତ୍ମିକ ଅବସ୍ଥା ଓ ନୈତିକ ପୂର୍ଣ୍ଣତାର ଆଦର୍ଶ ସହିତ ମାନବ-ଜୀବନ ଓ କର୍ମର ଯେଉଁ ଅସଙ୍ଗତି ରହିଛି ତାହା ଆଉ ରହିବ ନାହିଁ । ସେଇ ବିଧାନକୁ ଅନୁସରଣ କରି ଅର୍ଜୁନ କର୍ମ ବନ୍ଧନରୁ ମୁକ୍ତ ହୋଇପାରିବେ ଅଥଚ ଶକ୍ତି, ସାମର୍ଥ୍ୟର ସହ କର୍ମ କରିପାରିବେ ଓ ବିଜୟ ଲାଭ କରିପାରିବେ ।

ପରିଶେଷରେ ଶ୍ରୀଅରବିନ୍ଦ ଗୀତା-ଶିକ୍ଷାର ତିନୋଟି ମହତ୍ତ୍ୱପୂର୍ଣ୍ଣ କଥା ଉପରେ ଗୁରୁତ୍ୱ ଦେଇଛନ୍ତି । ପ୍ରଥମତଃ ଜୀବନରେ କର୍ମ କରିବାକୁହିଁ ହେବ, ଦ୍ୱିତୀୟତଃ ବିଶ୍ୱଜଗତ୍‌କୁ ତା'ର ଗତିଚକ୍ର ପୂର୍ଣ୍ଣ କରିବାକୁ ହେବ ଏବଂ ତୃତୀୟତଃ ମନୁଷ୍ୟ ଯେଉଁ କର୍ମ କରିବା ପାଇଁ ପୃଥିବୀକୁ ଆସିଛି ସେଥିରୁ ଅଜ୍ଞାନବଶତଃ ମୁଖ ଫେରାଇ ନେବ ନାହିଁ, ତାହା ନିଶ୍ଚିତ ଭାବରେ ସମ୍ପାଦନ କରିବ ।

(କ୍ରମଶଃ) ❑

ମଣିଷ ଭିତରେ ରହିଛନ୍ତି ଦୁଇ ପରସ୍ପର ସହଯୋଗୀ ଶକ୍ତି : ଜ୍ଞାନ ଓ ପ୍ରଜ୍ଞା । ଗୋଟିଏ ବିକୃତ ମାଧ୍ୟମ ଦେଇ ଦେଖି ସତ୍ୟର ଯେତିକି ମାତ୍ରାକୁ ମନ ଅଣ୍ଡାଳି ଅଣ୍ଡାଳି ନିରୂପଣ କରିପାରେ, ତାହାହିଁ ଜ୍ଞାନ । ଦିବ୍ୟଦୃଷ୍ଟି ଆତ୍ମା ଜରିଆରେ ଯାହା ଦେଖିପାରେ, ତାହାହିଁ ପ୍ରଜ୍ଞା ।

(Thoughts and Aphorisms) — ଶ୍ରୀଅରବିନ୍ଦ

**ପୃଥିବୀ-ଚେତନା ପାଇଁ ସାଧନା :**

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୬୮)

**୧୫ ଅଗଷ୍ଟ ୧୯୨୬ :**
**(ଅପରାହ୍ଣ)**

ଶ୍ରୀଅରବିନ୍ଦ ନିଜ କକ୍ଷରୁ ବାହାରି ଆସି ନିଜର ଆସନ ଗ୍ରହଣ ପୂର୍ବକ ସମବେତ ଭକ୍ତବୃନ୍ଦଙ୍କୁ ଯେଉଁ ସବୁ ଗଭୀର ତତ୍ତ୍ୱମୂଳକ କଥା କହିଥିଲେ, ସେଥିରୁ କିଛିର ମର୍ମାନୁବାଦ :

''ଆଜି ମୁଁ ୧୫ ଅଗଷ୍ଟ ସମ୍ବନ୍ଧେ କେତୋଟି କଥା କହିବି । ଏଇ କିଛିଦିନ ପୂର୍ବରୁ ମୋତେ ଗୋଟିଏ ପ୍ରଶ୍ନ ଏହି ଦିବସଟି ପାଳନ ସମ୍ବନ୍ଧେ ପଚରା ଯାଇଥିଲା ଏବଂ ମୁଁ ନାସ୍ତିବାଚକ ଉତ୍ତର ଦେଇଥିଲି, କାରଣ ଏହି ଦିନଟି ସମ୍ବନ୍ଧରେ ମାନସକୃତ ଓ ପରମ୍ପରାଗତ କେତେକ ଧାରଣା ବା ମନୋଭାବକୁ ଦୂର କରିବା ଉଦ୍ଦେଶ୍ୟରେ ମୁଁ ସେପରି ଉତ୍ତର ଦେଇଥିଲି ।

''ବର୍ତ୍ତମାନ ଏହି ଦିନଟିର ଅସ୍ତିବାଚକ ଦିଗଟି ସମ୍ବନ୍ଧରେ କିଛି କହିବି । ଯଦି ଏହି ଦିଗଟି ନଥା'ନ୍ତା, ତେବେ ଏହି ଦିନଟିକୁ ପାଳନ କରିବାର କୌଣସି ଆବଶ୍ୟକତା ବି ନଥିଲା । କେତେକ ଅତ୍ୟନ୍ତ ସୁସ୍ପଷ୍ଟ କାରଣ ଯୋଗୁଁ ଏହି ଦିନଟିର ବ୍ୟକ୍ତିଗତ ଦିଗଟି ସମ୍ବନ୍ଧରେ ମୁଁ କିଛି କହୁ ନାହିଁ । କିନ୍ତୁ ଯୋଗ-ସାଧନା ଦୃଷ୍ଟିରୁ ଏବଂ ସାଧନାର ଲକ୍ଷ୍ୟ ସମ୍ବନ୍ଧେ ଆମର ଯେଉଁ ସାମୂହିକ ଦୃଷ୍ଟିଭଙ୍ଗୀ ରହିଛି, ସେହି ଦୃଷ୍ଟିରୁ ଏହାର ତାତ୍ପର୍ଯ୍ୟ କ'ଣ ହୋଇପାରେ ଏବଂ କ'ଣ ରହିବା ଉଚିତ ସେ ସମ୍ବନ୍ଧରେ ସାଧାରଣ ଭାବରେ କିଛି କହିବି ।

''ଆମର ସେଇ ଲକ୍ଷ୍ୟଟି କ'ଣ ? ସେଇ ଯୋଗ-ସାଧନାଟି କ'ଣ ? ଏହି ମୂଳ ବିଷୟଟି ସମ୍ବନ୍ଧେ ତୁମମାନଙ୍କର ଊଣାଧିକେ କିଛି ଧାରଣା ରହିଛି ସତ, କିନ୍ତୁ ସବିଶେଷ ଜ୍ଞାନ ନାହିଁ । ସେହି ମୂଳ ବିଷୟଟି ହେଉଛି ଏକ ଦିବ୍ୟ-ଚେତନା, ଏକ ଦିବ୍ୟ-ଶକ୍ତି, ଏକ ଦିବ୍ୟ-ଜ୍ୟୋତିଃ ଏବଂ ବାସ୍ତବ ରୂପେ ଏକ ଦିବ୍ୟ-ପରମସତ୍ତା – ଏସବୁକୁ ନିମ୍ନକୁ ଅର୍ଥାତ୍ ପୃଥିବୀପୃଷ୍ଠକୁ ଅବତରଣ କରାଇ ଆଣିବା – ଏସବୁ ଦିବ୍ୟ-ବିଭାବ ଯାହାକି ପୃଥିବୀପୃଷ୍ଠରେ ସାଧାରଣ ମଣିଷଙ୍କର ପ୍ରବୃତ୍ତିସବୁର ପରିତୁଷ୍ଟି ନିମନ୍ତେ ବ୍ୟବହୃତ ଚେତନାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏବଂ ଏହିସବୁ ଦିବ୍ୟ-ବିଭାବ ପାର୍ଥିବ ଚେତନାକୁ ଊର୍ଦ୍ଧ୍ୱମୁଖୀ କରାଇ ପୃଥିବୀର ସବୁକିଛିକୁ ସମ୍ପୂର୍ଣ୍ଣ ରୂପେ ରୂପାନ୍ତରିତ କରିବ – ଏହା ବିଧିନିର୍ଦ୍ଦିଷ୍ଟ । ପରମେଶ୍ୱରଙ୍କର ସିଦ୍ଧାନ୍ତ ବ୍ୟତୀତ ଏହା କେବେ ବି କାର୍ଯ୍ୟରେ ପରିଣତ ହୋଇ ପାରିବ ନାହିଁ । କିନ୍ତୁ ଏକଥା ବି ସତ୍ୟ ଯେ ଏହା କେବେ ବି ପୂର୍ଣ୍ଣାଙ୍ଗ ଭାବରେ କାର୍ଯ୍ୟରେ ପରିଣତ ହୋଇ ପାରିବ ନାହିଁ ଯେପର୍ଯ୍ୟନ୍ତ ପାର୍ଥିବ ଚେତନାର କିଛି ଅଂଶ, ଏହି ଚେତନାରେ ଅବଗାହନ କରୁଥିବା ଅନ୍ତତଃପକ୍ଷେ, କତିପୟ ବ୍ୟକ୍ତି ସେହି ଊର୍ଦ୍ଧ୍ୱଲୋକରୁ ଅବତରି ଆସୁଥିବା ଦିବ୍ୟ-ବିଭାବ ସକଳକୁ ଗ୍ରହଣ କରିବା ନିମିତ୍ତ ପ୍ରସ୍ତୁତ ନ ହୋଇଛନ୍ତି । ଆଉ ଯେତେବେଳେ ସେହି କତିପୟ ବ୍ୟକ୍ତି ସର୍ବାନ୍ତଃକରଣରେ ସଙ୍କଳ୍ପବଦ୍ଧ ହୋଇ, ସଦାପ୍ରସ୍ତୁତ ରହି ସେହି ଦିବ୍ୟ-ବିଭାବସକଳକୁ ପୃଥିବୀପୃଷ୍ଠକୁ ଅବତରି ଆସୁଥିବା ମୁହୂର୍ତ୍ତରେ ଧାରଣ କରି ନିଅନ୍ତି, ସେତେବେଳେ ଏହା ସ୍ଥାୟୀ ରୂପେ ସେମାନଙ୍କ ସହିତ ରହିଯିବ ।

''କିନ୍ତୁ ଆମେମାନେ ଏହି ଦିନଟିକୁ ଏକ ବିଶେଷ ଗୁରୁତ୍ୱ ଦେଇ ଆସୁଛୁ ଏବଂ ଏହା ନ୍ୟାୟସଙ୍ଗତ ହୋଇଉଠିବ ଯଦି ଏହି ଦିନଟି ପ୍ରତୀକାତ୍ମକ ଭାବରେ ଉପରୋକ୍ତ ଯେଉଁ ଦିବ୍ୟ-ସତ୍ୟକୁ ପରିପ୍ରକାଶ କରୁଛି, ସେହି ଚେତନାରେ ଅବଗାହନ କରୁ । ତା'ହେଲେ ଏହି ଦିନଟିକୁ ଆମେମାନେ ବ୍ୟକ୍ତିଗତ ତଥା ସାମୂହିକ ଉନ୍ନତି ସାଧନର ଏକ ଦୃଢ଼ନିଶ୍ଚିତ ଅବସ୍ଥା ରୂପେ ସୂଚିତ କରିପାରୁ । ଏହି ଦିନଟି ଆତ୍ମୋତ୍ସର୍ଗର, ଆତ୍ମ-ନିରୀକ୍ଷଣର ଏବଂ ଭବିଷ୍ୟତ୍ ଅଗ୍ରଗତିର ପ୍ରସ୍ତୁତି ପର୍ବର ଏକ ଦିନ ହୋଇଉଠିବା ଉଚିତ; ଯଦି ସମ୍ଭବ ହୁଏ ଭବିଷ୍ୟତ୍ ଅଗ୍ରଗତିର ଧାରାକୁ ଅବିରତ ବଜାୟ ରଖିବା ସକାଶେ ଏହି ଦିନଟିରେ ଯେଉଁ ସ୍ୱତନ୍ତ୍ର ଦିବ୍ୟଶକ୍ତିର ଅବତରଣ ଘଟେ, ତା' ପ୍ରତି ଗ୍ରହଣଶୀଳ ହୋଇ ରହିବାର ଏକ ଦିନ ହୋଇଉଠିବା ଉଚିତ ।*

* ୧୫ ଅଗଷ୍ଟ ୧୯୫୬ରେ ଶ୍ରୀମା ତାଙ୍କର 'ପ୍ରଶ୍ନୋତ୍ତର' କ୍ଲାସରେ ଉଲ୍ଲେଖ କରିଥିଲେ : ''ଯେତେବେଳେ ଶ୍ରୀଅରବିନ୍ଦ ଦର୍ଶନ
*(ପରପୃଷ୍ଠାରେ ଅବଶିଷ୍ଟାଂଶ)*

ଏହା କେବଳ ସେତିକିବେଳେ କାର୍ଯ୍ୟରେ ପରିଣତ କରାଯାଇପାରେ, ଯେତେବେଳେ ପ୍ରତ୍ୟେକେ ବ୍ୟକ୍ତିଗତ ଭାବରେ ଏହି ଦିନ ଯଥାର୍ଥ ମନୋଭାବ ନେଇ ଉପଯୁକ୍ତ ବାତାବରଣ ସୃଷ୍ଟି କରି ଆନ୍ତରିକ ଭାବରେ ସେହି ବାତାବରଣରେ ଅବଗାହନ କରିବେ ।

''ଏଠାରେ ଆମେମାନେହିଁ ଏହି ଦିନଟିକୁ ଦୃଢ଼ତାର ସହିତ ଏକ ନିର୍ଣ୍ଣୟାତ୍ମକ ଦିବସ ରୂପେ ଗ୍ରହଣ କରିପାରୁ ଏବଂ ଆମେମାନେହିଁ ଏହାର ପରିପୂର୍ଣ୍ଣତା ସକାଶେ ସାହାଯ୍ୟ କରିପାରୁ ।

''ତେଣୁ ଏହି ଦିବସଟି ନିମିତ୍ତ ପୂର୍ବ-ପ୍ରସ୍ତୁତି ସକାଶେ ନିଜକୁ ଉତ୍ସର୍ଗୀକୃତ କରି ରଖିବା ଉଚିତ, ଏବଂ ଅନ୍ତର୍ମୁଖୀ ହୋଇ ଅତୀତରେ ଆମେ କେତେ ଦୂର ଅଗ୍ରଗତି କରି ଆସିଛୁ, ଆମ ଭିତରେ କେତେ ପ୍ରସ୍ତୁତି ହୋଇଛି, କ'ଣ ସବୁ ଏବେ ବି ପରିବର୍ତ୍ତିତ ହୋଇ ନାହିଁ କିନ୍ତୁ ପରିବର୍ତ୍ତିତ ହେବା ଉଚିତ, ଆମ ଚେତନାର ଆଢୁଆଳରେ କେଉଁ ସବୁ ଅଂଶ ଏବେ ବି ରହିଛି, ଯାହାକି ପରିପୂର୍ଣ୍ଣ ରୂପାନ୍ତର ନିମିତ୍ତ ଅପେକ୍ଷାରେ ରହିଛି; କ'ଣ ସବୁ ଏବେ ପ୍ରତିରୋଧ ସୃଷ୍ଟି କରୁଛି, କ'ଣ ସବୁ ଏବେ ବି ଅସ୍ପଷ୍ଟ ବା ଉପେକ୍ଷିତ ରହିଛି – ଏସବୁକୁ ଆନ୍ତରିକତାର ସହିତ ନିରୀକ୍ଷଣ କରିବା ଉଚିତ । ଆମ ଭିତରେ ଆବଶ୍ୟକୀୟ ପରିବର୍ତ୍ତନ ନିମିତ୍ତ ଦିବ୍ୟଶକ୍ତିକୁ ନିଜ ମଧ୍ୟକୁ ଆହ୍ୱାନ କରିବା ସକାଶେ ଏକ ଆସ୍ପୃହା ରହିବା ଉଚିତ ।

''ଆମେ ଯଦି ବାହ୍ୟ ଗତିବିଧିରେ ନିଜକୁ ନିୟୋଜିତ କରୁ, ତେବେ ଆନ୍ତର ଅଗ୍ରଗତି ନିମିତ୍ତ କିଛି ବି କରିପାରିବୁ ନାହିଁ ।... ସମସ୍ତ ପ୍ରଚଳିତ ଗତାନୁଗତିକ ଉତ୍ସବ ପାଳନାଦି କ୍ରିୟାକଳାପ ଆମର ଆନ୍ତର ଓ ବାହ୍ୟ ଅଗ୍ରଗତି ନିମନ୍ତେ ବ୍ୟବହୃତ ହେବା ଉଚିତ, ସବୁକିଛି ବାହ୍ୟ ଗତିବିଧି ଆନ୍ତର ସତ୍ତାର ଉପାନ୍ତରେ ପାଳିତ ହେବା ଉଚିତ ।

''ତୁମେମାନେ ସକାଳେ ମୋତେ ସାକ୍ଷାତ୍ କରିବାକୁ ଆସିବା ବେଳେ ଚିରାଚରିତ ଉତ୍ସବ ପାଳନର ପୂର୍ତ୍ତି ନିମନ୍ତେ ଆସିବା ଉଚିତ ନୁହେଁ, ବରଂ କିଛି ଗ୍ରହଣ କରିବା ଉଦ୍ଦେଶ୍ୟରେ ଆତ୍ମା ଓ ମନୋବୃତ୍ତି ସକଳର ପ୍ରସ୍ତୁତି ନେଇହିଁ ଆସିବା ଉଚିତ । ଏବେ ତୁମେମାନେ ଯଦି ମୋର ବକ୍ତବ୍ୟକୁ ଅନ୍ତର୍ମୁଖୀ ହୋଇ ଗଭୀର ମନୋଯୋଗ ପୂର୍ବକ ଶ୍ରବଣ ନକର, ଏବଂ ଯଦି ଏହା କେବଳ ତୁମମାନଙ୍କର ମାନସିକ କୌତୂହଳକୁ ସ୍ପର୍ଶ କରେ ଏବଂ ସେଇଥିରେହିଁ ତୁମେମାନେ ସନ୍ତୁଷ୍ଟ ରୁହ, ତେବେ ମୋର ନୀରବ ରହିବା ଭଲ । ପକ୍ଷାନ୍ତରେ, ଯଦି ମୋର ବକ୍ତବ୍ୟ ତୁମମାନଙ୍କର ଆନ୍ତର ସତ୍ତାର କୌଣସି ଏକ ଅଂଶକୁ, ତୁମମାନଙ୍କର ଆତ୍ମାକୁ ସ୍ପର୍ଶ କରୁଥାଏ, ତା'ହେଲେ କେବଳ ଏହି ଦିନଟିର ଏକ ଉପଯୋଗିତା ବା ଏକ ଉଦ୍ଦେଶ୍ୟ ରହିଛି । ଏବଂ ଆଜି ଦିନର ସମବେତ ଧ୍ୟାନ ମଧ୍ୟ ଏପରି ଏକ ଅଭିଳଷିତ ପରିବେଶରେ ଓ ସ୍ଥିତିରେ କରାଯିବା ଉଚିତ ଯଦ୍ଦ୍ୱାରା ପ୍ରତ୍ୟେକେ ନିଜ ଭିତରେ ସୁସ୍ପଷ୍ଟ ଭାବରେ କୌଣସି ନିର୍ଣ୍ଣୟାତ୍ମକ ଅବତରଣ ଘଟୁଥିବାର ଅନୁଭୂତି ନପାଉ ଥିଲେ ମଧ୍ୟ କୌଣସି କିଛିର ଅନୁପ୍ରବେଶ ଘଟୁଥିବାର ନିଶ୍ଚୟ ଅନୁଭୂତି ଲାଭ ହେବ, ଯାହାର ଫଳାଫଳ ପରେ ଅନୁଭୂତ ହେବ ।

''ଆମର ଯୋଗ-ସାଧନା ଦୃଷ୍ଟିରୁ ଏହାହିଁ ହେଉଛି ୧୫ ଅଗଷ୍ଟର ଏକ ତାତ୍ପର୍ଯ୍ୟ । ଅନ୍ୟଟି ହେଉଛି ନିଜସ୍ୱ ସାଧନସବୁର ସମୀକ୍ଷା, ଆତ୍ମ-ବିଶ୍ଳେଷଣ ବା ଆତ୍ମ-ନିରୀକ୍ଷଣ – କେଉଁ ସ୍ଥିତିରେ ରହିଛ, କେତେଦୂର ପର୍ଯ୍ୟନ୍ତ ଅଗ୍ରଗତି କରିଛ... । ଏହି ପ୍ରଚେଷ୍ଟା ନିମିତ୍ତ କେତୋଟି ଅତ୍ୟାବଶ୍ୟକ ସର୍ତ୍ତ ସ୍ମରଣରେ ରଖିବା ଉଚିତ – ପ୍ରଥମେ ମନ ଦ୍ୱାରା ବୁଝିବା ଉଚିତ ।

''ପ୍ରଥମତଃ, କାହିଁକି ଅନ୍ୟାନ୍ୟ ଯୋଗର ଯେଉଁଠି ପରିସମାପ୍ତି ବା ଯାହା ଚରମ ଲକ୍ଷ୍ୟ, ତାହା ଆମ ଯୋଗର ଆରମ୍ଭ ମାତ୍ର, ପ୍ରାଥମିକ ଅବସ୍ଥା ମାତ୍ର ।...

''ଦ୍ୱିତୀୟ ସର୍ତ୍ତଟି ହେଉଛି ଯେ କିଛି ବି ସମ୍ପୂର୍ଣ୍ଣ ରୂପେ ନିର୍ଭୁଲ ଭାବରେ କରି ପାରିଛୁ ବୋଲି କହିପାରିବୁ ନାହିଁ ଯେତେବେଳ ପର୍ଯ୍ୟନ୍ତ ସବୁକିଛିକୁ ନିର୍ଭୁଲ ଭାବରେ ନକରି ପାରିଛୁ । ଆମ ସତ୍ତାର କୌଣସି ଅଂଶ ସ୍ଥାୟୀ ରୂପେ ରୂପାନ୍ତରିତ

*(ପୂର୍ବପୃଷ୍ଠାର ଅବଶିଷ୍ଟାଂଶ)*

ଦେଉଥିଲେ, ସେ ଦର୍ଶନ ଦେବା ପୂର୍ବରୁ ନିର୍ଦ୍ଦିଷ୍ଟ କେତୋଟି ଶକ୍ତିର ଅଥବା କୌଣସି ଏକ ନିର୍ଦ୍ଦିଷ୍ଟ ଉପଲବ୍ଧିର ସର୍ବଦା ସଂକେନ୍ଦ୍ରଣ ହେଉଥିଲା, ଯାହାକୁ ସେ ଦର୍ଶନାର୍ଥୀମାନଙ୍କୁ ଦେବାଲାଗି ଇଚ୍ଛା କରୁଥିଲେ । ତେଣୁ ପ୍ରତ୍ୟେକ ଦର୍ଶନ ଅଗ୍ରଗତିର ପଥରେ ଗୋଟିଏ ସୋପାନ ପରି କାର୍ଯ୍ୟ କରୁଥିଲା; ପ୍ରତ୍ୟେକ ଥର ପୂର୍ବଟି ସହିତ କିଛି ଅଧିକ କଥା ଆସି ଯୁକ୍ତ ହେଉଥିଲା ।... ମାତ୍ର ବର୍ତ୍ତମାନ ଏହି ବିଶେଷ ସଂକେନ୍ଦ୍ରଣଟି ଅନ୍ୟ ସମୟରେ ଘଟୁଛି;... ଅଧିକ ମୁହୁର୍ମୁହୁଃ ଭାବରେ ଘଟୁଛି ।...''

ହେବା ପୂର୍ବରୁ ଆମକୁ ଆମର ସମଗ୍ର ସତ୍ତାକୁ ରୂପାନ୍ତରିତ କରିବାକୁ ହେବ ।...

''ତୃତୀୟ ସର୍ତ୍ତଟି ସ୍ମରଣରେ ରଖିବା ଉଚିତ ଯେ ଯଦି ଆମର ସବୁକିଛିର ରୂପାନ୍ତର ଘଟିବ, ତେବେ ଯେଉଁ ପରମସତ୍ୟ ପ୍ରତି ଆମେ ଉନ୍ମୁକ୍ତ ରହିଛୁ, ଆମର ସର୍ବାନ୍ତଃକରଣରେ ବିନା ସର୍ତ୍ତରେ ସେଇଟି ପ୍ରତି ପୂର୍ଣ୍ଣ ଆତ୍ମ-ସମର୍ପଣର ଭାବ ସର୍ବଦା ରହିଥିବ ।

''ତେଣୁ ପୁରାତନ ପ୍ରଥାପ୍ରସୂତ ଚିନ୍ତାଧାରା ଏବଂ ସାଧାରଣ ମଣିଷଙ୍କ ସଦୃଶ କ୍ରିୟାକଳାପ, ଆଚାର ବ୍ୟବହାର ସହିତ ଆମର ଅଭିନବ ଜୀବନଧାରାରେ କୌଣସି ଆପୋଷ ସମାଧାନ କଲେ ଚଳିବ ନାହିଁ — ଯଦି ଆମ ଭିତରେ ଏସବୁ ନିମିତ୍ତ କୌଣସି କିଛି ଏବେ ବି ବସାବାନ୍ଧି ରହିଥାଏ, ତେବେ ଏଥିରୁ ପ୍ରମାଣିତ ହେବ ଯେ ଆମେ ସେହି ପରମସତ୍ୟକୁ ଯଥାର୍ଥ ଭାବରେ ଏବେ ବି ଗ୍ରହଣ କରିପାରି ନାହୁଁ ଏବଂ ତା'ହେଲେ ପୁନର୍ବାର ଆମେ ସେହି ତ୍ରୁଟି କରି ବସିବା, ପୂର୍ବର ସେଇ ଆଂଶିକ ସିଦ୍ଧି, ଆଂଶିକ ରୂପାନ୍ତର ସାଧନ — ଅଜ୍ଞାନତାର ତୁଷ୍ଟିକରଣ ନିମିତ୍ତ ଆମେ କେବେ ବି ପ୍ରଶ୍ରୟ ଦେବା ଉଚିତ ନୁହେଁ; ଆମ ସକାଶେ ସତ୍ୟ ଓ ଅସତ୍ୟ ଭିତରେ, ପରମେଶ୍ୱର ଏବଂ ନିମ୍ନପ୍ରକୃତି ଭିତରେ କୌଣସି ଆପୋଷ ସମାଧାନ ରହିବ ନାହିଁ ।

''ଏହି ସର୍ତ୍ତସବୁକୁ ସ୍ମରଣରେ ରଖିହିଁ ଆମେ ଆମର ନିଜସ୍ୱ ସାଧନାର ସମୀକ୍ଷା କରିପାରିବୁ । ଲକ୍ଷ୍ୟ ରଖିବୁ ଆମକୁ ଅଗ୍ରସର ନିମିତ୍ତ କ'ଣ ସବୁ ସାଧନ କରିବାକୁ ହେବ, ନୈରାଶ୍ୟବାଦର ମନୋଭାବ ନେଇ ନୁହେଁ, କାରଣ ପଥଟି ଦୀର୍ଘ ଏବଂ ଆୟାସସାଧ୍ୟ ଏବଂ କୌଣସି ଏକ ଅଲୌକିକ କ୍ରିୟା ବଳରେ ଏସବୁ ତୁରନ୍ତ କରାଯାଇ ପାରିବ ନାହିଁ — ଏହା କେବଳ ଏକ ବ୍ୟାପକ ଓ ସମ୍ପୂର୍ଣ୍ଣ ଯତ୍ନର ସହିତ କ୍ରମୋନ୍ନତି ପୂର୍ବକ ସାଧନ କରାଯାଇପାରିବ ।

''ପ୍ରତ୍ୟେକଟି ପଦକ୍ଷେପ ହେଉଛି ନିଶାଣ ଓ ପ୍ରୋତ୍ସାହନର ସଙ୍କେତ ସ୍ୱରୂପ, ନୂତନ ଜଗତ୍ ଅଭିମୁଖରେ ଏକ ପଦକ୍ଷେପ । ଗୋଟିଏ ଦିଗରେ ଆସନ୍ନ ସିଦ୍ଧିଲାଭ ସକାଶେ ଦୃଢ଼ ସଂକଳ୍ପ ଓ ତୀବ୍ର ଉତ୍ସାହ-ଉଦ୍ଦୀପନାରେ କୌଣସି ଊଣା ନଥିବ, ଅନ୍ୟ ଦିଗରେ କୌଣସି ସତ୍ୱର ଅସ୍ଥିରତା କିଂବା ଅବସାଦ ନଥିବ, କିନ୍ତୁ ଦିବ୍ୟ-ସଂକଳ୍ପ ପ୍ରତି ରହିଥିବ ସ୍ଥିର ନିଶ୍ଚୟତା — 'ଏହି ସାଧନା ଆମମାନଙ୍କ ଦ୍ୱାରାହିଁ ସିଦ୍ଧିପ୍ରାପ୍ତ ହେବ' — ଏହି ମନୋଭାବର ଏକ ସ୍ଥିର ସଂକଳ୍ପ ସହିତ ଏକ ଆସ୍ପୃହା ରହିଥିବ ଯେ 'ଭଗବତ୍ କୃପା ଆମମାନଙ୍କ ସକାଶେ ଏହା ସମ୍ପାଦନ କରିବେ ଯଦ୍ଦ୍ୱାରା ଏହା ସମଗ୍ର ପୃଥିବୀ ସକାଶେ ସମ୍ପାଦିତ ହୋଇଉଠିବ ।' ''

('ସାନ୍ଧ୍ୟ-ବୈଠକ'ର ଆଲୋଚନାରୁ କିଛି)

***ଶିଷ୍ୟ :*** *ବର୍ତ୍ତମାନର ସାଧାରଣ ପରିସ୍ଥିତି ବା ଅବସ୍ଥା ଦୃଷ୍ଟିରୁ ଆପଣ ଆପଣଙ୍କର ପ୍ରଚେଷ୍ଟାରେ ସଫଳତା ସମ୍ବନ୍ଧେ ଦୃଢ଼ ନିଶ୍ଚିତ କି ?*

**ଶ୍ରୀଅରବିନ୍ଦ :** ମୁଁ ନିଶ୍ଚିତ ଏବଂ ନିଶ୍ଚିତ ବି ନୁହେଁ ।

***ଶିଷ୍ୟ :*** *କାହିଁକି ?*

**ଶ୍ରୀଅରବିନ୍ଦ :** ମୁଁ ନୈତିକ ଦୃଷ୍ଟିରୁ (morally) ନିଶ୍ଚିତ ବୋଲି କହିପାରେ କିନ୍ତୁ ବାସ୍ତବ ପକ୍ଷେ (practically) ନିଶ୍ଚିତ ନୁହେଁ । ବ୍ୟାବହାରିକ ଦୃଷ୍ଟିରୁ ଏଇଥି ପାଇଁ ନିଶ୍ଚିତ ନୁହେଁ କାରଣ ଭୌତିକ ଜଗତର ଏଥିନିମିତ୍ତ କୌଣସି ଅନୁଚିନ୍ତା ନାହିଁ, ଭାବନାଶୂନ୍ୟ (unrepentant) । ପ୍ରଧାନ ବାଧାଟି ରହିଛି ଯାହାକି ଅନତିକ୍ରମ୍ୟ ବୋଲି ପ୍ରମାଣ କରାଏ, ତା' ହେଉଛି ଭୌତିକ ଜଗତର ପ୍ରତିରୋଧ ।

***ଶିଷ୍ୟ :*** *'ଭାବନାଶୂନ୍ୟ' କହିଲେ ଆପଣ କ'ଣ ସୂଚାଉଛନ୍ତି ?*

**ଶ୍ରୀଅରବିନ୍ଦ :** ମୋର କହିବାର ତାତ୍ପର୍ଯ୍ୟ ହେଉଛି ଭଗବାନଙ୍କ ସକାଶେ ଅଥବା ଦିବ୍ୟ-ଜୀବନ ସକାଶେ ଭୌତିକ ଜଗତର ଘୁଣାକ୍ଷରରେ ଆଗ୍ରହ ନାହିଁ; ଏଥି ନିମିତ୍ତ ତା'ର ପରବାୟ ନାହିଁ ।

*

***ଶିଷ୍ୟ :*** *ଆପଣ 'ନୈତିକ' ଦୃଷ୍ଟିରୁ କେମିତି ନିଶ୍ଚିତ ?*

**ଶ୍ରୀଅରବିନ୍ଦ :** କାରଣ ମୁଁ ଲକ୍ଷ୍ୟ କରୁଛି ଭୌତିକ ଶରୀର ମଧ୍ୟକୁ ଊର୍ଦ୍ଧ୍ୱରୁ ଅଧିକରୁ ଅଧିକ ଦିବ୍ୟଶକ୍ତି ଅବତରି ଆସୁଛି ଏବଂ ଶାରୀର ସତ୍ତା ଜାଗ୍ରତ୍ ହୋଇ ଉଠୁଥିବାର ସୂଚନା ଦେଉଛି ।

*

***ଶିଷ୍ୟ :*** *ଧରନ୍ତୁ, ଯଦି ଭୌତିକ ସତ୍ତା (material being) ପରିବର୍ତ୍ତନ ବିମୁଖ ରହେ ?*

**ଶ୍ରୀଅରବିନ୍ଦ :** ତା'ହେଲେ ଏହା ହୋଇଉଠିବ ଏକ ଅନତିକ୍ରମ୍ୟ ବାଧା ।

***ଶିଷ୍ୟ : ଆମର ପ୍ରଚେଷ୍ଟାର ସଫଳତା ସକାଶେ ଭୌତିକ ଜଗତର ଏହି ବିରୋଧ ବ୍ୟତୀତ କ'ଣ ଅନ୍ୟ କୌଣସି ବାଧା ନାହିଁ ?***

**ଶ୍ରୀଅରବିନ୍ଦ :** ନା, ବାସ୍ତବ ପକ୍ଷେ ଅନ୍ୟ କିଛି ନାହିଁ ।

***ଶିଷ୍ୟ : ଏହା କ'ଣ ବୁଝାଉଛି ଯେ ଆସୁରିକ ଶକ୍ତିଗୁଡ଼ିକଠାରୁ କୌଣସି ବାଧା ଆସିବ ନାହିଁ ? ମୋର କହିବାର ଅର୍ଥ ଆସୁରିକ ପ୍ରାଣ-ଜଗତରୁ ଆସୁଥିବା ବାଧା ନୁହେଁ, କିନ୍ତୁ ଭୌତିକ ଜଗତର ପଶ୍ଚାତରେ ଥିବା ଆସୁରିକ ଶକ୍ତିଙ୍କ ବାଧା ।***

**ଶ୍ରୀଅରବିନ୍ଦ :** ହଁ, ଜଡ଼ଜଗତର ବାଧାସବୁ ତା' ପଶ୍ଚାତରେ ଥିବା ଆସୁରିକ ଶକ୍ତିଙ୍କଠାରୁହିଁ ଆସିଥାଏ । କିନ୍ତୁ ଯଦି ଜଡ଼ଜଗତ ନିଜେ ଉର୍ଦ୍ଧ୍ୱତର ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଉଠେ, ତେବେ ତା' ପଶ୍ଚାତରେ ଥିବା ଆସୁରିକ ଶକ୍ତିସବୁର କୌଣସି ପ୍ରଭାବ ପଡ଼ିବ ନାହିଁ । ମୋର କହିବାର ତାତ୍ପର୍ଯ୍ୟ ହେଉଛି ଆସୁରିକ ଶକ୍ତିଗୁଡ଼ିକଠାରୁ ବାଧା ଯେ ଆସିବ ନାହିଁ, ତା' ନୁହେଁ, କିନ୍ତୁ ସେସବୁର ଗୁରୁତ୍ୱ ଗୌଣ ହୋଇଉଠିବ ।

***ଶିଷ୍ୟ : ଏହିସବୁ ପ୍ରତିବନ୍ଧକକୁ ଜୟ କରିବାକୁ ହେଲେ କେଉଁ ଧରଣର ସର୍ତ୍ତାବଳିକୁ ପୂର୍ଣ୍ଣ କରିବାକୁ ହେବ ଏବଂ ସେସବୁକୁ ପରିପୂର୍ଣ୍ଣ କରିବା ସକାଶେ ଆମମାନଙ୍କର କିଛି ଦାୟିତ୍ୱ ଅଛି କି ?***

**ଶ୍ରୀଅରବିନ୍ଦ :** ସର୍ତ୍ତାବଳି ? ମୁଁ କହିପାରେ ଯେ ସେସବୁଠାରୁ ଅଧିକ କିଛି – (କ୍ଷଣକ ପରେ) ଯଦି ମୁଁ ସେସବୁ କଥା କହେ, ତୁମେମାନେ ବୁଝି ପାରିବ ନାହିଁ ।

***ଶିଷ୍ୟ : ଆପଣ କୁହନ୍ତୁ, ଆମେ ଶୁଣିବା; ବୁଝିବାକୁ ଚେଷ୍ଟା କରିବା ।***

**ଶ୍ରୀଅରବିନ୍ଦ :** ତା'ହେଲେ ଶୁଣ । ସର୍ତ୍ତଟି ହେଉଛି 'ଦେବଗଣଙ୍କର ଲୋକ' ସହିତ ଯଦି ମଣିଷ ପ୍ରତ୍ୟକ୍ଷ ସଂଯୋଗ ସ୍ଥାପନ କରିପାରେ – ତା'ହେଲେ ଏହା ସମ୍ଭବ ।

***ଶିଷ୍ୟ : ମୁଁ କିଛି ବୁଝିପାରୁନି, ଯଦି ପ୍ରତିଟି ଶବ୍ଦକୁ ଆପଣ ବ୍ୟାଖ୍ୟା ନ କରନ୍ତି !***

**ଶ୍ରୀଅରବିନ୍ଦ :** ତେଣୁ ମୁଁ କହିଥିଲି, ତୁମେମାନେ ବୁଝିପାରିବ ନାହିଁ ।

***ଶିଷ୍ୟ : ଆପଣ 'ଦେବଗଣ' କହିଲେ ନିମ୍ନସ୍ତରର ଦେବତା ନା ଉର୍ଦ୍ଧ୍ୱତର ଦେବତାଙ୍କ କଥା କହୁଛନ୍ତି ?***

**ଶ୍ରୀଅରବିନ୍ଦ :** ମୋର କହିବାର ଅର୍ଥ ସର୍ବଶକ୍ତିମାନ୍ ଈଶ୍ୱରଗଣଙ୍କର ନିବାସସ୍ଥଳ 'ଦେବଲୋକ', କୌଣସି ପ୍ରାଣିକ ଦେବତାଗଣ ବା ମାନସିକ ଦେବତାଗଣ ନୁହନ୍ତି ।...

(Evening Talks, p. 525-530)

[ପ୍ରକାଶ ଥାଉକି, ଉପରୋକ୍ତ ଭାବରେ ୧୫ ଅଗଷ୍ଟ ପାଳନର ପରିସମାପ୍ତି ଏହି ୧୯୨୬ରେହିଁ ଘଟିଥିଲା ।]

*

ପରିଶେଷରେ –

***ଶ୍ରୀମା'ଙ୍କୁ ପ୍ରଶ୍ନ : ମାଆ, କାଥୋଲିକ୍ ସମ୍ପ୍ରଦାୟରେ ଯାହାକୁ ଭର୍ଜିନ୍ ମେରୀଙ୍କର ସଶରୀରେ ସ୍ୱର୍ଗାରୋହଣ (Feast of the Assumption) ବୋଲି କୁହାଯାଏ, ଶ୍ରୀଅରବିନ୍ଦଙ୍କର ଜନ୍ମ ତାରିଖଟି ସହିତ ତା'ର କୌଣସି ସମ୍ବନ୍ଧ ଅଛି କି ?***

**ଶ୍ରୀମା :** ହଁ, ଶ୍ରୀଅରବିନ୍ଦ ସ୍ୱୟଂ ଏକଥା କହିଛନ୍ତି । ମେରୀଙ୍କର ସଶରୀରେ ସ୍ୱର୍ଗରେ ପ୍ରବେଶଲାଭର ତାତ୍ପର୍ଯ୍ୟ ହେଉଛି ଜଡ଼ର ଦିବ୍ୟତା ପ୍ରାପ୍ତି ଏବଂ ଏହାକୁହିଁ ଆମେ ସର୍ବଶେଷ ଅବତାରଙ୍କର ଲକ୍ଷ୍ୟ ବୋଲି ମଧ୍ୟ ଜାଣିବା ।

(୧୫.୮.୧୯୫୬)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ବର୍ତ୍ତମାନ ମୁହୂର୍ତ୍ତରେ ତୁମେ ଯଦି ଉନ୍ମୀଳିତ ହୋଇଥିବାର ଅନୁଭବ ନ କରୁଛ ତଥାପି ତୁମେ ମା'ଙ୍କ ଶକ୍ତିକୁ ଆବାହନ କରିବା ଉଚିତ । କାରଣ ଆବାହନ ଫଳରେ ଉନ୍ମୀଳନ ଆସିଥାଏ ଓ ଶକ୍ତି ମଧ୍ୟ ଆସିଥାଏ ।

– ଶ୍ରୀଅରବିନ୍ଦ

**କାହାଣୀ :**

# କେତେ ସମ୍ପତ୍ତି ଲୋଡ଼ା ?

## ମୂଳ ରଚନା : ଲିଓ ଟଲ୍‌ଷ୍ଟୟ

[ରୁଷିଆର ବିଶ୍ୱବିଖ୍ୟାତ ଲେଖକ ଲିଓ ଟଲ୍‌ଷ୍ଟୟ (୧୮୨୮-୧୯୧୦) ତାଙ୍କର ''ଯୁଦ୍ଧ ଓ ଶାନ୍ତି'' ଓ ''ଆନା କାରେନିନା'' ଭଳି ଉପନ୍ୟାସ ପାଇଁ ତଥା ତାଙ୍କ ଦାର୍ଶନିକ ଚିନ୍ତାଧାରା ନିମନ୍ତେ ଶ୍ରଦ୍ଧେୟ । କିନ୍ତୁ ତାଙ୍କର ଆଉ ଗୋଟିଏ ଧରଣର ଲେଖା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ତାହା ହେଲା ସେ ଭୂଖଣ୍ଡର ସୁପ୍ରାଚୀନ ଲୋକକଥାସବୁର ପୁନଃବିନ୍ୟାସ ଓ ତାଙ୍କ ନିଜସ୍ୱ ଶୈଳୀରେ ଉପସ୍ଥାପନ । ସେ ମନୋନୀତ କରିଥିବା କାହାଣୀଟିମାନ ଭିତରେ ଆମେ ଦେଖିପାରିବା ଜ୍ଞାନର ଏକ ଏକ ଝଲକ । ଆକ୍ଷରିକ ଅନୁବାଦ ନକରି ତାଙ୍କର ସେ କାହାଣୀମାଳାରୁ କେତୋଟିର ସଂକ୍ଷିପ୍ତ ରୂପ ''ନବପ୍ରକାଶ'' ଧାରାବାହିକ ପରିବେଷଣ କରିବ ।]

ପ୍ରାଚୀନ ରୁଷ୍ ଭୂଖଣ୍ଡର ଏକ ପଲ୍ଲିରେ ବାସ କରୁଥାଏ ପାହୋମ୍ ନାମକ କୃଷକ । ଚାଷବାସ କରି ମୋଟାମୋଟି ସ୍ୱଚ୍ଛନ୍ଦରେ ସେ ଚଳାଉଥାଏ ତା'ର ଛୋଟ ପରିବାର ।

ତା' ସ୍ତ୍ରୀର ବଡ଼ ଭଉଣୀଟିଏ ଘଟଣାଚକ୍ରରେ ରହୁଥାଏ ଦୂର ନଗରୀରେ । ତା' ସ୍ୱାମୀ କୌଣସି ବ୍ୟବସାୟ କରୁଥାଏ । ବହୁ ବର୍ଷ ପରେ ସେ ସାନ ଭଉଣୀକୁ ଦେଖିବା ନିମନ୍ତେ ତା' ପଲ୍ଲି ଗ୍ରାମରେ ପଦାର୍ପଣ କଲା । କଥାରେ କଥାରେ ସେ ଆପଣା ସ୍ୱଚ୍ଛଳତାର ବଡ଼େଇ କରୁଥାଏ । ବିତ୍ତଶାଳୀ ହେଲେ ଜୀବନରେ କେତେ ସୁଖ ମିଳେ, ସେକଥା ବୁଝାଉଥାଏ ନାନାଦି ଦୃଷ୍ଟାନ୍ତ ଦେଇ ।

ପାହୋମ୍ ସବୁ ଶୁଣୁଥାଏ । ମନରେ ତା'ର ଉଦ୍ରେକ ହେଲା ଧନୀ ହେବା ନିମନ୍ତେ ବାସନା । ଥରେ ଏକ ଝଡ଼ ବର୍ଷା ରାତିରେ ଜଣେ ପଥିକ ତା' ଘରେ ଆଶ୍ରୟ ନେଲେ । ଏକାଠି ବସି ଖିଆପିଆ କଲାବେଳେ ପାହୋମ୍ ସେ ଅତିଥି ପାଖରୁ ଶୁଣିଲା ଗୋଟାଏ ଆକର୍ଷଣୀୟ ସମ୍ବାଦ । ବହୁ ଦୂରରେ ରହିଛି ଏମିତି ଏକ ମୁଲକ, ଯାହା ସମ୍ପର୍କରେ ବିଶେଷ କିଛି କେହି ଜାଣି ନାହାନ୍ତି । ସେ ମୁଲକ ଉପରେ ଅଧିକାର ସାବ୍ୟସ୍ତ କରିଛି ଜଣେ ପାହାଡ଼ୀ ସର୍ଦ୍ଦାର । କଳ୍ପନାତୀତ ଶସ୍ତା ମୂଲ୍ୟରେ ସେ ଜମି ବିକ୍ରି କରି ଦେଉଛି । ''ମୋ ପାଖରେ ଅର୍ଥ ଥିଲେ ମୁଁ ଏ ସୁଯୋଗ ଛାଡ଼ି ନଥା'ନ୍ତି । କିନ୍ତୁ ମୋର ସେମିତି ବଳ ନାହିଁ'' – କହିଲେ ଅତିଥି ।

ପାହୋମ୍‌ର ବହୁ ଦିନର ଆଶା – ସେ ଗୋଟାଏ ଭୂସ୍ୱାମୀ ହେବ; କୃଷକମାନେ ତା' ଜମିରେ ଖଟିବେ । ସେ ବନିଯିବ ଜଣେ ଅଭିଜାତ ଜମିଦାର !

ଅତିଥିଠାରୁ ପାହୋମ୍ ସେ ମୁଲକର ବିଶଦ ବିବରଣୀ ସଂଗ୍ରହ କରି ନେଲା । ଦିଗନ୍ତ ବିସ୍ତୃତ ଉର୍ବର ଜମିର ଏକ ସୀମାନ୍ତରେ ବସବାସ କରନ୍ତି ବାସ୍କିର୍ ନାମକ ପାହାଡ଼ିଆ ଜାତିର ଲୋକେ । ସଂଖ୍ୟାରେ ସେମାନେ ଅଳ୍ପ । କାମଦାମ କରିବାରେ ସେମାନଙ୍କର ଆଗ୍ରହ ନଥାଏ । ସେମାନେ ବିପୁଳ ସଂଖ୍ୟାରେ ଗୋରୁଗାଈ, ଘୋଡ଼ା ଇତ୍ୟାଦି ପାଳନ କରନ୍ତି । ଦୁଗ୍ଧଜାତ ନାନାଦି ଖାଦ୍ୟ ପ୍ରସ୍ତୁତ କରନ୍ତି ଓ ସୁଲଭ୍ୟ ମାଂସ ଓ ସେସବୁ ଆହାର କରି ନିର୍ଦ୍ୱନ୍ଦ୍ୱରେ ଥା'ନ୍ତି । ପାଳିତ ପଶୁମାନଙ୍କ ସକାଶେ ଚାରଣଭୂମିର ଅଭାବ ନଥାଏ ।

ଜଣେ ଯୁବକକୁ ସହକାରୀ ରୂପେ ସାଥିରେ ଧରି ବାସ୍କିର୍ ସର୍ଦ୍ଦାର ନିମନ୍ତେ କିଛି ଉପହାର ସହ ଦିନ କେତୋଟି ପରେ ପାହୋମ୍ ବାହାରି ପଡ଼ିଲା ସେ ଅଜ୍ଞାତ ମୁଲକ ଅଭିମୁଖେ । ସାତ ଦିନ, ସାତ ରାତି ପରେ ଦୂରରୁ ଦେଖାଗଲା ଏକ ପର୍ବତ ଶ୍ରେଣୀ । ପାଖରେ ହ୍ରଦ । ଅତିଥି ଯେଭଳି ବର୍ଣ୍ଣନା କରିଥିଲେ, ସବୁ ଠିକ୍ ସେହିପରି ।

ସେ ଏବଂ ତା' ସହକାରୀ ସେ ପର୍ବତ ପାଦଦେଶରେ ପହଞ୍ଚିବା ମାତ୍ରେ ସେ ବସତିର ଲୋକେ ସେ ଦୁହିଙ୍କୁ ବେଢ଼ିଗଲେ । ପାହୋମ୍‌ର ଧାରଣା ହେଲା ସେମାନେ ଖୁବ୍ ସରଳ ପ୍ରକୃତିର ମଣିଷ । ଦୁଇ ଅତିଥିଙ୍କ ବିଶ୍ରାମ ସକାଶେ ସେମାନେ ସବୁ ବ୍ୟବସ୍ଥା କରି ଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ ସେମାନଙ୍କ ନିଜସ୍ୱ ରୀତିର ଖାଦ୍ୟ ଓ ପାନୀୟ ପରଷି ଦେଲେ ।

ପାହୋମ୍ ତା'ର ଏତେଦୂର ଆସିବାର ଉଦ୍ଦେଶ୍ୟ ବ୍ୟକ୍ତ କରନ୍ତେ କେହି ଜଣେ ଯାଇ ସର୍ଦ୍ଦାରକୁ ଖବର ଦେଲା । ସର୍ଦ୍ଦାର ଜଣେ ବିଶାଳକାୟ, ଗମ୍ଭୀର ମଣିଷ, କିନ୍ତୁ ପାହୋମ୍‌ର ମନେ

ହେଲା, ସେ ଯେମିତି ମଣିଷ ନୁହେଁ, ଅନ୍ୟ କିଛି ! ସେ ପାହୋମ୍‌କୁ କହିଲା, ''ତୁମେ ଯେତେ ଇଛା ଜମି ଖରିଦ କରିପାର !'' ଏତକ କହି ସେ ରହସ୍ୟମୟ ଭାବରେ ହସିବାକୁ ଲାଗିଲା ।

ପାହୋମ୍ ନିଜ ବିସ୍ମୟ ଗୋପନ କରି କହିଲା, ''ଯେତେ ଇଛା ଜମି ମୁଁ କେମିତି ନେବି ? ମୁଁ ଧନୀ ନୁହେଁ । ଜମିର ଦାମ୍ ଉପରେ ନିର୍ଭର କରୁଛି ମୁଁ ମୋଟେ କିଣି ପାରିବି କି ନାହିଁ ଏବଂ ପାରିଲେ କେତେ ପାରିବି !''

''ତୁମ ପୂର୍ବରୁ ଯେଉଁମାନେ ଆସିଛନ୍ତି, ସେମାନଙ୍କଠାରୁ ଆମେ ଯେତିକି ମୂଲ୍ୟ ନେଇଛୁ, ତୁମଠୁଁ ମଧ ସେତିକି ନେବୁ : ଦିନକ ପାଇଁ ଶହେ ମୁଦ୍ରା !''

ପାହୋମ୍ ହିସାବ ବୁଝିବାକୁ ଚେଷ୍ଟା କଲା । କିନ୍ତୁ ପାରିଲା ନାହିଁ ।

''ଦିନକ ପାଇଁ ମାନେ ? ଯେତେ ଦିନ ମୁଁ ଜମି ଉପଭୋଗ କରୁଥିବି, ଦିନକୁ ଶହେ ମୁଦ୍ରା ହିସାବରେ ଦେଉଥିବି ?'' ସେ ପ୍ରଶ୍ନ କଲା ।

ସର୍ଦାର ପୁଣି ହସିଲା ଏବଂ ଏଥର ତା' ହସ ଅସମ୍ଭାଳ ମନେ ହେଲା । ଅବିଳମ୍ବେ ପୁଣି ଗମ୍ଭୀର ହୋଇଯାଇ ସେ କହିଲା, ''ଶୁଣ । ଆମର ହିସାବ ଏହି ପ୍ରକାର : ତୁମେ ସକାଳେ, ସୂର୍ଯ୍ୟୋଦୟ ବେଳେ ପର୍ବତ ସେପାରି ଗୋଟାଏ ସ୍ଥାନରୁ ବାହାରି ଯିବ । ସୂର୍ଯ୍ୟାସ୍ତ ବେଳକୁ ପୁଣି ସେହିଠାକୁ ଲେଉଟି ଆସିବ । ସେହି ଦିନକ ଭିତରେ ତୁମେ ଯେତେ ପରିମାଣ ଜମି ପ୍ରଦକ୍ଷିଣ କରି ପାରିଥିବ, ସେ ସମୁଦାୟ ହେବ ତୁମର – ଶହେ ମୁଦ୍ରା ବାବଦରେ ।''

ପାହୋମ୍ ନିଜ କାନକୁ ବିଶ୍ୱାସ କରି ପାରିଲା ନାହିଁ । ଦିନକ ଭିତରେ ତ ସିଏ ବେଶ୍ କେତେ ହଜାର ଏକର ପରିମିତ ଭୂମି ବଳୟ ଚାରି ପାଖରେ ବୁଲି ଆସି ପାରିବ । ସେ ବ୍ୟାପକ ସମ୍ପତ୍ତି ତାକୁ ମିଳିଯିବ ମାତ୍ର ଶହେଟି ମୁଦ୍ରାରେ ?

ସେ ବାରଂବାର, ଭିନ୍ନ ଭିନ୍ନ ଢଙ୍ଗରେ ପ୍ରଶ୍ନଟି କରି ସମାନ ଉତ୍ତର ପାଇଲା । ଅବଶେଷରେ ତା'ର ହୃଦ୍‌ବୋଧ ହେଲା ଯେ ବାସ୍ତବିକ ସେ ଅଦ୍ଭୁତ ମୁଲକରେ ତାହାହିଁ ଜମି ବିକାକିଣାର ନିୟମ ।

କଥା ହେଲା, ତହିଁ ପରଦିନ ସୂର୍ଯ୍ୟୋଦୟ ମାତ୍ରକେ ସେ ଗୋଟିଏ ଚିହ୍ନିତ ସ୍ଥାନରୁ ଚାଲିବାକୁ ଆରମ୍ଭ କରିବ ଏବଂ କିଛି କିଛି ଦୂରରେ କୋଦାଳ ଯୋଗେ ଗାତ ଖୋଳି ତା' ଗତି ପଥ ଚିହ୍ନିତ କରି ଚାଲିଥିବ । ସେ ତା' ପରିକ୍ରମା ଶେଷ କରିବା ଅନ୍ତେ ସର୍ଦାରର ଲୋକେ ସେ ବଳୟ ଚତୁର୍ଦ୍ଦିଗରେ ବାଡ଼ କରିଦେବେ ।

କିନ୍ତୁ ସର୍ତ୍ତ ହେଲା, ସୂର୍ଯ୍ୟାସ୍ତ ପୂର୍ବରୁ ପାହୋମ୍ ଚାଲିବା ଆରମ୍ଭ କରିଥିବା ସ୍ଥାନକୁ ଲେଉଟି ନଆସିଲେ ଜମିର ମାଲିକାନା ପାଇବ ନାହିଁ, କି ଅର୍ଥ ମଧ ଫେରି ପାଇବ ନାହିଁ । ରାତିରେ ପାହୋମ୍‌କୁ ନିଦ ହେଲା ନାହିଁ । ଉତ୍ତେଜନାରେ ସେ ଖାଲି ଏପଟ ସେପଟ ହେଲା । ଶେଷ ପ୍ରହରରେ ତାକୁ ସାମାନ୍ୟ ନିଦ ଲାଗି ଆସିଛି, ସେ ଦେଖିଲା ଏକ ଭୟଙ୍କର ସ୍ୱପ୍ନ : ସେ ସର୍ଦାର ଅଟ୍ଟହାସ୍ୟ କରୁ କରୁ କ୍ରମେ ଅଧିକରୁ ଅଧିକ ବିକଟ ଦିଶୁଛି; ତା' ମୁଣ୍ଡରୁ ଗଜୁରୁଛି ଯୋଡ଼ିଏ ଶିଙ୍ଘ । ଅର୍ଥାତ୍ ସେ ସଇତାନର ରୂପ ନେଉଛି । ଆହୁରି ଆଶ୍ଚର୍ଯ୍ୟର କଥା, ଭୟଭୀତ ହେବା ସତ୍ତ୍ୱେ ପାହୋମ୍ ତା' ଆଡ଼େ ଆକର୍ଷିତ ହୋଇ ଯାଉଛି ଏବଂ ପାଖରେ ପହଞ୍ଚି ଚିତ୍କାର କରି ତଳେ ପଡ଼ି ଯାଉଛି !

''ମଣିଷ ସ୍ୱପ୍ନରେ କ'ଣ ନଦେଖେ !'' କହି ପାହୋମ୍ ଉଠି ବସିଲା ଓ ଦୁଃସ୍ୱପ୍ନଟି ପାସୋରି ଦେବାକୁ ଚେଷ୍ଟା କଲା । ଭୋର ହୋଇ ଆସୁଛି । ସେ ତା' ସହକାରୀକୁ ଡାକି ଉଠାଇଲା । କିଛି ସମୟ ପରେ ସର୍ଦାର ତା' ଦଳବଳ ନେଇ ଆସି ତାକୁ ଅଭିବାଦନ ଜଣାଇଲା । ସଭିଏଁ ସୁଡ଼ଙ୍ଗ ପଥରେ ଯାଇ ପର୍ବତ ସେପାରିରେ ପହଞ୍ଚିଲେ । ପାହୋମ୍ ସମ୍ମୁଖରେ ତିନି ଦିଗକୁ ବିସ୍ତୃତ ସୀମାହୀନ ଉର୍ବର ମାଟି ! ସର୍ଦାର ଗୋଟାଏ ସ୍ଥାନରେ ତା' ବାଡ଼ିଟି ପୋତି ଦେଇ ତହିଁ ଉପରେ ତା' ଟୋପି ଗୋଟିକ ଥୋଇ ଦେଲା ଓ କହିଲା, ''ହେଇ ଦେଖ, ସୂର୍ଯ୍ୟୋଦୟ ହେଉଛି । ବର୍ତ୍ତମାନ ମୁଦ୍ରା ହସ୍ତାନ୍ତର କର ଏବଂ ଚାଲିବାକୁ ଆରମ୍ଭ କର ଏକାକୀ । ସାବଧାନ ! ସୂର୍ଯ୍ୟ ଦିଗ୍‌ବଳୟରେ ଅଦୃଶ୍ୟ ହେବା ପୂର୍ବରୁ ଯଦି ଠିକ୍ ଏହି ସ୍ଥଳକୁ ଛୁଇଁ ନପାରିବ ତେବେ ତୁମ ଅର୍ଥ ବାଜ୍ୟାପ୍ତ ହେବ । ତୁମ ଶ୍ରମ ବୃଥା ଯିବ । ତୁମ ଯାତ୍ରାରମ୍ଭର ଓ ଯାତ୍ରା ସମାପ୍ତିର ସାକ୍ଷ୍ୟ ଟୋପି ମୁଣ୍ଡାଇଥିବା ଏହି ବାଡ଼ି ଖଣ୍ଡିକ ।''

''ଠିକ୍ ଅଛି !'' କହି ପାହୋମ୍ ସର୍ଦାରକୁ ଶହେ ମୁଦ୍ରା ଗଣିଦେଲା ଓ କୋଦାଳଟିଏ ଏବଂ ସାମାନ୍ୟ ଆହାର ଓ ପାଣି ଧରି ଚାଲିବାକୁ ଆରମ୍ଭ କଲା । ଆଦିଗନ୍ତ ପ୍ରାନ୍ତର ଭିତରେ ଖାଲି ଛୋଟ ଛୋଟ ବୁଦା ଛଡ଼ା ଜୀବନର ଅନ୍ୟ କୌଣସି ଲକ୍ଷଣ ନାହିଁ । ସୂର୍ଯ୍ୟାସ୍ତ ପୂର୍ବରୁ ସେ ବନିଯିବ ଖଣ୍ଡିଏ ବିଶାଳ ଭୂମିର ମାଲିକ । ନିଜ ଗାଁ ଓ ଆଖପାଖରେ ଅଭାବୀ ପରିବାର ବହୁତ । ସେମାନଙ୍କ ଭିତରୁ କେତେକଙ୍କୁ ଆଣି ଏଠାରେ ଥଇଥାନ କରାଇବ; ସେମାନଙ୍କ ମୁନିବ ବୋଲାଇବ ।

ସେ ଚାଲିଛି ତ ଚାଲିଛି ! ସ୍ୱପ୍ନ ଦେଖୁଛି, ଦିନେ ଏ ସ୍ଥାନ ହେବ ତା' ପ୍ରଜାକୁଳ ଅଧ୍ୟୁଷିତ ! ହଠାତ୍ ମନେପଡ଼ିଲା, ସେ ସିଧାସଳଖ ଗତିରେ ଆସିଲାଣି କେତେ ଦୂର ? ପଛକୁ ଫେରି ଅନାଇଲା । ପର୍ବତର ଆକାର ଛୋଟ ଦିଶୁଛି । ଉପରକୁ ଅନାଇଲା । ସୂର୍ଯ୍ୟ ମୁଣ୍ଡ ଉପରେ । ବେଶ୍ ! ଏଣିକି ସେ ଡାହାଣକୁ ବୁଲିବ । ଆଉ ଏକ ପ୍ରହର ପରେ ପୁଣି ଡାହାଣକୁ । ସୂର୍ଯ୍ୟାସ୍ତ ପୂର୍ବରୁ ପର୍ବତ ପାଦଦେଶରେ ପହଞ୍ଚିଲେ ହେଲା !

ସେ ଡାହାଣକୁ ବୁଲିବାକୁ ଯାଉଛି, ଦେଖିଲା ସାମନାରେ ବିସ୍ତୃତ କଳା ମାଟିର ଅତ୍ୟନ୍ତ ଉର୍ବର ଜମି । ଏହାକୁ ସେ ଛାଡ଼ିଦେବ ? ଅସମ୍ଭବ ! ଏଭଳି ଜମିର ମୂଲ୍ୟ କେବଳ ସୁନା ମୋହର ଯୋଗେ ଆକଳନ କରାଯାଇ ପାରେ । ସେ ଆହୁରି ଆଗକୁ ଗଲା । କିନ୍ତୁ ସେତେବେଳକୁ କ୍ଷୁଧା ଓ ତୃଷ୍ଣା ତାକୁ ଆଉ ଚଲାଇ ଦେଉ ନାହାନ୍ତି । ଉପରେ ପ୍ରଖର ସୂର୍ଯ୍ୟ । ସେ ଗୋଟାଏ ବୁଦା ପାଖରେ ବସିପଡ଼ି ଆଣିଥିବା ଖାଦ୍ୟ ଓ ପାଣିର ଉପଯୋଗ କଲା । ଉଠିବାକୁ ମନ ହେଉ ନାହିଁ । କିନ୍ତୁ ସେମିତି ବସିଲେ ହୁଏତ ନିଦ ଆସିଯିବ । ନାଃ, ଉଠିବାକୁ ହେବ !

ସେ କୋଦାଳ ଦଣ୍ଡ ଉପରେ ଭରା ଦେଇ ଉଠିଲା । ସେଠାରେ ଗାତ ଖୋଳି ଡାହାଣକୁ ବୁଲି ପଡ଼ିଲା, କିନ୍ତୁ ପର୍ବତ ତ କାହିଁ ଦିଗ୍‌ବଳୟରେ ପ୍ରାୟ ଲୁଚି ଗଲାଣି ! ତାକୁ ତେବେ ଗତି ବଢ଼ାଇବାକୁ ପଡ଼ିବ ! ସେ ତାହାହିଁ କଲା । କ୍ରମେ ଧୂଆଁଳିଆ ହୋଇ ପର୍ବତ ସ୍ପଷ୍ଟରୁ ସ୍ପଷ୍ଟତର ହେଲା । ଏଥର ସେ ଚକ୍କର ଶେଷ କରିବ । ସେ ପୁଣି ଡାହାଣକୁ ବୁଲିବାକୁ ଯାଉଥିଲା, ହଠାତ୍ ଦେଖିଲା ବାମରେ ଗୋଟାଏ ଜଳାଶୟ । ବାଃ, ଏହା ତ ଅଯାଚିତ ପୁରସ୍କାର । ଏ ଜଳାଶୟହିଁ ହେବ ତା' ସମ୍ପତ୍ତିର ପ୍ରାଣଶକ୍ତି । ସେ ଅନିଚ୍ଛୁକ ପାଦ ଦୁଇଟିକୁ ଯଥାସମ୍ଭବ ବେଗରେ ଚଳମାନ ରଖି ଜଳାଶୟ ଚାରିପଟେ ବୁଲି ପୁଣି ପର୍ବତ ଆଡ଼େ ମୁହାଁଇବା ବେଳକୁ ପର୍ବତ ଆଉ ଦିଶୁ ନାହିଁ । ସବୁ ଧୂମାଭ; କିନ୍ତୁ ସେ ଖୋପେ ମାଟି ଖୋଳି ଦୌଡ଼ିବାକୁ ଚେଷ୍ଟା କଲା ।

ବହୁ ସମୟ ହେଲା ସେ ଆକାଶକୁ ଅନାଇ ନଥିଲା । ବର୍ତ୍ତମାନ ଅନାଇଲା ! କିନ୍ତୁ କାହିଁ ସୂର୍ଯ୍ୟ ? ଆରେ, ସେ ତ ପଶ୍ଚିମ ଦିଗନ୍ତ ଛୁଇଁବାକୁ ଆଉ ସାମାନ୍ୟ ଆକାଶ ବାକି ଅଛି !

ପାହୋମ୍ ତା'ର ସମସ୍ତ ଶକ୍ତି ଠୁଳ କରି ଗତି କ୍ଷିପ୍ର କରିବାକୁ ଚେଷ୍ଟା କଲା । କିନ୍ତୁ ତାହା ସମ୍ଭବ ହେଲା ନାହିଁ । ସେ କୌଣସି ମତେ ନିଜକୁ ଟାଣିଟାଣି ନେଇ ଟଳି ଟଳି ଆଗକୁ ଯାଉଥାଏ ।

ପର୍ବତ ସ୍ପଷ୍ଟ ହୋଇ ଉଠିଲାଣି । କ୍ରମେ ସର୍ଦାର ଓ ତା' ଦଳବଳକୁ ମଧ୍ୟ ସେ ଦେଖିପାରିଲା । ହେ ସୂର୍ଯ୍ୟ ! ତୋ ନିମ୍ନ ଗତି ଟିକିଏ ମନ୍ଥର କର ! ମନେ ମନେ ଏହା କହୁଁ କହୁଁ ସେ ଶୁଣିଲା ସର୍ଦାରର ଆହ୍ୱାନ : ''ଆସ, ଦୌଡ଼ି ଆସ ! ଏ ବିରାଟ ମୁଲକ ତୁମର ହେବାକୁ ଆଉ ମାତ୍ର ମୁହୂର୍ତ୍ତଟିଏ ବାକି ଅଛି । ଦୌଡ଼ !''

ସେ ଦୌଡ଼ିବାକୁ ଚେଷ୍ଟା କଲା । ଭାବୁଥିଲା ସେ ସଫଳ ହେଉଛି । କିନ୍ତୁ ତାହା ମତିଭ୍ରମ । ସେ ହାମୁଡ଼ି ପଡ଼ିଗଲା ମୁହଁମାଡ଼ି ।

''ଆସ, ଆସ ! ଦୌଡ଼ି ଆସ !'' ଏ ଆହ୍ୱାନ ସହ ମିଶିଥାଏ ପ୍ରଚଣ୍ଡ ଅଟ୍ଟହାସ୍ୟର ଆବାଜ !

ପାହୋମ୍ ମୁଣ୍ଡ ଟେକିଲା । ଆଉ ମାତ୍ର ଶହେ ହାତ ଦୂରରେ ସର୍ଦାର ଓ ତା' ଦଳ । ସେ ଅନାଇଲା ପଶ୍ଚିମକୁ । ସେହି ମୁହୂର୍ତ୍ତରେ ସୂର୍ଯ୍ୟ ହେଲା ଅସ୍ତମିତ ।

ତା' ସହକାରୀ ଦୌଡ଼ି ଆସିଥିଲା ତା' ପାଖକୁ ପାଣି ପାତ୍ର ଧରି । କିନ୍ତୁ ବୃଥାରେ । ପାହୋମ୍ ଆଉ ଜୀବନରେ ନଥିଲା ।

ସେ ସହକାରୀକୁ ସର୍ଦାର ଅନୁମତି ଦେଲା ତା' ମୁନିବର ଦେହ ପର୍ବତର ପାଦଦେଶରେ ଠାଏଁ ପୋତି ଦେବା ନିମନ୍ତେ । ବ୍ୟାପକ ପରିସରର ମାଲିକ ହେବା ନିମନ୍ତେ ଧାବମାନ ପାହୋମ୍ ପାଇଁ ଅବଶେଷରେ ଲୋଡ଼ା ହେଲା ମାତ୍ର ଛଅଫୁଟ ସ୍ଥାନ ।

(ଏହା ଏକ ପ୍ରାଚୀନ ଲୋକକଥା ଉପରେ ପର୍ଯ୍ୟବସିତ ଏବଂ ଟଲ୍‌ଷ୍ଟୟଙ୍କ ଦୀର୍ଘ ରଚନାର ସଂକ୍ଷିପ୍ତ ପୁନର୍ବିନ୍ୟାସ । ଅଜ୍ଞାନ-ପ୍ରସୂତ ଲୋଭ ଯୋଗୁଁ ମଣିଷ ଉଦ୍‌ଭ୍ରାନ୍ତ ଆଚରଣ କରେ ଏବଂ ପରିଣାମ ହୁଏ ଦୟନୀୟ । ଏହି ଅଭିନବ ମାର୍ଗରେ ସଇତାନ ପୂର୍ବରୁ କେତେ ଲୋକଙ୍କର ପ୍ରାଣ ନେଇଥିବ । ପାହୋମ୍ ତା' ପୂର୍ବରୁ ସର୍ଦାର ପାଖରୁ ଜମି କିଣିଥିବା କୌଣସି ଲୋକର ସଂଧାନ କରିଥିଲେ ପାଇ ନଥା'ନ୍ତା ଏବଂ ଫଳରେ ହୁଏତ ସତର୍କ ହୋଇଥା'ନ୍ତା । କିନ୍ତୁ ରାତାରାତି ଭୂସ୍ୱାମୀ ହେବାର ଉତ୍ତେଜନା ଯୋଗୁଁ ତା'ର ସେଭଳି ବୁଦ୍ଧି ଲୋପ ପାଇଥିଲା । ଅପଶକ୍ତି ବା ସଇତାନ ତା'ର ଶିକାରମାନଙ୍କୁ ଏମିତି ବୋକା ବନାଇ ଆମୋଦିତ ହୁଏ । ଏହାହିଁ ଗଳ୍ପଟିର ମର୍ମକଥା ।)

ନବବିନ୍ୟାସ : ଦେବପ୍ରିୟ

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୨୩)


## ମହେନ୍ଦ୍ରନାଥ ସ୍ୱାଇଁ


**ଭବିଷ୍ୟତର ଗାଥା :**

ଦିବ୍ୟଜନନୀ ଶ୍ରୀମା ପ୍ୟାରିସରେ ଅବସ୍ଥାନ କରୁଥିବା ସମୟରେ ନଭେମ୍ବର ୨, ୧୯୧୫ରେ ନିମ୍ନଲିଖିତ ପ୍ରାର୍ଥନାଟି ରଚନା କରିଥିଲେ । ତାଙ୍କ ପ୍ରକୋଷ୍ଠରେ ଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷମାନଙ୍କୁ ସଜଡ଼ା ସଜଡ଼ି କଲା ପରେ ମା କିଛି ସମୟ ବସି ପଡ଼ିଲେ ଏବଂ ଘନ ନୀରବତା ଭିତରେ ଡୁବିଗଲେ । ଠିକ୍ ସେତିକିବେଳେ ଯେଉଁ ବିଶେଷ ଘଟଣାମାନ ଯାହାକି ଅତୀତରେ ଘଟିଯାଇଥିଲା ସେସବୁ ସମୁଦ୍ର ଲହଡ଼ି ପରି ତାଙ୍କ ଚେତନା ଭିତରକୁ ମାଡ଼ି ଆସିଲେ । ସେହି ଅନୁଭୂତିମାନଙ୍କୁ ମା ଅପୂର୍ବ ଦିବ୍ୟ ଓ ମଧୁଝରା ଭାଷାରେ ତାଙ୍କ ଲେଖନୀ ମୁନରେ ରୂପ ଦେବାକୁ ଲାଗିଲେ ଉକ୍ତ ପ୍ରାର୍ଥନାଟିରେ । ତାହା ଏହିପରି –

''ଖୁବ୍ ଶକ୍ତିଶାଳୀ ବାୟୁ ନୀଳସାଗରର ପ୍ରସାରିତ ବକ୍ଷ ଉପରେ ପ୍ରବାହିତ ହୋଇଗଲା ପରି ଏହାର ପ୍ରଭାବରେ ସୃଷ୍ଟି ହେଉଥିବା ଫେନାୟିତ ଅସଂଖ୍ୟ ନୀଳ ଢେଉ ମଥାରେ ମୁକୁଟ ସଦୃଶ ଶୋଭା ପାଉଥିଲେ । ଫଳରେ ଏହି ଦୃଶ୍ୟର ପ୍ରଭାବରେ ମୋର ସ୍ମୃତିପଟରେ ଝଲକାଏ ଓଜନିଆ ପବନ ଭାସି ଭାସି ଆସିଲା ଏବଂ ଆଗକୁ ବଢ଼ି ଚାଲିଲା ଏବଂ ସେଠାରେ ଉଙ୍କିମାରି ଚାହୁଁଥିଲେ ଅଗଣିତ ସ୍ମୃତି-କଳିକା । ସେହି ସ୍ମୃତିମାନେ ଥିଲେ ଅତ୍ୟନ୍ତ ସଘନ, ଜଟିଳ, ଯାହା ପରସ୍ପରକୁ ଜଡ଼ାଇ ଧରିଥିଲେ, ମନେହେଲା ଯେପରି ଗୋଟିଏ ବିଦ୍ୟୁତ୍ ଝଲକରେ ଅତୀତ ପୁନଶ୍ଚ ଚେଇଁ ଉଠିଲା – ସେମାନଙ୍କର କୌଣସି ଅବକ୍ଷୟ ହୋଇ ନଥିଲା – ନା ପ୍ରାକୃତିକ ସ୍ୱାଦ, ନା ମୂଲ୍ୟବୋଧ ।''

ଏହା ହେଉଛି ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦ । ଏହାକୁ ପାଠକଲେ 'ଧ୍ୟାନ ଓ ପ୍ରାର୍ଥନା'ର ପାଠକମାନଙ୍କ ହୃଦୟରେ ଏକ ବିରୋଧାଭାସ ଉଦ୍ରେକ ହୋଇପାରେ । ମା ପୂର୍ଣ୍ଣଯୋଗର ସାଧକଙ୍କୁ ଅତୀତର ସ୍ମୃତିସବୁକୁ ଆଲୋଡ଼ନ କରିବା ନିମନ୍ତେ ପ୍ରଶ୍ରୟ ଦେଇ ନାହାନ୍ତି । ତାହାହେଲେ ଏହା କେଉଁ ପ୍ରକାର ବ୍ୟବସ୍ଥା ? ଏହାର ସମାଧାନ ମା ଦ୍ୱିତୀୟ ଅନୁଚ୍ଛେଦରେ ଉଲ୍ଲେଖ କରିଛନ୍ତି, ତାହା ହେଲା –

''ଏହା ପରେ ଆପଣଙ୍କ ମହିମା-ଗାନପୂର୍ବକ ସମଗ୍ର ସତ୍ତା ଉତ୍ତାଳ ତରଙ୍ଗ ସଦୃଶ ଊର୍ଦ୍ଧ୍ୱକୁ ଉଠିଗଲା । ଶସ୍ୟକ୍ଷେତ୍ରରେ ଉପୁଜିଥିବା ପ୍ରଚୁର ଶସ୍ୟ-ସମ୍ଭାରକୁ ଆନନ୍ଦରେ ଅମଳ କଲା ପରି ମୋର ସତ୍ତା ସେହି ସମସ୍ତ ଅତୀତର ସ୍ମୃତିକୁ ଏକତ୍ରିତ କରି ଆପଣଙ୍କ ପାଦପଦ୍ମରେ ଅଜାଡ଼ି ଦେଲା, ଏକ ସମର୍ପିତ ନୈବେଦ୍ୟ ସଦୃଶ ।''

ଶ୍ରୀଅରବିନ୍ଦଙ୍କର ଅନୁଗାମୀମାନଙ୍କୁ ପୂର୍ଣ୍ଣଯୋଗର ସାଧକ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୂର୍ଣ୍ଣଯୋଗ ପଥରେ ପାଦ ଦେଲା ମାତ୍ରକେ ସାଧକର ଅବଚେତନାରେ (Sub-conscious) ଆଲୋଡ଼ନ ସୃଷ୍ଟି ହୁଏ । ଜନ୍ମ-ଜନ୍ମାନ୍ତର ଧରି ସ୍ତର ପରେ ସ୍ତର ହୋଇ ସାଇତି ରଖା ଯାଇଥିବା ଘଟଣା, ଦୁର୍ଘଟଣାମାନଙ୍କର ସ୍ମୃତି ବାହାରକୁ ବାହାରି ଆସନ୍ତି । ଫଳରେ ସାଧକର ଜୀବନ ଘଟଣାବହୁଳ ହୋଇଯାଏ । ସେହି ସମସ୍ତ ସ୍ମୃତି, ଦୁର୍ବଳତାମାନଙ୍କୁ ସାଧକ ମା'ଙ୍କୁ ସ୍ମରଣ କରି ନିବେଦନ କରିଦିଏ । ତଦ୍ଦ୍ୱାରା ଅତୀତର ସ୍ମୃତିମାନ ମା'ଙ୍କ ପାଖକୁ ଚାଲି ଯାଇଥା'ନ୍ତି । ଅନ୍ୟ ପକ୍ଷରେ ମା ସେସବୁକୁ ନେଇ ପରମ ପ୍ରଭୁଙ୍କ ପାଦତଳେ ନିବେଦନ କରି ଦିଅନ୍ତି ଏବଂ ସେଗୁଡ଼ିକୁ ଆଲୋକ, ପ୍ରେମ ଓ ଶକ୍ତିରେ ରୂପାନ୍ତରିତ କରି ଦେବାକୁ ପ୍ରାର୍ଥନା କରନ୍ତି । ଆଲୋଚ୍ୟ ନଭେମ୍ବର ୨, ୧୯୧୫ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦ ପାଠ କଲେ ଏହା ସ୍ୱଷ୍ଟ ପ୍ରତୀୟମାନ ହୁଏ ।

କୌଣସି ଜିନିଷ, ସ୍ୱଭାବ ଅଥବା ଅବଚେତନାରେ ଥିବା ପୁରାତନ ଦୁର୍ବଳତା ବା ଘଟଣା ବା ଦୁର୍ଘଟଣାର ଦ୍ରୁମଗୁଡ଼ିକ ନିଜ ନିଜର ଚେରମାନଙ୍କୁ ବହୁ ନିମ୍ନକୁ ଲମ୍ବାଇ ଦୃଢ଼ ହୋଇ ଠିଆ ହୋଇଥା'ନ୍ତି । ବ୍ୟକ୍ତିଗତ ପ୍ରଚେଷ୍ଟାରେ ସେଗୁଡ଼ିକୁ ଉତ୍ପାଟନ କରିବା ଏତେ ସହଜ ନୁହେଁ । ଉପାଡ଼ିଲେ ରକ୍ତାକ୍ତ ହେବାକୁ ହୋଇଥାଏ, ଫଳତଃ ଆମମାନଙ୍କର ଯେଉଁ ପ୍ରକୃତ ଲକ୍ଷ୍ୟ ରୂପାନ୍ତର ତାହା ବହୁ ଦୂରକୁ ଚାଲିଯାଇଥାଏ । ସେଥିପାଇଁ ଦିବ୍ୟଜନନୀ ଶ୍ରୀମା ସାଧକର ସାଧନାର ଦାୟିତ୍ୱ ଗ୍ରହଣ କରି ଅବଚେତନାକୁ ଦିବ୍ୟ-ଆଲୋକରେ ଆଲୋକିତ କରି ଦିଅନ୍ତି, ବିନା ରକ୍ତ କ୍ଷରଣରେ ଏବଂ ସକଳ ବର୍ଜ୍ୟବସ୍ତୁକୁ ଧରି ପ୍ରଭୁଙ୍କୁ

ସ୍ମରଣ କରନ୍ତି ଏବଂ ତାଙ୍କ ପାଦପଦ୍ମରେ ଢାଳି ଦିଅନ୍ତି । ତତ୍‌ପରେ ସାଧକ ହୃଦୟରେ ଆସିଥାଏ ବୃହତ୍ ଅନୁଭୂତି । ଏତାଦୃଶ ମହତ୍ ଅନୁଭୂତିଟିକୁ ମା ଉକ୍ତ ପ୍ରାର୍ଥନାର ତୃତୀୟ ଅନୁଚ୍ଛେଦରେ ପ୍ରକାଶ କରିଛନ୍ତି । ତାହା ହେଲା –

''ମାନବ ସତ୍ତା ତା'ର ଜୀବନସାରା, ଅଜାଣତରେ ଅବା କିଛି କଳ୍ପନା-ଜଳ୍ପନା ମଧ୍ୟରେ ଆପଣଙ୍କୁ ଖୋଜି ଚାଲିଛି; ତା'ର ସକଳ ପ୍ରକାର ସଂବେଦନା, ଉଦ୍ଦାମତା, କର୍ମତତ୍ପରତା, ଆଶା ମଧ୍ୟରେ ଏବଂ ନିର୍ମୋହ ଓ ନିର୍ବିକାର ଚିତ୍ତରେ ସକଳ ଦୁଃଖ-କଷ୍ଟ ଏବଂ ସକଳ ଆନନ୍ଦ ମଧ୍ୟରେ କେବଳ ସେ ଆପଣଙ୍କୁ ଚାହେ । ଏବଂ ବର୍ତ୍ତମାନ ସେ ଆପଣଙ୍କୁ ଖୋଜି ପାଇଛି, ଏକ ସର୍ବୋତ୍ତମ ଆନନ୍ଦ ଓ ପ୍ରଶାନ୍ତି ମଧ୍ୟରେ ଆପଣଙ୍କୁ ନିଜର କରି ପାରିଛି । ସେ ଆଶ୍ଚର୍ଯ୍ୟ ହେଉଛି ଯେ ଆପଣଙ୍କୁ ଆବିଷ୍କାର କରିବା ନିମନ୍ତେ ଏତେ ଗୁଡ଼ାଏ ଭାବପ୍ରବଣତା, ସଂବେଦନା ଏବଂ ଅନୁଭୂତି ସକଳର ଆବଶ୍ୟକତା ନିଶ୍ଚିତ ରହିଥିଲା ।''

ସୁତରାଂ ବ୍ୟକ୍ତିସତ୍ତା ବା ସାଧକ ପାଖରେ ଯାହାକିଛି ଥାଏ, ଯେଉଁମାନଙ୍କୁ ନେଇ ସିଏ ସାଧନା ପଥରେ ଅଗ୍ରସର ହେଉଥାଏ, ସେ ସକଳ ଗୁଣ ବା ଦୁର୍ଗୁଣମାନଙ୍କୁ ଯଦି ଦିବ୍ୟ-ଜନନୀଙ୍କୁ ସମର୍ପଣ କରିଦିଏ, ତାହାହେଲେ ସେସବୁ ପରମପ୍ରଭୁଙ୍କୁ ଆବିଷ୍କାର କରିବାରେ ସାହାଯ୍ୟ କରନ୍ତି ।

କୌଣସି ଜିନିଷ, ତାହା ସଂଘର୍ଷ ଅବା ବିରାଗ ହେଉ ଅଥବା ନିରବଚ୍ଛିନ୍ନ ପ୍ରଚେଷ୍ଟା ହେଉ ତାହା ନଷ୍ଟ ହୋଇଯାଏ ନାହିଁ ଅଥବା ବର୍ଜ୍ୟବସ୍ତୁରେ ପରିଣତ ହୋଇଯାଏ ନାହିଁ । ସେଗୁଡ଼ିକ ପରମପ୍ରଭୁଙ୍କ ସଚେତନ ଦିବ୍ୟ-ଉପସ୍ଥିତିର ସାର୍ବଭୌମ ଅନୁକମ୍ପା (the sovereign grace of Thy conscious Presence) ଦ୍ୱାରା ଏକ ଦୁର୍ମୂଲ୍ୟ ସୌଭାଗ୍ୟରେ ପରିଣତ ହୋଇଯାଏ ଯାହାକୁ ଜୀବସତ୍ତା ଆନନ୍ଦରେ ଆପଣଙ୍କ ପାଦପଦ୍ମରେ ନିଜର ଉପହାର ସ୍ୱରୂପ ନିବେଦନ କରି ଦେଇଥାଏ । ଦିବ୍ୟ-ଜନନୀଙ୍କ ଅପୂର୍ବ ଭାଷାରେ – ''The purifying flame of Thy illumination has turned it into jewels of price laid down as a living holocaust on the altar of my heart.''

(*Prayers and Meditations,* P. 307)

''ହେ ପ୍ରଭୁ ! ଆପଣଙ୍କ ଜ୍ୟୋତିଃର ବିଶୁଦ୍ଧିକରଣ ଅଗ୍ନିଶିଖା ସେହି ସକଳ ଅନୁଭୂତିମାନଙ୍କୁ ବହୁମୂଲ୍ୟ ରତ୍ନରେ ପରିଣତ କରି ସେସବୁକୁ ଏକ ଜୀବନ୍ତ ଆତ୍ମବଳି ରୂପରେ ମୋ ହୃଦୟବେଦୀ ଉପରେ ସ୍ଥାପନ କରି ଦେଇଛନ୍ତି ।''

ଯଦି ଅତୀତର ସ୍ମୃତିମାନଙ୍କୁ ପ୍ରଭୁଙ୍କ ପାଦପଦ୍ମରେ ଉପହାର ସ୍ୱରୂପ ଅର୍ପଣ କରି ଦିଆଯାଏ ତେବେ ସେଗୁଡ଼ିକ ''ନୂତନ ଚେତନା''ର ଅଂଶ ହୋଇଯାଆନ୍ତି । ନୂତନ ଚେତନା ଯଥାଯଥ ଦୃଷ୍ଟିଭଙ୍ଗୀ ନିମନ୍ତେ ଏକ ବିଭୂଷଣ ସଦୃଶ । ଦୁଃଖପୂର୍ଣ୍ଣ ଅତୀତ – ବର୍ତ୍ତମାନର ''ଦୁର୍ମୂଲ୍ୟ ସୌଭାଗ୍ୟ''ରେ ରୂପାନ୍ତର ହୋଇଯାଇଛି । ଅତୀତର ଅପମିଶ୍ରିତ ଦ୍ରବ୍ୟମାନେ ବିଶୁଦ୍ଧ ଦ୍ରବ୍ୟରେ ପରିଣତ ହୋଇ ଯାଇଛନ୍ତି । କାରଣ ସେସବୁ ନିବେଦିତ ହୋଇଛନ୍ତି ଏବଂ ପରମ ପ୍ରଭୁ ସେସବୁକୁ ଆଦରରେ ତୋଳି ନେଇଛନ୍ତି । ଏହାହିଁ ପ୍ରକୃତ ଦୃଷ୍ଟିଭଙ୍ଗୀର ଏକ ବର୍ଦ୍ଧନଶୀଳ ରୂପ ।

ପରମ ପ୍ରଭୁ ଶ୍ରୀଅରବିନ୍ଦ ତାଙ୍କର ''ଦିବ୍ୟ-ଜୀବନ'' ଗ୍ରନ୍ଥରେ ଆଲୋଚ୍ୟ ବିଷୟଟିକୁ ସ୍ୱକୀୟ ଅପୂର୍ବ ଶବ୍ଦ ସଂଯୋଜନାରେ ଅନେକ ସ୍ଥଳରେ ଆଲୋଚନା କରିଛନ୍ତି । ଏଠାରେ ଭୁଲ୍-ଭ୍ରାନ୍ତିମାନେ ହେଉଛନ୍ତି ଗୋଟିଏ ଗୋଟିଏ ସମ୍ଭାବନା ଏବଂ ସେସବୁ ''ସତ୍ୟ'' ମଧ୍ୟକୁ ଘରୋଇ ଦରଜା (Private Door) ଦେଇ ପ୍ରବେଶ କରନ୍ତି । ସେଗୁଡ଼ିକ ବର୍ଜ୍ୟବସ୍ତୁ ନୁହନ୍ତି ଯାହାକୁ ଆମେ ଫିଙ୍ଗି ଦେବା । ଭୁଲ୍-ଭ୍ରାନ୍ତିମାନଙ୍କୁ ପ୍ରଭୁଙ୍କ ଶ୍ରୀଚରଣରେ ସମର୍ପଣ କରିବା ମୁହୂର୍ତ୍ତରେହିଁ ସେମାନେ ବଦଳି ଯାଇଥା'ନ୍ତି ।

ଉକ୍ତ ପ୍ରାର୍ଥନାର ପଞ୍ଚମ ଅନୁଚ୍ଛେଦରେ ମା କହୁଛନ୍ତି :

''Errors have become stepping-stones, the blind gropings conquests. Thy glory transforms defeats into victories of eternity, and all the shadows have fled before Thy radiant light.''

(*Prayers and Meditations,* P. 308)

ଦିବ୍ୟଜନନୀ ଶ୍ରୀମା ଆମମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ଘୋଷଣା କରି କହୁଛନ୍ତି, ''ଭୁଲ୍-ଭ୍ରାନ୍ତିମାନେ ଉର୍ଦ୍ଧ୍ୱକୁ ଉଠିବା ପାଇଁ ପାବଚ୍ଛରେ ପରିଣତ ହୋଇ ଯାଇଛନ୍ତି; ଅନ୍ଧ ବାଡ଼ିକୁ ବୁଲାଇଲା ସଦୃଶ ଯେ କେହି ଏହି ସୋପାନଶ୍ରେଣୀକୁ ଅତିକ୍ରମ କରି ବିଜୟ ହାସଲ କରି ପାରିବେ । ହେ ପ୍ରଭୁ ! ତୁମରି ଗୌରବ ପରାଜୟକୁ ଚିରନ୍ତନୀ ବିଜୟରେ ରୂପାନ୍ତର କରି ଦେଇପାରିବ, ଏବଂ ସମସ୍ତ ଛାୟା ଆପଣଙ୍କ ବିକିରିତ ଆଲୋକ ସମ୍ମୁଖରେ ତିଷ୍ଠି ନପାରି ପଳାୟନ କରିବ ।''

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ, ''ବିଭୁ କୃପା'' ଭୁଲ୍-ଭ୍ରାନ୍ତିମାନଙ୍କୁ ତା'ର ଦିବ୍ୟ-ଆଲୋକରେ ରୂପାନ୍ତରିତ କରିଦିଏ । କୌଣସି ବ୍ୟକ୍ତିଗତ ପ୍ରଚେଷ୍ଟା ଏତାଦୃଶ ଚମତ୍କାର କାର୍ଯ୍ୟ କରିପାରେ ନାହିଁ । କେବଳ ମାତ୍ର ଆମର ଉପଲବ୍ଧ ବୌଦ୍ଧିକ ଜ୍ଞାନକୁ ଭିତ୍ତି କରି ଅତୀତର ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ-କଳାପକୁ ଦିବ୍ୟଜନନୀଙ୍କ ପାଦ ତଳେ ସମର୍ପଣ କରି ଦିଆଯାଇ ପାରିଲେ, ତାହାକୁହିଁ ବ୍ୟକ୍ତିଗତ ପ୍ରଚେଷ୍ଟା କୁହାଯିବ । ଯନ୍ତ୍ରଟିକୁ ସୁଧାରିବା ଏବଂ ତାକୁ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରିବା ମାନବ-ଶକ୍ତିର କ୍ଷମତା ଭିତରେ ନାହିଁ । ପରମ ପ୍ରଭୁଙ୍କ ''ଜ୍ୟୋତିଃଷ୍ମାନ୍ ଆଲୋକ''ର ଗୋଟିଏ ମାତ୍ର ଝଲକ ସକଳଙ୍କୁ ବିଶୁଦ୍ଧ କରି ଦେଇଥାଏ । ଅତୀତ-ସ୍ମୃତି ପ୍ରତି ଆମମାନଙ୍କର ସମ୍ପୂର୍ଣ୍ଣ ଠିକ୍ ଦୃଷ୍ଟିଭଙ୍ଗୀ (Right Attitude) ଏହି ଦିବ୍ୟ-ଜ୍ୟୋତିଃକୁ ଆବାହନ କରି ଆଣିଥାଏ । ଆହ୍ୱାନର ପ୍ରତ୍ୟୁତ୍ତର ମଧ୍ୟ ତାହା ପ୍ରାପ୍ତ କରିଥାଏ । ଅତୀତର ସ୍ମୃତିମାନେ ସାଧାରଣତଃ ଆମମାନଙ୍କୁ ପଛରୁ ଟାଣି ଧରିଥା'ନ୍ତି, ଆମେ ଆଗକୁ ବଢ଼ିଥିବା ରାସ୍ତାରେ ପ୍ରତିବନ୍ଧକମାନ ସୃଷ୍ଟି କରୁଥା'ନ୍ତି । ପ୍ରକୃତରେ ଅତୀତହିଁ ସର୍ବଦା ପ୍ରତିବନ୍ଧକ ହୋଇ ଠିଆ ହୁଏ; ଏବଂ ତାକୁ ଦିବ୍ୟଜନନୀଙ୍କର ଉକ୍ତ ନଭେମ୍ବର ୨, ୧୯୧୫ ଧ୍ୟାନ ଓ ପ୍ରାର୍ଥନାର ଅନ୍ତର୍ନିହିତ ଜ୍ୟୋତିଃ-ସ୍ରୋତରେ ଭସାଇ ଦେଇ ଉପଯୁକ୍ତ ପରିବର୍ତ୍ତିତ ଦୃଷ୍ଟିଭଙ୍ଗୀରେ ନିରୀକ୍ଷଣ କଲେ ତା'ର ଗୌରବୋଜ୍ଜ୍ୱଳ ରୂପ ଦର୍ଶନ କରି ହୁଏ, ଯାହା ''ଭବିଷ୍ୟତର ଗାଥା'' (Tales of tomorrow) ସହିତ ସମ୍ପର୍କିତ ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on the Prayers and Meditations : Goutam Ghosal


Persist in your aspiration and it will be fulfilled.

*CWM-14, p. 161* - The Mother

**Collected Works of The Mother (PB) (Crown) – 17 Vols.**
**Rs. 2750 only** *(Till stocks last)*

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୫୨)

## ସାହାନା ଦେବୀ

**ସାହାନା :** ମା ଗୋ, ତୁମେମାନେ ମୋ ଭିତରେ ରହିଥିବା କେତେ କ'ଣ ମୋତେ ଦେଖାଇ ଦେଉଛ, ଶୁଣାଇ ଦେଉଛ । ନିଜକୁ ଦେଖୁଛି, ଧୀରେ ଧୀରେ କେତେ କ'ଣ ଚେତନାରେ ଫୁଟି ଉଠୁଛି ସିନେମାର ଛବି ପରି । ବେଳେ ବେଳେ ଏଇ ଶରୀରଟା ଅଳସୁଆମି କରିବାକୁ ଚାହେ — ଯଥେଷ୍ଟ ଅନିଚ୍ଛା ଦେଖାଏ, ଜିଦ୍ ଧରି ବସେ — କିନ୍ତୁ ତୁମମାନଙ୍କ କୃପାରୁ ଚୈତ୍ୟ ସତ୍ତା ନଛୋଡ଼ବନ୍ଦା, କୌଣସି ବିଷୟ ତାକୁ ଆଳସ୍ୟ ଆଣିବାକୁ ଦିଏ ନାହିଁ, ଯାହା କାର୍ଯ୍ୟ କରିବା କଥା ଠିକ୍‌ଠାକ୍ କରାଇ ଦିଏ । ଏଇ ସବୁ ଅନ୍ଧକାରପୂର୍ଣ୍ଣ ଢେଉ ଯେତେବେଳେ ଆସେ ସେସମୟରେ ଯେଉଁ ଅଂଶଟି ମୋର ସର୍ବଦା ବିଚଳିତ ହୁଏ, ତାହା ଟିକିଏ ହଲଚଲ ହୋଇ ଉଠିବ ବୋଲି ଭାବିଲା ବେଳକୁ, ପୁନର୍ବାର ମୋର ଏଇ ସାହାଯ୍ୟକାରୀ (ଚୈତ୍ୟିକ ସତ୍ତା) ଯେମିତି ଚେତନାର ସାମନାକୁ ଆଣି ଛିଡ଼ା କରାଇ ଦିଏ ଏବଂ ଦେଖିବାକୁ ପାଏ ମୁଁ ଇତି ମଧ୍ୟରେ ପୃଥକ୍ ହୋଇଯାଇଛି, ଯେପରିକି ମୋ ସହିତ ଏହାର କିଛି ସମ୍ବନ୍ଧ ନାହିଁ — ଏସବୁ ଯେପରି କେଉଁଠାରୁ ଆସିଛି ଯାହା ବାହାରି ଚାଲିଯିବ — ଏଇ ପ୍ରକାର ଏକ ମନୋଭାବ ଆସେ । ତିଳେମାତ୍ର ମୋତେ ଏସବୁ ସ୍ପର୍ଶ କରି ପାରେନା । ଏମିତି ବିଭିନ୍ନ ପ୍ରକାରର ଗତିବୃତ୍ତି ସବୁ ଆସେ ଓ ଯାଏ ଏବଂ ମୁଁ ସେମାନଙ୍କର ପ୍ରତିକ୍ରିୟାକୁ କେଉଁ ଭାବରେ ଗ୍ରହଣ କରିଥାଏ, ସେସବୁକୁ ଲକ୍ଷ୍ୟ କରି ଚାଲିଛି । ତୁମ ସମ୍ବନ୍ଧରେ ଯେଉଁସବୁ ଅନୁଭୂତି ହେଉଛି ତାହା ଖୁବ୍ ଆନନ୍ଦ, ଖୁବ୍ ତୃପ୍ତି ଆଣିଦିଏ, ମା !

ସର୍ବଦା ଏକ ପ୍ରଗାଢ଼ ପ୍ରଶାନ୍ତି ଭାବ ଓ ଶାନ୍ତି ଅନୁଭୂତ ହୁଏ ଯେ ସମସ୍ତ ଉଦ୍‌ବେଗ, ଅସ୍ଥିରତା, ଅଧୈର୍ଯ୍ୟଭାବ — ଏସବୁ ଯେପରି ଶାନ୍ତିର ବିଶାଳତା ମଧ୍ୟରେ ବିଲୀନ ହୋଇ ଯାଇଛି । କିଛି ଅଂଶ ବର୍ତ୍ତମାନ ସୁଦ୍ଧା ଅଛି ଯାହା ସୁଯୋଗ ପାଇଲେ ଟିକିଏ ଅବସର ଖୋଜେ, ଧରାବନ୍ଧା ନିୟମ ମଧ୍ୟରେ ଚାଲିବାକୁ ଚାହେନା, ତା'ର ଇଚ୍ଛାନୁସାରେ ସବୁକିଛି କରିବାକୁ ଚାହେ ଏବଂ କରିପାରିଲେ ଖୁବ୍ ଖୁସି ହୋଇ ପରିଶ୍ରମ କରିବାକୁ ରାଜି ହୋଇଯାଏ । ଏହି ଦିଗକୁ ତୁମମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହେ ମା ।

ମା, ଆହୁରି ଏକ ଜିନିଷ ଆଜିକାଲି ଲକ୍ଷ୍ୟ କରୁଛି — ଯଦି କେତେବେଳେ କିଛି ମୋ ମଧ୍ୟରେ ଅସାଧ ବୋଲି ମନେ ହୁଏ, ମୋର ଏଇ 'ମୁଁ'କୁ ବାଦ୍ ଦେଇ ଅନ୍ତରଟିକୁ ତୁମର ଆଲୋକ ଦିଗକୁ ଖୋଲି ଧରିବା ନିମନ୍ତେ ଇଚ୍ଛା କରେ; ଏକାଗ୍ରତା ସହ ସେଇ ଆଡ଼କୁ ନିଜକୁ ଛାଡ଼ି ଦେବାର ଏକ ପ୍ରକାର ଭାବ ଆସେ — ଅର୍ଥାତ୍ ମୋ ମଧ୍ୟରେ ଯାହା ନାହିଁ ତାହା ଊର୍ଦ୍ଧ୍ୱରୁ ଆସୁ, ଏଇ ପ୍ରକାର ଏକ ଶାନ୍ତ ଆବାହନର ଭାବ ଜାଗ୍ରତ୍ ହୁଏ । ଏହା ସବୁ ଠିକ୍ ତ ? ପ୍ରତି ପଦରେ ମୋତେ ଯେପରି ଅନୁଭବ କରାଇ ବୁଝାଇଦିଏ ଯେ ମୋର ଶକ୍ତି କେତେକ୍ଷୁଦ୍ର — ଯେତେବେଳେ ପର୍ଯ୍ୟନ୍ତ ତାହା ମୋର ବୋଲି ମନେ ହୁଏ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ହେଉଛି ପ୍ରକୃତ ଆନ୍ତର ଚେତନା ଯାହା ତୁମେ ଏବେ ଲାଭ କଲ । ତାମସ ଏବଂ ବିଶ୍ୱଗତ ନିମ୍ନପ୍ରକୃତିର ଅନ୍ୟାନ୍ୟ ଗତିବୃତ୍ତିସବୁ ଅନ୍ତରରେ ପ୍ରବେଶ କରିବାକୁ ଚେଷ୍ଟା କରିବେହିଁ କରିବେ । କିନ୍ତୁ ଯଦି ଆନ୍ତର ସତ୍ତାରେ ପ୍ରଶାନ୍ତି ଥାଏ ଯାହା ସେମାନଙ୍କୁ ଅନୁଭବ କରାଏ ସତ୍ତାର ବହିର୍ସ୍ଥିତ କିଛି ଜିନିଷ ବୋଲି, ଏବଂ ତାହା ସହ ଥାଏ ଚୈତ୍ୟସତ୍ତାର ଆଲୋକ ଯାହା ସଙ୍ଗେ ସଙ୍ଗେ ସେଇସବୁକୁ ଦୃଷ୍ଟିଗୋଚର କରାଏ ଏବଂ ତାହାକୁ ବର୍ଜନ କରେ, ତେବେ ତାହାକୁହିଁ କୁହାଯାଏ ସତ୍ୟଚେତନା ଲାଭ ଯାହା ସାଧକକୁ ନିରାପଦରେ ରଖେ — ଯେତେବେଳ ପର୍ଯ୍ୟନ୍ତ ଆହୁରି ବେଶୀ ନିଶ୍ଚିତ ରୂପାନ୍ତରର ପ୍ରସ୍ତୁତି ନହୋଇଛି ବା ନଘଟିଛି । ଏହି ରୂପାନ୍ତର ସାଧିତ ହୁଏ ଊର୍ଦ୍ଧ୍ୱର ଶକ୍ତି, ଆଲୋକ, ଜ୍ଞାନ ଏବଂ ଆନନ୍ଦ ଇତ୍ୟାଦିର ଅବତରଣ ଦ୍ୱାରା, କାର୍ଯ୍ୟତଃ ତୁମେ ଠିକ୍ ରୂପେ ଅନୁଭବ କରିଛ ଶାନ୍ତ, ସମାହିତ ଆସ୍ପୃହା ବା ଆବାହନର ସହ ତୁମ ନିଜକୁ ଖୋଲି ଧରିବାକୁ ହେବ ଊର୍ଦ୍ଧ୍ୱରୁ ଆଲୋକର ଅବତରଣ ନିମନ୍ତେ, କେବଳ ତାହାକୁ ହେବାକୁ ହେବ ପ୍ରଶାନ୍ତିର ବିଶାଳତା ମଧ୍ୟରେ ଏକ ଆସ୍ପୃହା, ଯାହା କୌଣସି ପ୍ରକାରେ ତାକୁ ବିନ୍ଦୁମାତ୍ର ବିଚଳିତ କରିବ ନାହିଁ — ଏବଂ ତୁମକୁ ପ୍ରସ୍ତୁତ ରହିବାକୁ ହେବ ଯେ ଫଳାଫଳ ବର୍ତ୍ତମାନ ହୁଏତ ନହୋଇପାରେ — ତାହା ହୋଇପାରେ ଦ୍ରୁତ, କିନ୍ତୁ ପୁଣି ସମୟ ବି ବେଶୀ ନେଇପାରେ । (୨୫.୧୦.୩୪)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଅମୃତ ବର୍ଷା

## (୧)

## ସୂର୍ଯ୍ୟକାନ୍ତି ମହାନ୍ତି

ସଂସ୍କୃତ ଭାଷାରେ 'ଅମୃତ' ଶବ୍ଦର ବ୍ୟୁତ୍ପତ୍ତି ହେଉଛି 'ନ ମୃତ ଅମୃତ' । ଯେଉଁ ତତ୍ତ୍ୱର ମୃତ୍ୟୁ ଅର୍ଥାତ୍ କ୍ଷୟ ନାହିଁ, ବ୍ୟୟ ନାହିଁ, ବିନାଶ ନାହିଁ ତଥା ଅନ୍ତ ନାହିଁ – ସେହି ତତ୍ତ୍ୱହିଁ ଅମୃତ ସ୍ୱରୂପ । ଅମୃତର ସୂକ୍ଷ୍ମ ତତ୍ତ୍ୱ ହେଉଛି ଶାନ୍ତି । ସନାତନ ଧର୍ମର ବିଭିନ୍ନ ପୌରାଣିକ ଆଖ୍ୟାନ ଅନୁଯାୟୀ ସମୁଦ୍ର ମନ୍ଥନରୁ ଅମୃତ ଲାଭ ହୋଇଥିଲା । ଦୁର୍ବଳ ହୋଇ ଯାଇଥିବା ଦେବତାମାନଙ୍କ ଶକ୍ତିର ପୁନଃ ପ୍ରାପ୍ତି ପାଇଁ ଅମୃତପାନର ଆବଶ୍ୟକତା ଥିଲା । ସମୁଦ୍ର ମଧ୍ୟରୁ ଅମୃତ ପ୍ରାପ୍ତ ହେବାର ସମସ୍ତ ସମ୍ଭାବନା ଥିବାରୁ ମହାବିଷ୍ଣୁଙ୍କ ପରାମର୍ଶ କ୍ରମେ ସମୁଦ୍ର ମନ୍ଥନର ଆୟୋଜନ ହେଲା ।

ତେବେ ଏହି ମହାନ୍ ତଥା କ୍ଲେଶସାଧ୍ୟ କାର୍ଯ୍ୟର ସମ୍ପାଦନ ନିମନ୍ତେ ଦେବତାଙ୍କ ସହିତ ଅସୁରମାନଙ୍କ ଶକ୍ତିର ସହଯୋଗ ଆବଶ୍ୟକ ମନେ ହେଲା । ଅତଏବ ଦେବତାଙ୍କ ଅନୁରୋଧ କ୍ରମେ ଅମୃତ ଲାଭ ପାଇଁ ଦାନବମାନେ ମଧ୍ୟ ଏହି କାର୍ଯ୍ୟରେ ଯୋଗ ଦେଲେ । ଏହି ସମୁଦ୍ର ମନ୍ଥନରୁ ଚଉଦଟି ରତ୍ନ ପ୍ରାପ୍ତ ହୋଇଥିଲା । ଅବଶ୍ୟ ଏହା ମଧ୍ୟରୁ ହଳାହଳ ବିଷ ଅନ୍ୟତମ, ଯାହାକୁ ଶିବ ପାନ କରିଥିଲେ ବିଷର ବଳୟରୁ ଏ ପୃଥିବୀକୁ ରକ୍ଷା କରିବା ନିମିତ୍ତ । ବିଷର ପ୍ରଭାବରେ ଶିବଙ୍କର କଣ୍ଠଦେଶ ନୀଳବର୍ଣ୍ଣ ହୋଇଯିବାରୁ ତାଙ୍କୁ ନୀଳକଣ୍ଠ କୁହାଗଲା । ତେବେ ସମୁଦ୍ରରୁ ଉଦ୍ଭାସିତ ହୋଇଥିଲେ ଦେବ ଚିକିତ୍ସକ ଧନ୍ୱନ୍ତରି – ହସ୍ତରେ ଅମୃତ ଭରା କଳସ ସହିତ । ଏହି ଅମୃତ ଲାଭ କରିବା ପାଇଁ ଦେବ ଓ ଦାନବଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । କାରଣ ଉଭୟ ପକ୍ଷହିଁ ଏହା ଲାଭ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରୁଥିଲେ । ଅବଶ୍ୟ ବିଷ୍ଣୁଙ୍କର ଅଭୂତପୂର୍ବ ମାୟାରଚନା ଫଳରେ ଦେବଗଣହିଁ ଏହା ଲାଭ କରିଥିଲେ ।

କ୍ଷୀରସାଗର ମନ୍ଥନରୁ ଲାଭ ହୋଇଥିବା ଚଉଦଟି ରତ୍ନମାନଙ୍କ ମଧ୍ୟରୁ ମହାଲକ୍ଷ୍ମୀ ଓ ଚନ୍ଦ୍ର ସାଥୀ ହୋଇ ଉଦ୍ଭବ ହୋଇଥିଲେ । ଏଣୁ ମହାଲକ୍ଷ୍ମୀଙ୍କୁ ସାଗର କନ୍ୟା ବା କ୍ଷୀରାବ୍ଧି ତନୟା ମଧ୍ୟ କୁହାଯାଏ । ଭାରତୀୟ ସଂସ୍କୃତିରେ ସେ ମନୁଷ୍ୟମାନଙ୍କର ମାତାର ମାନ୍ୟତା ଲାଭ କରିଥିବାରୁ ତାଙ୍କର ଭ୍ରାତା ଚନ୍ଦ୍ରଙ୍କୁ 'ମାମୁ' ବୋଲି କୁହାଯାଏ । ମାଆମାନେ ନିଜର ଶିଶୁମାନଙ୍କୁ ଆକାଶରେ ଚନ୍ଦ୍ରଙ୍କୁ ଦେଖାଇ ତାଙ୍କୁ ମାମୁ ବୋଲି ଚିହ୍ନାଇ ଦେଇଥା'ନ୍ତି । ଭାରତୀୟ ଜନସମାଜ ଓ ସାହିତ୍ୟରେ ଏହି ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ ।

ଜଣେ ବିଖ୍ୟାତ ପୁସ୍ତକ ପ୍ରକାଶକ, ଜନସେବକ, ବିଶ୍ୱପ୍ରେମୀ ଓ ସିନେମା ପ୍ରଯୋଜକ ବି. ନାଗିରେଡ୍ଡୀ ୧୯୪୭ ମସିହାରେ 'ଚନ୍ଦାମାମା' ନାମକ ମାସିକ ପତ୍ରିକା ଆରମ୍ଭ କରିଥିଲେ । ଇଂରାଜୀ ଓ ସିଂହଳୀ ଭାଷାକୁ ଛାଡ଼ି ୧୪ଟି ବିଭିନ୍ନ ଭାରତୀୟ ଭାଷାରେ ଏହା ପ୍ରକାଶ ପାଉଥିଲା । ସେହି ଭାଷାଗୁଡ଼ିକ ହେଉଛି – ତେଲୁଗୁ, ତାମିଲ, ମାଲୟାଲମ୍ (କେରଳ), କନ୍ନଡ଼ (କର୍ଣ୍ଣାଟକ), ସଂସ୍କୃତ, ହିନ୍ଦୀ, ଗୁଜୁରାଟୀ, ଗୁରୁମୁଖୀ (ପଞ୍ଜାବ), ଓଡ଼ିଆ, ସିନ୍ଧି, ସାନ୍ତାଳୀ (ଗିରିଜନ), ମରାଠୀ (ମହାରାଷ୍ଟ୍ର), ବଙ୍ଗଳା ଓ ଅହମୀୟା (ଆସାମ) । ଏତଦ୍‌ବ୍ୟତୀତ ବ୍ରେଲ୍ (Braille) ଅକ୍ଷରରେ ଚାରୋଟି ବିଭିନ୍ନ ଭାଷାରେ ମଧ୍ୟ ଚନ୍ଦାମାମା ପ୍ରକାଶିତ ହେଉଥିଲା, ଯାହା ମାଗଣାରେ ଦିବ୍ୟାଙ୍ଗମାନଙ୍କୁ ବଣ୍ଟନ କରା ଯାଉଥିଲା ।

ପୁରାଣ ଅନୁଯାୟୀ ମହାଲକ୍ଷ୍ମୀ ଶରଦ୍ ପୂର୍ଣ୍ଣିମା ରାତ୍ରିରେ ସ୍ୱଚ୍ଛତା, ଶକ୍ତି, ସମୃଦ୍ଧି, ଶାନ୍ତି ଓ ସୌଭାଗ୍ୟ ବାଣ୍ଟିବା ବେଳେ ତାଙ୍କ ଭ୍ରାତା ଚନ୍ଦ୍ର ଆକାଶରୁ ଅମୃତ ବର୍ଷା କରିଥା'ନ୍ତି । ବାସ୍ତବରେ ବର୍ଷରେ ପଡୁଥିବା ସମସ୍ତ ପୂର୍ଣ୍ଣମୀ ରାତ୍ରିରେ ଆକାଶରୁ ଝରି ପଡୁଥାଏ ଅମୃତ । ତେବେ ଶରଦ୍ ପୂର୍ଣ୍ଣିମା ରାତ୍ରିରେ ସର୍ବାପେକ୍ଷା ଅଧିକ ପରିମାଣରେ ଅମୃତ ବର୍ଷା ହୋଇଥାଏ । ଉକ୍ତ ଦିବସରେ ଓଡ଼ିଶାର କୁମାରୀମାନେ ଚନ୍ଦ୍ରପୂଜା କରିଥା'ନ୍ତି । ଏହି ପୂର୍ଣ୍ଣିମାକୁ କୁମାର ପୂର୍ଣ୍ଣିମା ବା କୌମୁଦୀ ପୂର୍ଣ୍ଣିମା କୁହାଯାଏ । ଏହି ପୂଜା ଆରମ୍ଭ ହୋଇଥାଏ ଏହାର ପୂର୍ବ ପୂର୍ଣ୍ଣମୀ 'ଇନ୍ଦୁ ପୂର୍ଣ୍ଣିମା'ଠାରୁ – ଯାହାକୁ କୁହାଯାଏ ଜହ୍ନି ଓଷା ।

କୁମାର ପୂର୍ଣ୍ଣିମା ପର୍ବ ଶସ୍ୟ ଅମଳ ସହିତ ସମ୍ପର୍କିତ । ଏହି ସମୟରେ ମୌସୁମୀ ଜନିତ ବର୍ଷାଋତୁ ଶେଷ ହୋଇ ଶସ୍ୟ

ପାଚିବାକୁ ଯାଉଥାଏ । ଏଣୁ ନୂତନ ଶସ୍ୟର ସମ୍ଭାର ସହ ମହାଲକ୍ଷ୍ମୀଙ୍କୁ ପୂଜା କରି ସୁଖ ସମୃଦ୍ଧିକୁ ସ୍ୱାଗତ କରାଯାଏ । ଏହା ଏକ ମାର୍ମିକ ହିନ୍ଦୁ ପର୍ବ ଅଟେ ।

କୁମାର ପୂର୍ଣ୍ଣିମା ଦିନ ଚନ୍ଦ୍ର ପୃଥିବୀର ଖୁବ୍ ନିକଟତର ହେଉଥିବାରୁ ଏହାର କିରଣ ଖୁବ୍ ଉଜ୍ଜ୍ୱଳ ଦିଶେ ଯାହା ପୃଥିବୀପୃଷ୍ଠରେ ଥିବା ସମସ୍ତ ଜୀବଜଗତ୍ ପାଇଁ ଲାଭଦାୟକ ହୋଇଥାଏ । ମନୁଷ୍ୟର ସ୍ୱାସ୍ଥ୍ୟ ନିମନ୍ତେ ଏହା ମଧ୍ୟ ଅତ୍ୟନ୍ତ ଉପକାରୀ । କୁମାର ପୂର୍ଣ୍ଣିମା ଦିନ ଚନ୍ଦ୍ରକିରଣରେ ବୁଲିବା, ଶୋଇବା ବା ନୌକାବିହାର କଲେ ଶରୀର ଏହି କିରଣରୁ ଶକ୍ତି ଗ୍ରହଣ କରି କିଛି ରାସାୟନିକ ପ୍ରକ୍ରିୟା ସୃଷ୍ଟି କରେ । ଫଳରେ ତ୍ୱଚାର ରଙ୍ଗ ସଫେଦ ଏବଂ ନରମ ହୁଏ । ଚନ୍ଦ୍ରକିରଣ ମଣିଷ ଶରୀରକୁ ସୁସ୍ଥତା ଏବଂ ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରେ । ଏହି କାରଣରୁ ସ୍ମରଣ ଶକ୍ତିର ବୃଦ୍ଧି ତଥା ମୁଣ୍ଡର କେଶ ଅସମୟରେ ଧଳା ହୁଏ ନାହିଁ, ଦୃଷ୍ଟି ଶକ୍ତି ପ୍ରଖର ହୁଏ ଏବଂ ଚକ୍ଷୁ ରୋଗ ହୁଏ ନାହିଁ । ଏପରିକି ପାଦକୁ ଅଧିକ ସମୟ ଚନ୍ଦ୍ରକିରଣରେ ରଖିଲେ ଶୀତ ଦିନେ ତଳିପାଦ, ଗୋଇଠି ଓ ଓଷ୍ଠ ଫାଟିବାରୁ ମୁକ୍ତି ମିଳେ ଏବଂ ସୁନିଦ୍ରା ମଧ୍ୟ ହୁଏ ।

ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ଚନ୍ଦ୍ରକିରଣରେ ଥାଏ ଆରୋଗ୍ୟକାରୀ ଶକ୍ତି । ଏପରିକି ପାଚିଲା ସେଓକୁ କାଟି ଚନ୍ଦ୍ରକିରଣରେ ରାତି ସାରା ରଖି ସକାଳେ ଖାଲି ପେଟରେ ସେବନ କଲେ ସ୍ୱାସ୍ଥ୍ୟର ଯଥେଷ୍ଟ ପରିବର୍ତ୍ତନ ହୁଏ । ଏହାକୁ ଚୋବାଇ ଖାଇବା ଫଳରେ ଦାନ୍ତ ମାଢ଼ିରୁ ରକ୍ତସ୍ରାବ ହୁଏ ନାହିଁ ତଥା ହଜମ ଶକ୍ତି ବୃଦ୍ଧି ହୁଏ । କୋଷ୍ଠକାଠିନ୍ୟରୁ ବ୍ୟକ୍ତି ମୁକ୍ତ ହେବା ସଙ୍ଗେ ସଙ୍ଗେ ମୁଣ୍ଡ ବ୍ୟଥା ବି କମ୍ ହୁଏ । କ୍ଷୀର ବା ଚାଉଳ କ୍ଷୀରୀ ରାତିସାରା ଅଥବା ଦୁଇ, ତିନି ଘଣ୍ଟା ଚନ୍ଦ୍ରକିରଣରେ ରଖିଲେ ଏହା ଔଷଧୀୟ ଗୁଣରେ ପରିପୂର୍ଣ୍ଣ ହୋଇଥାଏ ।

ସୁସ୍ୱାଦୁ ଖାଦ୍ୟ ଉଦରସ୍ଥ କଲା ଭଳି ଅମୃତରେ ଭରା ଚନ୍ଦ୍ରକିରଣରେ ମନ ଭରି ସ୍ନାନ କଲେ ମଣିଷ ବର୍ଷ ତମାମ ସୁସ୍ଥ ରହିପାରେ, ଯାହା ଆଶ୍ଚର୍ଯ୍ୟ ଲାଗିଲେ ବି ସତ୍ୟ ।

ବହୁ ପ୍ରାଚୀନ ତଥା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଓଡ଼ିଆ ଭାଷାର ଲବ୍‌ଧ ପ୍ରତିଷ୍ଠିତ କବି ମାୟାଧର ମାନସିଂହ 'ମହାନଦୀରେ ଜ୍ୟୋତ୍ସ୍ନା ବିହାର' କବିତା ରଚନା କରି ଆତ୍ମ-ବିଭୋର ହେବା ସଙ୍ଗେ ସଙ୍ଗେ ପାଠକମାନଙ୍କ ପାଇଁ ଏକ ସ୍ୱପ୍ନିଳ ଓ ସ୍ୱର୍ଗୀୟ ଜଗତର ପରିବେଶ ସୃଷ୍ଟି କରିଛନ୍ତି । ତାଙ୍କ କବିତାର କେତୋଟି ଅମୃତଝରା ପଂକ୍ତି ଯାହା ଏହିପରି :

''ଧବଳ ଉତ୍ତରୀ ସମ ରଜନୀ-ବଧୂର
ଜ୍ୟୋଛନା ବ୍ୟାପିଛି ଦୂର ଦିଗଚକ୍ର ଲାଗି,
ତଳେ ତା'ର ଏ ଧରଣୀ, ପ୍ରକୃତି ମଧୁର
ହୋଇଛି ମଧୁରତର ତା ପରଶେ ଜାଗି ।

* * *

ଏ ବିରାଟ ଚିତ୍ର ଗୃହେ ଅତିଥି ମୁଁ ଦୀନ
ମୁଗ୍ଧ ସମ ରହେ ଚାହିଁ ମହା ମହିମାରେ
ଭାବଇ ବା ହୋଇ ଏହି ଜ୍ୟୋତ୍ସ୍ନାରେ ପ୍ରଲୀନ
ଭୋଗନ୍ତି ଯେ ସୁଧା ଝରେ ଆଜି ଏତେ ଧାରେ ।''

(କବିତା ପ୍ରବେଶ, ପୃ : ୨୩୧-୨୩୨)

ଏସବୁ ସତ୍ତ୍ୱେ ଆଧୁନିକ ମଣିଷ ବିଜୁଳି ବତି, ଟେଲିଭିଜନ୍, କମ୍ପ୍ୟୁଟର ଓ ମୋବାଇଲ ଫୋନ୍‌ର ଆଲୋକରେ ସର୍ବଦା ସନ୍ତରଣ କରୁଛି । ମନେ ହୁଏ ଆକାଶରେ ଚନ୍ଦ୍ର ଏବଂ ଏହାର ସ୍ନିଗ୍ଧ କିରଣରେ ପୃଥିବୀ ସ୍ନାନ କରୁଥିବା କଥା ମଣିଷ ଯେପରି ଧୀରେ ଧୀରେ ବିସ୍ମୃତ ହେବାକୁ ଯାଉଛି ।

ଯେଉଁ କ୍ଷୀର ସାଗରକୁ ମନ୍ଥନ କରିବା ଫଳରେ ଅନ୍ୟ ରତ୍ନମାନଙ୍କ ସହିତ ମହାଲକ୍ଷ୍ମୀ, ଚନ୍ଦ୍ର ଓ ଅମୃତ ଲାଭ ହୋଇଥିଲା, ଅଧୁନା ତାହାର ଅବସ୍ଥିତି କେଉଁଠି ? ଏହି କ୍ଷୀର ସାଗର କ'ଣ ଆମେ ପଢୁଥିବା ଭୂଗୋଳରେ ପାଞ୍ଚ ମହାସାଗର ମଧ୍ୟରୁ ଗୋଟିଏ ? ଏହାର ଅସଲ ପରିଚୟ କ'ଣ ? ବିଭିନ୍ନ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ କ୍ଷୀର ସାଗର (Milk Ocean) ହେଉଛି ଆକାଶରେ ବା ସ୍ୱର୍ଗରେ ଥିବା ଛାୟାପଥ (Milky Way) । ଏହାକୁ ମଧ୍ୟ ମହାଜାଗତିକ ମହାସାଗର କୁହାଯାଏ । ଛାୟାପଥ ହେଉଛି ପ୍ରତୀକାତ୍ମକ ଭାବରେ ପ୍ରକାଶମୟ ପୃଥିବୀ । ଏହାର କ୍ଷୀର ବା କ୍ଷୀର ସାଗର ହେଉଛି ସୃଷ୍ଟିର ମଣ୍ଡଳ; ଏଥିରେ ଥିବା 'ସର' (Cream) ହେଉଛି ଆକାଶ ମଣ୍ଡଳ ବା ଆକାଶ ତତ୍ତ୍ୱ । ଏଥିରୁ ସୃଷ୍ଟ 'ଦହି' ହେଉଛି ବାୟୁ ତତ୍ତ୍ୱ ବା ପ୍ରାଣ ।

ପୁନଶ୍ଚ, ପୁରାଣ ଅନୁଯାୟୀ କ୍ଷୀର-ସାଗର ମଝିରେ ଅଛି ଶ୍ୱେତଦ୍ୱୀପ ଯେଉଁଠାରେ ମହାବିଷ୍ଣୁ ଅନନ୍ତ ନାଗ (ଶେଷ ନାଗ) ଉପରେ ଶୟନ କରିଛନ୍ତି । ଏସବୁ କାଳ୍ପନିକ ଗଳ୍ପ ଭଳି ଲାଗୁଥିଲେ ମଧ୍ୟ ଏଥିରେ ଅଛି ସୂକ୍ଷ୍ମ ସଙ୍କେତ । ମହାଜାଗତିକ ସ୍ତରରେ ସାଗର, ଏହାର ସର ଓ ଦହି, ଶ୍ୱେତଦ୍ୱୀପ, ଅନନ୍ତ ନାଗର ଶଯ୍ୟା ଆଦି ସମସ୍ତ ବର୍ଣ୍ଣନା ସୂଚିତ କରେ ଦୃଶ୍ୟମାନ ଓ ଅଦୃଶ୍ୟମାନ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ।

ସେହିପରି ସାଗର ମନ୍ଥନରେ ଥିବା ଲୁକ୍କାୟିତ ପ୍ରତୀକ ରହସ୍ୟମୟ ମନେ ହୁଏ । ମନୁଷ୍ୟ ଶରୀର ହେଉଛି ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡ (macrocosm)ର ଏକ ଅଣୁ ଜଗତ୍ (microcosm), ଯେଉଁଥିରେ ଉଭୟ ଦେବ ଓ ଦାନବ ନିଜ ନିଜ ସ୍ତରରେ ବାସ କରନ୍ତି । ଦେବତାମାନେ ପ୍ରତିନିଧିତ୍ୱ କରନ୍ତି ଇନ୍ଦ୍ରିୟସମୂହକୁ, ସଦ୍‌ଗୁଣ ଓ ଆନନ୍ଦର ଉପାଦାନକୁ ଏବଂ ଦାନବମାନେ ପ୍ରତିନିଧିତ୍ୱ କରନ୍ତି ପ୍ରବଞ୍ଚନା, ମନ୍ଦ ପ୍ରକୃତି ଓ ଯନ୍ତ୍ରଣାର ଉପାଦାନକୁ । ଦେବତା ସୂଚିତ କରନ୍ତି ସତ୍ତ୍ୱ, ବିଶୁଦ୍ଧତା ଓ ମେଧାକୁ ଏବଂ ଦାନବ – ତମସା (ଅନ୍ଧକାର) ଓ ଶରୀରର ମାନ୍ଦାବସ୍ଥାକୁ ।

ଏହି ରୂପେ ମଣିଷ ମଧରେହିଁ ଚାଲିଥାଏ ସାଗର ମନ୍ଥନ । ଅବଶ୍ୟ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଆଦି ସ୍ୱର୍ଗୀୟ ବସ୍ତୁର ପ୍ରଭାବରେ ମନୁଷ୍ୟ ହୁଏ ପ୍ରଭାବିତ । ଏଣୁ ସୁଧାଝରା ଚନ୍ଦ୍ର କିରଣର ଶକ୍ତିକୁ ସର୍ବୋତ୍ତମ ଭାବରେ ସଦ୍‌ବ୍ୟବହାର କରି ସର୍ବୋଚ୍ଚ ସ୍ତରରେ ଉପକୃତ ହେବା ଆବଶ୍ୟକ । ବାସ୍ତବରେ ପୂର୍ଣ୍ଣଚନ୍ଦ୍ର ପ୍ରଦର୍ଶିତ କରନ୍ତି ଶକ୍ତି ଓ ଜ୍ଞାନର ଏକ ମୁକ୍ତ ଯାତ୍ରାପଥ ଏବଂ ବର୍ଷା କରନ୍ତି ଅମୃତର ଧାରା ।

(କ୍ରମଶଃ)

❑❑❑

# ମାଆ ପାଦେ ଏତିକି ମୋ ଅଳି

## ଜ୍ୟୋସ୍ନାରାଣୀ ଦାଶ

ହେ ମୋର ଦରଦୀ ବନ୍ଧୁ । ହେ ନବପ୍ରକାଶ !
ତୁମ ଦିବ୍ୟପରଶରେ ଜୀବନ ମୋ ହୁଏ ମଧୁମୟ
ତୁମେ ମୋର ସହଯାତ୍ରୀ, ସତ୍ୟାନ୍ୱେଷୀ ଜୀବନ-ଯାତ୍ରାରେ
ତୁମେ ମୋର ଏକାନ୍ତ ଆତ୍ମୀୟ, କାମ୍ୟ ମୋର ତୁମରି ସହାୟ ।

ତୁମେ କି ଗୋ ବହ୍ନିବଧୂ ଜୀବନର ଏକାନ୍ତ ବେଳାରେ
ମଧୁଝରା ହସ ବୋଲି ତୁମରି ସେ ସ୍ୱପ୍ନିଳ ଅଧରେ
ମୁଗ୍ଧ ଓ ବିବଶ କରି ହରିନିଅ ସକଳ ଯନ୍ତ୍ରଣା
ତୁମ ସାଥେ ସାଥୀ ହେବା ପାଇଁ ସଂଗୋପନେ ଦିଅ ଗୋ ମନ୍ତ୍ରଣା ।



ତୁମେ କିବା ନୀଳପରୀ ଆଧ୍ୟାତ୍ମିକ ସୁନୀଳ-ଆକାଶେ
ସପନେ ମୋ ଛୁଇଁଯାଅ ଛପି ଛପି ଅତି ସଂଗୋପନେ
ବାଟବଣା ହେଲେ ପଡ଼ି କେଉଁ ପ୍ରଲୋଭନେ
ତୁମେ ଆସି ଉଭା ହୁଅ ମାନସ ନୟନେ ।

ବହ୍ନିବଧୂ ହୁଅ ଅବା, ଅବା ହୁଅ ନୀଳପରୀଟିଏ
ଚେତନାକୁ ଉଜ୍ଜୀବିତ କରି ମୋର ଆସୁ ଥାଅ
ମାଟି ଓ ସରଗ ଦୁହେଁ ଏକାକାର ହୋଇ ଯିବା ଯାଏ
କ୍ଷୁଦ୍ର ଏ ହୃଦୟେ ମୋର ତୁମ ଲାଗି ଭରା ଆଜି କୃତଜ୍ଞତା ପୁଷ୍ପର ଅଞ୍ଜଳି
'କେବଳ ସତ୍ୟ'ର ତୁମେ ବାର୍ତ୍ତାମାନ ବହିଆଣ ମାଆ ପାଦେ ଏତିକି ମୋ ଅଳି । ❑

# ଆଧ୍ୟାତ୍ମିକତାର ପରିଭାଷା

## କୁମାର ଚନ୍ଦ୍ର ମିଶ୍ର

ଗୋଟିଏ ଟି.ଭି. ଚାନେଲର ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କୁ ପଚରା ଯାଉଥିଲା – ''ଆପଣ କେବେଠୁ ଆଧ୍ୟାତ୍ମିକ ହେଲେ ?'' ପ୍ରାୟଶଃ ଉତ୍ତର ମିଳୁଥିଲା – ''ପିଲାଟି ଦିନୁ ।'' ପ୍ରଶ୍ନ – ''କିପରି ?'' ସାଧାରଣ ଉତ୍ତର ଥିଲା – ''ପିଲାଟିଦିନୁ ମନ୍ଦିର ଯାଏ । ଘରେ ଭାଗବତ ପଢ଼ାଯାଏ । ମୁଁ ବି ରାମାୟଣ, ମହାଭାରତ, ହରିବଂଶ, ଅଷ୍ଟାଦଶ ପୁରାଣଠୁ ଆରମ୍ଭ କରି ବେଦ, ଉପନିଷଦ୍, ଗୀତା ପରି ଅନେକ ଗ୍ରନ୍ଥ ପଢ଼ାପଢ଼ି କରେ ।'' ମନରେ ପ୍ରଶ୍ନ ହୁଏ : ''ଯଦି ଜଣେ ଏହିପରି ଦିବ୍ୟଗ୍ରନ୍ଥସବୁ ପାଠ କରୁଥାଏ, କିଂବା ପ୍ରତ୍ୟହ ଆରାଧନା, ଉପାସନା କରୁଥାଏ ବା ତୀର୍ଥାଟନ କରୁଥାଏ ବା ପ୍ରତିଦିନ ଦିଅଁ ଦର୍ଶନ କରୁଥାଏ କିଂବା ପ୍ରବଚନ ଶୁଣୁଥାଏ ତେବେ କ'ଣ କୁହାଯିବ ଯେ ସେ ଆଧ୍ୟାତ୍ମିକ ଜୀବନ ଯାପନ କରୁଛି ? ଯାହାସବୁ କୁହାଗଲା ସେସବୁ ଆଧ୍ୟାତ୍ମିକ ଜୀବନ ପାଇଁ ସହାୟକ ହୋଇପାରେ କିନ୍ତୁ ତାହାକୁ କ'ଣ ଅସଲ ଆଧ୍ୟାତ୍ମିକତା କୁହାଯିବ ?

ଆଧ୍ୟାତ୍ମିକ ଜୀବନ ହେଲା ଏକ ଅନ୍ୱେଷଣ, ଏକ ପ୍ରକାର ଖୋଜିବା ।

କିଏ ଖୋଜିବ ? ନିଜେହିଁ ଖୋଜିବ ।

କାହାକୁ ଖୋଜିବ ? ନିଜକୁହିଁ ଖୋଜିବ ।

କେଉଁଠି ଖୋଜିବ ? ନିଜ ଭିତରେହିଁ ଖୋଜିବ ।

ନିଜକୁ ନିଜେ ନିଜ ଭିତରେ ଖୋଜିବା ହେଲା ଆଧ୍ୟାତ୍ମିକ ଜୀବନର ପ୍ରଥମ ସୋପାନ । ସେଥିପାଇଁ ନିଜ ଅନ୍ତରରେ ପ୍ରବେଶ କରିବାକୁ ହୁଏ । ତେଣୁ ଆଧ୍ୟାତ୍ମିକ ଜୀବନ ହେଲା ଏକ ଅନ୍ତର୍ମୁଖୀ ଜୀବନ ।

ଆଧ୍ୟାତ୍ମିକ ଜୀବନ ହେଲା ଏକ ଜିଜ୍ଞାସା । ମଣିଷ ଯେତେବେଳେ ନିଜକୁ ପ୍ରଶ୍ନ କଲା – ''ମୁଁ କିଏ ? କ'ଣ ପାଇଁ ଏଠାକୁ ଆସିଛି ?'' ଇତ୍ୟାଦି ସେତେବେଳେ ଆଧ୍ୟାତ୍ମିକ ଜୀବନର ସୂତ୍ରପାତ ହୁଏ । ଏହି ଖୋଜାଖୋଜିର ଅବସରରେ ଏକଦା ଉପଲବ୍ଧି ହୁଏ ଯେ – ''ମୁଁ ସିଏ ।'' (ସୋଽହଂ) 'ମୁଁ'ଟି 'ସିଏ' ହୋଇଯାଏ । ଆଧ୍ୟାତ୍ମିକ ଜୀବନ ଅବଶ୍ୟ ଏଠାରେ ଶେଷ ହୁଏ ନାହିଁ । ଆଧ୍ୟାତ୍ମିକ ଜୀବନର ଲକ୍ଷ୍ୟ ସମ୍ପର୍କରେ ଦିବ୍ୟଜନନୀ ଶ୍ରୀମା କହନ୍ତି : ''We are here to find the Divine, to become divine, to manifest the Divine.''

(CWM - 12, p. 119)

ଆଧ୍ୟାତ୍ମିକ ଜୀବନର ରହିଛି ତିନୋଟି ପର୍ଯ୍ୟାୟ । ପ୍ରଥମେ ଦିବ୍ୟସତ୍ତାଙ୍କୁ ନିଜ ଭିତରେ ଆବିଷ୍କାର କରିବା । ଦ୍ୱିତୀୟତଃ : ସେହି ଦିବ୍ୟତତ୍ତ୍ୱରେ ନିଜକୁ ରୂପାନ୍ତରିତ କରିବା ବା ତାହା ହୋଇଉଠିବା । ତୃତୀୟତଃ : ସେହି ଦିବ୍ୟସତ୍ତାଙ୍କୁ ଏଠାରେ ଦୈନନ୍ଦିନ ଜୀବନରେ ଅଭିବ୍ୟକ୍ତ କରିବା । ଅର୍ଥାତ୍ ଦିବ୍ୟସତ୍ତାକୁ ଆବିଷ୍କାର କରିବା, ଦିବ୍ୟ ହେବା ଓ ଦିବ୍ୟତାକୁ ପାର୍ଥିବ ଜୀବନରେ ଅଭିବ୍ୟକ୍ତ କରିବା ହେଲା ଆଧ୍ୟାତ୍ମିକ ଜୀବନର ତିନୋଟି ସୋପାନ ।

ବ୍ୟକ୍ତିସତ୍ତା ହେଲା ଏକ ସାମ୍ରାଜ୍ୟ । ଏ ସାମ୍ରାଜ୍ୟ ତିନିଜଣ ମନ୍ତ୍ରୀଙ୍କ ଦ୍ୱାରା ଶାସିତ ଓ ପରିଚାଳିତ । ସ୍ୱୟଂ ରାଜା ଅନେକ ପରଦାର ଅନ୍ତରାଳରେ ଲୁଚି ରହିଥା'ନ୍ତି । ପରଦାସବୁ ଅପସାରିତ ହେଲେ ସେ ଦୃଷ୍ଟିଗୋଚର ହୁଅନ୍ତି ଓ ତାଙ୍କରି ଅଧିକାର ସାବ୍ୟସ୍ତ କରନ୍ତି । ସେତେବେଳେ ମନ୍ତ୍ରୀତ୍ରୟ ତାଙ୍କରି ବଶ୍ୟତା ସ୍ୱୀକାର କରି ଆଦେଶ ପାଳନ କରିଥା'ନ୍ତି । ଏ ତିନିଜଣ ମନ୍ତ୍ରୀ ହେଲେ ମନ, ପ୍ରାଣ ଓ ଶରୀର । ରାଜା ହେଲେ ''ଚୈତ୍ୟସତ୍ତା'' ବା ''ଅନ୍ତରାତ୍ମା'' । ପରଦାଗୁଡ଼ିକ ହେଲା ଯାବତୀୟ ଆବିଳତା, ଅଶୁଦ୍ଧି ବା ଅପବିତ୍ରତା । ଏହି ଆବିଳତାଗୁଡ଼ିକ ହେଲା – କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ହିଂସା, ଅସୂୟା, ପରଶ୍ରୀକାତରତା ଇତ୍ୟାଦି । ଅହଂ ହେଲା ସବୁଠୁ ମୋଟା ପରଦା ଓ ସବୁ ଆବିଳତାର ମୂଳଉତ୍ସ । ପରଦାଗୁଡ଼ିକୁ ଅପସାରିତ କରିବା ପ୍ରକ୍ରିୟାକୁ କୁହାଯାଏ ''ଆଧାରର ଶୁଦ୍ଧିକରଣ'' । ଏହି ଶୁଦ୍ଧିକରଣ ପ୍ରକ୍ରିୟା ହେଲା ଆଧ୍ୟାତ୍ମିକ ଜୀବନ ପାଇଁ ଏକ ଅବିଚ୍ଛେଦ୍ୟ ଆବଶ୍ୟକତା । ଅହଂଟି କ୍ଷୀଣ ହେଲେ ଆଧ୍ୟାତ୍ମିକ ଜୀବନର ସୂତ୍ରପାତ ହୁଏ । ଆଧାରଟି ଅହଂଶୂନ୍ୟ ଓ ଶୁଦ୍ଧ ହେଲେ ଦୁଃଖ, ଦୈନ୍ୟ, ଯନ୍ତ୍ରଣା, ବେଦନାଦି ଯାବତୀୟ ଝଡ଼ଝଞ୍ଜାକୁ ଅତିକ୍ରମ କରିବା ପାଇଁ ମିଳେ ସାମର୍ଥ୍ୟ ଓ ସମର୍ଥନ ।

ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି : "It is spirituality

when you begin to become aware of another consciousness than the ego and begin to live in it or under its influence more and more. It is that consiousness wide, infinite, self-existent, pure of ego etc. which is called Spirit (Self, Brahman, Divine);...”

ଅର୍ଥାତ୍, ‘‘ତୁମେ ଯେତେବେଳେ ଅହଂକୁ ବର୍ଜନ କରି ଅନ୍ୟ ଏକ ଚେତନା ସଂପର୍କରେ ସଚେତନ ହୁଅ ଓ ସେହି ଚେତନାରେ କିଂବା ତା’ର ପ୍ରଭାବରେ ଅଧିକରୁ ଅଧିକ ଜୀବନ ଧାରଣ କର ସେତେବେଳେ ତାହାକୁ ଆଧ୍ୟାତ୍ମିକତା କୁହାଯିବ । ସେହି ବ୍ୟାପ୍ତ, ଅନନ୍ତ, ଆତ୍ମ-ସ୍ଥିତ, ଅହଂ ବର୍ଜିତ ଚେତନାକୁହିଁ ଆତ୍ମା, ବ୍ରହ୍ମ, ପରମ ଦିବ୍ୟସତ୍ତା କୁହାଯାଏ ।’’

ଏକଦା ଜଣେ ସାଧକ ଦିବ୍ୟଜନନୀ ଶ୍ରୀମାଙ୍କୁ ପ୍ରଶ୍ନ କରିଥିଲେ – ‘‘ମା ! ମୁଁ କିପରି ଜାଣିପାରିବି ଯେ ମୁଁ ଏକ ଆଧ୍ୟାତ୍ମିକ ଜୀବନଯାପନ କରୁଛି ?’’ (Mother, what is it that will help me always remember that I am living a spiritual life ?) ଉତ୍ତର ଥିଲା – ‘‘ସବୁଥିରେ ସର୍ବଦା ଦିବ୍ୟ-ଉପସ୍ଥିତିର ଅନୁଭବ ।’’ (The awareness of the Divine Presence in all things and always.) ଏପରି ଈଶ୍ୱରାନୁଭବ ହେଲା ଆଧ୍ୟାତ୍ମିକତା ଯାହା ଭାରତୀୟ ସଂସ୍କୃତିର ମୂଳାଧାର, ମୌଳିକତା ଓ ମହନୀୟତା ।

ଆଧ୍ୟାତ୍ମିକତା ହେଲା ଏକ ଜାଗରଣ – ଅନ୍ତରସ୍ଥ ସତ୍ୟ ପ୍ରତି ଏକ ଉନ୍ମୀଳନ । ଏହା କଦାପି ଧର୍ମ ନୁହେଁ । ଧର୍ମ ହେଉଛି ଅତୀତର ଏକ ବିଷୟ ଏବଂ ତାହା ଅସୀମ ଅଗ୍ରଗତିକୁ ଅଟକାଇ ଦିଏ । ଆଧ୍ୟାତ୍ମିକତା ହେଉଛି ଭବିଷ୍ୟତର ଏକମାତ୍ର ଆଶା ଓ ଭରସା । ତାହା ଚେତନାକୁ ଊର୍ଦ୍ଧ୍ୱଗାମୀ କରେ ଓ ଆଲୋକିତ କରେ, ଉଚ୍ଚତର ଉପଲବ୍ଧି ପାଇଁ ଆଧାରକୁ ପ୍ରସ୍ତୁତ କରାଏ । ଆଧ୍ୟାତ୍ମିକତା ଯାବତୀୟ ଧର୍ମର ଊର୍ଦ୍ଧ୍ୱରେ ଏବଂ ତାହା ଏକ ଜାଗତିକ ସତ୍ୟ ଦିଗରେ ସତତ ଗତି କରୁଥାଏ । ଆରାଧନା, ଅର୍ଚ୍ଚନା, ଉପାସନା, ଉତ୍ସର୍ଗ, ଭକ୍ତି-ଭାବନା ଇତ୍ୟାଦି ଯେଉଁସବୁ ଧର୍ମାନୁଭୂତିମାନ ରହିଛି, ଆଧ୍ୟାତ୍ମିକ ଚେତନା ସେସବୁର ବିରୋଧୀ ନୁହେଁ, ଅଥଚ ସେହି ସ୍ତରରେ ତାହା ଅଟକି ଯାଏ ନାହିଁ । ଅନ୍ୟପକ୍ଷେ ଚେତନାର ଉତ୍ତରଣ ପାଇଁ ଧର୍ମ ସର୍ବଦା ଏକ ପ୍ରତିବନ୍ଧକ ଓ ପରିସୀମା ହୋଇ ରହିଛି ।

ଅତି ସ୍ୱଷ୍ଟ ଭାବରେ ମହାଯୋଗୀ ଶ୍ରୀଅରବିନ୍ଦ ଆଧ୍ୟାତ୍ମିକତା ସମ୍ପର୍କରେ ଯାହା କହିଛନ୍ତି ତାହାର ଗଭୀର ଓ ବ୍ୟାପକ ଅନୁଧ୍ୟାନ ଓ ବିଶ୍ଳେଷଣ ନିତାନ୍ତ ଆବଶ୍ୟକ ମନେ ହୁଏ ।

“The divine perfection is always there above us; but for man to become divine in consciousness and act and to live inwardly and outwardly the divine life is what is meant by spirituality; all lesser meanings given to the word are inadequate fumblings or impostures.”

(*The Human Cycle*, p. 262 - 263)

‘‘ଆମ ଊର୍ଦ୍ଧ୍ୱରେ ସଦାସର୍ବଦା ଦିବ୍ୟ ପୂର୍ଣ୍ଣତା ବିଦ୍ୟମାନ । କିନ୍ତୁ ଚେତନାରେ ଓ କର୍ମରେ ଦିବ୍ୟ ହୋଇ ଉଠିବା ଓ ଅନ୍ତରରେ ଓ ବାହାରେ ଦିବ୍ୟ-ଜୀବନଯାପନ କରିବା ହେଲା ମଣିଷ ପାଇଁ ଆଧ୍ୟାତ୍ମିକତାର ପରିଭାଷା । ଏ ପଦରେ ଆରୋପ କରା-ଯାଇଥିବା ଅନ୍ୟ ସବୁ ନ୍ୟୂନ ଅର୍ଥ ହେଲା ଅପୂର୍ଣ୍ଣ ଅନ୍ଧ-ଅନ୍ୱେଷଣ ବା ପ୍ରତାରଣା ।’’

ପୁନଶ୍ଚ :

“... ... spirituality is not a high intellectuality, not idealism, not an ethical turn of mind or moral purity and austerity, not religiosity or an ardent and exalted emotional fervour, not even a compound of all these excellent things; ... ... ... Spirituality is in its essence an awakening to the inner reality of our being, to a spirit, self, soul which is other than our mind, life and body, an inner aspiration to know, to feel, to be that, to enter into contact with the greater Reality beyond and pervading the universe which inhabits also our own being, to be in communion with It and union with It, and a turning, a conversion, a transformation of our whole being as a result of the aspiration, the contact, the union, a growth or waking into a new becoming or new being, a new self, a new nature.” (*The Life Divine*, p. 889 - 890)

‘‘ଆଧ୍ୟାତ୍ମିକତା ଉଚ୍ଚକୋଟୀର ପାଣ୍ଡିତ୍ୟ ନୁହେଁ, ଆଦର୍ଶବାଦ ନୁହେଁ, ନୀତିଶାସ୍ତ୍ରକୁ ଅନୁସରଣ କରୁଥିବା ମାନସିକତା ନୁହେଁ, କିଂବା ନୈତିକ ଶୁଦ୍ଧତା ନୁହେଁ, କୃଚ୍ଛ୍ରସାଧନା ନୁହେଁ କି ଧାର୍ମିକତା ନୁହେଁ ବା ଏକ ଆକୁଳ ଉଲ୍ଲସିତ ଭାବାବେଗର ଉଚ୍ଛ୍ୱାସ ନୁହେଁ, ଏପରିକି ଏସବୁ ଉତ୍ତମ ବିଷୟଗୁଡ଼ିକର ମିଶ୍ରଣ ବି ନୁହେଁ ।... ... ଆଧ୍ୟାତ୍ମିକତା ତା’ର ମୂଳତତ୍ତ୍ୱରେ ଆମ ସତ୍ତାର ଆନ୍ତର ସତ୍ୟ ପ୍ରତି ଏକ ଜାଗରଣ, ଆମ ମନ, ପ୍ରାଣ, ଶରୀରଠାରୁ ଭିନ୍ନ ଆନ୍ତର ଚେତନା, ଆନ୍ତର ସତ୍ତା ବା ଆତ୍ମା ପ୍ରତି ଏକ ଜାଗରଣ, ତାକୁ ଜାଣିବା, ଅନୁଭବ କରିବା ଓ ତାହା ହୋଇ ଉଠିବା ପାଇଁ ଏକ ଅଭୀପ୍ସା, ବିଶ୍ୱକୁ ଆବୋରି ରହିଥିବା ପରପାରିର ଏକ ଉଚ୍ଚତର, ମହତ୍ତର ପରମ ବାସ୍ତବତା – ଯାହା ଆମ ଭିତରେ ମଧ୍ୟ ଅବସ୍ଥାନ କରିଛି – ତାହା ସହ ସମ୍ପର୍କ ସ୍ଥାପନ କରିବା ପାଇଁ ଓ ଯୁକ୍ତ ହେବା ପାଇଁ ଏକ ଅଭୀପ୍ସା । ଏପରି ଅଭୀପ୍ସାର ପରିଣତି ସ୍ୱରୂପ ଆମ ସମଗ୍ର ସତ୍ତାର ଏକ ଆବର୍ତ୍ତନ, ଏକ ପରିବର୍ତ୍ତନ, ଏକ ରୂପାନ୍ତର, ଏକ ନୂତନ ସମ୍ଭୂତି, କିଂବା ଏକ ନୂତନ ସତ୍ତା, ଏକ ନୂତନ ଆତ୍ମା, ଏକ ନୂତନ ସ୍ୱଭାବ (ବା ପ୍ରକୃତି) ସହ ସଂସ୍ପର୍ଶ, ସଂଯୋଗ, ଅଭିବୃଦ୍ଧି ଓ ଜାଗରଣ ।’’ ❑

# ସତ୍ୟର ସନ୍ଧାନେ

## ଗଣେଶ ପ୍ରସାଦ କରଶର୍ମ୍ମା

(ଅଥର୍ବ ବେଦର ଏକ ସୂକ୍ତର ଅନୁବାଦ)



ଜୀବନର ଲକ୍ଷ୍ୟ କିନ୍ତୁ ଚିରନ୍ତନ ସତ୍ୟର ସନ୍ଧାନ ।
ମାନବିକ-ଆତ୍ମାରୂପୀ ନିରଳସ ସେ ମୁକ୍ତ ସାରସ,
ଅକ୍ଲାନ୍ତ ଭାବରେ ସଦା ସେ ସତ୍ୟର କରେ ଅନ୍ୱେଷଣ ।

ମନ୍ୱନ୍ତର ମନ୍ୱନ୍ତର ଧରି –
        ଅବିରାମ ତା’ର ପକ୍ଷ ମେଲି;
ଲଙ୍ଘି ସେ ଦୁର୍ଗମ ଗିରି
        ସୀମାହୀନ ତପ୍ତ ମରୁ ବାଲି,
ଲଙ୍ଘି ପୁଣି ଶୂନ୍ୟ, ମହାଶୂନ୍ୟ –
        ସ୍ୱର୍ଗ ଅଭିମୁଖେ ଉଡ଼ି ଚାଲେ ଅନୁକ୍ଷଣ ।

ଲଭି ସେ ପରମାତ୍ମାଙ୍କ ପରମ ଆଶିଷ –
ତାହାର ଅନ୍ତର ଆତ୍ମା
                ଗତିକରେ ବିଶ୍ୱଗତ ଛନ୍ଦେ,
ନିରନ୍ତର ପରମ ଆନନ୍ଦେ
                ମହାକାଳ ବୁକୁଚିରି
                ହୃଦୟର ଅନାହତ ଛନ୍ଦେ । ❑

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୧୩)

## ମଥୁରାରୁ ନିମନ୍ତ୍ରଣ

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ । ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢ଼ୁଥାଏ । କିନ୍ତୁ ଅଚିରେ କଂସର ସନ୍ଦେହ ହେଲା, କୃଷ୍ଣ ନାମଧାରୀ ସେହି ଶିଶୁହିଁ ହେବ ତା'ର କାଳ । ଶିଶୁଟିକୁ ମାରିଦେବା ନିମନ୍ତେ ସେ ଜଣକ ପରେ ଜଣେ ଦାନବ, ଦାନବୀଙ୍କୁ ପ୍ରେରଣ କଲା । ସେମାନେ ନାନା ଛଦ୍ମବେଶରେ ଗଲେ, କିନ୍ତୁ ସଭିଏଁ ମଲେ । ତେବେ ଗୋପପୁରରେ ନିରବଚ୍ଛିନ୍ନ ଭାବରେ ନାନାଦି ଅମଙ୍ଗଳଜନକ ଘଟଣା ଘଟନ୍ତେ ସେ ଜନପଦର ଅଭିଭାବକମାନେ ବସତି ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ଏକ ନୂତନ ପ୍ରତିଭାର ସ୍ଫୁରଣ ହେଲା । ଅପୂର୍ବ ବଂଶୀସ୍ୱନରେ ସେ ସ୍ପନ୍ଦିତ କଲେ ବାତାବରଣ । ଆହୁରି ମଧ୍ୟ, ଏକ ସରୋବରର ଜଳକୁ ବିଷାକ୍ତ କରିଥିବା କାଳୀୟ ନାମକ ଭୟଙ୍କର ସର୍ପକୁ ସେ ଦମନ କଲେ । ସେ ପୁଣି ବର୍ଷକରେ ଥରେ ଇନ୍ଦ୍ରପୂଜା ପରିବର୍ତ୍ତେ ଗୋବର୍ଦ୍ଧନ ପର୍ବତକୁ ସଂବର୍ଦ୍ଧନା ଦେବା ବିଧି ପ୍ରବର୍ତ୍ତନ କରନ୍ତେ ଇନ୍ଦ୍ର ପ୍ରବଳ ଝଡ଼ ବର୍ଷା ଭିଆଇଲେ । କିନ୍ତୁ କୃଷ୍ଣ ସେ ପର୍ବତ ଟେକି ଧରି ତାହା ତଳେ ସଭିଙ୍କୁ ଦେଲେ ସୁରକ୍ଷା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ତା'ପରେ..]

ପୂର୍ବାଶା କ୍ରମେ ଉଜ୍ଜ୍ୱଳ ହୋଇ ଆସୁଥିଲା । ଆସନ୍ନ ପ୍ରଭାତର ଆଭା ଯମୁନା ବକ୍ଷରେ ପ୍ରତିଫଳିତ ହୋଇ ସୃଜିଥିଲା ଏକ ପ୍ରଶାନ୍ତ ବାତାବରଣ ।

କିନ୍ତୁ ଅଶାନ୍ତ ଭାବରେ ନିଜ ପ୍ରାସାଦର ଛାତ ଉପରେ ପଦଚାରଣା କରୁଥିଲା ରାଜା କଂସ । କେଶୀ ଓ ବ୍ୟୋମ – ତା'ର ଦୁଇ ରାକ୍ଷସ ସେବକର ନିଧନ ସମ୍ବାଦ ତା' ସୁଖ ନିଦ୍ରା ଅପହରଣ କରି ନେଇଥିଲା । କ୍ଷଣଭଙ୍ଗୁର ନିଦ ଯେଉଁ ଦୁଃସ୍ୱପ୍ନ ସଞ୍ଚାର କରୁଥିଲା, ତା' ପ୍ରଭାବରୁ ମୁକ୍ତି ପାଇବା ଆଶାରେ ସେ ପଳାଇ ଆସୁଥିଲା ପ୍ରାସାଦ ଉପରକୁ । କିନ୍ତୁ ଦୁଃସ୍ୱପ୍ନ ବଦଳରେ ତାକୁ କବଳିତ କରୁଥିଲା ଦୁଶ୍ଚିନ୍ତା ।

ନନ୍ଦ ତା' ଅଧୀନସ୍ଥ ସାମନ୍ତରାଜା । ଦୈବବାଣୀ ଅନୁସାରେ ତା' ପୁଅ କୃଷ୍ଣ ତା'ର ଘାତକ ହେବା କଥା ନୁହେଁ । କିନ୍ତୁ ସେ ପିଲାଟି ଥରକ ପରେ ଥରେ ଯେଉଁ ଅଦ୍ଭୁତ ପରାକ୍ରମର ପରିଚୟ ଦେଉଛି, ସେଥିରେ କିଏ ବା ବିସ୍ମୟ-ବିମୂଢ଼ ନହେବ ? ବଡ଼ ହେବା ପରେ ସେ ଦୁର୍ଦ୍ଦାନ୍ତ ବାଳକ ଦିନେ କଂସଠାରୁ ମଥୁରା ରାଜ୍ୟ ଛଡ଼ାଇ ନେବାକୁ ଆଗଭର ନହେବ ବୋଲି କିଏ କହିବ ?

ହଠାତ୍ ସେ ଉଷାକାଳୀନ ପ୍ରଶାନ୍ତ ବାତାବରଣରେ ସ୍ପନ୍ଦିତ ହେଲା ଏକ ସୂକ୍ଷ୍ମ ସୁମଧୁର ସ୍ୱର । ତା'ର ଉତ୍ସ ତ କୌଣସି ଦରବାରୀ ଗାୟକ ହୋଇ ନପାରେ ! କଂସ ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କଲା । ଖଣ୍ଡିଏ ଭାସମାନ ମେଘମାଳା ଭିତରୁ ଫୁଟି ଉଠିଲା ଗୋଟିଏ ଉଜ୍ଜ୍ୱଳ ଆକୃତି । କ୍ରମେ ତାହା ସ୍ପଷ୍ଟ ହେଲା । ବୈକୁଣ୍ଠ ଓ ଧରା ଭିତରେ ଆତଯାତ ହେଉଥିବା ଦେବର୍ଷି ନାରଦ ଅବତରଣ କରୁଛନ୍ତି ।

ନାରଦ ସର୍ବଦା ବିଷ୍ଣୁଙ୍କର ସ୍ତବଗାନ କରିବା ବ୍ୟାପାରଟିକୁ କଂସ ମୋଟେ ପସନ୍ଦ କରୁ ନଥିଲେ ବି ତାଙ୍କ ପ୍ରତି ସେ ଗୋଟାଏ ପ୍ରକାର ଆକର୍ଷଣ ଅନୁଭବ କରୁଥାଏ । ସେ ଅନେକ କଥା ଜାଣନ୍ତି । କଂସ ତ ନିଜକୁ ଖୁବ୍ ବୁଦ୍ଧିମାନ୍ ମନେ କରୁଥାଏ !

ସେ ଧରି ନେଲା ଯେ ନାରଦଙ୍କୁ ଗୋପର ବିସ୍ମୟ ବାଳକଟି ସମ୍ପର୍କରେ କିଛି ଜଣାଥିଲେ ସେ ତାଙ୍କଠାରୁ ସେ ରହସ୍ୟ ବାହାର କରି ନେଇ ପାରିବ ।

ଚାହୁଁ ଚାହୁଁ ନାରଦ ଅବତରଣ କଲେ କଂସର ପ୍ରାସାଦ ଉପରେ, ତା' ସାମନାରେ ଏବଂ ହସି ହସି କହିଲେ, ''ଯାଉଥିଲି ଆକାଶ ମାର୍ଗରେ । ତୁମ ଉପରେ ଆଖି ପଡ଼ିଗଲା । ମନେ ହେଲା ତୁମେ ବେଶ୍ ଚିନ୍ତିତ ! ସବୁ କୁଶଳ ତ ? ତୁମ ଭଳି ମହାପରାକ୍ରମୀ ରାଜାକୁ ଅବଶ୍ୟ ଏମିତି ପ୍ରଶ୍ନ ପଚାରିବା ଅବାନ୍ତର !''

ମୁହଁରେ ନିଶ୍ଚିନ୍ତ ଭାବ ଫୁଟାଇବାର ପ୍ରୟାସ କରି କଂସ କହିଲା, ''ଠିକ୍, ଠିକ୍ ଦେବର୍ଷି ! ମୁଁ କ'ଣ କାହାକୁ ଡରିବା ଲୋକ ? କଥା କ'ଣ କି...''

''ସେହି ଦୈବବାଣୀ କଥା ହେଜି ହେଉଛ କି ?'' ପ୍ରଶ୍ନ କଲେ ନାରଦ ।

''ଠିକ୍, ଠିକ୍ !''

''ଭୁଲ୍ ତୁମରି । ଶତ୍ରୁକୁ ଯଥା ଶୀଘ୍ର ଇହଲୋକରୁ ବିଦାୟ କରି ଦେଉନା କାହିଁକି ? ଶତ୍ରୁ କିଏ ସେକଥାଟି ଠଉରାଇ ପାରିଛ ତ ?''

''ମୋର ସନ୍ଦେହ – ଗୋଟାଏ ଭୀଷଣ ଦୁଷ୍ଟ ଗୋପ ବାଳକ...''

''ନନ୍ଦ ପୁଅ କୃଷ୍ଣ କଥା କହୁଛ ତ ?''

ନାରଦଙ୍କ ପ୍ରଶ୍ନରେ ଚମକି ଉଠିଲା କଂସ । ''ତୁମକୁ ତ ବହୁତ କଥା ଜଣା ଦେଖୁଛି ! ଶୁଣ; ଦୈବବାଣୀ କହିଥିଲା ଦେବକୀର ଅଷ୍ଟମ ଗର୍ଭଜାତ ପୁତ୍ର ହେବ ମୋର ଶତ୍ରୁ । କିନ୍ତୁ ଜନ୍ମ ହେଲା ଏକ କନ୍ୟା । ତେବେ, ନିଶ୍ଚିନ୍ତ ରହିବା ନିମନ୍ତେ ମୁଁ ତାକୁ ଛେଚିବାକୁ ଉଦ୍ୟତ ହୁଅନ୍ତେ ସେ ମୋ ହାତରୁ ବିଜୁଳି ଗତିରେ ଶୂନ୍ୟମୁହାଁ ଖସି ଯାଉଁ ଯାଉଁ ମୋତେ ଦେଲା ଚେତାବନୀ : ମୋ ଭାବୀ ଘାତକ କୁଆଡ଼େ ବଢ଼ୁଛି ଅନ୍ୟତ୍ର ! ସେ ଗୋପ ବାଳକଟିର ଅଦ୍ଭୁତ କ୍ରିୟାକଳାପ ଶୁଣି ମୋର ଯେଉଁ ସନ୍ଦେହ ହେଉଥିଲା, ବର୍ତ୍ତମାନ ତୁମ କଥାରୁ ବୁଝୁଛି, ତାହା ଭୁଲ୍ ନୁହେଁ ।''

''ଜମାରୁ ଭୁଲ୍ ନୁହେଁ !'' ନାରଦ ମୃଦୁ ହସି କହିଲେ । ସେ ଆହୁରି ବି କହିଦେଲେ, ''ଦେବକୀ ପ୍ରକୃତରେ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ ଯେ – କିନ୍ତୁ ବସୁଦେବ ତାକୁ ରାତାରାତି ସ୍ଥାନାନ୍ତର କଲେ ନନ୍ଦଗ୍ରାମକୁ । ରହସ୍ୟ ବୁଝିଲଟି ?''

ନାରଦ ଏ ରହସ୍ୟ ତା'ର ସ୍ୱାର୍ଥ ନିମନ୍ତେ ନା ତା' ବିନାଶ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରକଟ କରୁଛନ୍ତି, ସେଭଳି ପ୍ରଶ୍ନ ଉପରେ ଚିନ୍ତା କରିବା ଭଳି ଧୈର୍ଯ୍ୟ କଂସର ନଥିଲା । ସେ କ୍ରୋଧରେ ଦାନ୍ତ କଡ଼ମଡ଼ କରି ତତ୍କ୍ଷଣାତ୍ ତରବାରି କୋଷମୁକ୍ତ କରି ବସୁଦେବକୁ ହତ୍ୟା କରିବାକୁ ଯିବା ନିମନ୍ତେ ବାହାରି ପଡ଼ିଲା । ତାକୁ ରୋକି ଦେଲେ ନାରଦ ।

''ବିଚାର କର, କଂସ ! ତୁମ ଶତ୍ରୁର ପରିଚୟ ତୁମେ ନିର୍ଭୁଲ ଭାବରେ ଜାଣି ଗଲଣି, ଏକଥା ପ୍ରକଟ ନହେଉ । ବସୁଦେବ ଯାହା କରିଛନ୍ତି, ଯେକୌଣସି ପିତା ତା' ପୁତ୍ରର ପ୍ରାଣରକ୍ଷା ନିମନ୍ତେ ତାହା କରନ୍ତା । ଆଗେ ଅସଲ ଶତ୍ରୁକୁ ଦମନ କରିବା ଅନ୍ତେ ଅନ୍ୟମାନଙ୍କ କଥା ବିଚାର କରିବ ।'' ଗମ୍ଭୀର କଣ୍ଠରେ ପରାମର୍ଶ ଦେଲେ ନାରଦ ।

କଂସ ତରବାରି କୋଷଭୁକ୍ତ କରି ତାଙ୍କ ଆଡ଼େ ଅନାଇ ଚିନ୍ତିତ ଭାବରେ ପ୍ରଶ୍ନ କଲା, ''କିନ୍ତୁ ଅସଲ ଶତ୍ରୁର ଦମନ ପାଇଁ ଏକ ପରେ ଏକ ଚେଷ୍ଟା କରି ତ ବିଫଳ ହେଉଛି !''

''କଂସ ! ତୁମେ ତ ଭୁଲ୍ ପନ୍ଥାରେ ଚେଷ୍ଟା କରୁଛ । ସଫଳ ହେବ କେମିତି ? ଗୋପ ବୃନ୍ଦାବନ ମାଟିରେ ତୁମ ମୃତ୍ୟୁଦୂତମାନେ ଦୁର୍ବଳ ହୋଇ ଯାଉଛନ୍ତି । ମଥୁରା ମାଟିରେ ସିନା ତୁମ ପ୍ରଭାବ ଓ ବଳ ପ୍ରଚଣ୍ଡ ! ଶତ୍ରୁକୁ ଏଠାକୁ ଅଣାଇ ତା'ର ମୁକାବିଲା କରିବା ବୁଦ୍ଧିମାନ୍‌ର କାମ ହେବ ନାହିଁ କି ?''

ନାରଦଙ୍କ ଏ ପରାମର୍ଶ କଂସକୁ ଭାରି ଯୁକ୍ତିଯୁକ୍ତ ମନେ ହେଲା । ତା' ମୁହଁ ଉଜ୍ଜ୍ୱଳ ଦିଶିଲା ।

ନୂତନ ଉଦ୍ଦୀପନାରେ ସେ ଅନ୍ୟମନସ୍କ ହୋଇ ପଡ଼ିବା ଭିତରେ ନାରଦ ନୀଳ ଗଗନରେ ଅନ୍ତର୍ହିତ ହୋଇଗଲେ ।

ଅବିଳମ୍ବେ କଂସ ପୁନର୍ବାର ବସୁଦେବ ଏବଂ ଦେବକୀଙ୍କୁ ଗୃହବନ୍ଦୀ କଲା । ତା'ପରେ କଲା ଚିନ୍ତା – କୃଷ୍ଣଙ୍କୁ କିପରି ଉପାୟରେ ମଥୁରାକୁ ଆଣିବ । ସେତେବେଳେ ଯଦୁବଂଶର ଜଣେ ରାଜପୁରୁଷ, କୃଷ୍ଣଙ୍କର ଗୁରୁଜନ, ଅକ୍ରୁର ତା' ପ୍ରାସାଦରେ ରହିଥା'ନ୍ତି । ସେ ନନ୍ଦରାଜାଙ୍କର ସମ୍ମାନାସ୍ପଦ । ତାଙ୍କରି ମାଧ୍ୟମରେ ତା' ଉଦ୍ଦେଶ୍ୟ ସୁରୁଖୁରୁରେ ପୂରଣ ହୋଇ ପାରିବ ବୋଲି ତା'ର ବିଶ୍ୱାସ ହେଲା ।

ସେ ତାଙ୍କୁ ଡକାଇ କହିଲା, ''ଦେଖ, ନନ୍ଦର ଦୁଇ ନନ୍ଦନ ଭାବରେ ପରିଚିତ କୃଷ୍ଣ ଓ ବଳରାମ । ସେମାନଙ୍କ ନାନାଦି ଗୁଣ ବିଷୟରେ ମୁଁ ଅନେକ କଥା ଶୁଣୁଛି । ସେମାନଙ୍କୁ ଭେଟିବା ନିମନ୍ତେ ମୁଁ ବଡ଼ ବ୍ୟାକୁଳ । ସେମାନଙ୍କ ଅଭ୍ୟର୍ଥନା

ନିମନ୍ତେ ମୁଁ ଗୋଟାଏ ଉତ୍ସବର ଆୟୋଜନ କରୁଛି । ତୁମେହିଁ ମୋର ଦୂତ ରୂପେ ଯାଇ ସେମାନଙ୍କୁ ଘେନି ଆସ । ସସ୍ତ୍ରୀକ ନନ୍ଦଙ୍କୁ ମଧ୍ୟ ମୋର ନିମନ୍ତ୍ରଣ ।''

କଂସକୁ ଏକଥା ଜଣା ନଥିଲା ଯେ ଅକ୍ରୂର ସେତେବେଳର ମୁଷ୍ଟିମେୟ ଲୋକଙ୍କ ଭିତରୁ ଜଣେ – ଯେଉଁମାନଙ୍କୁ କୃଷ୍ଣଙ୍କ ସ୍ୱରୂପ ଜଣାଥିଲା ।

ଆନନ୍ଦରେ ଅଧୀର ଅକ୍ରୂର ଏକ ସୁସଜ୍ଜିତ ରଥାରୋହଣ କରି ବୃନ୍ଦାବନ ଅଭିମୁଖେ ଯାତ୍ରା କଲେ ।

''ନାରଦ ସିନା ବୃଥାଟାରେ ବିଷ୍ଣୁ ନାମରେ ପାଗଳ, କିନ୍ତୁ ଲୋକଟାର ବୁଦ୍ଧି ଅଛି । ମୋତେ ବତାଇ ଦେଲା ଠିକ୍ ବାଟ !'' କଂସ ମନକୁ ମନ କହୁଥାଏ ।

ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେଲା । ଉତ୍ସବର ଆଭିମୁଖ୍ୟ ? ଶତ୍ରୁର ନିଧନ । ଦୁଇ ବାଳକ ନଗରୀରେ ପ୍ରବେଶ କରିବା ମାତ୍ରକେ ଗୋଟାଏ ପ୍ରଚଣ୍ଡ ହାତୀ ସେମାନଙ୍କ ଉପରକୁ ଚଢ଼ିଯିବ ଏବଂ ପରେ ପରେ ଶୁଣ୍ଢ ଯୋଗେ ଉପରକୁ ଟେକି ଛେଚି ଦେବ । ସେ ହାତୀ ସେମିତି କରିବା ନିମନ୍ତେ ତାଲିମ ପ୍ରାପ୍ତ । ତା'ର ସେମିତି ଦୁଇ କାଣ୍ଡ ପରେ ବି ବର୍ତ୍ତି ରହିବ, ସେଭଳି ବୀର ଜନ୍ମ ହୋଇ ନାହାନ୍ତି ।

ଯଦି ଦୁଇ କୁନି ଅତିଥି କୌଣସି ମତେ ହାତୀ କବଳରୁ ଖସି ଆସିବେ, ତେବେ ସେମାନଙ୍କୁ ଗୋଟାଏ 'ବନ୍ଧୁତାପୂର୍ଣ୍ଣ' ଲଢ଼େଇ ନିମନ୍ତେ ଆହ୍ୱାନ ଦେବେ କଂସର ସବୁଠାରୁ ବିକ୍ରମଶାଳୀ ଦୁଇ ରାକ୍ଷସ କୁସ୍ତିବୀର ।

ସେଥିରୁ ନିସ୍ତାର ପାଇବାର ପ୍ରଶ୍ନ ନଥିଲା । ତଥାପି କଂସ ତା'ର ସୁଦକ୍ଷ ସେନାପତିମାନଙ୍କୁ ପ୍ରସ୍ତୁତ ରଖିଲା – ତା'ଠୁଁ ଇଙ୍ଗିତ ପାଇବା ମାତ୍ରକେ ସେମାନେ ଦୁଇ ବାଳକଙ୍କୁ କରିବେ ଧରାଶାୟୀ ।

ସର୍ବୋପରି କଂସ ନିଜେ ରହିବ ସଶସ୍ତ୍ର ଏବଂ ସଚେତନ । ଯଦି ଏସବୁ ବ୍ୟବସ୍ଥା ସତ୍ତ୍ୱେ ପିଲା ଦୁଇଟି ତା' ପାଖରେ ଆସି ପହଞ୍ଚି ପାରିବେ, ସେ ନିଜେ ସେମାନଙ୍କୁ ପରପାରିକୁ କରିବ ପ୍ରେରଣ ।

ବହୁଦିନ ପରେ କଂସ ଅଟ୍ଟହାସ୍ୟ କଲା । ଚମକି ପଡ଼ିଲେ ପୁରବାସୀ ନରନାରୀ ।

(କ୍ରମଶଃ) ❑

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ - ୨୦୧୮

ଆସନ୍ତା **ନଭେମ୍ବର ୩ ଓ ୪** ତାରିଖ (ଶନିବାର ଓ ରବିବାର) ଦୁଇଦିନ ବ୍ୟାପୀ ତ୍ରୟୋବିଂଶତମ ରାଜ୍ୟସ୍ତରୀୟ ''ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ'' କୋରାପୁଟ ସହରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅନ୍ୟାନ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟ, ଶ୍ରୀଅରବିନ୍ଦ ପାଠଚକ୍ର ତଥା ଆଗ୍ରହୀ ୧୨ ବର୍ଷରୁ ୧୯ ବର୍ଷର ବାଳିକାମାନେ ଯୋଗ ଦେଇପାରିବେ । ଏହି ସମ୍ମିଳନୀରେ ମୁଖ୍ୟତଃ ଜୀବନର ଯଥାର୍ଥ ଲକ୍ଷ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ରହ୍ମଚର୍ଯ୍ୟ ତଥା ବାଳିକାମାନଙ୍କ ଜୀବନର ସର୍ବାଙ୍ଗୀଣ ବିକାଶ ସମ୍ପର୍କରେ ବିଶେଷ ଭାବରେ ଆଲୋଚନା କରାଯିବ । ଉପରୋକ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷମାନେ ନିଜ ନିଜ ଅନୁଷ୍ଠାନରୁ ଯଥେଷ୍ଟ ସଂଖ୍ୟାରେ ବାଳିକାମାନଙ୍କୁ ଏଥିରେ ଯୋଗଦେବା ପାଇଁ ପଠାଇବାକୁ ଏକାନ୍ତ ଅନୁରୋଧ । ଏ ସମ୍ପର୍କରେ ଅଧିକ ଜାଣିବାକୁ ଚାହୁଁଥିଲେ ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରନ୍ତି ।

ଯୋଗାଯୋଗ :
ସୁପ୍ରଭା ରଥ - ୯୭୭୭୩୦୫୫୬୮
ଉଷା ମହାରଥା - ୮୯୧୭୫୧୮୦୨୩
ସଙ୍ଗୀତା ମହାପାତ୍ର - ୮୩୨୮୪୫୦୬୦ ଏବଂ
ଶୁଭଶ୍ରୀ ସଂପଦା ମିଶ୍ର - ୮୭୬୩୨୩୨୩୨୭

ଆବାହିକା
ସୁଜାତା ପତି (ମେରୀ)
ମୋବାଇଲ : ୮୩୨୮୮୯୪୧୪

# ହାରାଧନ

## (୭)

ଯୋଗଶକ୍ତିର ଚାପରେ ସାଧକ ଭିତରେ କିଛି ବି ଲୁଚି ରହି ପାରିବ ନାହିଁ । ସ୍ୱଭାବର ବିଶୁଦ୍ଧୀକରଣ ସକାଶେ ନିଶ୍ଚିତରୂପେ ବାହ୍ୟ ଆଚରଣରେ ସେସବୁ ଧରାଦେବ ।

ହାରାଧନ ଚନ୍ଦନନଗରରେ ଥିବାବେଳେ ବିପ୍ଳବୀମାନଙ୍କ ଦଳରେ ଅନ୍ତର୍ଭୁକ୍ତ ଥିଲେ; ତେଣୁ ଅପରିହାର୍ଯ୍ୟ ଭାବରେ ଅନ୍ୟାନ୍ୟ ପ୍ରଦେଶର ବିପ୍ଳବୀମାନଙ୍କ ସଂସ୍ପର୍ଶରେ ଆସୁଥିଲେ ଏବଂ ଷଡ଼୍‌ଯନ୍ତ୍ର ଓ ଗୁପ୍ତ ଅନୁସନ୍ଧାନ ସମ୍ବନ୍ଧୀୟ ବୈପ୍ଳବିକ କ୍ରିୟାକଳାପରେ ବେଶ୍ ତତ୍ପରତାର ସହିତ ଲିପ୍ତ ରହୁଥିଲେ ।

ପଣ୍ଡିଚେରୀରେ ଅବସ୍ଥାନ କରିବା ପରେ, ଅର୍ଥାତ୍ ୧୯୨୫ରେ ସେ ଆଶ୍ରମରେ ସ୍ଥାୟୀ ଭାବରେ ରହିବା ପରେ ସେସବୁ କ୍ରିୟାକଳାପରୁ ସମ୍ପୂର୍ଣ୍ଣ ମୁକ୍ତ ରହିଥିଲେ, କେବଳ ବନ୍ଧୁମାନଙ୍କ ସହିତ ଏମିତି କ୍ଷୀଣ ଭାବରେ ସମ୍ପର୍କ ରହିଥିଲା ।

କିନ୍ତୁ ଜୀବନରେ ବିପଦ ବା ବାଧାବିପତ୍ତି ଆସିଲାବେଳେ କେବେ ବି ଏକୁଟିଆ ଆସେ ନାହିଁ । ହାରାଧନଙ୍କର ସାଧନା-ଜୀବନରେ ଯେତେବେଳେ ତୀବ୍ର ଘୂର୍ଣ୍ଣିପାକର ସୂତ୍ରପାତ ହେଲା ସେତେବେଳେ ଦୂରରେ ଚାକି ବସିଥିବା ସେହି ବୈପ୍ଳବିକ ଗତିବିଧିର ଭୂତାତ୍ମା ତାଙ୍କ ଭିତରେ ପ୍ରବେଶ କରି ତା'ର ଗତିବିଧି ଆରମ୍ଭ କରିଦେଲା । ହାରାଧନ ପୁଣି ସେସବୁ କ୍ରିୟାକଳାପର ଶିକାର ହୋଇଉଠିଲେ; କିନ୍ତୁ ପ୍ରତ୍ୟକ୍ଷରେ ନୁହେଁ, ପରୋକ୍ଷରେ, ଗୁପ୍ତ ଭାବରେ; ଶ୍ରୀମା ଶ୍ରୀଅରବିନ୍ଦଙ୍କର ଅଗୋଚରରେ । କିନ୍ତୁ ଗୁରୁଙ୍କର ଅଗୋଚରରେ କିଛି ବି ରହେ ନାହିଁ; ବିଶେଷ କରି ଭକ୍ତ-ଶିଷ୍ୟ ଯେତେବେଳେ ବାର ବାର ବିପଦର ସମ୍ମୁଖୀନ ହୁଏ ସେତେବେଳେ ଗୁରୁହିଁ କେବଳ ତ୍ରାଣକର୍ତ୍ତା, ସାନ୍ତ୍ୱନାଦାତା ଓ ବାହ୍ୟତଃ ଆପାତ ପ୍ରତୀୟମାନ ଭର୍ତ୍ସନା-ଦାତା ।

୨୫ ଫେବ୍ରୁଆରୀ ୧୯୩୭ରେ ହାରାଧନଙ୍କୁ କଠୋର ଭାବରେ ସବୁକଥା ଉଲ୍ଲେଖ କରି ଶ୍ରୀଅରବିନ୍ଦ ଲେଖିବାକୁ ବାଧ ହୋଇଥିଲେ :

''ଇତିପୂର୍ବରୁ ବିପ୍ଳବୀମାନଙ୍କ ସହିତ ଏହି ଧରଣର ସମ୍ପର୍କ ରଖିବାକୁ ଚେଷ୍ଟା କରିବା ବିରୋଧରେ ଏବଂ ଆଶୁ ବିପଦର ଆଶଙ୍କା ସୂଚାଇ ମୁଁ ତୁମକୁ ପରିଷ୍କାର ଭାବରେ ସତର୍କ କରାଇ ଦେଇଥିଲି । କିନ୍ତୁ (ଉପସ୍ଥିତ ପରିସ୍ଥିତିରୁ) ଜଣାପଡୁଛି ଯେ ତୁମେ ସେହିସବୁ କ୍ରିୟାକଳାପରେ ଆସକ୍ତ ରହିବାକୁ ଚେଷ୍ଟା କରି ଚାଲିଛ । ଫଳରେ, ବାସ୍ତବପକ୍ଷେ ଏଠାରେ ତୁମର ରହିବା ଏକେବାରେ ଅସମ୍ଭବ ହୋଇଉଠୁଛି । ଏହିସବୁ ମରାଠା ଯୁବଗଣ ତୁମର ଗତିବିଧି ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ସତର୍କ ଦୃଷ୍ଟି ରଖି ଦୃଢ଼ନିଶ୍ଚିତ ହୋଇଉଠିଛନ୍ତି ଯେ ତୁମେ ତଥାପି ବିପ୍ଳବୀମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ରଖିଛ ଏବଂ ସେମାନେ ଜଣାଇଛନ୍ତି ଯେ ତୁମର ଏହିସବୁ ଗତିବିଧିକୁ ବନ୍ଦ କରିଦେବା ସକାଶେ ଆବଶ୍ୟକ ହେଲେ ସେମାନେ ତୁମକୁ ବଧ କରିବାକୁ ପ୍ରସ୍ତୁତ ରହିଛନ୍ତି, ପରିଣାମ ଯାହା ବି ହେଉ ନା କାହିଁକି । ଆଶ୍ରମର ଜଣେ ଅନ୍ତେବାସୀଙ୍କ ପକ୍ଷରେ, ଏବଂ ସ୍ୱୀୟ ଆଶ୍ରମ ପକ୍ଷରେ ଏହି ଧରଣର ପରିସ୍ଥିତିର ଅସ୍ତିତ୍ୱକୁ ବଜାୟ ରଖିବା ଏକେବାରେ ଅସ୍ୱୀକାର୍ଯ୍ୟ ।— ଆମେ କେବେହେଲେ ସାର୍ବଜନୀନ ଅପବାଦଜନକ ବା ତୀବ୍ର ଲଜ୍ଜାକର କାର୍ଯ୍ୟକୁ ପୋଷଣ କରିପାରିବୁ ନାହିଁ । ଏବେ ତୁମ ପାଇଁ ଏକମାତ୍ର ପନ୍ଥା ହେଉଛି କାଲ୍ଲାଲୋର୍‌କୁ ଚାଲିଯିବା,— ସେଠାରେ ତୁମ ବନ୍ଧୁମାନେ ତୁମକୁ ଗ୍ରହଣ କରି ପାରିବେ । ମୁଁ ଏ ବିଷୟରେ ସମ୍ପୂର୍ଣ୍ଣ ଖବର ଜାଣିବାକୁ ଅପେକ୍ଷା କରିଛି ଏବଂ କାଲି (ଶୁକ୍ରବାର) ସୁଦ୍ଧା ତୁମକୁ ମୋର ଚୂଡ଼ାନ୍ତ ନିଷ୍ପତ୍ତିମୂଳକ ନିର୍ଦ୍ଦେଶ ଜଣାଇବି ।''

ହାରାଧନଙ୍କର ବାଧାବିପତ୍ତିସବୁର ସ୍ୱରୂପ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କର ଏହି ଧରଣର ମନ୍ତବ୍ୟ ଥିଲା — ତାଙ୍କର ମାନସିକ କ୍ରିୟାକଳାପ ଏବଂ ତା' ସାଙ୍ଗକୁ ମାନସିକ ଚାତୁର୍ଯ୍ୟ ଓ କୌଶଳାଦି ଦ୍ୱାରା ଉଦ୍ଭୂତ ଯାବତୀୟ କଳ୍ପନା-ଜଳ୍ପନା ଏବଂ ତାଙ୍କ ଭାବନାରେ ପଡ଼ିଥିବା ବିଭିନ୍ନ ପ୍ରଭାବ ବା ଅସ୍ପଷ୍ଟ ଓ ଭ୍ରାନ୍ତ ବିଶ୍ୱାସ ଓ ଅନୁଭୂତିସବୁର ଯଥାର୍ଥତା ପ୍ରମାଣ କରିବାର ଏକ ବଦଭ୍ୟାସ ଯାହା ତାଙ୍କୁ ସରଳ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଦିବ୍ୟସତ୍ୟ ପ୍ରତି ଉନ୍ମୀଳିତ ରହିବାକୁ ବେଶ୍ ବାଧା ଦେଉଥିଲା ।

୧୩ ମେ ୧୯୩୭ରେ ଶ୍ରୀଅରବିନ୍ଦ ତାଙ୍କୁ ନିମ୍ନୋକ୍ତ ପତ୍ର ଲେଖିଥିଲେ :

''ଆଶ୍ରମର କୌଣସି ଅନ୍ତେବାସୀ, ଜଣେ ଅନ୍ତେବାସୀ ହୋଇ ରହିଥିବା ବେଳେ ଆଧ୍ୟାତ୍ମିକ ବା ଯୌନ-ସମ୍ପର୍କୀୟ

ବିବାହର ଚୁକ୍ତିନାମା କରିପାରେ ନାହିଁ ଅଥବା ବାହାରୁ ଜଣେ ନାରୀକୁ ଆଣି ନିଜ ଜୀବନ-ସଙ୍ଗିନୀ ହିସାବରେ ରଖିପାରେ ନାହିଁ, ଅଥବା ବାହାରର ଜଣେ ନାରୀଙ୍କ ସହିତ ସେହି ଧରଣର ସମ୍ପର୍କ ସ୍ଥାପନ କରିପାରେ ନାହିଁ । ଆଶ୍ରମ ଜୀବନଧାରାରେ ଏହାର କୌଣସି ସମ୍ପର୍କ ନାହିଁ । ଜଣେ ଆଶ୍ରମରୁ ବାହାରି ଯାଇ ବାହାରେ ଏ ଧରଣର କ୍ରିୟାକଳାପରେ ଲିପ୍ତ ରହିପାରେ, କାରଣ ସେତେବେଳେ ସେ ଆଶ୍ରମର ଜଣେ ଅନ୍ତେବାସୀ ନୁହେଁ ଏବଂ ବାହାରେ ସେ ତା'ର ମନମୁଖି ଜୀବନ ନିର୍ଦ୍ଧାରିତ କରିପାରେ; ସେତେବେଳେ ସେ ନିଜେହିଁ କେବଳ ନିଜ ସକାଶେ ଦାୟୀ ହେବ ଏବଂ ସେହିସବୁ କ୍ରିୟାକଳାପର ଆଧ୍ୟାତ୍ମିକ ବା ଅନ୍ୟ ଧରଣର ଫଳାଫଳ ଭୋଗ କରିବା ସକାଶେ କେବଳ ସେ ଏବଂ ତାହା ସହିତ ସଂପୃକ୍ତ ବ୍ୟକ୍ତିହିଁ ଭୋଗ କରିବ ।

''ତୁମେ ଉଦାହରଣ ଦେଇ ଯେଉଁ କେତେ ଜଣ ସଂପୃକ୍ତ ଅନ୍ତେବାସୀଙ୍କ ସମ୍ବନ୍ଧେ ଉଲ୍ଲେଖ କରିଛ, ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ-ବିବାହର କୌଣସି ବନ୍ଧନ ନାହିଁ : ଯୌନ-ସମ୍ପର୍କ ତ ସମ୍ପୂର୍ଣ୍ଣ ରୂପେ ଅଗ୍ରାହ୍ୟ, ପ୍ରତ୍ୟାଖ୍ୟାତ; ତଥାପି କୌଣସି ପ୍ରକାର ନୂତନ ସମ୍ପର୍କ ମଧ୍ୟ ସେମାନଙ୍କ ମଧ୍ୟରେ ଗଢ଼ିଉଠି ନାହିଁ – ତେଣୁ ସେସବୁ କ୍ଷେତ୍ରରେ ତୁମର ପ୍ରସ୍ତାବିତ କ୍ରିୟାର କୌଣସି ତୁଳନା କରାଯାଇ ପାରିବ ନାହିଁ । ବିଶେଷ ବିଶେଷ କ୍ଷେତ୍ରରେ କେତେକ ବାହ୍ୟ ସୁବିଧା-ସୁଯୋଗ ସକାଶେ ସେମାନଙ୍କୁ ସମାନ ବାସଭବନରେ ଏକତ୍ର ରହିବାକୁ ଅନୁମତି ଦିଆଯାଇଛି, କିନ୍ତୁ ଏଥିରୁ ସ୍ପଷ୍ଟ ବୁଝାପଡ଼ୁଛି ଯେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଥିବା ତଥାକଥିତ ପାରସ୍ପରିକ ପୁରାତନ ନିର୍ଭରତା ଏକେବାରେ ବନ୍ଦ ରହିବ, ପରସ୍ପର ଭିତରେ ସାଧକ-ସାଧକ ମଧ୍ୟରେ ଥିବା ସମ୍ପର୍କହିଁ ରହିବ, ପରସ୍ପର ଭିତରେ କୌଣସି ପ୍ରକାର ଆନ୍ତର ନିର୍ଭରତା ରହିବ ନାହିଁ – କିନ୍ତୁ ପୃଥକ୍ ଭାବରେ କେବଳ ଶ୍ରୀମାଙ୍କ ଉପରେହିଁ ନିର୍ଭରତା ରଖିଥିବେ, କେବଳ ତାଙ୍କଠାରୁହିଁ ଆଧ୍ୟାତ୍ମିକ ସାହାଯ୍ୟ ଲାଭ କରିବେ, ଗୁରୁଙ୍କ ପ୍ରତି ଶିଷ୍ୟର ଥିବା ଆନୁଗତ୍ୟ-ଭାବକୁ କେବଳ ତାଙ୍କଠାରେହିଁ ଅର୍ପଣ କରିବେ ।

''ତୁମ କ୍ଷେତ୍ରରେ ସେମାନଙ୍କ ସଦୃଶ ଯଥାର୍ଥରେ ସେହି ଭାବଧାରାକୁ ଉନ୍ନୀତ ହୋଇଉଠି ବ୍ୟାବହାରିକ ଜୀବନରେ ତା'ର ପ୍ରୟୋଗ କରିବା ସକାଶେ ତୁମକୁ କନ୍ୟା ପିତାଙ୍କ ଅନୁମତି ନେଇ ଆଇନତଃ ଓ ସାମାଜିକ ପ୍ରଥାରେ ବିବାହ କରିବାକୁ ହେବ; ବାହାର ଦୁନିଆରେ କୋଡ଼ିଏରୁ ଅଧିକ ବର୍ଷ ଏକ ସଙ୍ଗରେ ବାସ କରିବାକୁ ହେବ ଏବଂ ତା'ପରେ ତୁମେ ଦୁଇ ଜଣ ପ୍ରତ୍ୟେକେ ସ୍ୱତନ୍ତ୍ର ଭାବରେ ଆନ୍ତର ଜୀବନଯାପନ କରିବା ସକାଶେ ନିଜକୁ କ୍ରମଶଃ ବିକଶିତ କରି କେବଳ ଭଗବାନଙ୍କ ଆଡ଼କୁ ସମର୍ପିତ ହୋଇ ରହିବାର ଦୃଢ଼ ସିଦ୍ଧାନ୍ତ ନେଇ ଆଶ୍ରମରେ ରହିବାକୁ ଅନୁମତି ସକାଶେ ଆସିବ । ତୁମେ ତୁମ ଚିଠିରେ ବର୍ଣ୍ଣନା କରି ଉପସ୍ଥାପିତ କରିଥିବା ପ୍ରସ୍ତାବଟି ସମ୍ପୂର୍ଣ୍ଣ ଭିନ୍ନ – 'ବୈଷ୍ଣବ-ସାଧନା'ରେ ଅଥବା 'କର୍ମ-ଯୋଗ'ର କେତେକ ପଦ୍ଧତିରେ ସେପରି ମନୋଭାବ ପୋଷଣ କରି ସାଧନା କରାଯାଇ ପାରେ, କିନ୍ତୁ ଏଠାରେ, ଏ ଆଶ୍ରମରେ ତା'ର କୌଣସି ସ୍ଥାନ ନାହିଁ । ଶ୍ରୀମା'ଙ୍କର ସ୍ୱୀୟ ବିଚାର୍ଯ୍ୟ ଅନୁସାରେ ବିଶେଷ ବିଶେଷ କ୍ଷେତ୍ରରେ ସାଧକ-ସାଧିକାମାନଙ୍କର ପୁରୁଣା ସମ୍ପର୍କର କେତେକ ବାହ୍ୟ ଆଚରଣ ଏବଂ ପୁରୁଣା ଅଭ୍ୟାସ ବା ପ୍ରବୃତ୍ତିର ଗତିବିଧିରୁ – ଯାହାକି ସେତେଟା ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ – ସମ୍ପୂର୍ଣ୍ଣ ମୁକ୍ତ ହୋଇଉଠିବା ସକାଶେ ସମୟ ଦିଆଯାଇପାରେ; ଫଳରେ ଏକ ସମ୍ପୂର୍ଣ୍ଣ ନୂତନ ବୈବାହିକ ସମ୍ପର୍କ ପ୍ରତିଷ୍ଠିତ ହେବ ଯାହାକି ସାଧନାର ଏକ ଅଂଶବିଶେଷ ହେବ ଏବଂ ଅବାଧରେ ମୁକ୍ତ ଜୀବନ-ଯାପନ କରିବାର ଅଭିପ୍ରାୟ ରଖିପାରିବ – ଏହା ସମ୍ପୂର୍ଣ୍ଣ ଭିନ୍ନ କଥା ।

''ତୁମେ 'ଯଥାର୍ଥ ସାଧନା' କହିଲେ କ'ଣ ବୁଝ, ସେ ସମ୍ବନ୍ଧେ ମୋର କୌଣସି ଧାରଣା ନାହିଁ । ପ୍ରତ୍ୟେକ ଯୋଗ-ସାଧନାର ମାର୍ଗରେ ନିଜସ୍ୱ ଧାରା ଓ ପଦ୍ଧତି ରହିଛି ଯାହାକି ଅନ୍ୟାନ୍ୟ ମାର୍ଗଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆମର ଏହି ମାର୍ଗରେ କ'ଣ ଆବଶ୍ୟକ ବା କ'ଣ ଅନାବଶ୍ୟକ, କ'ଣ ଗ୍ରହଣୀୟ ବା କ'ଣ ଗ୍ରହଣୀୟ ନୁହେଁ, ସେ ସମ୍ବନ୍ଧେ କେବଳ ଶ୍ରୀମା ଏବଂ ମୁଁ, ଆମେ ଦୁହେଁ ନିଷ୍ପତ୍ତି ନେଇପାରୁ ବା ନିର୍ଣ୍ଣୟ କରିପାରୁ । ଯଦି ଆମ ମାର୍ଗଠାରୁ ସ୍ୱତନ୍ତ୍ର ଅନ୍ୟ କୌଣସି ମାର୍ଗରେ କାହାର ଯୋଗ-ଜୀବନ ଯାପନ କରିବାର ଥାଏ, ଯାହାକୁ ସେ ସର୍ବାନ୍ତଃକରଣରେ ଗ୍ରହଣୀୟ ବୋଲି ବିବେଚନା କରେ, ଯଥାର୍ଥ ସାଧନାର ଅଂଶବିଶେଷ ବୋଲି ବିବେଚନା କରେ, ତେବେ ସିଏ ଅନ୍ୟତ୍ର ଯାଇ ସେହି ମାର୍ଗର ଗୁରୁଙ୍କ ତତ୍ତ୍ୱାବଧାନରେ ତାହା ଅଭ୍ୟାସ କରିବାରେ ସେ ସମ୍ପୂର୍ଣ୍ଣ ମୁକ୍ତ; କିନ୍ତୁ ଏଠାରେ ଆମ ପ୍ରଭାବରେ ରହି, ଆମ ସାନ୍ନିଧ୍ୟରେ ବାସ କରି ସେସବୁ ଅଭ୍ୟାସ କରିବା ନିମିତ୍ତ ସେ କେବେ ବି ଦାବି କରିପାରିବ ନାହିଁ କିଂବା ସେସବୁ ଧାରାକୁ ଆମ ସାଧନା ମାର୍ଗର ଏକ ଉପଯୋଗୀ ଅଙ୍ଗ ବା ଏଠାକାର ଆଶ୍ରମ-ଜୀବନଧାରାର ଏକ

ସ୍ୱରୂପ ହିସାବରେ ନିଷ୍ପତ୍ତି ନେଇପାରିବ ନାହିଁ, ଯଦି ସେପରି କରିବାକୁ ଶ୍ରୀମା'ଙ୍କ ଦ୍ୱାରା ଏବଂ ମୋ ଦ୍ୱାରା ସ୍ୱୀକୃତ ବା ଅନୁମୋଦିତ ନ ହୋଇଥାଏ ।''

ହାରାଧନଙ୍କର ପାଷାଣ-ହୃଦୟ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅସୀମ ଧୈର୍ଯ୍ୟ ଓ ଅପାର କରୁଣାରୁ ତରଳିବାକୁ ଆରମ୍ଭ କରିଛି, ଅନ୍ତରରେ ତାଙ୍କର ଚୈତନ୍ୟ ଉଦୟ ହୋଇଛି — ଚୈତନ୍ୟମୟୀ ଶ୍ରୀମା ତାଙ୍କ ବରଦହସ୍ତରେ ସନ୍ତାନ ହାତକୁ ବଢ଼ାଇ ଦେଇଛନ୍ତି ତାଙ୍କର 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକ । ହାରାଧନ ହୋଇଉଠିଛନ୍ତି ସମ୍ପୂର୍ଣ୍ଣ ପରିବର୍ତ୍ତିତ ହାରାଧନ; ଶ୍ରୀମାଶ୍ରୀଅରବିନ୍ଦଙ୍କର ଜଣେ ବିଶ୍ୱସ୍ତ, ନିଷ୍ଠାବାନ୍ ଶିଷ୍ୟ, ଯିଏକି ଆଶ୍ରମର ବିଭିନ୍ନ ନୀତିନିଷ୍ଠ କର୍ମକୁ ଆନନ୍ଦରେ ହାତକୁ ନେଇ ଏବଂ ସେସବୁକୁ ନ୍ୟାୟପରାୟଣତାର ସହ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ସମ୍ପାଦନ କରି ଅବିଳମ୍ବେ ହୋଇ ଉଠିଛନ୍ତି ଆଶ୍ରମର ଆବାଳ-ବୃଦ୍ଧବନିତାଙ୍କ ମଧ୍ୟରେ ଏକ ପ୍ରିୟଜନ ହିସାବରେ ଗଣ୍ୟ ଓ ବରେଣ୍ୟ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: office@ayurlabsindia.com

# ଆମ ଶରୀର

## (୧୦)

## ଭୋଳେଶ୍ୱର ଭୂୟାଁ

### ସମସ୍ତ ରୋଗରୁ ମୁକ୍ତିର ଉପାୟ

''ଓଁ ସର୍ବେ ଭବନ୍ତୁ ସୁଖିନଃ
ସର୍ବେ ସନ୍ତୁ ନିରାମୟା ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମାକଶ୍ଚିଦ୍-ଦୁଃଖଭାଗ୍ ଭବେତ୍ ।''

ଆବହମାନ କାଳରୁ ଏହି ପ୍ରାର୍ଥନା ହଜାର ହଜାର ସାଧୁ, ସନ୍ଥ, ମହାତ୍ମାଆଦି କରି ଆସିଛନ୍ତି, ଏବେ ମଧ୍ୟ କରୁଛନ୍ତି । ''ସମସ୍ତେ ସୁଖୀ ହୁଅନ୍ତୁ, ସମସ୍ତେ ନିରୋଗ ହୁଅନ୍ତୁ । ସମସ୍ତେ ଭଦ୍ର ଅର୍ଥାତ୍ ସତ୍ୟର ଅନୁସରଣ କରନ୍ତୁ, କାହାରି ଦୁଃଖ ଦୁର୍ଦଶା ନରହୁ ।'' ଅବଶ୍ୟ ଏହା ଏକ ମହାନ୍ ପ୍ରାର୍ଥନା । କିନ୍ତୁ ସର୍ବଜନ ମଙ୍ଗଳ ନିମନ୍ତେ ଉକ୍ତ ପ୍ରାର୍ଥନାଟିକୁ ଆବୃତ୍ତି କରାଯାଉ ଥିଲେ ମଧ୍ୟ ସକାରାତ୍ମକଭାବେ ଏହା ଦ୍ୱାରା ମଣିଷ ସମାଜ ପୂର୍ଣ୍ଣ ରୂପେ ଉପକୃତ ହୋଇପାରିଛି କି ? ମନେହୁଏ ଜଣେ ମାତ୍ର ଲୋକ ପାଇଁ ଏହା ଘଟିତ ହୋଇ ନାହିଁ । ପୁରାତନ ଯୋଗର ସାଧକମାନେ ରୋଗ, ଯନ୍ତ୍ରଣା, ଦୁଃଖ ଓ କଷ୍ଟରୁ ପୃଥକ୍ ରହି କେବଳ ଚେତନାକୁ ନେଇ ଭଗବତ୍ ପ୍ରାପ୍ତି କରୁଥିଲେ । ଦୁଃଖ, କଷ୍ଟ, ରୋଗ, ଯନ୍ତ୍ରଣା ସାଧାରଣତଃ ଶରୀରହିଁ ଭୋଗ କରିଥାଏ । ଶରୀର ସହିତ ମନ ଓ ପ୍ରାଣ ମଧ୍ୟ ଜଡ଼ିତ ହୋଇଥାଏ । ତେଣୁ ସେମାନେ ମଧ୍ୟ ଦୁଃଖ, କଷ୍ଟ ଭୋଗ କରନ୍ତି । ସେଥିପାଇଁ ଶରୀରକୁ ସାଧନା ପଥରୁ ବାଦ୍ ଦିଆ ହୋଇଥିଲା ।

ଏହି ପ୍ରାର୍ଥନାଟିର ବିଫଳତା ଦେଖି ମଧ୍ୟ ମଣିଷ ଏହି ପ୍ରାର୍ଥନାକୁ ଯୁଗ ଯୁଗ ନିଷ୍ଠାର ସହ ଆବୃତ୍ତି କରିଚାଲିଛି । ଆମେ ଦେଖୁ ଦୁଃଖ-କଷ୍ଟ, ରୋଗ-ଯନ୍ତ୍ରଣା କମିବା ପରିବର୍ତ୍ତେ ସହସ୍ର ଗୁଣରେ ବଢ଼ିଯାଇଛି । ତଥାପି ମଣିଷ ଏହି ପ୍ରାର୍ଥନା କରିବାକୁ ଭୁଲି ନାହିଁ । ଏହାହିଁ ହେଲା 'ଆଶ୍ଚର୍ଯ୍ୟ', ଏହାହିଁ ହେଲା ମଣିଷର ଭବିଷ୍ୟତ୍ ପାଇଁ ଆସ୍ଥା ଓ ବିଶ୍ୱାସ । ମଣିଷ ଅନ୍ତରର ଗଭୀରରେ ଏହି ବିଶ୍ୱାସ ନିହିତ ଅଛି । ସେ ଜାଣେ ଦିନେ ନା ଦିନେ ଏ ପୃଥିବୀରୁ ଦୁଃଖ, କଷ୍ଟ, ରୋଗ, ଯନ୍ତ୍ରଣା ତଥା ମୃତ୍ୟୁ ଲୋପ ପାଇବ । ଆଜି ସେହି ସମୟ ଉପସ୍ଥିତ ହୋଇଛି । ଅତିମାନସ ଶକ୍ତି ଅର୍ଦ୍ଧ-ପଶୁ ରୂପକ ମଣିଷକୁ ରୂପାନ୍ତର କରି ତାକୁ ଦିବ୍ୟ-ଶାନ୍ତି, ଦିବ୍ୟ-ଆନନ୍ଦ ଓ ଦିବ୍ୟ-ସତ୍ୟ ପ୍ରଦାନ କରି ଅମରତ୍ୱ ପ୍ରଦାନ କରିବ । ତେବେ ଯାଇ ମଣିଷର ଏହି ପ୍ରାର୍ଥନା ପୂରଣ ହେବ ।

୧୯୭୧ ମସିହା ଏପ୍ରିଲ ପହିଲାରେ ଆଶ୍ରମର କ୍ରୀଡ଼ା ପ୍ରତିଯୋଗିତା ପାଇଁ ଶ୍ରୀମା ଦେଇଥିବା ବାଣୀରେ କହୁଛନ୍ତି : "We are at one of these "Hours of God", when the old bases get shaken, and there is a great confusion; but it is a wonderful opportunity for those who want to leap forward, the possibility of progress is exceptional.

Will you not be of those who take advantage of it?

Let your body be prepared through physical education for this great change!

My blessings to all."

*(1 April, 1971)*

ଅର୍ଥାତ୍, ''ଆମେ ଏପରି ଏକ ''ଦେବମୁହୂର୍ତ୍ତ''ର ସନ୍ଧିକ୍ଷଣରେ ଆସି ଉପସ୍ଥିତ ହୋଇଛୁ ଯେତେବେଳେ କି ପୁରାତନ ମୂଳଦୁଆଗୁଡ଼ାକ ଏକାବେଳେକେ ଦୋହଲି ଯିବାକୁ ଆରମ୍ଭ କଲେଣି ଏବଂ ସବୁଆଡ଼େ ଏକ ବୃହତ୍ ଅନିଶ୍ଚିତତା ସମସ୍ତଙ୍କୁ ଗ୍ରାସ କରିଥିବା ପରି ମନେ ହେଉଛି । ମାତ୍ର ଯେଉଁମାନେ ଆଗକୁ ଏକ ଲମ୍ଫପ୍ରଦାନ କରିବାକୁ ଇଚ୍ଛା କରୁଛନ୍ତି, ଏହା ସେମାନଙ୍କ ଲାଗି ମଧ୍ୟ ଏକ ଅପୂର୍ବ ସୁଯୋଗ ଆଣି ଦେଇଛି । ବର୍ତ୍ତମାନ ଅଗ୍ରଗତି ଲାଗି ଏକ ଅଭୂତପୂର୍ବ ସମ୍ଭାବନା ଆସି ପହଞ୍ଚିଛି ।

ଯେଉଁମାନେ ଏହାର ସୁଯୋଗ ଗ୍ରହଣ କରିବେ, ତୁମେ ମଧ୍ୟ ସେହିମାନଙ୍କ ମଧ୍ୟରେ ରହିଛ ତ ?

ଶାରୀରିକ ଶିକ୍ଷାର ମାଧ୍ୟମରେ ତୁମମାନଙ୍କର ଶରୀର ସେହି ବୃହତ୍ ପରିବର୍ତ୍ତନଟି ଲାଗି ପ୍ରକୃତରେ ପ୍ରସ୍ତୁତ ହେଉ !

ସମସ୍ତଙ୍କ ଲାଗି ମୋର ଅନେକ ଆଶୀର୍ବାଦ ।''

*(୧ ଏପ୍ରିଲ, ୧୯୭୧)*

ଆଜି ଯେଉଁ ବିଶୃଙ୍ଖଳା ଓ ଖଣ୍ଡ ପ୍ରଳୟ ଦେଖାଯାଇଛି ତାହା ହେଉଛି ପୃଥିବୀମାତାଙ୍କ ନୂତନ ଅତିମାନବ ଜାତିକୁ ଜନ୍ମ ଦେବା ନିମନ୍ତେ ତାଙ୍କର ଜଠର ଯନ୍ତ୍ରଣା । ଏକ ଦିଗରେ ଏହି ଧ୍ୱଂସର ତାଣ୍ଡବ ଲୀଳା, ଅନ୍ୟ ଦିଗରେ ଅତିମାନସ ଯୁଗର ଆବିର୍ଭାବ – ଏହା କେବଳ ସମ୍ଭବ ଆଜିର ଏହି ଦେବ ମୁହୂର୍ତ୍ତରେ । ଏହି ସମୟରେ କେବଳ ବାହ୍ୟ ବିଶୃଙ୍ଖଳା ନୁହେଁ ମଣିଷ ଚେତନାରେ, ତା' ପ୍ରକୃତିରେ ମଧ୍ୟ ମହା-ବିଶୃଙ୍ଖଳା ଉତ୍ପନ୍ନ ହୋଇଛି । ଶ୍ରୀଅରବିନ୍ଦ କହୁଛନ୍ତି : ''କ୍ରମ-ବିବର୍ତ୍ତନର ପ୍ରତ୍ୟେକ ସ୍ତରର ଶେଷରେ ସାଧାରଣତଃ ଦେଖାଯାଏ ଯେଉଁସବୁ ପ୍ରକୃତି ଲୋପ ପାଇବା କଥା ତାହା ବାରଂବାର ପ୍ରବଳ ଭାବରେ ଉପରକୁ ଉଠିଆସେ । ଏହା ହେଲା ବିଶ୍ୱ ପ୍ରକୃତିର ଏକ ନିୟମ, ଯାହା ଦ୍ୱାରା ମଣିଷ ଚେତନାର ଗଭୀରରେ ଲୁଚି ରହିଥିବା ବା ଏହା ସହିତ ଜଡ଼ିତ ହୋଇଥିବା ସମସ୍ତ ଅଭ୍ୟାସରୁ ସେ ମୁକ୍ତ ହୋଇପାରିବ ।''

(ବୁଲେଟିନ୍, ଏପ୍ରିଲ ୨୦୧୬, ପୃ. ୪)

ଅର୍ଥାତ୍, ଆଜି ମଣିଷ ରୋଗ, ଯନ୍ତ୍ରଣା, ଦୁଃଖ, କଷ୍ଟ, ଅଶାନ୍ତି କବଳରେ ଜର୍ଜରିତ ହୋଇ ପଡ଼ିଛି । ଏଥିରୁ ସେ କ'ଣ ପ୍ରକୃତରେ ମୁକ୍ତି ପାଇ ପାରିବ ? ଅବଶ୍ୟ ମୁକ୍ତି ପାଇ ପାରିବ । କାରଣ ଏହି ଦେବମୁହୂର୍ତ୍ତରେ ଭଗବାନ୍ ମାତୃ ରୂପରେ ତା' ସହିତ ରହିଛନ୍ତି । ଏହା ହେଲା ଭଗବାନଙ୍କ ମହାନ୍ କରୁଣା । ଆମେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଆମ ଗହଣରେ ପାଇ ମଧ୍ୟ ତାଙ୍କୁ ଏବେ ବି ଚିହ୍ନି ପାରିଲୁ ନାହିଁ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୁଗ୍ମ ଅବତାର ହେଉଛି ପୃଥିବୀପୃଷ୍ଠରେ ନୂତନ ସୃଷ୍ଟିର ପ୍ରତୀକ । ଏପରି ଅବତାର ଏ ପୃଥିବୀପୃଷ୍ଠରେ କେବେ ବି ଆସି ନଥିଲେ । ଶ୍ରୀମାଶ୍ରୀଅରବିନ୍ଦ ଦୁଷ୍ଟ ଦଳନ କରି କେବଳ ଧର୍ମ ସଂସ୍ଥାପନ ପାଇଁ ଆସି ନଥିଲେ । ସେମାନେ ଆସିଥିଲେ ମଣିଷର ସମସ୍ତ ସମସ୍ୟାର ସମାଧାନ କରି ପ୍ରତ୍ୟେକ ସାଧକ ଭିତରେ ସାଧନା କରି ତାକୁ ଦେବମଣିଷରେ ପରିଣତ କରିବା ପାଇଁ । ଏ କାମ ଏବେ ବି ସେମାନେ କରୁଛନ୍ତି । ମଣିଷକୁ ସମସ୍ତ ରୋଗ-ଯନ୍ତ୍ରଣା, ଦୁଃଖ, କଷ୍ଟ ଏପରିକି ମୃତ୍ୟୁ ମୁଖରୁ ମୁକ୍ତ କରି ତାକୁ ଦିବ୍ୟତା ପ୍ରଦାନ କରିବା ପାଇଁ କର୍ମ କରୁଛନ୍ତି । ଏହି ରୂପାନ୍ତର ଯୋଗ ଅତ୍ୟନ୍ତ କଠିନ । ଏହି ଯୋଗ ବିନା ସାହାଯ୍ୟରେ କରିବା ଅତୀବ କଠିନ ହୋଇଥିବାରୁ ମନୁଷ୍ୟକୁ ସାହାଯ୍ୟ କରିବା ପାଇଁ ଶ୍ରୀମାଶ୍ରୀଅରବିନ୍ଦ ସର୍ବଦା ପୃଥିବୀ ବାତାବରଣରେ ଉପସ୍ଥିତ ରହିଛନ୍ତି । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି :

"When most unseen, most mightily she works;"

(*Savitri*, P. 180)

ସେତେବେଳେ ଏହି ରୂପାନ୍ତର ଯୋଗ ସହଜ ହୋଇ ଯାଇଥାଏ ଯେତେବେଳେ ଆମେ ଜଗଜ୍ଜନନୀ ମା'ଙ୍କ ହାତରେ ଆମର ସମସ୍ତ ଭାର ଅର୍ପଣ କରୁ । ମଣିଷର ସମସ୍ତ ରୋଗ-ଯନ୍ତ୍ରଣା ଶ୍ରୀମା ନିଜ ଉପରକୁ ନେଇ ତାହାକୁ ରୂପାନ୍ତର କରୁଛନ୍ତି । ଏ ବିଷୟରେ ମା ନିଜେ କହୁଛନ୍ତି : ''ଏପରି କୌଣସି ରୋଗ ନାହିଁ ଯାହା ମୁଁ ଭୋଗ କରି ନାହିଁ । ମୁଁ ଏହିସବୁ ରୋଗକୁ ନିଜ ଉପରକୁ ନେଉଥିଲି ଏବଂ ଏସବୁର କ୍ରିୟାଶୀଳତାର ସମୟ ଏବଂ ଏହାର ପ୍ରଭାବ ମୋ ଶରୀରରେ ଅନୁଭୂତି ଲାଭ କରୁଥିଲା, ଯଦ୍ଦ୍ୱାରା ଏହା ଉପରେ ମୁଁ କ୍ରିୟା କରିପାରିବି । କିନ୍ତୁ ମୋ ଶରୀରର ଭୟ ନଥିଲା ଏବଂ ଏହା ଉଚ୍ଚତର ଭଗବତ୍ ଉପସ୍ଥିତି ପ୍ରତି ସମ୍ବନ୍ଧିତ ହୋଇ ରହିଥିବାରୁ ଏହିସବୁ ରୋଗରୁ ମୁକ୍ତ ହେବା ମୋ ପାଇଁ ସହଜ ହେଉଥିଲା ।''

ବର୍ତ୍ତମାନ ଆମର ଭାବିବା ଦରକାର ଶ୍ରୀମା କାହିଁକି ତାଙ୍କ ଶରୀରରେ ସମସ୍ତ ରୋଗକୁ ନେଇଥିଲେ । ଏହାର ଉତ୍ତର ହେଲା – ଏହା ଦ୍ୱାରା ମା ତାଙ୍କର ସନ୍ତାନମାନଙ୍କୁ ମଧ୍ୟ ପୂର୍ଣ୍ଣ ରୋଗ ମୁକ୍ତ କରି ପାରିବେ । ମା'ଙ୍କ କହିବା ଅନୁସାରେ ଶରୀରରୁ ଯେତେବେଳେ ପୂର୍ଣ୍ଣ ରୂପେ ଭୟ ଦୂରୀଭୂତ ହେବ ଏବଂ ଶରୀର ଭଗବତ୍ ଚେତନା ସହିତ ସମ୍ବନ୍ଧିତ ହୋଇ କେବଳ ତାଙ୍କରି ପରିଚାଳନାରେ ରହିବ ସେତେବେଳେ ଯେକୌଣସି ରୋଗ ଆମକୁ ହେଲେ ମଧ୍ୟ ସେଥିରୁ ଆମେ ମୁକ୍ତି ପାଇପାରିବୁ । ପ୍ରଶ୍ନ ହେଲା ଆମ ଶରୀରର ଏହି ସ୍ଥିତିରେ ପହଞ୍ଚିବା ପାଇଁ କେତେ ସମୟ ଲାଗିବ ? ଆମେ ଏହି ସ୍ଥିତିରେ ଉପସ୍ଥିତ ହୋଇ ପାରିବୁ ତ ? ଏ ବିଷୟରେ ଶ୍ରୀଅରବିନ୍ଦଙ୍କ ବାଣୀ ଉଦ୍ଧୃତ କରି ଶ୍ରୀମା କହୁଛନ୍ତି : ''ଯଦି ଏହା ଥରେ ଜଣକ ଶରୀର ଭିତରେ ହୋଇଯାଏ, (ଏକଦା ଏହା ଶ୍ରୀଅରବିନ୍ଦ କହିଥିଲେ) ତେବେ ଏହା ଅନ୍ୟମାନଙ୍କ ଶରୀରରେ ମଧ୍ୟ ଘଟିତ ହେବାର କ୍ଷମତା ରଖିଥାଏ;...''

(Mother's Yoga, Vol. 1, P. 412)

ଅର୍ଥାତ୍ ମା'ଙ୍କ ଶରୀରରେ ଯାହାସବୁ ଘଟିତ ହୋଇଛି ତାହା ଆମ ଶରୀରରେ ମଧ୍ୟ ଘଟିତ ହୋଇପାରିବ ।

ଆମେ ସମସ୍ତ ରୋଗରୁ ମୁକ୍ତ ହେବା ପୂର୍ବରୁ ଆମକୁ

ଜାଣିବାକୁ ହେବ ରୋଗ କ'ଣ ଓ ରୋଗ ଆମକୁ ହୁଏ କାହିଁକି ? ମା' କହୁଛନ୍ତି : ''ସମସ୍ତ ବିଶୃଙ୍ଖଳା, ସମସ୍ତ ଯନ୍ତ୍ରଣା ହେଲା ଅଜ୍ଞାନତା । (MCW, Vol - 15. P. 167) ତେଣୁ କୁହାଯାଇ ପାରେ ଯେ ରୋଗ ହେଲା ଶରୀରର ଅଜ୍ଞାନତା । ଆମ ଶରୀର ତଥା ମନ ଓ ପ୍ରାଣର ରୋଗ ପ୍ରତି ଥିବା ଭୟହିଁ ରୋଗକୁ ଡାକି ଆଣିଥାଏ । ସମସ୍ତ ରୋଗ ଆମ ଅବଚେତନାରେ ଲୁଚି ରହି ଥାଆନ୍ତି । ଏଥିପାଇଁ ମା କହୁଛନ୍ତି : ''ଯଦି ତୁମେ ପୂର୍ଣ୍ଣ ରୂପେ ରୋଗ ମୁକ୍ତ ହେବାକୁ ଚାହ ତେବେ ତୁମକୁ ଶରୀରରେ ଥିବା ଏହାର ସ୍ମୃତିକୁ ସୁଦ୍ଧ କରିବାକୁ ପଡ଼ିବ, ଏହା ଅତ୍ୟନ୍ତ ଆବଶ୍ୟକ । ତୁମେ ଜାଣ ବା ନଜାଣ ରୋଗ ଭଲ କରିବା ପାଇଁ ତୁମକୁ ଏହି ରୋଗର ସ୍ମୃତିକୁ ଆରୋଗ୍ୟ କରିବାକୁ ପଡ଼ିଥାଏ । ଶରୀରର ଏହି ସ୍ମୃତିକୁ ଯଦି ଲିଭାଇ ଦିଆଯାଏ ତେବେ ଶରୀର ମଧ୍ଯ ଯଥାର୍ଥ ରୂପେ ରୋଗମୁକ୍ତ ହୋଇଥାଏ ।''

(Hidden Forces Within, P. 38-39)

ଯେଉଁ ସ୍ମୃତିର କଥା କୁହାଗଲା ତାହା ଆମର ଅବଚେତନା । ଏହି ଅବଚେତନାରେ ଆମ ପୂର୍ବପୁରୁଷଙ୍କ ସମସ୍ତ ବିକୃତି, ସମସ୍ତ କୁଅଭ୍ୟାସ, ସମସ୍ତ ରୋଗ ଆକ୍ରମଣର ସନ୍ଦେଶ ଲିପିବଦ୍ଧ ହୋଇଥାଏ । ତେଣୁ ଶରୀର ରୂପାନ୍ତର ପାଇଁ ପ୍ରଥମେ ଏହି ଅବଚେତନାରେ କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ । ଆମ ଭିତରେ କିଛି ଅସମଞ୍ଜସତା ସୃଷ୍ଟି ହେଲେ ଆମକୁ ରୋଗ ହୋଇଥାଏ । ଏହି ଅସମଞ୍ଜସତା ମନର ହୋଇପାରେ, ପ୍ରାଣର ହୋଇପାରେ, ଶରୀର ଚେତନା ତଥା ଜଡ଼ ଶରୀରରେ ହୋଇପାରେ । ରୋଗ ଆମ ପାଖକୁ ଆସିଥାଏ ଆମକୁ କିଛି ଶିକ୍ଷା ଦେବା ପାଇଁ, ଆମ ଭିତରେ ଥିବା ଅସମଞ୍ଜସତା ବିଷୟରେ ସଚେତନ କରାଇବା ପାଇଁ । ଯେପର୍ଯ୍ୟନ୍ତ ଏହି ଅସମଞ୍ଜସତା ବିଷୟରେ ଆମେ ସଚେତନ ନହୋଇଛୁ, ଏହା ଉପରେ କ୍ରିୟା କରି ସେଠାରେ ସମଞ୍ଜସତା ପ୍ରତିଷ୍ଠା କରା ନଯାଇଛି ସେତେବେଳ ପର୍ଯ୍ୟନ୍ତ ରୋଗକୁ ଯେତେ ଥର ଆରୋଗ୍ୟ କଲେ ମଧ୍ୟ ଏହା ବାରଂବାର ଆମ ପାଖକୁ ଫେରି ଆସିଥାଏ ।

ସମସ୍ତ ରୋଗରୁ ମୁକ୍ତ ହେବା ପାଇଁ ଯେଉଁ ଇଚ୍ଛାଶକ୍ତି ଦରକାର ସେ ବିଷୟରେ ମା କହୁଛନ୍ତି : ''ତୁମ ଭିତରେ ଥିବା ଇଚ୍ଛାଶକ୍ତିକୁ ବିଜୟ ପାଇଁ ଜାଗ୍ରତ୍ କର । କେବଳ ମନର ଇଚ୍ଛାଶକ୍ତି ନୁହେଁ, ତୁମ ଶରୀର କୋଷମାନଙ୍କରେ ମଧ୍ୟ ଏହି ଇଚ୍ଛାଶକ୍ତିକୁ ଜାଗ୍ରତ୍ କର । ଏହା ଛଡ଼ା ତୁମେ କିଛି ବି କରିପାରିବ ନାହିଁ; ତୁମେ ଶତାଧିକ ଔଷଧ ସେବନ କରିପାର, କିନ୍ତୁ ତାହା ତୁମକୁ ଭଲ କରି ପାରିବ ନାହିଁ, ଯଦି ତୁମର ଏହି ଇଚ୍ଛାଶକ୍ତି ନଥାଏ ଶାରୀରିକ ରୋଗକୁ ଆରୋଗ୍ୟ କରିବା ପାଇଁ ।''

(MCW-15, p. 158) — ଶ୍ରୀମା

ଶେଷରେ ଆମେ ରୋଗ ଆରୋଗ୍ୟ ଏବଂ ଏହି ଖଣ୍ଡ ପ୍ରଳୟରୁ ଉଦ୍ଧାର ପାଇବାର ଏକ ଉପାୟ ମା ଦେଇଛନ୍ତି : ''ଆସକ୍ତି ନଥିବ, କାମନା ନଥିବ, ଆବେଗ ନଥିବ, ପସନ୍ଦ, ଅପସନ୍ଦ ନଥିବ; କେବଳ ଥିବ ଯଥାର୍ଥ ସମତା, ଅଖଣ୍ଡ ଶାନ୍ତି ଏବଂ ଭଗବାନଙ୍କ ରକ୍ଷାକାରୀ ଶକ୍ତି ଉପରେ ପରମ ବିଶ୍ୱାସ : ଏହିସବୁ ଦ୍ୱାରା ତୁମେ ନିରାପଦ ହୋଇପାରିବ; ଏସବୁ ନଥିଲେ ତୁମେ ଭୟଙ୍କର ବିପଦରେ ପଡ଼ିପାର । ଯେପର୍ଯ୍ୟନ୍ତ ତୁମେ ସୁରକ୍ଷିତ ନହୋଇ ପାରିଛ ତେବେ ତୁମ ପାଇଁ ସବୁଠାରୁ ଭଲ ଉପାୟ ହେଲା କୁକୁଡ଼ା-ଶାବକ ପରି ମା'ଙ୍କର ଡେଣା ତଳେ ଆଶ୍ରୟ ନେବା ।

"Sri Aurobindo's compassion is always there to help you, but some effort is needed from your side also."

(MCW - 15, p. 158) – The Mother

''ଶ୍ରୀଅରବିନ୍ଦଙ୍କ କରୁଣା ତୁମ ପାଇଁ ସର୍ବଦା ରହିଛି । କିନ୍ତୁ କିଛିଟା ଚେଷ୍ଟା ତୁମ ତରଫରୁ ହେବା ଦରକାର ।''

(କ୍ରମଶଃ) ❑

ଆମେ ସଂଖ୍ୟା ଚାହୁଁନା,— ଆମେ ନିର୍ବାଚିତ କେତେଜଣଙ୍କୁ ଚାହୁଁ; ଆମେ ବିଚକ୍ଷଣ ପ୍ରତିଭାସମ୍ପନ୍ନ ଛାତ୍ର ଚାହୁଁନା, ଆମେ ଜୀବନ୍ତ କେତୋଟି ଆତ୍ମାହିଁ ଚାହୁଁ ।

(ଶିକ୍ଷା ପ୍ରସଙ୍ଗ - ପୃଷ୍ଠା. ୧୮୧) — ଶ୍ରୀମା

# ତୋତ୍ତୋ-ଚାନ୍
## (୪)
## ତେତ୍‌ସୁକୋ କୁରୋୟାନାଗି

[କୁନି ଝିଅ ତୋତ୍ତୋ-ଚାନ୍‌ର ଏହା ଏକ ମରମଭେଦୀ ସତ କାହାଣୀ । କିନ୍ତୁ ଅନେକ ଦୃଷ୍ଟିରୁ ଏହା କାହାଣୀଠାରୁ ବହୁତ କିଛି ଅଧିକ । ବର୍ତ୍ତମାନର ନୀରସ ଶିକ୍ଷା ବ୍ୟବସ୍ଥା ଉପରେ ଏହା ଏକ ଗଭୀର ଅଭିଯୋଗ ତଥା ମାର୍ଗଦର୍ଶକ । ଶିକ୍ଷାବିତ୍, ଶିଶୁ ମନସ୍ତତ୍ତ୍ୱବିତ୍ ଏବଂ ସମାଜବିଜ୍ଞାନୀଆଦିଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦର୍ଭ ।...

ବିଗତ ସଂଖ୍ୟାରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ ତୋତ୍ତୋ-ଚାନ୍‌କୁ ଏକ ଏକ ନୂଆ ଅନୁଭୂତି ଭେଟି ଦେଇ ଚାଲିଛି । ସେ ଶିକ୍ଷା ଶ୍ରେଣୀଗୃହ ବା ଶିକ୍ଷା ପୁସ୍ତକ ଭିତରେ ସୀମିତ ନଥିଲା । ସେ ଶିକ୍ଷା ସୁଦୂର ପ୍ରସାରୀ – ସ୍କୁଲର ପାଠପଢ଼ାଠାରୁ ଖାଦ୍ୟ ଗ୍ରହଣ ପର୍ଯ୍ୟନ୍ତ, ବଗିଚାରେ ଘୂରିବୁଲୁଥିବା ପ୍ରଜାପତିଠାରୁ ଆକାଶର ତାରା ପର୍ଯ୍ୟନ୍ତ ସମସ୍ତେ ତା'ର ଶିଖିବା, ଜାଣିବା ଆଉ ବୁଝିବାର ଅନ୍ତର୍ଭୁକ୍ତ । ସ୍କୁଲକୁ ଯିବା ପାଇଁ ତୋତ୍ତୋ-ଚାନ୍‌ର ଅଦ୍ଭୁତ ଆକର୍ଷଣ, ସେଠାକାର ସମସ୍ତେ ଯେପରି ତା'ର ଅନେକ ଯୁଗରୁ ପରିଚିତ । ତା'ପରେ...]

**ସ୍କୁଲ ଗୀତ**

ତୋମୋଏ ଗାକୁଏନ୍‌ରେ ଅନେକ କଥା ତୋତ୍ତୋ-ଚାନ୍ ପାଇଁ ନୂଆ ଥିଲା । ପ୍ରତିଦିନ ସେ ନୂଆ ନୂଆ ଘଟଣାମାନ ଦେଖୁଥିଲା । ସେ ସ୍କୁଲକୁ ଯିବାକୁ ଏତେ ବ୍ୟଗ୍ର ଥିଲା ଯେ ତାକୁ ଲାଗୁଥିଲା ରାତିଟା ଶୀଘ୍ର ପାହୁ ନାହିଁ । ସେ ଫେରୁ ଫେରୁ ରକି, ବାପା ଓ ମା'ଙ୍କ ଆଗରେ ସେଦିନ ସ୍କୁଲରେ କ'ଣ କ'ଣ ନୂଆ ମଜା କଥା କରିଥିଲା ତା' ନକହି ରହିପାରୁ ନଥିଲା । ଶେଷରେ ମା ବାଧ ହୋଇ କହନ୍ତି, ''ହଁ ମା ସେତିକି ହୋଇଥାଉ । କଥା ଏତିକି ରଖ୍ ଜଳଖିଆ ଖାଇବୁ ଯା' ।''

ଏହିପରି ଭାବରେ ସ୍କୁଲଟା ତା'ର ଅଭ୍ୟାସରେ ପଡ଼ିଗଲା ପରେ ବି ତା'ର ଗଦା ଗଦା କଥା ଶୁଣାଇବାକୁ ଥିଲା । ତା'ର ଏଭଳି ଖୁସି ଦେଖି ମା ମଧ୍ୟ ବେଶ୍ ଖୁସି ହେଉଥିଲେ ।

ଦିନେ ରେଳଗାଡ଼ିରେ ସ୍କୁଲକୁ ଯିବାବେଳେ ତୋତ୍ତୋ-ଚାନ୍ ଭାବିଲା ଯେ ତୋମୋଏର କିଛି ଗୀତ ଅଛି ନା ନାହିଁ । ସେ ଏହା ଜାଣିବାକୁ ଏତେ କୌତୂହଳୀ ହୋଇ ପଡ଼ିଲା ଯେ ଆଉ ବସିରହି ପାରିଲା ନାହିଁ । ଦୁଇଟି ଷ୍ଟେସନ ଆଗରୁ ସେ ଦୁଆର ପାଖରେ ଛିଡ଼ାହେଲା, ଯେପରି ଜିଉଗାଓକାଠାରେ ଟ୍ରେନ୍ ଅଟକିବା କ୍ଷଣି ସେ ଡେଇଁ କରି ବାହାରି ପାରିବ । ଆଗ ଷ୍ଟେସନରେ ଜଣେ ସ୍ତ୍ରୀ ଲୋକ ଚଢ଼ିଲା ବେଳକୁ ଛୋଟ ଝିଅଟିକୁ ଦୁଆର ପାଖରେ ଦେଖି ଭାବିଲେ ଯେ ସେ ସେଠାରେହିଁ ଓହ୍ଲାଇବ । କିନ୍ତୁ ତୋତ୍ତୋ-ଚାନ୍ ଦୌଡ଼ ଆରମ୍ଭ ପାଇଁ ପ୍ରସ୍ତୁତ ଥିବା ଭଙ୍ଗିରେ ଠିଆ ହୋଇ ରହିଲା । ମହିଳା ଜଣକ କିଛି ବୁଝିପାରିଲେ ନାହିଁ ।

ଟ୍ରେନ୍‌ଟି ଷ୍ଟେସନରେ ପୂରା ନ ଅଟକୁଣୁ ତୋତ୍ତୋ-ଚାନ୍ ଡିଆଁ ମାରି ଆଖି ପିଛୁଳାକେ ଫାଟକ ଟପି ଗଲା । କ୍ଲାସରେ ପହଞ୍ଚିବା ବେଳକୁ ସେଠାରେ ତାଇଚି ୟାମାନୁଚି ପହଞ୍ଚି ସାରିଥିଲା । ତାକୁ ଭୁସ୍ କରି ପଚାରି ପକାଇଲା, ''ତାଇ-ଚାନ୍ ! ଆମର ସ୍କୁଲ ଗୀତ ଅଛି ନା ନାହିଁ ?''

ତାଇ-ଚାନ୍‌କୁ ପଦାର୍ଥ ବିଜ୍ଞାନ ଭଲ ଲାଗେ । ସେ କିଛି ସମୟ ଭାବି କହିଲା, ''ବୋଧହୁଏ ନାହିଁ ।''

ତୋତ୍ତୋ-ଚାନ୍ ମନ ମାରି କହିଲା, ''କିନ୍ତୁ ରହିବା ଉଚିତ । ମୋର ଆର ସ୍କୁଲରେ ଗୋଟିଏ ବଢ଼ିଆ ଗୀତ ଥିଲା ।''

ସେ ପୂରା ଦମ୍‌ରେ ଗୀତଟି ଗାଇବାକୁ ଲାଗିଲା

''ସେନ୍‌ଜୋକୁ ପୋଖରୀର ପାଣି ଅଗଭୀର,
ସୁଦୂର ପ୍ରସାରୀ ଶିକ୍ଷା ଗଭୀର ଆମର...''

ତୋତ୍ତୋ-ଚାନ୍ ଆଗରୁ ସ୍କୁଲକୁ ବେଶୀ ଦିନ ଯାଇ ନଥିଲା । ଗୀତର ଶବ୍ଦଗୁଡ଼ିକ କଷ୍ଟ ମଧ୍ୟ ଥିଲା । କିନ୍ତୁ ଏହା ମନେ ରଖିବାରେ ତା'ର କିଛି ଅସୁବିଧା ହୋଇ ନଥିଲା । ବିଶେଷ କରି ଏଇ କେତେ ଧାଡ଼ି ସେ ସହଜରେ ଗାଇ ପାରୁଥିଲା ।

ତାଇ-ଚାନ୍‌କୁ ଏହା ଭଲ ଲାଗିଲା । ଏହା ମଧ୍ୟରେ

ଅନ୍ୟ ପିଲାମାନେ ବି ପହଞ୍ଚି ଯାଇଥା'ନ୍ତି । ବଡ଼ ବଡ଼ ଶବ୍ଦ ଥିବା ଗୀତଟିକୁ ଗାଉଥିବା ତୋତ୍ତୋ-ଚାନ୍‌କୁ ସବୁ ପିଲାମାନେ ପ୍ରଶଂସାର ଦୃଷ୍ଟିରେ ଦେଖୁଥା'ନ୍ତି ।

ତୋତ୍ତୋ-ଚାନ୍ କହିଲା, ''ଚାଲ, ପ୍ରଧାନ ଶିକ୍ଷକଙ୍କୁ ଗୋଟିଏ ସ୍କୁଲ ଗୀତ ତିଆରି କରିବାକୁ କହିବା ।''

''ହଁ, ହଁ, ଚାଲ'', କହି ସମସ୍ତେ ପ୍ରଧାନ ଶିକ୍ଷକଙ୍କ ଅଫିସକୁ ଚାଲିଲେ ।

ତୋତ୍ତୋ-ଚାନ୍‌ଠୁ ଆଉ ସ୍କୁଲର ଗୀତଟି ଶୁଣି ଓ ସମସ୍ତଙ୍କର ଅଳିକୁ ମାନି ପ୍ରଧାନ ଶିକ୍ଷକ କହିଲେ, ''ହଉ ! କାଲି ସକାଳକୁ ମୁଁ ତୁମ ପାଇଁ ଗୋଟିଏ ସ୍କୁଲ ଗୀତ ଠିକ୍ କରି ଦେବି ।''

''ନିଶ୍ଚୟ ?'', ସମସ୍ତେ ଏକା ଥରକେ ପଚାରିଲେ ଓ କ୍ଲାସକୁ ଫେରି ଚାଲିଲେ ।

ପରଦିନ ସକାଳେ ସବୁ କ୍ଲାସର ପିଲାଙ୍କୁ ପଡ଼ିଆରେ ଏକାଠି ହେବାକୁ କୁହାଗଲା । ତୋତ୍ତୋ-ଚାନ୍ ସମସ୍ତଙ୍କ ସହ ମିଶି ଉତ୍କଣ୍ଠାରେ ମାଡ଼ି ଚାଲିଲା । ପଡ଼ିଆ ମଝିରେ ଗୋଟିଏ କଳାପଟା ରଖି ପ୍ରଧାନ ଶିକ୍ଷକ କହିଲେ, ''ଏଥର ଦେଖ, ଇଏ ହେଲା ତୁମ ପାଇଁ ଗୋଟିଏ ସ୍କୁଲ ଗୀତ ।'' କଳାପଟାରେ ପାଞ୍ଚଟା ସିଧା ଗାର ଟାଣି ସେ ଗୀତଟି ଲେଖିଦେଲେ ।



ତୋ ମୋ ଏ ତୋ ମୋ ଏ ତୋ ମୋ ଏ

ତା'ପରେ ସଙ୍ଗୀତ ନିର୍ଦ୍ଦେଶକ ପରି ହାତ ଦୁଇଟି ଉପରକୁ ଟେକି ସେ କହିଲେ, ''ଚାଲ, ଏଥର ସମସ୍ତେ ମିଶି ଗୀତଟି ଗାଇବାକୁ ଚେଷ୍ଟା କରିବା ।''

ପ୍ରଧାନ ଶିକ୍ଷକ ନିଜେ ତାଳ ଦେଇ ଗୀତଟି ଆରମ୍ଭ କଲେ ଓ ସ୍କୁଲର ପଚାଶ ଜଣଯାକ ଛୁଆ ମିଶି ଗାଇଲେ,

''ତୋ-ମୋ-ଏ... ତୋ-ମୋ-ଏ... ତୋ-ମୋ-ଏ... !''

କିଛି ସମୟ ରହି ତୋତ୍ତୋ-ଚାନ୍ କହିଲା, ''ବାସ୍ ଏତିକି ?''

ପ୍ରଧାନ ଶିକ୍ଷକ ଦମ୍ଭରେ କହିଲେ, ''ହଁ, ଏତିକି ।''

ଏକଦମ୍ ହତାଶ ହୋଇ ତୋତ୍ତୋ-ଚାନ୍ କହିଲା, ''କିଛି ମନଛୁଆଁ ଶବ୍ଦ ଥାଇ ଗୀତଟିଏ ହୋଇଥିଲେ ଭଲ ହୋଇଥା'ନ୍ତା । ଯେମିତିକି, ସେନ୍‌ଜୋକୁ ପୋଖରୀ ପାଣି ଅଗଭୀର...''

ଟିକିଏ ଅପ୍ରସ୍ତୁତ ହୋଇ ତଥାପି ହସି ହସି ପ୍ରଧାନ ଶିକ୍ଷକ କହିଲେ, ''ତୁମକୁ ଏଇଟା ଭଲ ଲାଗୁନି ? ମୁଁ ଭାବିଥିଲି ଏଇଟା ବେଶ୍ ଭଲ ହୋଇଛି ବୋଲି ।''

ଗୀତଟି କାହାରି ପସନ୍ଦ ନଥିଲା । ଖୁବ୍ ସରଳ । ଗୀତ ନରହୁ ପଛକେ ଏ ଭଳି ସରଳିଆ ଗୀତ ନହେଉ ।

ପ୍ରଧାନ ଶିକ୍ଷକଙ୍କ ମୁହଁ ଶୁଖିଗଲା, କିନ୍ତୁ ସେ ରାଗି ନଥିଲେ । କଳାପଟାର ଲେଖାକୁ ସେ ପୋଛି ଲିଭାଇ ଦେଲେ । ତୋତ୍ତୋ-ଚାନ୍ ଭାବିଲା ସେମାନେ ନିଶ୍ଚୟ ବହୁତ କଡ଼ା ହୋଇଗଲେ । କିନ୍ତୁ ସେ ଚାହୁଁଥିଲା ଗୋଟିଏ ପ୍ରଭାବଶାଳୀ ଗୀତ ।

ପ୍ରକୃତରେ ଦେଖିଲେ ପିଲା ଓ ସ୍କୁଲ ପ୍ରତି ପ୍ରଧାନ ଶିକ୍ଷକଙ୍କର ଶ୍ରଦ୍ଧାକୁ ଏହି ଗୀତ ଠିକ୍ ବୁଝାଉଥିଲା । କିନ୍ତୁ ପିଲାମାନେ ତାହା ବୁଝିବା ଭଳି ବୟସରେ ପହଞ୍ଚି ନଥିଲେ । ଅଳ୍ପ ସମୟ ଭିତରେ ସ୍କୁଲ ଗୀତ କଥା ସମସ୍ତେ ଭୁଲିଗଲେ । ପ୍ରଧାନ ଶିକ୍ଷକ ବୋଧେ ପ୍ରଥମରୁ ଭାବିଥିଲେ ଯେ ସ୍କୁଲ ଗୀତର କିଛି ଆବଶ୍ୟକତା ନାହିଁ । ତେଣୁ କଳାପଟାଟି ପୋଛା ହେବା ସଙ୍ଗେ ସଙ୍ଗେ କଥାଟି ସେଇଠି ସରିଲା । ତୋମୋଏ ଗାକୁଏନ୍‌ର ସ୍କୁଲ ଗୀତ କେବେ ବି ରହି ନଥିଲା ।

## ଗାତଟି ଭରିଦିଅ

ତୋତ୍ତୋ-ଚାନ୍ ତା' ଜୀବନରେ କେବେ ବି ଏତେ ପରିଶ୍ରମ କରି ନଥିଲା । ସେଦିନ ପାଇଖାନାରେ ତା'ର ପ୍ରିୟ ହାତମୁଣିଟି ଗଳିପଡ଼ିଲା । ଏଥିରେ ଟଙ୍କା କିଛି ନଥିଲା । କିନ୍ତୁ ତାକୁ ଏଇଟା ଏତେ ଭଲ ଲାଗୁଥିଲା ଯେ ସେ ତାକୁ ପାଇଖାନାକୁ ବି ନେଇ ଯାଉଥିଲା । ସତରେ ଲାଲ, ହଳଦିଆ ଓ ଶାଗୁଆ ଗାର ପଡ଼ିଥିବା ଏହି ଥଳିଟି ବଡ଼ ସୁନ୍ଦର ଦେଖା ଯାଉଥିଲା । ଚାରିକୋଣିଆ ଆଉ ଚଉଡ଼ା ମୁହାଁ ଏହି ଥଳିଟିର ଉପରେ ରୁପାର କୁକୁର ଡିଜାଇନ୍‌ଟି ବଡ଼ ସୁନ୍ଦର ଦିଶୁଥାଏ ।

ତୋତ୍ତୋ-ଚାନ୍‌ର ଗୋଟିଏ ମଉଜିଆ ଅଭ୍ୟାସ ଥିଲା । ପିଲାଦିନୁ ସେ ଝାଡ଼ା ଫେରିବା ପରେ ପାଇଖାନାର ଗାତ ଭିତରକୁ ଚାହୁଁଥିଲା । ମୁଣ୍ଡ ନୁଆଁଇ ସେ ଚାହିଁଲା ବେଳେ କେତେ

ଥର ତା'ର ଟୋପି ଗଳିପଡ଼େ । ତା'ର କେତୋଟି ସୁନ୍ଦର ଟୋପି ଏଭଳି ହଜି ସାରିଥିଲା । ସେ ଭିତରେ ଥିଲା ଗୋଟିଏ ସୋଲ ଟୋପି ଓ ଗୋଟିଏ ଧଳା ଝାଲର ଲଗା ଟୋପି । ସେ ସମୟର ଖାତ ପାଇଖାନାର ତଳେ ମଳ ଓ ପାଣି ଜମି ରହୁଥିଲା । ତା'ର ଟୋପିଗୁଡ଼ିକ ସେଥିରେ ଭାସୁଥିବାର ସେ ଦେଖୁଥିଲା, କିନ୍ତୁ ଆଣିବାର ବାଟ ନଥିଲା । ପାଇଖାନା କଣା ଭିତରକୁ ନଇଁ କରି ନଦେଖିବା ପାଇଁ ମା ସବୁବେଳେ ତାଗିଦା କରୁଥିଲେ ।

ସେଦିନ ପଢ଼ା ଆରମ୍ଭ ହେବା ଆଗରୁ ତୋତ୍ତୋ-ଚାନ୍ ଯେତେବେଳେ ପାଇଖାନା ଗଲା, ମା'ଙ୍କ ତାଗିଦା ସେ ଭୁଲିଗଲା । ଅଭ୍ୟାସବଶତଃ ତା'ର ମୁଣ୍ଡ ଆପେ ଆପେ ନଇଁଗଲା । ସେତେବେଳେ ବୋଧହୁଏ ଥଳି ଭିତରୁ ତା' ମୁଠା ହୁଗୁଳି ଯାଇଥିବ । ହଠାତ୍ ଥଳିଟି ତା' ହାତରୁ ଖସିଯାଇ କଣା ମଧ୍ୟକୁ ଗଳି ପଡ଼ିଲା । ଅନ୍ଧାରରେ ଥଳିଟି ଉଭେଇ ଗଲା ବେଳେ ତୋତ୍ତୋ-ଚାନ୍ ପାଟି କରି ଉଠିଲା ।

ଥଳିଟି ପଡ଼ିଯିବାରୁ ତୋତ୍ତୋ-ଚାନ୍ କାନ୍ଦିବାକୁ ରାଜି ନଥିଲା । ସେ ଠିକ୍ କଲା ଯେ ଏହାକୁ ଖୋଜି ବାହାର କରିବ । ସଫେଇ ଘରୁ ସେ ଲମ୍ବା ବେଣ୍ଟବାଲା ମଇଳା କଢ଼ା ଡଙ୍କିଟିଏ ଆଣିଲା । ଏହାର କାଠବେଣ୍ଟଟି ତୋତ୍ତୋ-ଚାନ୍‌ର ଦୁଇ ଗୁଣ ଲମ୍ବା ଥିଲା । ତଥାପି ସେ ପଛେଇ ଗଲା ନାହିଁ । ସେ ତାକୁ ବୋହି ସ୍କୁଲ ପଛ ପାଖକୁ ଗଲା । ସେ ଭାବିଥିଲା ଯେ ପାଇଖାନାର କାନ୍ଥ ପଛପଟେ ମଇଳା ସବୁ ବାହାରୁଥିବ । ହେଲେ ମଇଳା ବାହାରିବା ବାଟଟି ସେ ପାଇଲା ନାହିଁ । ଟିକିଏ ଦୂରରେ ସେ ଗୋଟିଏ ନାଳ ସଫା ଗାତ ଦେଖିଲା । ତା' ଉପରେ ଗୋଟିଏ ଗୋଲ ସିମେଣ୍ଟ ଘୋଡ଼ଣୀ ଥିଲା । କଷ୍ଟେ-ମଷ୍ଟେ ସେ ଘୋଡ଼ଣୀଟିକୁ କାଢ଼ି ଭିତରକୁ ମୁଣ୍ଡ ପୂରାଇ ଚାହିଁଲା ।

''ଏଁ ! ଏଇଟା ତ କୁହୋନ୍‌ବୁତ୍‌ସୁ ପୋଖରୀ ପରି ବିରାଟ ହୋଇଛି'', ସେ କହି ଉଠିଲା ।

ତା'ପରେ ସେ ତା' କାମ ଆରମ୍ଭ କରିଦେଲା । ସେ ତା' ଭିତରୁ ମଇଳାତକ ବାହାର କରିବାରେ ଲାଗିଲା । ତିନୋଟି ଅଲଗା ପାଇଖାନାର ମଇଳା ସେ ଟାଙ୍କିରେ ପଡୁଥିଲା । ଏତେ ବଡ଼ ଓ ଅନ୍ଧାରୁଆ ଟାଙ୍କି ଭିତରେ କିଛି ଦେଖି ହେଉ ନଥିଲା । ତା' ଛଡ଼ା ବେଶୀ ଉହୁଁକି କରି ଦେଖିବାକୁ ଚେଷ୍ଟା କଲେ ଭିତରକୁ ଗଳି ପଡ଼ିବାର ବିପଦ ବି ଥିଲା । ତେଣୁ ସେ ଠିକ୍ କଲା ଯେ ଥଳି ମିଳିବା ଯାଏଁ ମଇଳା କାଢ଼ି ଚାଲିବ ।

ଡଙ୍କି ଡଙ୍କି କରି ମଇଳା ସେ କାଢୁଥାଏ ଓ ଉପରେ ଗଦାଉ ଥାଏ । ସେ ମଇଳାକୁ ଘାଣ୍ଟି ଥଳି ଅଛି କି ନାହିଁ ଦେଖୁଥାଏ । ସେ ଭାବିଥିଲା ଯେ ଅଳ୍ପ ସମୟ ଭିତରେ ଥଳିଟି ମିଳିଯିବ । କିନ୍ତୁ ତା'ର ଚିହ୍ନ ବର୍ଣ୍ଣ ନଥାଏ । ଏଣେ କ୍ଲାସ ଆରମ୍ଭ ହେବାର ଘଣ୍ଟି ବାଜିଲା ।

ଏବେ ସେ କରେ କ'ଣ ? ଏତେ ବାଟ ଆଗେଇବା ପରେ କାମଟିକୁ ଛାଡ଼ିବା ଠିକ୍ ହେବ ନାହିଁ ବୋଲି ସେ ଠିକ୍ କଲା । ଆହୁରି ଜୋର୍‌ରେ ସେ ମଇଳା ବାହାର କରି ଚାଲିଲା । ଦୈବାତ୍ ପ୍ରଧାନ ଶିକ୍ଷକ ସେ ବାଟରେ ଆସୁଥିଲେ । ସେତେବେଳକୁ ବେଶ୍ ଗଦାଏ ମଇଳା ଜମି ସାରିଥାଏ ।

ତୋତ୍ତୋ-ଚାନ୍‌କୁ ସେ ପଚାରିଲେ, ''ତୁମେ କ'ଣ କରୁଛ ?''

''ମୋ ଥଳିଟି ଏଥିରେ ଗଳି ପଡ଼ିଛି'', ମଇଳା କଢ଼ା ବନ୍ଦ ନକରି ସେ ଜବାବ ଦେଲା । ମୁହୂର୍ତ୍ତେ ବି ସମୟ ସେ ନଷ୍ଟ କରିବାକୁ ଚାହୁ ନଥିଲା ।

''ଆଚ୍ଛା'', ପ୍ରଧାନ ଶିକ୍ଷକ କହି ଚାଲିଗଲେ । ଏମିତି ବୁଲିଲା ବେଳେ ହାତ ଦୁଇଟି ପଛ ପଟେ ଛନ୍ଦି ରଖିବା ତାଙ୍କର ଅଭ୍ୟାସ ଥିଲା ।

ବହୁତ ସମୟ ଗଲା । କିନ୍ତୁ ସେ ଥଳିଟି ପାଉ ନଥାଏ । ମଇଳା ଗଦାର ଆକାର ଓ ଦୁର୍ଗନ୍ଧ ବଢ଼ି ଚାଲିଥାଏ । କିଛି ସମୟ ପରେ ପ୍ରଧାନ ଶିକ୍ଷକ ପୁଣି ଆସିଲେ । ପଚାରିଲେ, ''କ'ଣ ପାଇଲ ?''

ମଇଳା ଗଦା ମଝିରେ ଥାଇ ତୋତ୍ତୋ-ଚାନ୍ କହିଲା, ''ନାହିଁ ।'' ସେତେବେଳକୁ ସେ ଝାଳରେ ବୁଡ଼ି ଯାଇଥାଏ । ମୁହଁଟି ତା'ର ଲାଲ ପଡ଼ି ଯାଇଥାଏ ।

ପ୍ରଧାନ ଶିକ୍ଷକ ତା' ପାଖକୁ ଆସି ସାଙ୍ଗ ଭଳି କହିଲେ, ''ଖୋଜା ସରିଲେ ଏଗୁଡ଼ିକୁ ପୁଣି ଭିତରେ ପକାଇ ଦେବ ତ ?'' ଆଗ ଭଳି ସେ ପୁଣି ଚାଲିଗଲେ ।

କାମ କରୁ କରୁ ତୋତ୍ତୋ-ଚାନ୍ ଖୁସିରେ କହିଲା, ''ହଁ'' । ମଇଳା ଗଦାକୁ ଦେଖୁ ଦେଖୁ ତା' ମନକୁ ଗୋଟିଏ ଚିନ୍ତା ଆସିଲା । ସବୁ ସରିଲେ ଶୁଖିଲା ମଇଳା ତକ ସିନା ଭିତରକୁ ପକାଇ ଦେବ, କିନ୍ତୁ ପାଣି ତକ ?

ପାଣି ଅଂଶତକ ମାଟିରେ ଭେଦି ଯାଉଥାଏ । ତୋତ୍ତୋ-ଚାନ୍ କାମ ବନ୍ଦ କରି ଭାବିଲା, ''ପାଣି ଅଂଶତକ କେମିତି ଟାଙ୍କିକୁ ଫେରାଇବ ।'' ତା' କରିବ ବୋଲି ସେ ପ୍ରଧାନ ଶିକ୍ଷକଙ୍କୁ କଥା ଦେଇ ସାରିଥିଲା । ଶେଷରେ ଠିକ୍ କଲା ଯେ ମଇଳା

ପାଣି ଭିଜା ଓଦା ମାଟିରୁ ବି କିଛି ଟାଙ୍କିରେ ପକାଇ ଦେବ ।

ଏବେ ଗଦାଟି ଗୋଟିଏ ପାହାଡ଼ ହୋଇ ସାରିଥାଏ । ଟାଙ୍କିଟି ପ୍ରାୟ ଖାଲି । କିନ୍ତୁ ଥଳିର କୌଣସି ସୂଚନା ହିଁ ମିଳୁ ନଥାଏ । ବୋଧେ ତାହା ଟାଙ୍କି କଡ଼ରେ ବା ତଳେ ଲାଖି ଯାଇଥିଲା । କିନ୍ତୁ ତୋତ୍ତୋ-ଚାନ୍ ଦୁଃଖ କଲାନି । ସେ ଖୁସି ଥିଲା ଯେ ତା'ର ସାଧମତେ ସେ ଚେଷ୍ଟା କରିଛି । ତା'ର ଏହି ସନ୍ତୋଷ ପାଇଁ ପ୍ରଧାନ ଶିକ୍ଷକଙ୍କର କିଛି ଅବଦାନ ଥିଲା । ଏହି କାମ ପାଇଁ ସେ ତୋତ୍ତୋ-ଚାନ୍‌କୁ ଗାଳି ଦେଇ ନଥିଲେ । ବରଂ ତା' ଉପରେ ବିଶ୍ୱାସ ରଖିଥିଲେ । ଏହା ତା'ର ଆତ୍ମସମ୍ମାନକୁ ବଢ଼ାଇ ଦେଇଥିଲା । କିନ୍ତୁ ଏତେ ଜଟିଳ କଥାକୁ ତୋତ୍ତୋ-ଚାନ୍ ବୁଝି ନଥିଲା ।

ଅଧିକାଂଶ ବୟସ୍କ ଲୋକେ ତୋତ୍ତୋ-ଚାନ୍‌କୁ ଏପରି ଅବସ୍ଥାରେ ଦେଖି ପାଟି କରିଥା'ନ୍ତେ, ''ଏଇ ! ତୁ କ'ଣ କରୁଛୁ ?'' କିଂବା ''ବନ୍ଦ କର ! ଏ କାମ କେଡ଼େ ବିପଜ୍ଜନକ ଜାଣିଛୁ ?'' ଅବା ସାହାଯ୍ୟ କରିବାକୁ ଆଗେଇ ଆସିଥା'ନ୍ତେ ।

''କାମ ସରିଲେ ସବୁତକ ପୁଣି ଭିତରକୁ ପକେଇ ଦେବ ତ ?'' ମାତ୍ର ଏତିକି କଥାରେ କେତେ ବିଶ୍ୱାସ ଭରି ରହିଛି । ତୋତ୍ତୋ-ଚାନ୍‌ଠାରୁ ସବୁ କଥା ଶୁଣି ମା ଭାବିଲେ ସତରେ କେତେ ଚମତ୍କାର ପ୍ରଧାନ ଶିକ୍ଷକ ଜଣକ !

ଏହି ଘଟଣା ପରଠୁ ତୋତ୍ତୋ-ଚାନ୍ ଆଉ କେବେ ବି ପାଇଖାନା କଣାକୁ ଚାହିଁ ନାହିଁ । ଆଉ ସେ ଜାଣିଲା ଯେ ଏହି ପ୍ରଧାନ ଶିକ୍ଷକ ଜଣଙ୍କୁ ପୂରା ବିଶ୍ୱାସ କରି ହେବ । ସେ ତାଙ୍କୁ ଏବେ ଆହୁରି ଭଲ ପାଇଲା ।

ତୋତ୍ତୋ-ଚାନ୍ କଥା ରଖି ସବୁତକ ମଇଳା ଟାଙ୍କି ଭିତରକୁ ପକାଇ ଦେଲା । ବାହାର କରିବାଟା ଏକ ବଡ଼ କଷ୍ଟକର କାମ ଥିଲା । କିନ୍ତୁ ଓଲଟା କାମଟା ବେଶ୍ ଶୀଘ୍ର ହୋଇଗଲା । ସେ କିଛି ଓଦା ମାଟି ବି ଟାଙ୍କିରେ ପକାଇଦେଲା ଓ ଉପରର ମାଟିକୁ ସମତଳ କରିଦେଲା ଓ ମାଟିକୁ ଠିକ୍ ଭାବରେ ରଖିଦେଲା । ଡଙ୍କିଟିକୁ ସଫେଇ ଘରେ ରଖି ଦେଇ ଆସିଲା ।

ସେଦିନ ରାତିରେ ଶୋଇବା ବେଳେ ତୋତ୍ତୋ-ଚାନ୍‌ର ସେ ସୁନ୍ଦର ହାତ ମୁଣିର କଥା ମନେ ପଡ଼ିଲା, ଅନ୍ଧାରରେ ଉଭେଇ ଯାଉଥିବା ଦୃଶ୍ୟଟା ତାକୁ ଦୁଃଖ ବି ଦେଲା, ହେଲେ ଦିନଯାକର କଠିନ ଖଟଣି ପରେ ସେ ଏତେ ଥକି ଯାଇଥିଲା ଯେ ସାଙ୍ଗେ ସାଙ୍ଗେ ତାକୁ ନିଦ ଆସିଗଲା ।

ଏଣେ ତା'ର କଠିନ ପରିଶ୍ରମର ସ୍ଥାନରେ ଜହ୍ନ ଆଲୁଅ ପଡ଼ି ଓଦା ମାଟିତକ ଚକ୍ ଚକ୍ କରୁଥାଏ । ଆଉ ତା'ର ଥଳିଟି କେଉଁଠି ଚୁପ୍‌ଚାପ୍ ପଡ଼ି ରହିଥିବ ।

## ତୋତ୍ତୋ-ଚାନ୍‌ର ନାଆଁ

ତୋତ୍ତୋ-ଚାନ୍‌ର ପ୍ରକୃତ ନାଁ ଥିଲା ତେତ୍‌ସୁକୋ । ତା' ଜନ୍ମ ଆଗରୁ ପୁଅଟିଏ ହେବ ବୋଲି ତା' ମା ଓ ବାପାଙ୍କର ସାଙ୍ଗ ଓ ସମ୍ପର୍କୀୟମାନେ କହିଥିଲେ – ଏହା ତାଙ୍କର ପ୍ରଥମ ପିଲା ହେବ, ତେଣୁ ସେମାନେ ପୁଅହିଁ ଆଶା କରୁଥିଲେ । ତା' ପାଇଁ ସେମାନେ ନାଁଟିଏ ବି ବାଛି ରଖିଥିଲେ 'ତୋରୁ' । ଝିଅଟିଏ ହେବାରୁ ସେମାନେ ଟିକେ ହତାଶ ହୋଇଥିଲେ, କିନ୍ତୁ 'ତୋରୁ' ନାଁଟିର ଚୀନ ଦେଶୀୟ ଅର୍ଥ, ତୀବ୍ର ବା ଗମ୍ଭୀର । ଦୁହିଁଙ୍କୁ ତାହା ଭଲ ଲାଗିଥିଲା । ତେଣୁ ସେମାନେ ଏହାକୁ ଝିଅ ଅର୍ଥରେ କରି ଦେଲେ ତେତ୍‌ସୁକୋ, ତାକୁ ସମସ୍ତେ ଗେହ୍ଲାରେ ଡାକୁଥିଲେ – ତେତ୍‌ସୁକୋ-ଚାନ୍ । ତାକୁ କିନ୍ତୁ ନିଜ ନାଁଟି ତେତ୍‌ସୁକୋ-ଚାନ୍ ପରି ଶୁଣାଯାଉ ନଥିଲା । ତା'ର ନାଁ ପଚାରିଲେ ସେ କହୁଥିଲା 'ତୋତ୍ତୋ-ଚାନ୍' । ସେ ଭାବୁଥିଲା 'ଚାନ୍' ମଧ୍ୟ ତା' ନାଁର ଏକ ଅଂଶବିଶେଷ ।

କେବେ କେବେ ବାପା ତାକୁ ଡାକୁଥିଲେ ତୋତ୍‌ସ୍କି, ଯେପରି ସେ ତାଙ୍କ ପୁଅ । ସେ କହିବେ, 'ତୋତ୍‌ସ୍କି ! ଆସିଲୁ, ଗୋଲାପ ଗଛରୁ ପୋକ ମାରିବା ।' ଖାଲି ବାପା ଓ ରକିଙ୍କ ଛଡ଼ା ଆଉ ସମସ୍ତେ ତାକୁ ଡାକୁଥିଲେ, 'ତୋତ୍ତୋ-ଚାନ୍' । ସେ ତା' ଖାତା, ବହିରେ ତା' ନାଁ ଲେଖୁଥିଲା 'ତେତ୍‌ସୁକୋ', କିନ୍ତୁ ସେ ନିଜକୁ 'ତୋତ୍ତୋ-ଚାନ୍' ବୋଲି ଭାବୁଥିଲା ।

## ରେଡ଼ିଓ ହାସ୍ୟକାର

ଗତକାଲି ତୋତ୍ତୋ-ଚାନ୍ ବହୁତ ଚିଡ଼ି ଯାଇଥିଲା । ମା କହିଥିଲେ, ''ତୁ ଆଉ ରେଡ଼ିଓରେ ହସକଥା ଶୁଣିବୁନି ।'' ତୋତ୍ତୋ-ଚାନ୍ ସାନ ଥିଲାବେଳେ ରେଡ଼ିଓସବୁ ବହୁତ ବଡ଼ ଥିଲା ଓ କାଠରେ ତିଆରି ହେଉଥିଲା । ସେଗୁଡ଼ିକର ଗଠନ ବେଶ୍ ସୁନ୍ଦର ଥିଲା, ତାଙ୍କର ଚାରିକୋଣିଆ ରେଡ଼ିଓର ଉପରଟି ଗୋଲାକାର ହୋଇଥିଲା । ଏହାର ବଡ଼ ସ୍ପିକରଟି ରଙ୍ଗିନ ରେଶମ କନାରେ ଘୋଡ଼ା ହୋଇଥିଲା । ରେଡ଼ିଓରେ ଦୁଇଟି ଚାବି ମଧ୍ୟ ରହିଥିଲା ।

ସ୍କୁଲରେ ପଢ଼ିବା ଆଗରୁ ବି ସେ ରେଡ଼ିଓରୁ ରାକୁଗୋ ହସକଥା ଶୁଣିଥିଲା । ସ୍ପିକର ଦେହରେ କନାକୁ ମାଡ଼ି କରି ସେ ଶୁଣେ ଓ ଭାବେ ଏହି ହସକଥାଗୁଡ଼ିକ ଭୀଷଣ ମଉଜିଆ, ଗତକାଲି ଯାଏଁ ମା ବି ତାକୁ ଶୁଣିବା ପାଇଁ କେବେ ମନାକରି ନଥିଲେ ।

ଗତରାତିରେ ବାପାଙ୍କର କିଛି ବାଜା ବଜାଇବା ସାଙ୍ଗ ଅଭ୍ୟାସ କରିବା ପାଇଁ ତାଙ୍କ ଘରକୁ ଆସିଥିଲେ, ମା ତୋତ୍ତୋ-ଚାନ୍‌କୁ କହିଲେ ଶ୍ରୀ ତାକିବାନା ତା ପାଇଁ କଦଳୀ ଆଣିଛନ୍ତି । ତୋତ୍ତୋ-ଚାନ୍ ଏକଦମ୍ ଖୁସି ହୋଇଗଲା, ସେ ତାକିବାନାକୁ ଜାପାନୀ ଢଙ୍ଗରେ ମୁଣ୍ଡ ନୁଆଁଇ ଧନ୍ୟବାଦ ଜଣାଇଲା ଓ ମା'ଙ୍କୁ କହିଲା, ''ମା ଏଗୁଡ଼ା ଖୁବ୍ ବଢ଼ିଆ ।'' ଏ କଥାଟି କିନ୍ତୁ ସେହି ରେଡ଼ିଓ କାର୍ଯ୍ୟକ୍ରମର ଢଙ୍ଗକୁ ସେ ନକଲ କରି କହିଲା, ସେଥିରେ ମୂଳ ଜାପାନୀ ଶବ୍ଦଗୁଡ଼ିକୁ ବିକୃତ ଭାବରେ କୁହାଯାଉଥିଲା ।

ଏହାପରଠୁଁ ମାଆବାପା ଘରେ ନଥିଲେ ତୋତ୍ତୋ-ଚାନ୍ ଲୁଚି ଲୁଚି ରେଡ଼ିଓରୁ ହସକଥା ଶୁଣେ ଓ ହୋ, ହୋ ହୋଇ ହସେ । କେହି ବୟସ୍କ ଲୋକ ଦେଖିଲେ ଆଶ୍ଚର୍ଯ୍ୟ ହୁଅନ୍ତେ ଯେ ଏତେ ଛୋଟ ଝିଅଟି କିପରି ଏତେ ଗୂଢ଼ ଅର୍ଥର ହସକଥା ବୁଝିପାରୁଛି । ଏକଥା କିନ୍ତୁ ସତ ଯେ ଛୋଟ ପିଲାଙ୍କର ମଧ୍ୟ ମଜା କଥା ବିଷୟରେ କିଛି ଗହନ ବୁଝାମଣା ରହିଛି । କେଉଁ କଥା ସତରେ ମଜାଦାର ଛୋଟ ପିଲାଟିଏ ତାକୁ ଧରିପାରେ ।

(କ୍ରମଶଃ...)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର)

❑❑❑

**ଶୃଙ୍ଖଳା**

ଉପରୁ ଜବରଦସ୍ତି କରି ଶୃଙ୍ଖଳା ମଧ୍ୟରେ ରଖିବାକୁ କଦାପି ଶିକ୍ଷାର ସର୍ବୋତ୍ତମ ବା ସବୁଠାରୁ ଅଧିକ ଫଳଦାୟକ ମାର୍ଗ ବୋଲି କୁହାଯାଇ ପାରିବ ନାହିଁ । ଏହିସବୁ ବିକାଶଶୀଳ ସତ୍ତାଗୁଡ଼ିକ ମଧ୍ୟରେ ଯାହାକିଛି ପୂର୍ବରୁ ନିହିତ ହୋଇ ରହିଛି, ଯଥାର୍ଥ ଶିକ୍ଷା ତାହାକୁହିଁ ବାହାରକୁ ବାହାର କରି ଆଣିବାର ପଥ ଉନ୍ମୋଚିତ କରିଦେବ ଓ ତାହାର ପ୍ରକାଶ ଘଟାଇବ । ସୂର୍ଯ୍ୟର କିରଣ ପାଇଲେ ଫୁଲଗୁଡ଼ିକ ଖୋଲି ଯାଉଥିବା ପରି ପିଲାମାନେ ଆନନ୍ଦ ମଧ୍ୟରେହିଁ ଆପଣାକୁ ଉନ୍ମୋଚିତ କରି ଆଣନ୍ତି । ଅବଶ୍ୟ ଏକଥା ଅତି ସ୍ପଷ୍ଟ ଯେ ଆନନ୍ଦ କହିଲେ ଆଦୌ କୌଣସି ଦୁର୍ବଳତାକୁ, ବିଶୃଙ୍ଖଳତାକୁ ଅଥବା ବିଭ୍ରାନ୍ତିକରତାକୁ ବୁଝାଏ ନାହିଁ । ଆନନ୍ଦ ସତତ ଏକ ଆଲୋକମୟ ପ୍ରସନ୍ନତାକୁ ବୁଝାଏ, ଯାହାକି, ଯାହାକିଛି ଭଲ, ତାହାକୁହିଁ ପ୍ରୋତ୍ସାହିତ କରି ଆଣେ, ଏବଂ ଯାହାସବୁ ଖରାପ, ସେଗୁଡ଼ାକ ଉପରେ ମୋଟେ ତୀବ୍ରତା ସହିତ କୌଣସି ଜୋର୍ ଦିଏ ନାହିଁ । ଭଗବତ୍‌କରୁଣା ସର୍ବଦା ନ୍ୟାୟଠାରୁ ସତ୍ୟରହିଁ ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ ।

(ଶିକ୍ଷା ପ୍ରସଙ୍ଗ, ପୃଷ୍ଠା - ୧୭୮) - ଶ୍ରୀମା

# ଶିକ୍ଷାର ପରିବେଶରୁ ଭୟ ନିର୍ମୂଳ ହେଉ

## ବିଶ୍ୱମ୍ଭର ସାମନ୍ତ

ବୟସ୍କ ବ୍ୟକ୍ତିମାନେ ଯେଉଁମାନେ ବହୁଦିନୁ ସ୍କୁଲ ଛାଡ଼ିଲେଣି, କେଉଁ ଯୁଗରୁ ପଢ଼ା ଶେଷ କଲେଣି, ସେମାନେ ଏବେ ମଧ୍ୟ ମଝିରେ ମଝିରେ ସ୍କୁଲ, ଶିକ୍ଷକଙ୍କ କ୍ରୋଧ ଓ ପରୀକ୍ଷା ଆଦିକୁ କେନ୍ଦ୍ର କରି ନିଦରେ ନାନା ଡର ସ୍ୱପ୍ନ ଦେଖନ୍ତି । ଅଧିକାଂଶ ଲୋକଙ୍କର ଏହି ଧରଣର ଦୁଃସ୍ୱପ୍ନର ଅନୁଭୂତି ଥିବ । କ୍ଲାସ ଆରମ୍ଭ ହୋଇଗଲାଣି ଅଥଚ ପହଞ୍ଚିବାରେ ବିଳମ୍ବ ହେଉଛି, ଶିକ୍ଷକ ଭୀଷଣ ରାଗି ଯିବେଣି, ହଠାତ୍ ପରୀକ୍ଷା ଆସିଗଲା କିନ୍ତୁ ଆଶାନୁରୂପ ପଢ଼ାପଢ଼ି ହୋଇ ନାହିଁ, ଶିକ୍ଷକ ପ୍ରଶ୍ନ କରୁଛନ୍ତି ଉତ୍ତରଟା ଠିକ୍ ଶୀଘ୍ର ମନକୁ ଆସୁ ନାହିଁ, ତେଣେ ଶିକ୍ଷକଙ୍କ ମୁହଁ ରାଗରେ ଲାଲ ପଡ଼ି ଆସିଲାଣି; ଉତ୍ତରଟା ମନକୁ ଆସିବା ଆସିବା ଲାଗୁଛି କିନ୍ତୁ ଚଟ୍ କରି ଆସୁ ନାହିଁ, ଶିକ୍ଷକଙ୍କର ଆଉ ଅପେକ୍ଷା କରିବାର ଧୈର୍ଯ୍ୟ ନାହିଁ, ମୁହୂର୍ତ୍ତ ପରେ ରାଗ ଓ ଗାଳି-ବର୍ଷଣରେ ଫାଟି ପଡ଼ିବେ, ଯଦି ଉତ୍ତରଟି ଭୁଲ୍ ହୁଏ କ୍ଲାସ ପିଲାମାନେ ବିଦ୍ରୂପ କରିବେ, କିଂବା ଅନେକ ପ୍ରଶ୍ନ ଆହୁରି ଉତ୍ତର କରିବାକୁ ବାକି ଅଛି, ସମୟ ଲାଗିବ, ତେଣେ କିନ୍ତୁ ପରୀକ୍ଷା ଶେଷ ହେବା ଘଣ୍ଟି ଏଇ ବାଜିଲା ପ୍ରାୟ, ଫେଲ୍ ହେବା ସୁନିଶ୍ଚିତ, ଲାଜରେ ଘରେ ଓ ବାହାରେ ମୁହଁ ଦେଖାଇବି କିପରି – ଏହିପରି ଅନେକ ଭୟ ଏକାଠି ହୋଇ ଯେପରି ସ୍ୱପ୍ନରେ ମାଡ଼ି ବସନ୍ତି, ତଣ୍ଟି ଶୁଖି ଅଠା ହୋଇଯାଏ, ଛାତି ଖୁବ୍ ଜୋର୍‌ରେ ଧଡ଼ପଡ଼ ହୁଏ, ନିଦ ଭାଙ୍ଗିଗଲା ପରେ ଆଶ୍ୱସ୍ତ ଲାଗେ ଯେ ଯା'ହେଉ ପାଠପଢ଼ା ଜୀବନର ଏହିସବୁ ଭୟ ଆଉ ଭୋଗିବାକୁ ପଡ଼ିବ ନାହିଁ । ଆମର ଚେତନ ମନ ବିଗତ ଛାତ୍ର ଜୀବନର ମଧୁର ଆନନ୍ଦମୟ ସ୍ମୃତିରେ ଯେତେ ଆପ୍ଲୁତ ହୋଇ ଥାଉନା କାହିଁକି, ସ୍କୁଲ ଜୀବନର ଅନେକ ଭୟ ଓ ଚାପ, ଆମ ଅବଚେତନ ଉପରେ ଏପରି ଗଭୀର ରେଖାପାତ କରିଥାଏ ଯେ ବୟସ୍କ ଜୀବନରେ ମଧ୍ୟ ଆମେ ଏହିସବୁ ଦୁଃସ୍ୱପ୍ନ ଦେଖୁ । ଅବଚେତନ ମନର ଏହିସବୁ ଭୟର ପ୍ରଭାବ ଓ ପ୍ରତିକ୍ରିୟା ଆମ ବ୍ୟକ୍ତିତ୍ୱର ଗଠନ ଓ ବିକାଶରେ କେଡ଼େ ଗୁରୁତ୍ୱପୂର୍ଣ୍ଣ ଅଥଚ ଅବାଞ୍ଛନୀୟ ଭୂମିକା ନେଉଥିବେ, ତାହା ସହଜେ ଅନୁମେୟ ।

ତେଣୁ ଶିକ୍ଷାର ପରିବେଶରୁ ସମସ୍ତ ପ୍ରକାର ଭୟ, ଚାପ ଓ ବାଧ୍ୟବାଧକତାକୁ ଦୂର କରିବା ପାଇଁ ଶିକ୍ଷକ ଓ କର୍ତ୍ତୃପକ୍ଷମାନେ ଆନ୍ତରିକ ଉଦ୍ୟମ ଓ ପଦକ୍ଷେପ ନେବା ଉଚିତ । ଏ ସମ୍ପର୍କରେ ଆଜିକାଲି ବହୁତ ଆଲୋଚନା ହେଉଛି । ତଥାପି ଡର ଭୟ ନରହିଲେ ପିଲାମାନେ ପାଠ ପଢ଼ିବେ ନାହିଁ, ଉଚ୍ଛୃଙ୍ଖଳ ହୋଇଯିବେ, ଏହି ବଦ୍ଧମୂଳ ସଂସ୍କାର ଆମ ଭିତରେ ଏତେ ବେଶୀ ରହିଛି ଯେ ଅନେକ ସମୟରେ ପିଲାର ମଙ୍ଗଳ ଦୃଷ୍ଟିରୁ ସେ ଭଲ ପଢୁ ବୋଲି ଶୁଭେଚ୍ଛା ନେଇ ଆମେ ତା' ଉପରେ ନାନା ଚାପ ଓ ବାଧ୍ୟବାଧକତା ପ୍ରୟୋଗ କରୁ, ନାନା ଭୟ ଦେଖାଇ, ଧମକ ଚମକର ଆଶ୍ରୟ ନେଇ ପଢ଼ା ଆଦାୟ କରୁ । କିନ୍ତୁ ପ୍ରକୃତରେ ସତ୍ୟଟା ହେଉଛି ବିନା ଚାପ ଓ ବାଧ୍ୟବାଧକତାରେ ପିଲାର ନିଜ ମନରେ ଯଦି ପଢ଼ା ପାଇଁ ସ୍ୱତଃସ୍ଫୂର୍ତ୍ତ ଆଗ୍ରହ ଓ ଉତ୍ସାହ ଉଦ୍ରେକ କରାଯାଇପାରେ, ପଢ଼ାଟା ତାକୁ ଖେଳ ପରି ବା ଖେଳଠାରୁ ଆହୁରି ଅଧିକ ଆନନ୍ଦପ୍ରଦ ହୁଏ – ତେବେ ସେ ନିଶ୍ଚୟ ଅଧିକ ଭଲ ପଢ଼ିବ । ସେ ନିଜ ତରଫରୁ ଶିକ୍ଷକଙ୍କ ସାହାଯ୍ୟ ଓ ସହଯୋଗ ଇଚ୍ଛା କରିବ ପଢ଼ାରେ ଆନନ୍ଦ ପାଇଁ; ଖେଳର ଅନ୍ୟାନ୍ୟ ସାଥୀଙ୍କ ପରି ଶିକ୍ଷକଙ୍କୁ ଦେଖିବ ପଢ଼ାର ଜଣେ ଅନ୍ତରଙ୍ଗ ସହାୟକ ସାଥୀ ରୂପେ । କେମିତି ସ୍କୁଲ ଛୁଟି ହେବ ଘରକୁ ଯିବି ବୋଲି ନଭାବି ସେ ଛଟପଟ ହେବ କେମିତି ଶୀଘ୍ର ସ୍କୁଲକୁ ଯିବି, ତାହାହିଁ ହେବ ତା' ପାଇଁ ପଢ଼ାରୁ ମିଳୁଥିବା ଆନନ୍ଦ ଓ ସ୍ଫୂର୍ତ୍ତିର ଏକ ସ୍ଥାନ ।

ଆମେ ଯଦି ଖୁବ୍ ଛୋଟ ପିଲାଙ୍କୁ ଲକ୍ଷ୍ୟ କରୁ ତେବେ ଦେଖି ପାରିବା ସେମାନେ କିପରି ଗୋଟିଏ ଖେଳନାରେ ଧୈର୍ଯ୍ୟର ସହ ଘଣ୍ଟା ପରେ ଘଣ୍ଟା ଲାଗି ରହିଥାଆନ୍ତି, ବାରଂବାର ଅସଫଳ ହେଲେ ବି ଗୋଟିଏ କିଛି କରିବା ପାଇଁ, ତାହା ଅଲୁଗୁଣିରୁ ରଙ୍ଗିନ ଲୁଗାଟିଏ ଟାଣିବା ହେଉ ବା କିଛି କାଠିକୁଟା ନେଇ ନିଜ ମନ ଇଚ୍ଛାରେ ତାକୁ ଭାଙ୍ଗିବା ଓ ସଜାଇବା ହେଉ ବା ଆଉ ଟିକେ ବଡ଼ ହେଲେ ବାଲିରେ ଗାତ ଖୋଳିବା ବା ଘର କରିବା ହେଉ – କେମିତି ମନ ଦେଇ ସେ ସବୁଥିରେ ଲାଗି ଥାଆନ୍ତି । ଯେତେଥର ଅସଫଳ ବା ଅକୃତକାର୍ଯ୍ୟ ହେଲେ ବି ସେଥିପାଇଁ ପରବାୟ କରନ୍ତି ନାହିଁ । ସେମାନଙ୍କ ମନରେ ଫେଲ୍‌ର ଭୟ ବା ଅସଫଳତାର ଆନୁସଙ୍ଗିକ ଉଦ୍‌ବେଗ ନାହିଁ, ତେଣୁ ଲକ୍ଷ୍ୟ ହାସଲ ପାଇଁ ରହିଛି ଚେଷ୍ଟା କରିବାର ଅସୀମ ଧୈର୍ଯ୍ୟ ।

ଶିକ୍ଷାବିତ୍ ଶ୍ରୀ ହୋଲ୍‌ଟ, ତାଙ୍କର ଦେଢ଼ ବର୍ଷର

ଝିଆରୀର କାର୍ଯ୍ୟ କଳାପକୁ ଲକ୍ଷ୍ୟ କରୁଥିଲେ । ଶିଶୁଟି ଦିନେ ତାଙ୍କ ବଲ୍ ପଏଣ୍ଟ୍ ପେନ୍‌ଟି ନେଇ ଏପଟ ସେପଟ ଠେଲାଠେଲି କରି କଲମର କ୍ୟାପ୍‌ଟିକୁ ବାହାର କରିଦେଲା, ତା'ପରେ ସେଇଟିକୁ ଦେଖି ନେଇ ପୁଣି ଲଗାଇ ଦେଲା । ଏହିପରି ବାରଂବାର କାଢ଼ି କ୍ୟାପ୍‌ଟିକୁ ପୁଣି ଲଗାଇ ଦିଏ । ତା' ପାଇଁ ଏହା ଏକ ଖେଳ । କିନ୍ତୁ ସେ ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟ କଲେ ଦେଢ଼ ବର୍ଷର ଶିଶୁ କିପରି ସହଜରେ ପେନ୍‌ରୁ କ୍ୟାପ୍‌ଟି କାଢ଼ିବା ଓ ଲଗାଇବା ଶିଖି ନେଲା । ଯଦିଓ ଆମର ଶିଶୁମାନଙ୍କ ସମ୍ପର୍କରେ ଧାରଣା ସେମାନେ ଏପରି କାମ ଶିଖି ପାରିବେ ନାହିଁ । ସେ ତା'ପରେ ଏ ଶିଶୁଟିର ନାନା କାର୍ଯ୍ୟକଳାପକୁ ମାସ ମାସ ଧରି ଲକ୍ଷ୍ୟ କରି ଦେଖିଲେ ସେ ଜଣେ ବୈଜ୍ଞାନିକ ପରି ତା'ର ଚାରିପଟର ସବୁକିଛି ପର୍ଯ୍ୟବେକ୍ଷଣ କରୁଛି ଓ ନାନା ପରୀକ୍ଷା ନିରୀକ୍ଷା କରି ନିଜ ଖୁସି ଅନୁଯାୟୀ ସେଗୁଡ଼ିକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛି । କେବେହେଲେ ଅଳସୁଆ ହୋଇ ରହୁ ନାହିଁ, କିଛି ନା କିଛି କାର୍ଯ୍ୟରେ ଲାଗି ରହିଛି ।

ତା' ଉଦ୍ୟମରେ ଯେତେଥର ଅସଫଳ ହେଲେ ବି ବାରଂବାର ଚେଷ୍ଟା କରୁଛି । କୌଣସି ହତୋତ୍ସାହ ତାକୁ ମାଡ଼ି ବସୁ ନାହିଁ, ବେଶୀ ଭାଗର ଚେଷ୍ଟାରେ ସେ ବିଫଳ ହେଉଛି । କିନ୍ତୁ ସମାନ ଆନନ୍ଦ ନେଇ ସେ ଚେଷ୍ଟା କରି ଚାଲିଛି ଓ ସେଇ ଚେଷ୍ଟା ଭିତରେ ନୂଆ ନୂଆ କଥା ଶିଖି ଚାଲିଛି । ଏହି ଶିଶୁଟିର ଆଚରଣ ଲକ୍ଷ୍ୟ କରି ଶ୍ରୀ ହୋଲ୍‌ଟଙ୍କ ମନରେ କେତେଗୁଡ଼ିଏ ବିଚାର ଆସିଛି ଯାହା ଆମେ ସମସ୍ତେ ଭାବିବାର କଥା ।

ପ୍ରଥମ କଥା ହେଲା ଟିକେ ବଡ଼ ହୋଇଗଲେ ପିଲା ମନରେ ଫେଲ୍ ହେବାର ଲଜ୍ଜା, ସଙ୍କୋଚ ଓ ଅନ୍ୟମାନଙ୍କ ଆଗରେ ହେୟ ପ୍ରତିପନ୍ନ ହେବାର ଯେଉଁ ଭୟ ଥାଏ, ଶିଶୁ ମନରେ ସେସବୁ କିଛି ନାହିଁ । ବିଫଳତା ତାକୁ ନିରୁତ୍ସାହିତ କରୁ ନାହିଁ । ତେଣୁ ସେ ଜାଣିଶୁଣି କେବଳ ସହଜ ପରିଚିତ କାମଗୁଡ଼ିକୁ ବାଛୁ ନାହିଁ, ଅର୍ଥାତ୍ ବଡ଼ ପିଲାଙ୍କ ପରି କଷ୍ଟକର, ଅପରିଚିତ ଓ ଜଟିଳ କାମଗୁଡ଼ିକୁ ଭୟ କରି ସେଥିରୁ ଆତ୍ମରକ୍ଷା ପାଇଁ କିଛି କୌଶଳ ଅବଲମ୍ବନ କରୁ ନାହିଁ । ସେ ସହଜ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ସବୁପ୍ରକାର ପରୀକ୍ଷା ଓ ଅନୁଭୂତି ପାଇଁ ଆଗେଇ ଯାଉଛି । ଏକ ସହଜ, ସ୍ୱଚ୍ଛନ୍ଦ, ସ୍ୱତଃସ୍ଫୂର୍ତ୍ତ ଖୋଲା ମନ ଓ ପ୍ରାଣ ନେଇ ଜୀବନକୁ ଆଲିଙ୍ଗନ କରିବା ପାଇଁ ସବୁବେଳେ ଯେପରି ସେ ପ୍ରସ୍ତୁତ ହୋଇ ରହିଛି ।

ତା'ଛଡ଼ା ଆମର ଯେପରି ଏକ ଧାରଣା ଥାଏ ଯେ ବାହାରୁ ପୁରସ୍କାରର ଲୋଭ ଓ ଦଣ୍ଡର ଭୟ ନଦେଖାଇଲେ ଶିଶୁ କିଛି ଶିଖି ପାରିବ ନାହିଁ, ତା'ଠିକ୍ ନୁହେଁ । ତା'ର ଛୋଟ ଜୀବନର ପରିବେଶର ନାନା ସଫଳତା, ବିଫଳତା ଭିତରୁ ସେ ଅନେକ କଥା ଶିଖିଥାଏ, ଯେଉଁ କାମଟି କଲେ ନିଜ ଭିତରେ କଷ୍ଟ ପାଏ ସେପରି କାମ ପ୍ରତି ସେ ବିମୁଖ ହୁଏ, ଯେଉଁଥିରୁ ଆନନ୍ଦ ପାଏ ସେଥିପ୍ରତି ଆକୃଷ୍ଟ ହୁଏ । ବଡ଼ମାନଙ୍କର ନିଷେଧ ଓ ଅନୁମୋଦନରୁ ମଧ୍ୟ ସେ ଅନେକ କଥା ଶିଖେ । କିନ୍ତୁ ବଡ଼ମାନଙ୍କର ନିନ୍ଦା ଓ ପ୍ରଶଂସା ପ୍ରତି ସେ ଗୁରୁତ୍ୱ ଦିଏ ନାହିଁ । ତା' କାମକୁ କେହି ଦେଖୁଛି ବା ନଦେଖୁଛି ସେଥିପ୍ରତି ତା'ର ନଜର ନଥାଏ । ନିଜର କୌତୂହଳ, ଖେଳ, ନାନା ପରୀକ୍ଷା ଓ ଉଦ୍ୟମ ଭିତରୁ ସେ ଅନେକ କଥା ଶିଖେ ଓ ଜାଣେ । ନୂଆ କିଛି ଶିଖିଲେ ସେଥିରୁ ସେ ଖୁବ୍ ଆନନ୍ଦ ଓ ସନ୍ତୋଷ ପାଏ । ଅନ୍ୟମାନେ ତା'ର କୃତିତ୍ୱ ଓ ବିଫଳତା ନେଇ କ'ଣ ଭାବୁଛନ୍ତି ସେଥିପ୍ରତି ତା'ର ଭ୍ରୂକ୍ଷେପ ନଥାଏ ।

କିନ୍ତୁ ଶିଶୁ ମନର ଏହି ସହଜ, ସ୍ୱଚ୍ଛନ୍ଦ ଶିଖିବାର ଭାବଟିକୁ, ଜାଣିବାର ଏହି ସ୍ୱତଃସ୍ଫୂର୍ତ୍ତ କୌତୂହଳ ଓ ଆନନ୍ଦର ଭାବଟିକୁ, ନାନା ବିଫଳତାର ସମ୍ମୁଖୀନ ହେଲେ ମଧ୍ୟ ଶିଖିବା ପାଇଁ ନିଜ ଉଦ୍ୟମରେ ଅପ୍ରତିହତ ରହିବାର ଭାବଟିକୁ ବଜାୟ ରଖିଲା ଭଳି ପରିବେଶ କ'ଣ ଆମ ଶିକ୍ଷାନୁଷ୍ଠାନମାନଙ୍କରେ ରଖି ପାରିଛୁ ? ଶିକ୍ଷା ସମ୍ପର୍କରେ ଆମର ଗୁଡ଼ାଏ ମନଗଢ଼ା ଧାରଣା, ଶୃଙ୍ଖଳା, ନିୟମ ପ୍ରଣାଳୀ ନେଇ ଆମେ ପିଲାର ସଦ୍ୟ ସତେଜ କୋମଳ ମନ ଓ ଶିଖିବାର ସହଜ ସ୍ୱାଭାବିକ ଆଗ୍ରହକୁ ବରଂ କ୍ଷତ ବିକ୍ଷତ କରୁ ନାହିଁ କି ?

ତେଣୁ ଶିଶୁ ଅବସ୍ଥାରେ ପିଲା ନିଜର ଆନନ୍ଦ, ଆଗ୍ରହ ନେଇ ଯେପରି ନୂଆ ନୂଆ ଖେଳ ଓ ଅନୁଭୂତି ଲାଭ ପାଇଁ ଲାଗିପଡ଼େ, ନୂଆ ନୂଆ କଥା ଶିଖେ ଓ ଜାଣେ, ପଢ଼ା ସମ୍ପର୍କରେ ବି ସେହି ଖେଳର ମନୋଭାବ, ଭୟଶୂନ୍ୟ ସ୍ୱତଃସ୍ଫୂର୍ତ୍ତ, ଖୋଲା, ସହଜ କୌତୂହଳ ଏବଂ ଆନନ୍ଦର ମନୋଭାବ ନେଇ ସ୍କୁଲକୁ ଆସିବ, ସେହି ଧରଣର ଶିକ୍ଷା ପରିବେଶ ଗଢ଼ିବାହିଁ ଆମର ଲକ୍ଷ୍ୟ ହେବା ଉଚିତ । କ୍ଲାସରୁମ୍ ତା' ପାଇଁ ହେବ ନୂଆ ନୂଆ ଆଗ୍ରହ ଓ କୌତୂହଳ ସଞ୍ଚାରର ଏବଂ ଆନନ୍ଦ ଲାଭର ସ୍ଥାନ ଓ ଶିକ୍ଷକ ହେବେ ତା'ର ଅଭିଜ୍ଞ ଅନ୍ତରଙ୍ଗ ସାଥୀ ଓ ସହାୟକ । ପିଲାର ଚେତନ ଓ ଅବଚେତନ ମନରେ ଏହି ଭାବ ବଢ଼ି ଉଠିଲେ ଆଉ ପରିଣତ ବୟସରେ ସ୍କୁଲ ଓ ପାଠପଢ଼ା ଜୀବନ ସମ୍ପର୍କରେ ଡର-ସ୍ୱପ୍ନ ଦେଖି ଆମ ନିଦ ଭାଙ୍ଗିବ ନାହିଁ; ସେହି ସ୍ୱପ୍ନଗୁଡ଼ିକ ହେବ ଆନନ୍ଦମୟ ମଧୁର ସ୍ମୃତିରେ ପରିପୂର୍ଣ୍ଣ । ❑

# ତରଙ୍ଗମୟ ଜଗତ୍

## ଆର୍ତ୍ତତ୍ରାଣ ମିଶ୍ର

ଟେଲିଭିଜନଟିକୁ ଖୋଲି ବସନ୍ତୁ – ସେଥିରୁ ଭାସିଆସୁଛି ଖବର, ସଙ୍ଗୀତ ଇତ୍ୟାଦି – କୋଟି କୋଟି ଲୋକଙ୍କୁ ମସଗୁଲ କରି ରଖୁଛି ତା'ର ଶବ୍ଦ ଓ ଆଲୋକ ତରଙ୍ଗ । ମୋବାଇଲ୍ ବାଜି ଉଠିଲା – ପୃଥିବୀର କେଉଁ କୋଣରୁ ସ୍ୱର ତରଙ୍ଗ ଭାସି ଆସୁଛି । ଏରୋପ୍ଲେନ୍ ଆକାଶରେ ଉଡ଼ିଯାଉଛି – ତାକୁ ବାଟ କଢ଼ାଇ ନେଉଛି ତରଙ୍ଗମାଳା । ମହାକାଶରେ – ଚନ୍ଦ୍ରକୁ, ମଙ୍ଗଳଗ୍ରହକୁ, ଗ୍ରହ-ଗ୍ରହାନ୍ତରକୁ ମହାକାଶଯାନ ଯାଉଛି – ତରଙ୍ଗମାଳା ବାଟ କଢ଼ାଇ ନେଉଛି । ବୈଜ୍ଞାନିକ ତା'ର ଯନ୍ତ୍ରପାତି ମେଲି କୋଟି କୋଟି ଆଲୋକ ବର୍ଷର ଦୂରତାରୁ ଭାସି ଆସୁଥିବା ତରଙ୍ଗମାଳାର ସହଯୋଗରେ ଦୂରଦୂରାନ୍ତର ବ୍ରହ୍ମାଣ୍ଡକୁ ଦେଖିବାକୁ ସଫଳ ହୋଇଛି । ଡାକ୍ତର ରୋଗୀଟିକୁ ତା'ର MRI ଯନ୍ତ୍ରରେ ପୂରାଇ ଦେଖି ପାରୁଛି ରୋଗୀ ଶରୀରରେ କ'ଣ ହୋଇଛି । ବୈଜ୍ଞାନିକ ବସ୍ତୁଟିକୁ ଅଣୁ, ପରମାଣୁରେ ବିଭକ୍ତ କରିସାରି, ପରମାଣୁକୁ ପୁଣି ବିଭକ୍ତ କରି ଦେଖୁଛି – ଏହା ଇଲେକ୍ଟ୍ରନ୍, ନିଉଟ୍ରନ୍ ଇତ୍ୟାଦି ନାନା ତରଙ୍ଗର ସମଷ୍ଟି । ବର୍ତ୍ତମାନ ବୈଜ୍ଞାନିକର ଭାଷାରେ ଆମେ ଦେଖୁଛେ ଏହି ଜଡ଼ ଜଗତ୍ ନାନା ପ୍ରକାର ତରଙ୍ଗର ସମଷ୍ଟି । ଏହି ଜଡ଼ ଜଗତର ସୃଷ୍ଟି ହୋଇଥିଲା ଏକ ମହାତରଙ୍ଗ (Big Bang)ରୁ । ଏସବୁ ହେଲା ସ୍ଥୂଳ ତରଙ୍ଗର କଥା – ଯେଉଁ ସ୍ଥୂଳ ତରଙ୍ଗରେ ଆମେମାନେ ମଧ୍ୟ ଗଢ଼ା ।

ତେବେ ଜୀବଜଗତର କଥା ଟିକିଏ ଅଲଗା । ଜୀବଜଗତରେ ସ୍ଥୂଳ ତରଙ୍ଗ ସହିତ ଯୋଡ଼ି ହୋଇଛି ପ୍ରାଣମୟ ଜଗତର ତରଙ୍ଗ । ମଣିଷ ସୃଷ୍ଟିରେ ପ୍ରାଣମୟ ଜଗତର ତରଙ୍ଗ ସହିତ ଯୋଡ଼ି ହୋଇଛି ମନୋମୟ ଜଗତର ତରଙ୍ଗ । ସବୁ ତରଙ୍ଗ ସ୍ଥିର ନୁହନ୍ତି – ସବୁବେଳେ ଢେଉ ଭଳି ଦୋହଲୁଥା'ନ୍ତି ଓ କ୍ଷିପ୍ର ଗତିରେ ମାଡ଼ି ଚାଲନ୍ତି । ସ୍ଥୂଳଜଗତରେ ଭୂମିକମ୍ପ ହୁଏ, ସମୁଦ୍ର ମାଡ଼ି ଆସେ, ହିମାଳୟ ସୃଷ୍ଟି ହୁଏ, ମହାଦେଶ ଘୁଞ୍ଚିଯାଏ । ପ୍ରାଣ ଜଗତର ତରଙ୍ଗ ସେହିପରି ସୃଷ୍ଟି କରେ ବିଭିନ୍ନ ଯୁଗରେ ବିଭିନ୍ନ ପ୍ରକାର ଅଦ୍ଭୁତ ଜୀବ, ପୁଣି ସେମାନଙ୍କୁ ଲୋପ କରି ଦିଏ, ପୁଣି ନୂଆ ଜୀବ ସୃଷ୍ଟି କରେ ।

ଏହିପରି ଗୋଟିଏ ତରଙ୍ଗମାଳାରୁ ମଣିଷ ନାମକ ଜୀବର ସୃଷ୍ଟି । ତା' ସହିତ ଯୋଡ଼ି ହୋଇଛି ମନୋମୟ ଜଗତର ତରଙ୍ଗ । ମଣିଷ ହେଉଛି ''ମନୋମୟ ପ୍ରାଣ ଶରୀରର ନେତା'' । ପ୍ରାଣ ଜଗତର ଅଫୁରନ୍ତ ଶକ୍ତିମାନଙ୍କୁ ଅକ୍ତିଆର କରି ଏହି ମନ ତରଙ୍ଗ ସୃଷ୍ଟି କରି ଚାଲିଛି ଅନେକ ନୂଆ ନୂଆ ସୃଷ୍ଟି, ପୁଣି ସେଇ ନୂଆ ସୃଷ୍ଟିସବୁ ମଣିଷମାନଙ୍କୁ କରୁଛି ବିପର୍ଯ୍ୟସ୍ତ । ଏତେ ସବୁ ନୂଆ ସୃଷ୍ଟି କରି, ମନ ତରଙ୍ଗର ଆଲୋକ ଚାରିଆଡ଼େ ବିଛାଡ଼ି ଦେଇ ମଧ୍ୟ ମଣିଷ ଯେଉଁ ତିମିରରେ ଥିଲା ସେହି ତିମିରରେ ରହିଛି । ଭାବୁଛି ଆଉ ଗୋଟିଏ ଗ୍ରହରେ ଅବା ଆଉ ଗୋଟିଏ ବ୍ରହ୍ମାଣ୍ଡରେ ବାସ କଲେ ବୋଧହୁଏ ସବୁ ଠିକ୍ ହୋଇଯିବ । ଏକ ମହା-ଦ୍ୱନ୍ଦ୍ୱମୟ କ୍ଷଣରେ ସେ ଆସି ପହଞ୍ଚିଛି – କୌଣସି ମତେ ଆଗକୁ ଯିବ, ନଚେତ୍ ପୂର୍ବେ ଲୋପ ପାଇଥିବା ଜୀବ ଭଳି ଲୋପ ହୋଇଯିବ ।

ଏହିଭଳି ଦ୍ୱନ୍ଦ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଶ୍ରୀଅରବିନ୍ଦଙ୍କର ଆବିର୍ଭାବ । ତାଙ୍କର ଆଲୋକମୟ ଚେତନାରେ ଏସବୁ ସମସ୍ୟା ସ୍ପଷ୍ଟ । ମନର ତରଙ୍ଗଠାରୁ ଆଉ ଏକ ପାହାଚ ଉପରକୁ ଉଠିବାର ପ୍ରୟାସରୁ ଆରମ୍ଭ ତାଙ୍କର ତପସ୍ୟା । ସେ ଦୀର୍ଘ ଚାଳିଶ ବର୍ଷ ତପସ୍ୟା କରିଥିଲେ ଗୋଟିଏ କୋଠରି ମଧ୍ୟରେ । ଶେଷରେ ଅଦ୍ଭୁତ ରୂପାନ୍ତରକାରୀ ସତ୍ୟ-ଚେତନାକୁ ନିଜ ଦେହ ମଧ୍ୟକୁ ଉତାରି ଆଣି ଶରୀର ତ୍ୟାଗ କଲେ ସେହି ମହାନ୍ ସତ୍ୟ-ବ୍ରହ୍ମର୍ଷି । ସେହି ଅତିମାନସ ସତ୍ୟ ଚେତନାର ତରଙ୍ଗକୁ ପୃଥିବୀପୃଷ୍ଠରେ ଶ୍ରୀମା ୨୯-୨-୧୯୫୬ରେ ବିଚ୍ଛୁରିତ କଲେ । ଏହି ସତ୍ୟ-ଚେତନାର ତରଙ୍ଗ ଧୀରେ ଧୀରେ ପୃଥିବୀପୃଷ୍ଠରେ ପ୍ରସାରି ଚାଲିଛି ସମସ୍ତଙ୍କ ଅଲକ୍ଷ୍ୟରେ, ଅନ୍ୟସବୁ ତରଙ୍ଗକୁ ରୂପାନ୍ତରିତ କରିବାକୁ ଚେଷ୍ଟା କରୁଛି କିଂବା ଲୋପ କରି ଦେଉଛି । ସେଥିପାଇଁ ଆମେ ଏବେ ପୃଥିବୀରେ ଦେଖୁଛୁ ଏତେ ହଟ୍ଟଗୋଳ, ସବୁ ପୁରୁଣା ଜିନିଷ ଭାଙ୍ଗି ପଡ଼ୁଛି, ନୂଆ ରୂପରେ ପ୍ରକାଶ ପାଉଛି, ପୁଣି ଭାଙ୍ଗି ଯାଉଛି । କେବଳ ସେହି ସତ୍ୟ-ଚେତନାର ତରଙ୍ଗ ଦୃଢ଼ ଭାବରେ ପ୍ରତିଷ୍ଠିତ ହେଲେ ଯାହା କିଛି ସ୍ଥାୟୀ ହେବ । ଏଠାରେ ଶ୍ରୀଅରବିନ୍ଦ ତାଙ୍କର ଦିବ୍ୟଦୃଷ୍ଟିରେ 'ସାବିତ୍ରୀ'ରେ ଉଲ୍ଲେଖ କରିଛନ୍ତି –

"Overpassed were the leaden
formulas of the Mind,
Overpowered the obstacle of mortal Space:

The unfolding Image showed the
things to come.
A giant dance of Shiva tore the past;
There was a thunder as of worlds that fall;
Earth was o'errun with fire and
the roar of Death
Clamouring to slay a world his
hunger had made;
There was a clangour of Destruction's wings:
The Titan's battle-cry was in my ears,
Alarm and rumour shook the armoured Night."

(Savitri, P. 343)

ଏହି ସମାନ ପ୍ରସଙ୍ଗରେ ଶ୍ରୀମା ତାଙ୍କର ୧୦.୭.୧୯୫୭ରେ ହୋଇଥିବା 'A New World is Born' ଶୀର୍ଷକ 'ପ୍ରଶ୍ନୋତ୍ତର' ଆଲୋଚନାରେ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି । (MCW, Vol. 9, p. 145 - 151)

ଏହି ସବୁ ତରଙ୍ଗ ଜାଲ ମଧ୍ୟରେ ଆମେ ଯେଉଁମାନେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଆଲୋକର ଟିକିଏ ସ୍ୱାଦ ପାଉଛନ୍ତି, ସେହି ଆଲୋକକୁ ଲକ୍ଷ୍ୟ କରି ଜନ୍ମ-ଜନ୍ମାନ୍ତର ଧରି ଚାଲିବାକୁ ପ୍ରାର୍ଥନା ବ୍ୟତୀତ ଆଉ କିଛି କରିବାର ନାହିଁ । ❑

# ସେ ଓ ଆମେ

## ଧର୍ମକୁମାର ଶତପଥୀ

ସେ : ''ଏକମାତ୍ର ସତ୍ୟ'' ସାଜୁ ପିନ୍ଧି
ମୁଁ ଆସୁଛି ତୁମରି ନିକଟେ,
ହେ ମୋର ପ୍ରିୟ ମାତୃସନ୍ତାନଗଣ !
କିମ୍ବା ହୁଅ ବିଚଳିତ, ସନ୍ଦିଗ୍ଧ ମାନସ,
ପଛଘୁଞ୍ଚା ନାହିଁ କେବେ ବୀରର ଜାତକେ !!

ମାଆଠାରୁ ଘେନି ଦିବ୍ୟ-ସନ୍ଦେଶ ସମୂହ
ମୁଁ ପରା ଦୂରେଇ ଦେବି ସକଳ ସନ୍ଦେହ;
ରହିବନି କାହା ମନତଳେ ବୃଥା ଆବିଳତା,
ସତ୍ୟ, ସତ୍ୟ ଅଟେ – 'ସତ୍ୟ' ଏହି କଥା ।

ନୂଆ ଦୁନିଆରେ ବୀର ହୋଇ ଲଢ଼ିବାକୁ,
ମନ ତଳେ କର ଦମ୍ଭ,
ଦିନେ ସବୁ ହେବ ଶୁଭ,
ରଖ ଏ ଭରସା ।
ଧୂଳିମାଖି ଲୀନ ହେବେ ନିଶ୍ଚେ ଦିନେ
ଅପଶକ୍ତି ରାବଣ, ନିକଷା ।
ପରମା ଜନନୀଙ୍କର ଦିବ୍ୟଭାଷା, ଦିବ୍ୟ-ଆଶା
ତାଙ୍କ କରୁଣାରେ ଛଳ ଛଳ ଜୀବନ ଆମର
ଦୃଢ଼ ରୁହ, ରୁହରେ ଅଟଳ,
ପାହିବ, ପାହିବ ଏ ରାତି
ଆସିବ ମାଧୁର୍ଯ୍ୟଭରା ନୂତନ ସକାଳ ।

ନଥିବ ଜରା ମରଣ ଅବା ସଂକୀର୍ଣ୍ଣତା,
ନଥିବ ଭେଦାଭେଦର କୁଟିଳ କ୍ରୁରତା,
ଜାଗି ଉଠ ମାଆର ସନ୍ତାନ !
ମହିମା ମଣ୍ଡିତ ହୋଇ କରି ଦେବ
ଏ ମାଟିକୁ ସରଗ ସମାନ ।

ଆମେ : ତୁମେ ଯେବେ କହୁଅଛ ସଠିକ ବଚନ
ହେ ମହାନ୍, ହେ ପ୍ରଣମ୍ୟ, ହେ ଜ୍ଞାନବାନ୍,
ତୁମ ଅଭିନବ ସ୍ପର୍ଶ ଦେଇ
ଆମ ଦେହେ ସେ ସାଜୁକୁ ଦିଅ ହେ ମଣ୍ଡାଇ !
ଆମର ସକଳ ଚିନ୍ତା-ଚେତନା-ଭାବନା –
ଗୋଟାପଣେ ଲୋଟି ରହୁ ଖାଲି ମାଆ ପାଶେ,
ହୋଇ ଥାଉ ସଦା ସତ୍ୟାଶ୍ରୟୀ ।

('ନବପ୍ରକାଶ'ର ଜନ୍ମବାର୍ଷିକୀ ଉପଲକ୍ଷେ)

❑❑❑

# ଜିଜ୍ଞାସୁର ପୃଷ୍ଠା

***ପ୍ରଶ୍ନ** :'ପୂର୍ଣ୍ଣାଙ୍ଗ ଶିକ୍ଷା ଓ ତ୍ରିବିଧ କର୍ମ'ରେ ଆପଣ ଲେଖିଛନ୍ତି ଯେ କର୍ମର ସ୍ୱରୂପ ଭିନ୍ନ ହୁଏ ନାହିଁ ମାତ୍ର କର୍ମରେ ମନୋଭାବ ଭିନ୍ନ ହେବା ହେତୁ ଏହାର ଫଳ ଭିନ୍ନ ଭିନ୍ନ ହୋଇଥାଏ । କିପରି ?*

**ଉତ୍ତର** : ହଁ । କର୍ମର ସ୍ୱରୂପ ଭିନ୍ନ ହୁଏ ନାହିଁ । ଯେମିତି ସ୍ନାନ କରିବା, ଖାଇବା, ଶୋଇବା, ଚାକିରି କରିବା, ପଢ଼ିବା, ରୋଜଗାର କରିବା, ବ୍ୟବସାୟ କରିବା – ଏ ସବୁ କର୍ମ । କିନ୍ତୁ ଏଇ କର୍ମକୁ ଯଦି ବ୍ୟକ୍ତି ନିଜ ସକାଶେ, ପରିବାର ସକାଶେ, ଦେଶ ସକାଶେ, ଜନସେବା ସକାଶେ କରିବ ତେବେ ସେ ଜନ୍ମ-ମରଣ ବନ୍ଧନରେ ପଡ଼ିବ । ଭଲ କର୍ମ କଲେ ଭଲ ଫଳ ଭୋଗ କରିବା ସକାଶେ ବି ଜନ୍ମ ଗ୍ରହଣ କରିବାକୁ ହେବ, ଖରାପ କର୍ମ କଲେ ଖରାପ ଫଳ ଭୋଗ କରିବା ସକାଶେ ବି ଜନ୍ମ ଗ୍ରହଣ କରିବାକୁ ହେବ । କିନ୍ତୁ ସେଇ କର୍ମକୁ ବ୍ୟକ୍ତି ଯଦି ଭଗବାନଙ୍କ ଉଦ୍ଦେଶ୍ୟରେ କରିବ, ଭଗବାନଙ୍କୁ ସମର୍ପଣ କରି କରିବ; ଆଉ ଏ ଭଗବାନଙ୍କର ସଂସାର, ଆମେ କେବଳ ଅଜ୍ଞାନତାରେ ପଡ଼ି ପରିବାର ମୋର, ଘରବାଡ଼ି ମୋର, ଧନସମ୍ପତ୍ତି ମୋର ବୋଲି କହୁଛୁ ଜାଣି ସେହି ଧାରଣାରେ ସମସ୍ତ କର୍ମ କରିବ ତେବେ ସେ ସମସ୍ତ ଦୁଃଖ, ଦ୍ୱନ୍ଦ୍ୱ ତଥା ଜନ୍ମ-ମରଣରୁ ଉଦ୍ଧାର ପାଇପାରିବ ।

ଆଧ୍ୟାତ୍ମିକତାରେ ତିନି ପ୍ରକାର କର୍ମ ଅଛି । ଅଦ୍ୱୈତବାଦୀମାନେ ମନ-ପ୍ରାଣ-ଶରୀରକୁ ପୃଥକ୍ କରି ଦିଅନ୍ତି । ମନ-ପ୍ରାଣ-ଶରୀରକୁ ପୃଥକ୍ କରି ଦେଇ ସେମାନେ ଯେଉଁ କର୍ମ କରନ୍ତି ସେ କର୍ମର ଫଳ ଆଉ ସେମାନେ ଭୋଗ କରନ୍ତି ନାହିଁ । କାହିଁକି ନା ସେମାନେ ଧାରଣା କରନ୍ତି ଯେ ଏ ସଂସାର ମିଥ୍ୟା, ମାୟା; ତେଣୁ ଏ ଶରୀର ବି ମିଥ୍ୟା, ମାୟା । ଏ ଶରୀର ଦ୍ୱାରା ଯେଉଁ କର୍ମ ହେଉଛି ତାହା ବି ମିଥ୍ୟା, ମାୟା । ଫଳରେ ସେମାନେ ଆଉ କର୍ମଫଳ ବନ୍ଧନରେ ପଡ଼ନ୍ତି ନାହିଁ । ଭକ୍ତମାନେ ଯେଉଁ କର୍ମ କରନ୍ତି ସେସବୁ ସେମାନେ ଭଗବାନଙ୍କ ଉଦ୍ଦେଶ୍ୟରେ, ଭଗବାନଙ୍କ ସେବା ଭାବରେ କରି ଭଗବାନଙ୍କୁ ସମର୍ପଣ କରନ୍ତି । ତେଣୁ ସେମାନେ ଆଉ ଏ କର୍ମ ବନ୍ଧନରେ ପଡ଼ନ୍ତି ନାହିଁ । କିନ୍ତୁ ସେ କର୍ମ ଭକ୍ତମାନଙ୍କୁ ଭଗବତ୍ ପ୍ରାପ୍ତିରେ ସାହାଯ୍ୟ କରେ । ଆଉ ସେଇ କର୍ମ ଯଦି ରୂପାନ୍ତର ଲକ୍ଷ୍ୟରେ କରାହେବ; ମା'ଙ୍କ ଯନ୍ତ୍ର ବୋଲି ଧାରଣା ରଖି କରାହେବ : ଯଥା : ସ୍ନାନ, ଭୋଜନ, ନିଦ୍ରା, ଆହାର, ଚାକିରି, ବାଣିଜ୍ୟ-ବ୍ୟବସାୟଠାରୁ ଆରମ୍ଭ କରି ଘର, ପରିବାର, ସଂସାର – ଏସବୁ ମା'ଙ୍କର, ଏଇ ଧାରଣାରେ ଯଦି ସମସ୍ତ କର୍ମ କରାହେବ, ତେବେ ସେହି କର୍ମ ଦ୍ୱାରା ଭାଗବତୀ ଶକ୍ତି ଅବତରଣ କରିବେ ଏବଂ ଆମ ମନ-ପ୍ରାଣ-ଶରୀରକୁ ରୂପାନ୍ତରିତ କରିବେ ।

ତେଣୁ କର୍ମର ସ୍ୱରୂପ ଭିନ୍ନ ନୁହେଁ । କିନ୍ତୁ କର୍ମରେ ମନୋଭାବ ଭିନ୍ନ ହେବାରୁ ଏହାର ଫଳ ଭିନ୍ନ ଭିନ୍ନ ହୁଏ ।

***ପ୍ରଶ୍ନ** : ମା ବହିରେ ଲେଖାଅଛି, ''କର୍ମ ବା କର୍ମଫଳରେ କୌଣସି ଆସକ୍ତି ରଖିବ ନାହିଁ ।'' ସାଧକର କର୍ମରେ କ'ଣ ଆସକ୍ତି ଥାଏ ?*

**ଉତ୍ତର** : ସାଧକର କର୍ମରେ ଆସକ୍ତି କ'ଣ ? ଧରାଯାଉ ଜଣକୁ ଗୋଟିଏ କାର୍ଯ୍ୟ ଦିଆହୋଇଛି । ତାଙ୍କୁ ପୁଣି ପରେ କୁହାଗଲା ଯେ ତୁମେ ଏ କାମ ଛାଡ଼ି ଅନ୍ୟ କୌଣସି କାମ କର । ସେ କହିବେ, ''ଏ କାମ ମୁଁ ଛାଡ଼ିକରି ଗଲେ ଯା'କୁ ଆଉ କିଏ କରିବ ? ମୋ ବିନା ଯା'କୁ କିଏ ଭଲ ଭାବରେ କରିପାରିବେ ନାହିଁ । ତେଣୁ ମୁଁ ଏହାକୁ କେମିତି ଛାଡ଼ିବି !'' ଏହିପରି କୌଣସି ନା କୌଣସି କାରଣ କହି ଆଦୌ କର୍ମ ଛାଡ଼ିବାକୁ ଚାହିବେ ନାହିଁ । ଏହାର ନାମ ହେଲା କର୍ମରେ ଆସକ୍ତି । କିନ୍ତୁ ଭଗବାନଙ୍କର ସେବକ ହେବାକୁ ହେଲେ, ଆନ୍ତରିକ ଭାବରେ ସାଧନା କରିବାକୁ ଚାହିଲେ, ବ୍ୟକ୍ତିର ଏଭଳି ଆସକ୍ତି ରହିବା ଠିକ୍ ନୁହେଁ ।

ଏଇଠି ପ୍ରଶ୍ନ ଉଠିପାରେ ଯେ, ''ତାହାହେଲେ ସାଧକ ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟ କରିପାରିବ କିପରି ? ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟ କଲେ କର୍ମରେ ଆସକ୍ତି ଆସିଯିବ ।'' ତେବେ ଆସକ୍ତି ଓ ଆନ୍ତରିକତା ମଧ୍ୟରେ ପ୍ରଭେଦ କ'ଣ ? କର୍ମରେ ଆନ୍ତରିକତା ବା ନିଷ୍ଠା ହେଲା କର୍ମକୁ ଉତ୍ତମ ରୂପେ କରିବା । କୌଣସି ତ୍ରୁଟି ବା ଦୋଷ ରଖିବା ନାହିଁ । ନିଜର ଆଳସ୍ୟ ବା ନିମ୍ନ-ପ୍ରକୃତିକୁ କ୍ରିୟା କରିବାକୁ ଦେବା ନାହିଁ । ଆଉ ଯେଉଁ ଉଦ୍ଦେଶ୍ୟରେ କାର୍ଯ୍ୟ କରାଯାଉଛି ସେ ଉଦ୍ଦେଶ୍ୟରେ ଯେପରି ତ୍ରୁଟି ନରହେ ।

କର୍ମରେ ଆସକ୍ତି ହେଲା କର୍ମ ଯେ ସାଧନା ଉଦ୍ଦେଶ୍ୟରେ କରିବା କଥା, ତାହା ଆମେ ଭୁଲିଯାଉ ଏବଂ ଆମେ ଭାବୁ ଯେ କର୍ମ ଏମିତି କଲେ ଆମର ପ୍ରତିଷ୍ଠା ହେବ, ଲୋକେ ଆମକୁ ସମ୍ମାନ ବା ପ୍ରଶଂସା କରିବେ । ଆମର ଅମୁକ ଅମୁକ ଲାଭ ହେବ ଇତ୍ୟାଦି !

***ପ୍ରଶ୍ନ :*** *ଭଗବାନଙ୍କ ଯନ୍ତ୍ରରୂପେ କର୍ମ କରିବାର ଲକ୍ଷଣ କ'ଣ ?*

**ଉତ୍ତର** : କର୍ମରେ ନାମ, ଯଶଃ, ଅଧିକାର, ଭୌତିକ ସୁଖ-ସୁବିଧା ନ ଚାହି ଭଗବତ୍ ସେବାଭାବରେ, ଭଗବାନଙ୍କ ସକାଶେ ଭାଗବତୀ ଶକ୍ତିର ପ୍ରେରଣାରେ କର୍ମ କରିବା ହେଲା ଭଗବାନଙ୍କ ଯନ୍ତ୍ର ହେବାର ଲକ୍ଷଣ । ଚାହିବାର ଅର୍ଥହିଁ କାମନା-ବାସନା । ଏହାହିଁ ଜନ୍ମ-ମୃତ୍ୟୁର କାରଣ ।

***ପ୍ରଶ୍ନ*** *: ଏହିପରି ଭଗବତ୍ ସମର୍ପିତ ଭାବରେ କିଂବା ଭଗବତ୍ ଯନ୍ତ୍ର ରୂପେ କର୍ମ କରିବା ସାଧନାର ପ୍ରଥମ ଅବସ୍ଥାରେ ସମ୍ଭବ ନୁହେଁ । ସାଧନାର ପ୍ରଥମ ଅବସ୍ଥାରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ବିଦ୍ୟମାନ ଥିବା ଅବସ୍ଥାରେ କିପରି କର୍ମ ଆଚରଣ କଲେ ବ୍ୟକ୍ତି ଭଗବତ୍ ଯନ୍ତ୍ର ହୋଇପାରିବ ?*

**ଉତ୍ତର :** ସାଧନାର ଏକେବାରେ ପ୍ରଥମ ଅବସ୍ଥାରେ ଭଗବତ୍ କର୍ମକୁ ପ୍ରଧାନ ସ୍ଥାନ ଦେବାକୁ ହେବ । ଅର୍ଥାତ୍ ନିଜ ସୁଖ-ସୁବିଧା, ନାମ-ଯଶଃରେ ବାଧା ପଡ଼ିଲେ କିଂବା ଅପମାନ ତଥା ମିଥ୍ୟା ଅପଯଶଃ ହେଲେ ସେଥିପ୍ରତି ଭ୍ରୂକ୍ଷେପ ନକରି ମା'ଙ୍କ କାର୍ଯ୍ୟରେ କୌଣସି ପ୍ରକାର ବ୍ୟାହତ ହେବାକୁ ନଦେଇ ସମସ୍ତ ଶକ୍ତି ସହିତ କାର୍ଯ୍ୟ ସଂପନ୍ନ କରିବା ସକାଶେ ପ୍ରଯତ୍ନ କରିବାକୁ ହେବ । ଏହା ହେଲା ଅହଂ-ସ୍ୱାର୍ଥ ବିଦ୍ୟମାନ ଥିବା ସତ୍ତ୍ୱେ ଭଗବାନଙ୍କ ଯନ୍ତ୍ର ହେବାର ଉପାୟ । ଏହି ବିଷୟ ନିମ୍ନରେ ଆଲୋଚିତ ଗଳ୍ପରୁ ବୁଝିପାରିବା ।

**ଦୁଇ ସପତ୍ନୀ**

ଦୁଇଜଣ ସପତ୍ନୀ ଥିଲେ । ଜଣେ ସପତ୍ନୀର ପୁତ୍ର ଜନ୍ମ ହେବା ପରେ ପତି ପରଲୋକ ଗମନ କଲେ । ଯେଉଁ ସପତ୍ନୀର ପୁତ୍ର ନଥିଲା ସଂପତ୍ତିରେ ଅଧିକାର ନରହିବା, ସମ୍ମାନରେ ହାନି ହେବା ଜାଣି ସେ ପୁତ୍ରଟି ତା'ର ବୋଲି ସେ ଦାବି କଲା ଏବଂ ଏହାର ମୀମାଂସା ସକାଶେ ରାଜାଙ୍କ ପାଖରେ ଗୁହାରି କଲା । ରାଜା ଦୁଇଜଣଙ୍କୁ ଦରବାରକୁ ଡକାଇ ପଚାରିଲେ । ଦୁଇଜଣଙ୍କ ବକ୍ତବ୍ୟରୁ କାହାରି କଥାକୁ ଅବିଶ୍ୱାସ କରିବାର ଉପାୟ ନଥିଲା । ଶେଷରେ ରାଜା କହିଲେ, ''ଏ ବିଷୟ ବହୁତ ଜଟିଳ । ଯଥାର୍ଥରେ ଏ ଶିଶୁଟି କାହାର ପ୍ରମାଣ ହୋଇପାରୁ ନାହିଁ ।'' ଯେଉଁ ସପତ୍ନୀର ପୁତ୍ର ନୁହେଁ ତାକୁ ସମ୍ବୋଧନ କରି କହିଲେ, ''ମୁଁ ଭାବୁଛି ଶିଶୁଟିକୁ ଦୁଇଖଣ୍ଡ କରି ତୁମ ଦୁଇଜଣଙ୍କୁ ଦେଇଦେଲେ ବିବାଦ ସମାପ୍ତ ହେବ । ଏଥିରେ ତୋର ମତ କ'ଣ ?'' ସେ ତତ୍‌କ୍ଷଣାତ୍ କହିଲା, ''ହଁ, ମୁଁ ଏଥିରେ ରାଜି ଅଛି ।'' ଯାହାର ଯଥାର୍ଥରେ ସନ୍ତାନ ସେ ଏକଥା ଶୁଣିବା ମାତ୍ରେ, ରାଜା ତାକୁ ପଚାରିବା ପୂର୍ବରୁ ହଠାତ୍ ଉଚ୍ଚ ସ୍ୱରରେ କାନ୍ଦି ଉଠି କହିଲା, ''ମହାରାଜ ! ଏ ଶିଶୁକୁ ବଧ ନକରି ମୋ ସପତ୍ନୀକୁ ଦେଇ ଦିଅନ୍ତୁ ।'' ରାଜା କହିଲେ, ''ଏ ସନ୍ତାନ ତୋର । ତୋ ସପତ୍ନୀ ମିଥ୍ୟାବାଦିନୀ । ଅନ୍ୟର ସନ୍ତାନକୁ ଅପହରଣ କରିବାକୁ ମିଥ୍ୟାଜାଲ ରଚନା କରିଥିବା ଅପରାଧରେ ତାକୁ ଦଣ୍ଡ ଦେବି ।'' ନିଜ ପୁତ୍ରର ଜୀବନ ରକ୍ଷା ସକାଶେ ଯେପରି ମା ସଂପତ୍ତିର ସ୍ୱାର୍ଥ ତ୍ୟାଗ କରି ସପତ୍ନୀକୁ ନିଜ ପୁତ୍ର ଦେବାକୁ ପ୍ରସ୍ତୁତ ଥିଲା, ସେହିପରି ମା'ଙ୍କ ସେବାକର୍ମକୁ ଜୀବନରେ ଶ୍ରେଷ୍ଠସ୍ଥାନ ଦେଇ ସେଥିରେ କୌଣସି ପ୍ରକାର ତ୍ରୁଟି ହେବାକୁ ନଦେଇ ନିଜ ଅହଂ-ସ୍ୱାର୍ଥକୁ ତ୍ୟାଗ କରିବାକୁ ହେବ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ୪୭୩ - ୪୭୪ ଏବଂ
ପୂର୍ଣ୍ଣାଙ୍ଗ ଶିକ୍ଷା ଓ ତ୍ରିବିଧ କର୍ମ)

**– ରାମକୃଷ୍ଣ ଦାସ**

❑❑❑

ଚେତନାର ଦିଗ୍‌ବଳୟ :

# ଆତ୍ମ-ମର୍ଯ୍ୟାଦା ବନାମ ଆତ୍ମ-କୈନ୍ଦ୍ରିକତା

'ମାଡ୍ରାସ ହାଇକୋର୍ଟ'ର ଜଣେ ବିଚାରପତି ଶ୍ରୀ ଏସ୍. ବୈଦ୍ୟନାଥନ ଗୋଟିଏ ମକଦମାର ରାୟରେ ଲେଖିଛନ୍ତି, ଆଜି କାଲି ବଡ଼ ବଡ଼ ସରକାରୀ କର୍ମଚାରୀମାନେ ଦୁର୍ନୀତି ବା ସେଭଳି କିଛି ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହେଲେ ଦୁଃଖିତ ହେବା ତ ଦୂରର କଥା, ବେଶ୍ ଆପ୍ୟାୟିତ ହେଉଛନ୍ତି । ଆଇନକାନୁନର କଳକସରତ ମାଧମରେ ମକଦମା ଗଡ଼େଇ ନେଇଯିବେ ଅବସର ପର୍ଯ୍ୟନ୍ତ; ଭତ୍ତା ପାଉଥିବେ କିଛି ଦାୟିତ୍ୱ ନିର୍ବାହ ନକରି । ତା'ପରେ ଯଥାବିଧି ପେନ୍‌ସନ ପାଇ ସୁଖରେ ଅବଶିଷ୍ଟ ଜୀବନଯାପନ କରିବେ ।

କେହି କେହି ଯେ ବିନା ଦୋଷରେ ନିଲମ୍ବିତ ହୁଅନ୍ତି, ସେକଥା ଠିକ୍, କିନ୍ତୁ ବିଚାରକ ମହୋଦୟ ପ୍ରକୃତ ଅପରାଧୀମାନଙ୍କ ସମ୍ପର୍କରେ ଏଭଳି ମନ୍ତବ୍ୟ ଦେଇଛନ୍ତି । ତାଙ୍କ ବକ୍ତବ୍ୟର ମର୍ମ ହେଲା, ଲୋକେ କ୍ରମେ ଆତ୍ମସମ୍ମାନବୋଧ ହରାଉଛନ୍ତି ।

ଦୁଇ ପ୍ରକାର ଲୋକଙ୍କ କ୍ଷେତ୍ରରେ ଆତ୍ମସମ୍ମାନବୋଧ ହରାଇବା ନହରାଇବା ପ୍ରଶ୍ନ ଉଠେ ନାହିଁ : ଯେଉଁମାନଙ୍କର ସେ ବୋଧ ଜମାରୁ ନଥାଏ ଏବଂ ଯେଉଁମାନେ ନିଜ ନିଜ ଚେତନାର ଏଭଳି ସ୍ତରକୁ ଯାଇଥା'ନ୍ତି ଯେ ସମାଜ ସେମାନଙ୍କ ସମ୍ପର୍କରେ କେଉଁ ପ୍ରକାର ଧାରଣା ପୋଷଣ କରୁଛି, ତାହା ପ୍ରତି ସେମାନଙ୍କର ଭ୍ରୂକ୍ଷେପ ନଥାଏ । ସେମାନେ ଆଧ୍ୟାତ୍ମିକତା-ସମର୍ପିତ ବ୍ୟକ୍ତି; ବସ୍ତୁତଃ ଅହଂ-ବିଜୟୀ ।

ଆମ ଶାସନକଳର ବାବୁମାନେ ଏ ଦୁଇ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ନୁହନ୍ତି । ତେବେ ? ଯଥାର୍ଥ କାରଣ ଥାଇ ଅଭିଯୁକ୍ତ ହେବା ସତ୍ତ୍ୱେ ସେମାନେ ତୁଚ୍ଛା ଆଇନଗତ ସୂତ୍ରର ସୁଯୋଗ ନେଇ ଖସି ଯାଆନ୍ତି ଏବଂ ଅବଶେଷରେ ନିଜ କର୍ତ୍ତବ୍ୟ କର୍ମ ନକରିଥିବା ସତ୍ତ୍ୱେ ରାଷ୍ଟ୍ରର ତହବିଲରୁ ପର୍ଯ୍ୟାପ୍ତ ବିତ୍ତ ଆହରଣ କରିବାରେ ଗ୍ଲାନିବୋଧ ନକରନ୍ତି କିପରି ?

ମନେ ହୁଏ ଏକ ବୃହତ୍ତର ବ୍ୟାଧି ଶିକ୍ଷିତ ଓ ସ୍ୱଚ୍ଛଳ ସମାଜକୁ ସଂକ୍ରମିତ ହୋଇଛି । ତାହା ବ୍ୟକ୍ତିଗତ ଆତ୍ମ-ମର୍ଯ୍ୟାଦା ବା ଆତ୍ମସମ୍ମାନବୋଧର କ୍ରମାଗତ ଅବନମନ । ଆତ୍ମ-ସମ୍ମାନବୋଧ ସାମାଜିକ ସମ୍ମାନ ନୁହେଁ । ଜଣେ ଅନେକ ଅଯଥାର୍ଥ କାରଣରୁ ମଧ୍ୟ ସାମାଜିକ ପ୍ରତିଷ୍ଠା ପାଇପାରେ । ଆତ୍ମସମ୍ମାନବୋଧ ନିଜର ସତ୍ୟତା ଓ ନିଜ ଉପରେ ବିଶ୍ୱାସ ସମ୍ବଳିତ ଏକ ଆଭିଜାତ୍ୟବୋଧ । ଜଣେ ସମାଜରେ ବିଶିଷ୍ଟ ବ୍ୟକ୍ତି ରୂପେ ସ୍ୱୀକୃତ କି ନୁହେଁ, ଜଣେ ଧନୀ କି ନୁହେଁ, ପ୍ରତିପତ୍ତିଶାଳୀ କି ନୁହେଁ, ସେସବୁ ଉପରେ ସେ ବୋଧ ନିର୍ଭର କରେ ନାହିଁ ।

ସାମାଜିକ ଜୀବନରେ ବାରଂବାର ଆମେ ସ୍ୱେଚ୍ଛାରେ ବା ଅନତିକ୍ରମ୍ୟ ପରିସ୍ଥିତିରେ ପଡ଼ି ଅନ୍ୟର ଆତ୍ମ-ମର୍ଯ୍ୟାଦା ଉପରେ ଆଘାତ ଦେବାକୁ ଏକ ପରମ୍ପରା ରୂପେ ପ୍ରତିଷ୍ଠା କରିଛୁ । ସେହିଥିରେ ନିହିତ ଏହି ସଂକ୍ରାମକ ବ୍ୟାଧିର ହେତୁ । ନେତା ବା କୌଣସି ପ୍ରତିପକ୍ଷକୁ ସମାଲୋଚନା କରିବାକୁ ଯାଇ ଅସଂଗତ ଭାଷାର ପ୍ରୟୋଗ କ୍ରମେ ଗାଳିଗୁଲଜରେ ପରିଣତ ହୁଏ ଅବଲୀଳାକ୍ରମେ । ଶବ୍ଦର ଶକ୍ତି ଅପରିସୀମ । ମୁଁ ଯେତେବେଳେ ଅତିରଞ୍ଜିତ କ୍ରୂର ଶବ୍ଦ ଯୋଗେ କାହାକୁ ଆକ୍ରମଣ କରିବି – ଯାହା ସେ ବ୍ୟକ୍ତିର ପ୍ରକୃତରେ ପ୍ରାପ୍ୟ ହେଉ ବା ନହେଉ, ତେବେ ସେ ଶବ୍ଦର ଶକ୍ତି ତା' ଆତ୍ମ-ସମ୍ମାନରେ ଆଘାତ ଦେବା ସଙ୍ଗେ ସଙ୍ଗେ ବୁମେରାଂ ଭଳି ଫେରି ଆସି ମୋ ନିଜ ଆତ୍ମମର୍ଯ୍ୟାଦାକୁ ଆଘାତ ଦେବହିଁ ଦେବ । ଯେତେବେଳେ ଆମର କର୍ମଧାରା ଭାଷାଗତ ଆକ୍ରମଣରେ ସୀମିତ ନରହି ''କୁଶ-ପୁତ୍ତଳିକାଦାହ'' ରୂପକ ବିକୃତ କାଣ୍ଡରେ ପର୍ଯ୍ୟବସିତ ହୁଏ, ସେତେବେଳେ ମୋ ନିଜ ବିବେକର ଏକ ଅଂଶ ପୋଡ଼ି ପାଉଁଶ ହୋଇଯାଏ । ଜଣକର କୁଶ-ପୁତ୍ତଳିକା ଦାହର ଅର୍ଥ ଲୋକଟିକୁ ପ୍ରତ୍ୟକ୍ଷ ପୋଡ଼ି ମାରିବାର ଅବକାଶ ନପାଇ ପରୋକ୍ଷରେ ତାହା କରିବା ! ମୋ ଚେତନାର ଗୋଟାଏ ସୂକ୍ଷ୍ମ ଦିଗ ନିଶ୍ଚୟ ବୁଝୁଛି ଯେ ମୁଁ ଗୋଟାଏ ହତ୍ୟାକାଣ୍ଡ ଭିଆଇବାରେ ଅଂଶ ଗ୍ରହଣ କରୁଛି । ଏହାକୁ mock-lynching କୁହାଯାଇପାରେ । ଏଭଳି mock-lynchingରେ ଅଭ୍ୟସ୍ତ ହେବା ପରେ ପ୍ରକୃତ mob-lynchingରେ ଭାଗ ନେଇ ଗୋଟାଏ ନିରୀହ ଲୋକକୁ ହତ୍ୟା କରିବା ନିମନ୍ତେ ମୋର ବିଶେଷ ଦ୍ୱିଧା ନରହିପାରେ ।

ନିଜ ଆତ୍ମ-ମର୍ଯ୍ୟାଦା ଅବନମିତ କରିବା ସଙ୍ଗେ ସଙ୍ଗେ

ବେଶ୍ କେତେ ବର୍ଷ ହେଲାଣି କ୍ଷମତାବାନ୍‌ମାନେ ନିଜ ନିଜ ଆସନର ମର୍ଯ୍ୟାଦା ଅବନମିତ କରିବାର ବହୁ ଦୃଷ୍ଟାନ୍ତ ଉପସ୍ଥାପନ କରିଛନ୍ତ ।

୧୯୭୩ ମସିହା ମେ ମାସ କଥା । ହରିଆନାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବଂଶୀଲାଲ ବିରୋଧୀ ଦଳର ନେତା ଦେବୀଲାଲଙ୍କୁ କୌଣସି ଆପତ୍ତିମୂଳକ ଭାଷଣ ଅଭିଯୋଗରେ ଗିରଫ କରି, ହାତ କଡ଼ି ପିନ୍ଧାଇ ଗୋଟାଏ ପରେ ଗୋଟାଏ ଦୁଇଟି କାରାଗାରକୁ ସର୍ବସାଧାରଣ ବସ୍‌ରେ ଏବଂ ଶେଷରେ ବିଚାରାଳୟକୁ ଚଲାଇ ଚଲାଇ ନେଲେ । ଉଦ୍ଦେଶ୍ୟ, ସର୍ବାଧିକ ସଂଖ୍ୟକ ଲୋକଙ୍କ ଆଗରେ ବିରୋଧୀ ନେତା ହିନସ୍ତା ହେଉ । ତିନି ବର୍ଷ ପରେ ଦେବୀଲାଲ ମୁଖ୍ୟମନ୍ତ୍ରୀ ହେଲେ ଏବଂ ବଂଶୀଲାଲଙ୍କୁ ହାତକଡ଼ି ପିନ୍ଧାଇ ସମାନ ଉତ୍ସାହରେ ବିଚ୍ ବଜାରରେ ଚଲାଇଲେ; ଅଧିକନ୍ତୁ ସେ ଦୃଶ୍ୟକୁ ଚଳଚ୍ଚିତ୍ରାୟିତ କଲେ ।

ପ୍ରତି ଲାଲ ଭାବୁଥିଲେ ସେ ଅନ୍ୟ ଲାଲଟିକୁ କଳା କରି ଦେଉଛନ୍ତି; ବାସ୍ତବରେ ଦୁହେଁ ନିଜ ଆସନର ଔଜ୍ଜ୍ୱଲ୍ୟକୁ କାଳିମାମୟ କରୁଥିଲେ; କ୍ଷମତାର ଗାମ୍ଭୀର୍ଯ୍ୟକୁ ଦୟନୀୟ ସ୍ତରକୁ ଖସାଇ ଦେଉଥିଲେ । ପରୋକ୍ଷ ଭାବରେ ସଜ୍ଜନମାନଙ୍କ ପାଇଁ ରାଜନୀତି ଦୁର୍ଗ ଭିତରକୁ ପ୍ରବେଶକୁ ହତୋତ୍ସାହ କରୁଥିଲେ ଏବଂ ଦୁର୍ଜନମାନଙ୍କ ପାଇଁ ଆମନ୍ତ୍ରଣ ପଠାଉଥିଲେ ।

ଏହା ଗଲା ରାଜନୈତିକ ବାତାବରଣର କଥା । ପାରିବାରିକ ବାତାବରଣ ଉପରେ ଦୃଷ୍ଟି ଦିଅନ୍ତୁ । ଥରେ ଯଦି ବୟସ୍କ ଏବଂ କନିଷ୍ଠ ଏକତ୍ର ଗୋଟାଏ ଅଶ୍ଳୀଳ ପ୍ରମୋଦ ଉପଭୋଗ କରିବେ, ତେବେ ଉଭୟଙ୍କ ଭିତରେ ଥିବା ସମ୍ପର୍କର ମର୍ଯ୍ୟାଦା ବିଲୁପ୍ତ ହୋଇଯିବ । ଏହା ଉପରେ ବିଶେଷ କିଛି କହିବା ଅନାବଶ୍ୟକ ।

ସମସ୍ୟାଟି ସାଙ୍କେତିକ ଭାବରେହିଁ କୁହାଗଲା । ବିଡ଼ମ୍ବନା ହେଲା, ଥରେ ଆତ୍ମ-ମର୍ଯ୍ୟାଦାର ଅବସାନ ଘଟିଲେ ତେଣିକି ମଣିଷ ଅଧିକରୁ ଅଧିକ ସ୍ୱାର୍ଥ-କୈନ୍ଦ୍ରିକ ବନିଯିବ । ନିଜ ସ୍ୱାଚ୍ଛନ୍ଦ୍ୟ ପାଇଁ ରାଷ୍ଟ୍ରରୁ, ସମାଜରୁ ସେ ଯେତେ ଅଧିକରୁ ଅଧିକ ମାତ୍ରାରେ ସୁଯୋଗ ନେଇପାରିବ, ତାହାହିଁ ହେବ ତା'ର ଆଭିମୁଖ୍ୟ । ସେ ସୁଯୋଗ ସେ 'ଉପଭୋଗ' କରୁଛି ବୋଲି ବିଶ୍ୱାସ କରେ, କିନ୍ତୁ କେତେଦୂର ସେ ତାହା କରେ ତାହା ଏକ ଭିନ୍ନ ପ୍ରସଙ୍ଗ । ଗ୍ଲାନିବୋଧରୁ ମୁକ୍ତ ରହିବା ସମ୍ଭବ ନୁହେଁ । ଯଦି ଜଣେ ବାରଂବାର ଅନୀତିପୂର୍ଣ୍ଣ ଆଚରଣ କରି ନିଜ ବିବେକକୁ ସ୍ଥବିର କରିଦେବ, ତେବେ ସେ ଆତ୍ମ-ବିବର୍ତ୍ତନ-ପଦ୍ଧତିରୁ କେତେ ଜନ୍ମ ପଛକୁ ଫେରିଯିବାହିଁ ସାର ହେବ ।

ଆମ ପିଢ଼ିର ମାନସିକତାରେ (ସାମୂହିକ କଥା କହୁଛି, ବ୍ୟକ୍ତିଗତ ନୁହେଁ) ପରିବର୍ତ୍ତନ ଆସିବ, ସେ ଆଶା ସୁଦୂର ପରାହତ । ତେବେ ଆମେ ସଚେତନ ହେଲେ ଆଗାମୀ ପିଢ଼ିକୁ ଏ ବ୍ୟାଧିଠୁଁ ଦୂରେଇ ରଖା ଯାଇପାରେ । ଗବେଷଣା ପ୍ରତିପାଦିତ କରେ ନବଜାତ ଶିଶୁ ସ୍ୱତଃସ୍ଫୂର୍ତ୍ତ ଭାବରେ ସତ୍ୟ ଓ ଅନାବିଳ ଆଚରଣ ପ୍ରତି ଆକୃଷ୍ଟ ହୋଇଥାଏ । ଉଦ୍ଧତ ଆତ୍ମ-କୈନ୍ଦ୍ରିକତା ପରିବର୍ତ୍ତେ ତାକୁ ନମ୍ର ଆତ୍ମମର୍ଯ୍ୟାଦା ସମ୍ପର୍କରେ ପ୍ରଥମରୁ ସଚେତନ କରିବା ଦାୟିତ୍ୱଶୀଳ ମାତାପିତାଙ୍କ ପକ୍ଷରେ ନିଶ୍ଚୟ ସମ୍ଭବପର ।

**— ମନୋଜ ଦାସ**

❑❑❑

ଏପରି କେହି ନାହିଁ ଯାହା ପକ୍ଷରେ ଭଗବାନଙ୍କୁ ଉପଲବ୍ଧି କରିବା ଅସମ୍ଭବ । କେବଳ କେତେକଙ୍କ କ୍ଷେତ୍ରରେ ଏହା ଅନେକ, ଅନେକ ଜନ୍ମ ନେଇପାରେ, ଅନ୍ୟମାନଙ୍କ କ୍ଷେତ୍ରରେ ଏହା ଏହି ଜୀବନକାଳ ମଧ୍ୟରେ ସାଧିତ ହୋଇପାରେ । ଏହା ଏକ ସଂକଳ୍ପର କଥା । ବାଛି ନେବାଟା ତୁମ ଉପରେ ନିର୍ଭର କରେ । କିନ୍ତୁ ମୁଁ କହିପାରେ ବର୍ତ୍ତମାନ ମୁହୂର୍ତ୍ତରେ ଅବସ୍ଥା ବିଶେଷଭାବେ ଅନୁକୂଳ ।

— ଶ୍ରୀମା

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com


There is a purpose in life – and it is the only true and lasting one – The Divine Turn to Him and the emptiness will go. Blessings

There is a purpose in
life – and it is the only
true and lasting one –
the Divine.
Turn to Him and the
emptiness will go.
Blessings.

(MCW-14, p. 6) The Mother

ଜୀବନରେ ଅବଶ୍ୟ ଏକ ଉଦ୍ଦେଶ୍ୟ ରହିଛି ଏବଂ ସେହି ଉଦ୍ଦେଶ୍ୟ ହେଉଛି ଏକମାତ୍ର ଯଥାର୍ଥ ଓ ଏକମାତ୍ର ସ୍ଥାୟୀ ଉଦ୍ଦେଶ୍ୟ । ଆମର ପରମ ଦିବ୍ୟସତ୍ତାହିଁ ସେହି ଉଦ୍ଦେଶ୍ୟ । ତୁମେ ତାହାଙ୍କ ଆଡ଼କୁ ଅଗ୍ରସର ହୁଅ ଓ ତାହାଙ୍କୁ ଲୋଡ଼ ଏବଂ ତାହାହେଲେ ତୁମର ସବୁକିଛି ଶୂନ୍ୟତା ଦୂର ହୋଇଯିବ ।

ଅନେକ ଆଶୀର୍ବାଦ । ଶ୍ରୀମା

**Vol. XLIX, No. 10** **R.N.I. No. 18163/70.**
Navaprakash (Monthly), October, 2018 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

**ସାବିତ୍ରୀ**

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)

**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।




୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**